

AA22xA6
ସୁଟିଂ ଆରମ୍ଭ କରିବେ ଦୀପିକା
▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-61 ◆MONDAY ◆25 AUGUST 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୬୧ ◆ସୋମବାର ◆୨୫ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦

# ଭାରତରେ ସ୍କୁଲ ଫି' ବିଶ୍ୱରେ ସର୍ବାଧିକ


■ **ନୂଆଦିଲ୍ଲୀ, ୨୪।୮ (ଏଜେନ୍ସି):** ଭାରତରେ ଶିକ୍ଷା ଖର୍ଚ୍ଚ ଅହେତୁକ ଭାବେ ବୃଦ୍ଧି ପାଇବାରେ ଲାଗିଛି। ଲୋକଙ୍କ ଆୟ ବଢୁ ନ ଥିବାବେଳେ ପିଲାଙ୍କ ପାଠ ପଢ଼ା ଜନିତ ଖର୍ଚ୍ଚ ବଢ଼ିବାରେ ଲାଗିଛି। ଦିଲ୍ଲୀ ଏବଂ ମୁମ୍ବଇ ଭଳି ସହରରେ ଏହା ଆକାଶ ଛୁଇଁଛି। ଭାରତ ପ୍ରମୁଖ ଘରୋଇ ସ୍କୁଲରେ ଜଣେ ପିଲାଙ୍କୁ ପଢ଼ାଇବା ପାଇଁ ବର୍ଷକୁ ୧୨-୨୦ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ଏଗୁଡିକ ଆଇଭି ଲିଗ୍ ଅଣ୍ଡରଗାର୍ଡ ଟ୍ୟୁସନ କିମ୍ବା ୟୁରୋପର ଇଣ୍ଟରନ୍ୟାସନାଲ ବୋର୍ଡିଂ ସ୍କୁଲ୍ ସହ ଜଡ଼ିତ ରହିଛନ୍ତି। ଭାରତରେ ଘରୋଇ ସ୍କୁଲ୍‌ଗୁଡିକର ଦେୟ ବିଶ୍ୱରେ ସର୍ବାଧିକ ରହିଛି।




ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ ସିଙ୍ଗାପୁର, ଦୁବାଇ, ଲଣ୍ଡନ ଏବଂ ନ୍ୟୁୟର୍କ ଭଳି ସହର ଲୋକମାନେ ନିଜ ପିଲାଙ୍କ ପଢ଼ା ଖର୍ଚ୍ଚ ପାଇଁ ଏତିକି ଟଙ୍କା ଖର୍ଚ୍ଚ କରୁଛନ୍ତି। ତେବେ ଚିନ୍ତାର ବିଷୟ ଏହି କି ଯେ ଏହି ସବୁ ସହରରେ ଘରୋଇ ଆୟ ଭାରତଠାରୁ ୩-୫ ଗୁଣା ଅଧିକ ରହିଛି। କିନ୍ତୁ ଭାରତରେ ଅନେକ ସମସ୍ୟା ରହିଛି। ଅନ୍ତର୍ଜାତୀୟ ସ୍କୁଲ୍ ଗୁଡିକର ଦେୟ ସାରା ବିଶ୍ୱରେ ଅଧିକ ରହିଛି। କିନ୍ତୁ ଏହା ସ୍ଥାନୀୟ ଆୟ ହିସାବରେ ବଢ଼ି ଚାଲିଛି। ଦୁଃଖର ବିଷୟ ଏହି କି ଯେ ଭାରତରେ ଏହି ଧାରା ହିସାବରେ କିଛି ହେଉନାହିଁ। ଆୟ ବଢ଼ିବା ବଦଳରେ ସବୁ କିଛିର ବ୍ୟୟ ବଢ଼ି ଚାଲିଛି। ଦିଲ୍ଲୀରେ ପରିବାର ହାରାହାରି ବାର୍ଷିକ ଆୟ ୧୨-୧୫ ଲକ୍ଷ ଥିବାବେଳେ ଘରୋଇ ସ୍କୁଲର ଦେୟ ୧୨-୨୦ ଲକ୍ଷ ଟଙ୍କା ରହିଛି। ଗୋଟିଏ ପରିବାର ନିଜ ଆୟର ୮୦ରୁ ୧୩୦ ପ୍ରତିଶତ ଏହି ଦେୟ ଦେବାରେ ଖର୍ଚ୍ଚ କରୁଛନ୍ତି। ▶ପୃଷ୍ଠା-୭

# ପତ୍ନୀଙ୍କୁ ଜିଅନ୍ତା ଜାଳିଥିବା ବ୍ୟକ୍ତିଙ୍କୁ ଏନ୍‌କାଉଣ୍ଟର

■ **ନୋଏଡା, ୨୪।୮ (ଏଜେନ୍ସି):** ବିବାହରେ ସ୍କର୍ପିଓ ଏସ୍‌ୟୁଭି, ରୟାଲ ଏନ୍‌ଫିଲ୍ଡ ବୁଲେଟ୍, ନଗଦ ଟଙ୍କା, ସୁନା ଗହଣା ମିଳିଲା। ତଥାପି ମନ ଭରିଲାନି। ଆହୁରି ୩୬ ଲକ୍ଷ ଦରକାର। ଅଧିକ ଯୌତୁକ ଦାବି ।।ରେ ଦୀର୍ଘ ୯ ବର୍ଷ ଧରି ନିର୍ଯାତନା ଚାଲିଲା। ଶେଷରେ ପତ୍ନୀଙ୍କୁ ଜିଅନ୍ତା ଜାଳିଦେଲା ନୃଶଂସ ପତି। ଏଭଳି ଏକ ଜଘନ୍ୟ ଘଟଣା ଘଟିଛି ନୋଏଡ଼ାରେ। ଏହାକୁ ନେଇ ଦେଶବ୍ୟାପୀ କ୍ରୋଧର ବାତାବରଣ ସୃଷ୍ଟି ହୋଇଛି। ଅମାନବୀୟ ଅତ୍ୟାଚାର ଓ ହତ୍ୟା ପାଇଁ ଅନୁତପ୍ତ ନଥିବା ଦୁର୍ଦ୍ଦାନ୍ତ ସ୍ୱାମୀ ଆଜି ପୁଲିସ ଏନକାଉଣ୍ଟରରେ ଆହତ ହୋଇଛି।



ବିପିନ ଭଟି ନାମକ ଏହି ସ୍ୱାମୀ ୯ ବର୍ଷ ତଳେ ନିକ୍କିଙ୍କୁ ବିବାହ କରିଥିଲା। ସେମାନଙ୍କର ଦୁଇ ପୁଅ ଅଛନ୍ତି। ଯୌତୁକରେ ବିପିନକୁ ସ୍କର୍ପିଓ ଏସ୍‌ୟୁଭି, ରୟାଲ ଏନ୍‌ଫିଲ୍ଡ ବୁଲେଟ୍, ନଗଦ ଟଙ୍କା, ସୁନା ଗହଣା ଦିଆଯାଇଥିଲେ ମଧ୍ୟ ସେ ନିକ୍କିଙ୍କୁ ଘରୁ ଆହୁରି ୩୬ ଲକ୍ଷ ଟଙ୍କା ଆଣିବାକୁ ବରାବର ଚାପ ପକାଉଥିଲା। ଏଥିପାଇଁ ସ୍ୱାମୀ ଓ ଶାଶୂ ନିକ୍କିଙ୍କୁ ନିର୍ଯାତନା ଦେଇ ଆସୁଥିଲେ। କିଛିଦିନ ସ୍ୱାମୀ ଓ ଶାଶୂ ନିକ୍କିଙ୍କୁ ଗୋଇଠା, ମୁଥ ମାରିବା ସହ ବାଡ଼େଇଥିଲେ। ତାଙ୍କୁ ଛାଡି ଦେବାକୁ ସେ ଯେତେ ନେହୁରା ହୋଇଥିଲେ ମଧ୍ୟ ସେମାନେ ଶୁଣି ନଥିଲେ। ଏହାପରେ ବିପିନ ପତ୍ନୀଙ୍କ ଉପରେ ପେଟ୍ରୋଲ ଢ଼ାଳି ନିଆଁ ଲଗାଇ ଦେଇଥିଲା। ମହିଳାଙ୍କ ଭଉଣୀ କାଞ୍ଚନ ତାଙ୍କୁ ବଞ୍ଚାଇବାକୁ ଓ ଘଟଣାର ଭିଡିଓ ବନାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ତାଙ୍କୁ ମଧ୍ୟ ମା ଓ ପୁଅ ଦୁହେଁ ମିଶି ପିଟିଥିଲେ। ନିକ୍କି ଓ କାଞ୍ଚନ ଦୁଇ ଭଉଣୀ ▶ପୃଷ୍ଠା-୭

# ଆଇଏଡିଡବ୍ଲ୍ୟୁଏସର ସଫଳ ପରୀକ୍ଷଣ



■ **ବାଲେଶ୍ୱର, ୨୪।୮ (ସମିସ):** ଡିଆରଡିଓ ପକ୍ଷରୁ ଆଜି ଇଣ୍ଟିଗ୍ରେଟେଡ୍ ଏୟାରଡିଫେନ୍ସ ୱିପନ୍ ସିଷ୍ଟମ (ଆଇଏଡିଡବ୍ଲ୍ୟୁଏସ)ର ସଫଳତାର ସହ ପରୀକ୍ଷଣ କରାଯାଇଛି। ଚାନ୍ଦିପୁରସ୍ଥିତ ଏକୀକୃତ ପରୀକ୍ଷଣ କେନ୍ଦ୍ର (ଆଇଟିଆର)ରେ ଏହି ପରୀକ୍ଷଣ କରାଯାଇଛି। ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ପ୍ରୟୋଗଶାଳା (ଡିଆରଡିଏଲ) ଦ୍ୱାରା ଗଠିତ ଏକ କେନ୍ଦ୍ରୀୟ ଆଦେଶ ଓ ନିୟନ୍ତ୍ରଣ ପ୍ରୟୋଗଶାଳା ମାଧ୍ୟମରେ ଏହି ଯୁଦ୍ଧାସ୍ତ୍ର ପ୍ରଣାଳୀର ପରୀକ୍ଷଣକୁ ନିରୀକ୍ଷଣ ଓ ନିୟନ୍ତ୍ରଣ କରାଯାଇଥିଲା।

ପରୀକ୍ଷଣ ସମୟରେ ଦୁଇଟି ଅତି ଉଚ୍ଚବେଗ ସମ୍ପନ୍ନ ସ୍ଥାୟୀ ପଙ୍ଖାଯୁକ୍ତ ମାନବବିହୀନ ଆକାଶମାର୍ଗୀୟ ଲକ୍ଷ୍ୟ ସହ ଗୋଟିଏ ମଲ୍‌ଟିକୋଟେଡ୍ ଡ୍ରୋନ୍‌କୁ ମିଶାଇ ତିନୋଟି ଭିନ୍ନଭିନ୍ନ ପରିସୀମା ଓ ଉଚ୍ଚତାରେ ଥିବା ଟାର୍ଗେଟ୍‌କୁ 'କ୍ୟୁଆରଏସଏଏମ୍', ଭିଏସଏଚଓଆରଏଡିଏସ୍ ଓ ଡିଇଡବ୍ଲ୍ୟୁର ସମ୍ମିଳିତ ପ୍ରଣାଳୀ ଏକସଙ୍ଗେ ଲକ୍ଷ୍ୟ ପରିସରକୁ ନେଇ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରିଦେଇଥିଲା। 'ଆଇଏଡିଡବ୍ଲ୍ୟୁଏସ'ରେ ଅନ୍ତର୍ଭୁକ୍ତ କ୍ଷେପଣାସ୍ତ୍ର ପ୍ରଣାଳୀ ଏବଂ ଡ୍ରୋନ ଆବିଷ୍କାର ଓ ବିଧ୍ୱଂସ ପ୍ରଣାଳୀ, ଯୁଦ୍ଧାସ୍ତ୍ର ପ୍ରଣାଳୀ ନିର୍ଦ୍ଦେଶ ଓ ନିୟନ୍ତ୍ରଣ ସହ ଯୋଗାଯୋଗ ଓ ରାଡାର୍ ପ୍ରଭୃତି ଏହି ପରୀକ୍ଷଣ ସମୟରେ ଅତ୍ୟନ୍ତ ସଠିକ ଢଙ୍ଗରେ କାର୍ଯ୍ୟ ସମ୍ପାଦନ କରିଥିଲା। ଉଡ଼ାଣ ତଥ୍ୟ ସଂଗ୍ରହ ପାଇଁ ଚାନ୍ଦିପୁରସ୍ଥିତ ଆଇଟିଆର ଦ୍ୱାରା ନିୟୋଜିତ ବିଭିନ୍ନ ଉପକରଣ ପ୍ରଭୃତିର ତଥ୍ୟ ବିଶ୍ଳେଷଣ ପରେ ଏହା ପ୍ରମାଣିତ ହୋଇଛି।

ଡିଆରଡିଓର ବରିଷ୍ଠ ବୈଜ୍ଞାନିକଙ୍କ ସମେତ ଭାରତୀୟ ସେନା ବାହିନୀର ପ୍ରତିନିଧିମାନେ ଏହି ପରୀକ୍ଷଣକୁ ନିରୀକ୍ଷଣ କରିଥିଲେ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ 'ଆଇଏଡିଡବ୍ଲ୍ୟୁଏସ'ର ସଫଳତାର ସହ ବିକାଶ ତଥା ସଫଳ ପ୍ରୟୋଗ ପାଇଁ ଡିଆରଡିଓ, ଭାରତୀୟ ସେନା ସମେତ ଏଥିରେ ଜଡ଼ିତ ଅନ୍ୟାନ୍ୟ ସଂସ୍ଥାଙ୍କ ଅବଦାନକୁ ପ୍ରଶଂସା କରିଛନ୍ତି। ପ୍ରତିରକ୍ଷା ବିଭାଗର ସଚିବ (ଅନୁସନ୍ଧାନ ଏବଂ ବିକାଶ) ତଥା ଅଧ୍ୟକ୍ଷ ଡିଆରଡିଓର ଅଧ୍ୟକ୍ଷ ଡ. ସମୀର ଭି କାମତ 'ଭିଏଲ-ଏସଆରଏସଏଏମ'ର ସଫଳ ଉଡ଼ାଣ ପରୀକ୍ଷା ପାଇଁ ବୈଜ୍ଞାନିକ ଦଳକୁ ଅଭିନନ୍ଦନ ଜଣାଇଛନ୍ତି।

# ହାତୀକୁ ତୀର ମାଡ଼

■ **ବୈଶିଙ୍ଗା, ୨୪।୮ (ସମିସ):** ମୟୂରଭଞ୍ଜ ଜିଲ୍ଲା ବେତନଟୀ ରେଞ୍ଜ ଅଧୀନ ବନାମପୁର ଜଙ୍ଗଲରେ ଏକ ହାତୀକୁ କେହି ଦୁର୍ବୃତ୍ତ ତୀରମାଡ଼ କରି ଘାଇଲା କରିଛି। ତୀରଟି ହାତୀ ଶରୀରରେ ପଶି ରହିଥିବା ବେଳେ ସେଥିରୁ ରକ୍ତସ୍ରାବ ହେଉଥିବା ଦେଖିବାକୁ ମିଳିଛି। ଯନ୍ତ୍ରଣାରେ ଛଟପଟ ହାତୀଟି ହାତୀପଲଠାରୁ ସାମାନ୍ୟ ଦୂରତା ବଜାୟ ରଖୁଥିବା ଦେଖିବାକୁ ମିଳିଛି। ସେ ସ୍ୱାଭାବିକ ଭାବରେ ଚଳପ୍ରଚଳ ମଧ୍ୟ କରିପାରୁନାହିଁ।



ଏପଟେ ଲଘୁଚାପଜନିତ ଲଗାଣ ବର୍ଷା ପାଇଁ ରକ୍ତସ୍ରାବ ହେଉଥିବା ତୀରବିଦ୍ଧ ସ୍ଥାନରେ ବର୍ଷାପାଣି ଲାଗି ସଂକ୍ରମଣର ଆଶଙ୍କା ଦେଖାଦେଇଛି।

## ୪୮ ଘଣ୍ଟାରେ ଲଘୁଚାପ

# ବଢ଼ି ବନ୍ୟା ଆଶଙ୍କା

# ଉତ୍ତର ଓଡ଼ିଶାରେ ଫୁଲୁଛି ସବୁ ନଦୀ

■ **ଭୁବନେଶ୍ୱର, ୨୪।୮ (ସମିସ):** ବଙ୍ଗୋପସାଗରରେ ଦାନା ବାନ୍ଧୁଛି ଆଉ ଏକ ଲଘୁଚାପ। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଏହି ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହି ଲଘୁଚାପଟି ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଥିବାରୁ ସାରା ରାଜ୍ୟରେ ପ୍ରବଳ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ୨୫-୨୮ ତାରିଖ ପର୍ଯ୍ୟନ୍ତ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ବିଶେଷକରି ୨୫ ଓ ୨୬ରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିବ। ସୋମବାର କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲାରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିବ ବୋଲି ପାଣିପାଗ କେନ୍ଦ୍ର କହିଛି। ଏହାକୁ ଦୃଷ୍ଟିରେ ରଖି ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ସେହିପରି କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର ଓ କଟକ ଜିଲ୍ଲାରେ ମଧ୍ୟ ପ୍ରବଳ ବର୍ଷା ନେଇ ପାଣିପାଗ କେନ୍ଦ୍ର ▶ପୃଷ୍ଠା-୭

**ମହାନଦୀରେ ବଢ଼ି ଚାଲିଛି ଜଳସ୍ତର**

**୨୮ ଯାଏଁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା**



## କାର୍ଯ୍ୟକାରୀ ପରିଷଦ ବୈଠକରେ ସରକାରଙ୍କୁ ସଂଘର ଖୋଲା ଆହ୍ୱାନ

# ଆନ୍ଦୋଳନରୁ ହଟିବେନି ରାଜସ୍ୱ ଅମଲା

■ **ଭୁବନେଶ୍ୱର, ୨୪।୮ (ସମିସ):** ନିଜ ଜିଦ୍‌ରେ ଅଟଳ ରହିବା ସହ ଜାରି ରହିଥିବା ଆନ୍ଦୋଳନକୁ ବଳବତ୍ତର ରଖିବା ପାଇଁ ରାଜସ୍ୱ ଅମଲା ସଂଘ ନିଷ୍ପତ୍ତି ନେଇଛି। ରାଜସ୍ୱମନ୍ତ୍ରୀ ନିକଟରେ ସଂଘ ବିଜେଡି ଦ୍ୱାରା ପରିଚାଳିତ ହେଉଥିବା ଅଭିଯୋଗ ଆଣିବା ସହ ଆନ୍ଦୋଳନରୁ ନ ହଟିଲେ ବଡ଼ ଅସ୍ତ୍ର ପ୍ରୟୋଗ କରିବେ ବୋଲି କହିଥିଲେ। ମନ୍ତ୍ରୀଙ୍କ ଏହି ବିବୃତ୍ତି ପରେ ରବିବାର ରାଜସ୍ୱ ଅମଲା ସଂଘର କାର୍ଯ୍ୟକାରୀ ପରିଷଦ ବୈଠକ ବସିଥିଲା। ଭର୍ଚୁଆଲ୍ ମୋଡ୍‌ରେ ଏହି ବୈଠକ ବସିଥିଲା। ବୈଠକରେ ମନ୍ତ୍ରୀଙ୍କ ଧମକରେ ଡରି ନ ଯାଇ ଆନ୍ଦୋଳନକୁ ଜାରି ରଖିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହୋଇଛି। ଯେ ପର୍ଯ୍ୟନ୍ତ ସରକାର ସଂଘର କର୍ମକର୍ତ୍ତାଙ୍କୁ ଆଲୋଚନା ପାଇଁ ଡାକି ନାହାନ୍ତି ଓ କୌଣସି ଔପଚାରିକ ନିଷ୍ପତ୍ତି ନେଇ ନାହାନ୍ତି, ସେ ପର୍ଯ୍ୟନ୍ତ ଆନ୍ଦୋଳନ ପ୍ରତ୍ୟାହାର ପ୍ରଶ୍ନ ଉଠୁନାହିଁ ବୋଲି ସଂଘ ପକ୍ଷରୁ କୁହାଯାଇଛି। ସଂଘକୁ ସରକାର ଆଲୋଚନା ପାଇଁ ଡାକିଲେ ସର୍ବଦା ସଂଘ ସ୍ୱାଗତ କରିବ। ମାତ୍ର କୌଣସି ପ୍ରକାର ଚେତାବନୀ ଓ ଧମକ ଦ୍ୱାରା ଏହି ସମସ୍ୟାର ସମାଧାନ ହୋଇପାରିବ ନାହିଁ ବୋଲି ପରୋକ୍ଷରେ ସଂଘ ପକ୍ଷରୁ କୁହାଯାଇଛି।

ସୂଚନା ଥାଉ କି ରାଜ୍ୟ ରାଜସ୍ୱ ଅମଲା ସଂଘ ପକ୍ଷରୁ ଜାରି ରହିଥିବା ସମୂହ ଛୁଟି ଆନ୍ଦୋଳନ ଡକରା ଯୋଗୁଁ ବର୍ତ୍ତମାନ ସମସ୍ତ ରାଜସ୍ୱ କାର୍ଯ୍ୟ ବନ୍ଦ ହୋଇଯାଇଛି। ଏହି ଆନ୍ଦୋଳନକୁ ୧୪ ଦିନି ବିତିଯାଇଥିଲେ ମଧ୍ୟ ସରକାରଙ୍କ ପକ୍ଷରୁ ବର୍ତ୍ତମାନ ପର୍ଯ୍ୟନ୍ତ ସଂଘ ସହ ଆଲୋଚନା କରିବା ଦୂରର କଥା ପରୋକ୍ଷରେ ସେମାନଙ୍କୁ ଡରାଇବା ପାଇଁ ସରକାର ଉଦ୍ୟମ କରୁଥିବା ଦେଖାଯାଉଛି। ପ୍ରଥମେ ମନ୍ତ୍ରୀ ଦରମା ବନ୍ଦ ଧମକ ଦେବା ସହ ପରେ କାର୍ଯ୍ୟାନୁଷ୍ଠାନ ଚେତାବନୀ ଦେଇଥିଲେ। ଶନିବାର ଆଉ ପାଦେ ଆଗକୁ ଯାଇ ସଂଘକୁ ବିଜେଡି ପରିଚାଳିତ କରୁଥିବା କହିବା ସହ ସେମାନେ କେଉଁ କେଉଁ ନେତାଙ୍କ ପାଖକୁ ଯାଉଛନ୍ତି, ସେ ରିପୋର୍ଟ ମଧ୍ୟ ମୋ ପାଖରେ ଅଛି ବୋଲି କହିଥିଲେ। ଏହାସହିତ ସଂଘ ଆନ୍ଦୋଳନରୁ ନ ହଟିଲେ ରାଜସ୍ୱ ବିଭାଗ ପାଖରେ ବହୁ ଅସ୍ତ୍ର ଅଛି। ଏହି ଅସ୍ତ୍ରକୁ ସେମାନେ ସମ୍ଭାଳି ପାରିବେ ନାହିଁ ବୋଲି ଚେତାବନୀ ଦେଇଥିଲେ।

# ମାରିଜୁଆନା ପ୍ରେମରେ ଯୁବପିଢ଼ି

## ଭୁବନେଶ୍ୱର ବିମାନବନ୍ଦରରେ ଢିଲା ସୁରକ୍ଷା ପାଇଁ ବଢୁଛି ଚାଲାଣ

■ **ଭୁବନେଶ୍ୱର, ୨୪।୮ (ସମିସ):** ମାରିଜୁଆନା ପ୍ରେମରେ ପଡ଼ିଛନ୍ତି ଯୁବପିଢ଼ି। ଡ୍ରଗ୍ସ, ଓଡ଼ିଶା ଗଞ୍ଜେଇ ପରେ ସେମାନେ ମାରିଜୁଆନା (ବିଦେଶୀ ଡ୍ରଗ୍ସ)କୁ ଅଧିକ ମାତ୍ରାରେ ପସନ୍ଦ କରୁଛନ୍ତି। ଏଠାର ଯୁବପିଢ଼ିର ଅଧିକ ଚାହିଦା ଥିବାରୁ ବିଦେଶରୁ ମାରିଜୁଆନା ଭୁବନେଶ୍ୱରକୁ ଅଧିକ ମାତ୍ରାରେ ଚାଲାଣ କରାଯାଉଛି। ବିଶେଷ କରି ଥାଇଲାଣ୍ଡ ଏବଂ ମାଲେସିଆରୁ ଏହି ମାରିଜୁଆନା ଭୁବନେଶ୍ୱରକୁ ଆସୁଛି। ଓଡ଼ିଶାରେ ଥିବା ଦଲାଲ ଏହାକୁ ବସ୍ ଯୋଗେ ଅନ୍ୟ ରାଜ୍ୟକୁ ଚାଲାଣ କରୁଛନ୍ତି।

କଷ୍ଟମ ବିଭାଗର ଜଣେ ଅଧିକାରୀ ନିଜ ନାମ ଗୋପନ ରଖି କହିଛନ୍ତି ଯେ ଭୁବନେଶ୍ୱର ବିମାନ ବନ୍ଦରରେ ଯାଞ୍ଚ ବ୍ୟବସ୍ଥା ଏତେ କଡ଼ାକଡ଼ି ନଥିବାରୁ ନିଶା ମାଫିଆମାନେ ଭୁବନେଶ୍ୱର ବିମାନ ବନ୍ଦରକୁ ଟାର୍ଗେଟ କରୁଛନ୍ତି। ଯେଉଁଥିପାଇଁ ସେମାନେ କୋଟି କୋଟି ଟଙ୍କାର ମାରିଜୁଆନାକୁ ଚକ୍‌ଲେଟ ଜରି ଏବଂ ଅନ୍ୟ ପ୍ୟାକେଟ୍ ଭିତରେ ପୂରାଇ ଆଣୁଛନ୍ତି। ଏକାଧିକ ବ୍ୟକ୍ତି ଖସି ଯାଉଥିବା ବେଳେ କିଛି ହାତ ଗଣତି ବ୍ୟକ୍ତି ଧରାପଡୁଛନ୍ତି। ଯାହା ଧରାପଡୁଛି ଗୁଇନ୍ଦା ସୂତ୍ର ଆଧାରରେ ଧରାପଡୁଛି। ନହେଲେ ଅଧିକ ଚାଲାଣକାରୀ ଖସି ଯାଉଛନ୍ତି। ଯେଉଁମାନେ ଧରାପଡୁଛନ୍ତି ସେମାନେ କେବଳ ଚାଲାଣକାରୀ ବା ଏଜେଣ୍ଟ। ଏହା ପଛରେ ଜଣେ ମାଷ୍ଟରମାଇଣ୍ଡ ରହିଛି। ଦୁବାଇରେ ରହି ଫୋନ୍ ମାଧ୍ୟମରେ ସେ ▶ପୃଷ୍ଠା-୭



**୬ ମାସରେ ୮୦ କୋଟିର ମାରିଜୁଆନା ଜବତ ହେଲାଣି**

**ଓଡ଼ିଶାରେ ପହଞ୍ଚିବା ପରେ ବସ୍‌ରେ ଅନ୍ୟ ରାଜ୍ୟକୁ ଚାଲାଣ**

**ଇଞ୍ଜିନିୟରିଂ, ଆଇଟି ଛାତ୍ର ଏବଂ ବଡ଼ କ୍ଲବ୍‌କୁ ଯାଉଛି**

**ଦୁବାଇରେ ବସି ରାକେଟ୍ ଚଳାଉଛି ମାଷ୍ଟରମାଇଣ୍ଡ**

## ମୃତ୍ୟୁ ବି ଏମିତି ଆସେ...

# ଖେଳୁଖେଳୁ ଚାଲିଗଲା ଜୀବନ

■ **ଦେବଗଡ଼, ୨୪।୮ (ସମିସ):** ଏମିତି ବି ଆସେ ମୃତ୍ୟୁ। ଖେଳୁଖେଳୁ ପଡ଼ିଆ ମଝିରେ ଚାଲିଗଲା ଜୀବନ। ଦେବଗଡ଼ ଜିଲ୍ଲା ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ୍‌ରେ ଆଜି ଏପରି ଏକ ଅଘଟଣ ଘଟିଛି। ମୃତକ ହେଲେ, ପୌରାଞ୍ଚଳର ୨ ନମ୍ବର ୱାର୍ଡ ଭୂୟାଁ ସାହିର ପ୍ରକାଶ ନାଏକ (୩୩)। ଦେବଗଡ଼ ଥାନା ପୁଲିସ ପ୍ରକାଶଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନାନୁଯାୟୀ, ଦେବଗଡ଼ ପୌର ପରିଷଦ ପକ୍ଷରୁ ଜିଲ୍ଲା କ୍ରୀଡ଼ା ସଂସଦ ସହଯୋଗରେ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ଗତ ୨୧ ତାରିଖରୁ କାଉନସିଲର କପ୍ ଫୁଟବଲ ପ୍ରତିଯୋଗିତା ଚାଲିଛି। ଏଥିରେ ଆଜି ୱାର୍ଡ ନଂ ୨ ଏବଂ ୱାର୍ଡ ନଂ ୭ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଖେଳ ଚାଲିଥିବା ବେଳେ ପ୍ରକାଶ ହଠାତ ପଡ଼ିଆ ମଧ୍ୟରେ ଟଳି ପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ପ୍ରତିଯୋଗିତା ଆୟୋଜନ ପୂର୍ବରୁ ପଡ଼ିଆରେ ଡାକ୍ତରୀ ଟିମ୍ ଓ ଆମ୍ବୁଲାନ୍ସ ଯୋଗାଇବା ପାଇଁ ଜିଲ୍ଲା କ୍ରୀଡ଼ା ସଂସଦ ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟକୁ ସୂଚନା ଦିଆଯାଇଥିଲା। ହେଲେ ପଡ଼ିଆରେ ଡାକ୍ତର କି ଆମ୍ବୁଲାନ୍ସ ପହଞ୍ଚି ନଥିଲା। ଫଳରେ ଗୁରୁତର ପ୍ରକାଶଙ୍କୁ ପ୍ରାଥମିକ ଚିକିତ୍ସା ପାଇଁ ସହରଠାରୁ ୬ କିମି ଦୂର ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ▶ପୃଷ୍ଠା-୭

**ଶୋକରେ ଭିଜିଲା କାଉନସିଲର କପ୍ ଫୁଟ୍‌ବଲ୍**

**ପଡ଼ିଆରେ ନଥିଲା ଡାକ୍ତରୀ ଟିମ୍ କି ଆମ୍ବୁଲାନ୍ସ**

**ଚିକିତ୍ସାରେ ବିଳମ୍ବ ଯୋଗୁଁ ମୃତ୍ୟୁ ଅଭିଯୋଗ**



## ରୁଷ ଆଣବିକ କେନ୍ଦ୍ରରେ ୟୁକ୍ରେନର ଆକ୍ରମଣ

କିଭ୍,୨୪।୮(ଏଜେନ୍ସି): ୟୁକ୍ରେନ ତ'ର ସ୍ୱାଧୀନତା ଦିବସରେ ରୁଷିଆ ଉପରେ ଡ୍ରୋନ ଆକ୍ରମଣ କରି ରୁଷିଆର ଆଣବିକ କେନ୍ଦ୍ରରେ କ୍ଷତି ପହଞ୍ଚାଇବାକୁ ପ୍ରୟାସ କରିଛି। ରବିବାର ୟୁକ୍ରେନ ତା'ର ୩୪ତମ ସ୍ୱାଧୀନତା ଦିବସ ପାଳନ କରିଛି। ରୁଷିଆର ପଶ୍ଚିମ କୁରସ୍କ ଅଞ୍ଚଳରେ ଥିବା ଆଣିବକ କେନ୍ଦ୍ର ଉପରେ ୟୁକ୍ରେନ ଡ୍ରୋନ ଆକ୍ରମଣ କରିଛି। ରୁଷିଆ ଅଧିକାରୀମାନେ ଏ ନେଇ ସୂଚନା ଦେଇଛନ୍ତି। ରାତିରେ ଆଣବିକ କେନ୍ଦ୍ରର କେତୋଟି ବିଜୁଳି ଓ ଶକ୍ତି ଉତ୍ପାଦନ କେନ୍ଦ୍ରକୁ ଲକ୍ଷ୍ୟ କରି ଏହି ଡ୍ରୋନ ଆକ୍ରମଣ କରାଯାଇଥିଲା ବୋଲି ରୁଷିଆ କହିଛି। ଅବଶ୍ୟ ଏଥିରେ କେହି ମୃତାହତ ହୋଇ ନାହାନ୍ତି। ଏହି ଆକ୍ରମଣରେ ଏକ ଟ୍ରାନ୍ସଫର୍ମର କ୍ଷତିଗ୍ରସ୍ତ ହୋଇଛି। ତେବେ ଆଣବିକ ବିକିରଣ ସାଧାରଣସ୍ତରରେ ରହିଛି ବୋଲି କୁହାଯାଇଛି। ଅବଶ୍ୟ ଏହି ଡ୍ରୋନ ଆକ୍ରମଣ ନେଇ ୟୁକ୍ରେନ ତରଫରୁ କିଛି ପ୍ରତିକ୍ରିୟା ଦିଆଯାଇନାହିଁ। ରବିବାର ୟୁକ୍ରେନର ୯୫ଟି ଡ୍ରୋନ୍‌କୁ ନିଷ୍କ୍ରିୟ କରାଯାଇଛି ବୋଲି ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ତେବେ ଏହି ଡ୍ରୋନଗୁଡିକରୁ ୪୮ ଟି ଅକାମୀ ହୋଇଛି ବୋଲି ୟୁକ୍ରେନ କହିଛି।

## ଅଶ୍ଳୀଳ ଫଟୋ-ଭିଡିଓ ବନ୍ଦ କରିବ ସ୍ମାର୍ଟଫୋନ

ନୂଆଦିଲ୍ଲୀ, ୨୪।୮ (ଏଜେନ୍ସି): ବିଶ୍ୱର ପ୍ରଥମ ଆଣ୍ଟି-ନ୍ୟୁଡ କଣ୍ଟେଣ୍ଟ ସ୍ମାର୍ଟଫୋନ ଲଞ୍ଚ ହୋଇଛି। ଫିନ୍‌ଲାଣ୍ଡର ଟେକ୍ କମ୍ପାନୀ ଏଚଏମ୍‌ଡି ଗ୍ଲୋବାଲ ଏହି ଫୋନ୍ ଆଣିଛି। ନୂଆ ସ୍ମାର୍ଟଫୋନ 'ଫ୍ୟୁଜ'ରେ ଏହି ବ୍ୟବସ୍ଥା ରହିଛି। ଅଶ୍ଳୀଳ ଫଟୋ ଏବଂ ଭିଡିଓ ଆଦିକୁ ବନ୍ଦ କରୁଥିବା ଏହା ବିଶ୍ୱର ପ୍ରଥମ ଫୋନ୍ ବୋଲି କମ୍ପାନୀ ଦାବି କରିଛି। ଏଥିପାଇଁ ଫୋନ୍‌ରେ ବ୍ରିଟିଶ ସାଇବର ସିକ୍ୟୁରିଟି କମ୍ପାନୀ 'ସେଫ୍ ଟୁ ନେଟ୍'ର ଏଆଇ ମଡେଲ 'ହାର୍ମବ୍ଲକ ଏଆଇ'କୁ ଇନ୍‌ଷ୍ଟଲ କରାଯାଇଛି। ଏହି ଫୋନ ଅଶ୍ଳୀଳ ବିଷୟବସ୍ତୁ ରେକର୍ଡ କରିବାକୁ ଏବଂ କାହାକୁ ପଠାଇବାକୁ ଦେବ ନାହିଁ। ଫୋନ୍‌ରେ ଅଶ୍ଳୀଳ ଫଟୋ ଏବଂ ଭିଡିଓ ମଧ୍ୟ ସେଭ୍ କରି ରଖିହେବ ନାହିଁ। ଲାଇଭ ଷ୍ଟ୍ରିମିଂ ସମୟରେ ସମସ୍ତ ଆପତ୍ତିଜନକ ବିଷୟବସ୍ତୁକୁ ଏହା ତୁରନ୍ତ ବ୍ଲକ କରିଦେବ। ଶିଶୁମାନଙ୍କ ମଧ୍ୟରେ ଅଶ୍ଳୀଳତା ବୃଦ୍ଧି ପାଉଥିବାବେଳେ ଏହି ଫୋନ୍ ସେମାନଙ୍କୁ ଦୂରେଇ ରଖିବ। ଅଭିଭାବକଙ୍କ ଚିନ୍ତା ମଧ୍ୟ ଦୂର କରିବାରେ ବେଶ୍ ସହାୟକ ହେବ।

## ଅନିଶ ଦୟାଲ ଡେପୁଟି ଏନ୍‌ଏସ୍‌ଏ ନିଯୁକ୍ତ

ନୂଆଦିଲ୍ଲୀ, ୨୪।୮ (ଏଜେନ୍ସି): ସିଆରପିଏଫ ଏବଂ ଆଇଟିବିପିର ପୂର୍ବତନ ମହାନିର୍ଦ୍ଦେଶକ ଅନିଶ ଦୟାଲ ସିଂହ ନୂଆ ଡେପୁଟି ନ୍ୟାସନାଲ ସିକ୍ୟୁରିଟି ଆଡଭାଇଜର (ଏନ୍‌ଏସଏ) ନିଯୁକ୍ତ ହୋଇଛନ୍ତି। ସେ ଆଭ୍ୟନ୍ତରୀଣ ବ୍ୟାପାର ମାମଲା ବୁଝିବେ ବୋଲି ସରକାରୀ ସୂତ୍ରରୁ ସୂଚନା ମିଳିଛି। ୧୯୮୮ ବ୍ୟାଚ୍‌ର ମଣିପୁର କ୍ୟାଡର ଆଇପିଏସ ଅଧିକାରୀ ଶ୍ରୀ ଅନିଶ ଗତ ଡିସେମ୍ବରରେ ଅବସର ଗ୍ରହଣ କରିଥିଲେ। ଆଇଟିବିପି, ସିଆରପିଏଫର ନେତୃତ୍ୱ ନେବା ପୂର୍ବରୁ ସେ ୩୦ ବର୍ଷ ପର୍ଯ୍ୟନ୍ତ ଗୁଇନ୍ଦା ବ୍ୟୁରୋ (ଆଇବି)ରେ ଉଲ୍ଲେଖନୀୟ ସେବା ଦେଇଥିଲେ। ଅଧିକାରୀଙ୍କ ସୂଚନା ଅନୁଯାୟୀ ଡେପୁଟି ଏନଏସଏ ଭାବେ ସେ ଜମ୍ମୁ-କଶ୍ମୀର, ମାଓବାଦୀ, ଉତ୍ତରପୂର୍ବ ଭାରତରେ ଲାଗିରହିଥିବା ବିଦ୍ରୋହ ସହିତ ଭାରତୀୟ ଆଭ୍ୟନ୍ତରୀଣ ମାମଲାରେ ବୁଝିବେ।

## ଜର୍ମାନୀଠାରୁ ୬ ବୁଡ଼ାଜାହାଜ କିଣିବ ଭାରତ

ନୂଆଦିଲ୍ଲୀ,୨୪।୮(ଏଜେନ୍ସି): ବାୟୁସେନା ଓ ନୌସେନାର ଶକ୍ତି ତଥା ଦକ୍ଷତା ବୃଦ୍ଧି କରିବାକୁ ସରକାର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଏହିକ୍ରମରେ ସରକାର ଦୁଇଟି ଚୁକ୍ତି କରିବାକୁ ପ୍ରସ୍ତୁତି କରିଛନ୍ତି। ପ୍ରତିରକ୍ଷା ମନ୍ତ୍ରଣାଳୟ ଓ ମଝଗାଓଁ ଡକ୍ ସିପ୍ ବିଲ୍ଡର୍ସ ଲିମିଟେଡ ମଧ୍ୟରେ ଜର୍ମାନୀଠାରୁ ୬ଟି ବୁଡା ଜାହାଜ କିଣିବା ନେଇ ପ୍ରଥମ ଚୁକ୍ତି ହୋଇଛି। ଭାରତ ସରକାର 'ପ୍ରୋଜେକ୍ଟ ୭୫ ଇଣ୍ଡିଆ' ଅନୁସାରେ ଜର୍ମାନୀର ସହାୟତାରେ ଭାରତରେ ନିର୍ମାଣ ହେବାକୁ ଥିବା ଏହି ବୁଡାଜାହାଜଗୁଡିକୁ କ୍ରୟ ପାଇଁ ଆଲୋଚନାକୁ ମଞ୍ଜୁରି ଦେଇଛି। ୭୦ ହଜାର କୋଟି ଟଙ୍କାରେ ଏହି ଚୁକ୍ତି ହେବ। ସେହିପରି ଭାରତ ସରକାର ଇସ୍ରାଏଲଠାରୁ ଆକାଶରୁ ଭୂପୃଷ୍ଠକୁ ନିକ୍ଷେପ ହେଉଥିବା ରାମ୍ପେଜ ମିସାଇଲ କ୍ରୟ କରିବ। ପାଷ୍ଟ-ଟ୍ରାକ ପ୍ରକ୍ରିୟା ଅନୁସାରେ ଖୁବଶୀଘ୍ର ଏହି ନେଇ ନିର୍ଦ୍ଦେଶ ଦିଆଯିବ ବୋଲି କୁହାଯାଇଛି।

## ଶିବ୍‌କୁମାରଙ୍କ ପରେ କଂଗ୍ରେସ ବିଧାୟକ ଗାଇଲେ ଆରଏସ୍‌ଏସ୍ ଗୀତ

ବେଙ୍ଗାଲୁରୁ, ୨୪।୮(ଏଜେନ୍ସି): କର୍ଣ୍ଣାଟକ ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବ୍‌କୁମାରଙ୍କ ପରେ ଆଉ ଜଣେ କଂଗ୍ରେସ ବିଧାୟକ ଆରଏସ୍‌ଏସ୍‌ର ଗୀତ ଗାନ କରିଛନ୍ତି। ତୁମ୍‌କୁର ଜିଲ୍ଲାର କୁନିଗଲ ବିଧାୟକ ଏଚ୍‌ଡି ରଙ୍ଗନାଥ ରବିବାର ସାମ୍ବାଦିକଙ୍କ ସହ କଥା ହେଉଥିବା ବେଳେ 'ନମସ୍ତେ ସଦାବତ୍ସଳେ ମାତୃଭୂମି' ଗାନ କରିଥିଲେ। ବିଧାନସଭାରେ ଶିବ୍‌କୁମରା ଗାନ କରିବା ପରେ ଏହି ଗୀତ ପ୍ରଥମଥର ପାଇଁ ଶୁଣିଥିଲି। ଏହା ମୋତେ ଭଲ ଲାଗିଥିଲା। ଆମ ପାର୍ଟି ଧର୍ମନିରପେକ୍ଷ ହୋଇଥିବା ବେଳେ ଅନ୍ୟମାନଙ୍କଠାରେ ଥିବା ଭଲ କଥା ଶିକ୍ଷା କରିବାରେ କୌଣସି ଅସୁବିଧା ନାହିଁ ବୋଲି ରଙ୍ଗନାଥ କହିଛନ୍ତି। ପୂର୍ବରୁ ଶିବ୍‌କୁମାର ଅଗଷ୍ଟ ୨୧ରେ ବିଧାନସଭାରେ ଏହି ଗୀତ ଗାନ କରି ଚର୍ଚ୍ଚା ସୃଷ୍ଟି କରିଥିଲେ।





# ପ୍ରବଳ ବର୍ଷାରେ ଜମ୍ମୁ, ରାଜସ୍ଥାନ ବେହାଲ

- ରାଜସ୍ଥାନ ବୁନ୍ଦିରେ ପଶିଲା ଚମ୍ବଲ ପାଣି
- ଜମ୍ମୁ ଆଇଆଇଏମ୍ କ୍ୟାମ୍ପସ୍‌ରେ ପାଣି
- ଫସି ରହିଛନ୍ତି ୧୫୦ ଛାତ୍ରଛାତ୍ରୀ

ନୂଆଦିଲ୍ଲୀ,୨୪।୮(ଏଜେନ୍ସି):

ମୌସୁମୀ ପ୍ରଭାବରୁ ବିଭିନ୍ନ ରାଜ୍ୟରେ ଭୀଷଣ ବର୍ଷା ଜାରି ରହିଛି। ଏଥିଯୋଗୁଁ ରାଜସ୍ଥାନର କୋଟା, ବୁନ୍ଦି, ସବାଇ ମାଧୋପୁର ଓ ଟୋଙ୍କରେ ବନ୍ୟାସ୍ଥିତି ସୃଷ୍ଟି ହୋଇଛି। ଏହି ଅଞ୍ଚଳରେ ଥିବା ଘରଗୁଡିକରେ ଚମ୍ବଲ ନଦୀର ପାଣି ପଶିଛି। ରାଜ୍ୟ ରାଜପଥ ଓ ଅନ୍ୟ ସଡ଼କଗୁଡିକ ବୁଡ଼ି ଯାଇଛି। ଉଦ୍ଧାରକାର୍ଯ୍ୟ ପାଇଁ ସେନାକୁ ଡକାଯାଇଛି। ଭାରତୀୟ ବାୟୁସେନା ଏମ୍‌ଆଇ- ୧୭ ହେଲିକପ୍ଟର ନିୟୋଜିତ କରିଛି। ବାୟୁସେନାକୁ ସଜାଗ କରି ରଖାଯାଇଛି। ଏନ୍‌ଡିଆରଏଫ ଏବଂ ଏସ୍‌ଡିଆରଏଫ ମଧ୍ୟ ମୁତୟନ କରାଯାଇଛି। ସେହିପରି ଜମ୍ମୁ-କଶ୍ମୀରରେ ମଧ୍ୟ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ଜମ୍ମୁର ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ୍ ଇଣ୍ଟରଗେଟିଭ ମେଡିସିନ (ଆଇଆଇଆଇଏମ୍) କ୍ୟାମ୍ପସରେ ବନ୍ୟା ପାଣି ପସିଛି। ହଷ୍ଟେଲର ପ୍ରଥମ ମହଲା ପାଣିରେ ବୁଡିଯାଇଛି। ଫଳରେ ୧୫୦ ଜଣ ଛାତ୍ରଛାତ୍ରୀ ଫସି ରହିଛନ୍ତି। ଏମାନଙ୍କୁ ଉଦ୍ଧାର ପାଇଁ ଏସ୍‌ଡିଆରଏଫ୍ ମୁତୟନ କରାଯାଇଛି। ଦିଲ୍ଲୀର ସରିତା ବିହାରରେ ମଧ୍ୟ ପ୍ରବଳ ବର୍ଷା ହୋଇଛି। ଉତ୍ତରାଖଣ୍ଡର ଥରାଲୀରେ ହୋଇଥିବା ବିପର୍ଯ୍ୟୟ କାରଣରୁ ଭିତ୍ତିଭୂମୀର ପୁନଃ ନିର୍ମାଣ କାର୍ଯ୍ୟ ଉପରେ ଗୁରୁତ୍ୱ ଦିଆଯାଉଛି। ସେହିପରି ଉତ୍ତରପ୍ରଦେଶରେ ବନ୍ଧ, ନଦୀ ଓ ନାଳଗୁଡିକରେ ଜଳପତନ ବର୍ଷା କାରଣରୁ ବୃଦ୍ଧି ପାଇଛି। ୮ଟି ନଦୀ ବନ୍ଧର ଗେଟ୍ ଖୋଲା ଯାଇଛି। ମିର୍ଜାପୁରସ୍ଥିତ ଅହରାଉଣା ବନ୍ଧରେ ପାଣି ଉଚ୍ଛୁଳିଛି। ଫଳରେ ଗତ ୯ ବର୍ଷ ମଧ୍ୟରେ ଏହି ବନ୍ଧର ୨୨ଟି ଗେଟ୍ ଖୋଲାଯାଇଛି। ୨୦ଟି ଗାଁ ବନ୍ୟା ଘେରରେ ରହିଛି। ବହୁ ଚାଷ ଜମି ପାଣିରେ ବୁଡି ରହିଥିବାରୁ ବିପୁଳ ଫସଲ ନଷ୍ଟ ହୋଇଛି। ଦେଶର ୨୯ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ତରଫରୁ ସତର୍କତା ଜାରି କରାଯାଇଛି। ରାସ୍ତସ୍ଥାନ ପାଇଁ ରେଡ୍ ଆଲର୍ଟ ଜାରି କରାଯାଇଛି। ସେହିପରି ଉତ୍ତରାଖଣ୍ଡ ଓ ମଧ୍ୟପ୍ରଦେଶ ସମେତ ୬ଟି ରାଜ୍ୟରେ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ସେହିପରି ଉତ୍ତରପ୍ରଦେଶ ଓ ବିହାର ସମେତ ୨୨ଟି ରାଜ୍ୟରେ ୟେଲୋ ଆଲର୍ଟ ଜାରି କରାଯାଇଛି।

### ଗଗନଯାନ ଅଭିଯାନର ପ୍ରସ୍ତୁତି

## ଏୟାର ଡ୍ରପ୍ ଟେଷ୍ଟ ସଫଳ

ଶ୍ରୀହରିକୋଟା, ୨୪।୮ (ଏଜେନ୍ସି): ଭାରତ ନିଜର ମହତ୍ୱାକାଂକ୍ଷୀ 'ଗଗନଯାନ ଅଭିଯାନ' କ୍ଷେତ୍ରରେ ଆଉ ପାଦେ ଆଗକୁ ବଢ଼ିଛି। ରବିବାର ଶ୍ରୀହରିକୋଟାରେ ଗଗନଯାନ ଅଭିଯାନ ପାଇଁ ପ୍ରଥମ ପାରାସୁଟ୍ ପରୀକ୍ଷଣ କରାଯାଇଛି। ଭାରତୀୟ ବାୟୁସେନାର



ଚିନୁକ ହେଲିକପ୍ଟରରୁ କ୍ରୁ ମଡ୍ୟୁଲୋକୁ ୪ କିମି ଉପରୁ ସମୁଦ୍ରରେ ପକାଇ 'ଏୟାର ଡ୍ରପ୍ ଟେଷ୍ଟ' କରାଯାଇଛି। ଏହା ତିନୋଟି ପାରାଚୁଟ ମାଧ୍ୟମରେ ସମୁଦ୍ରରେ ଅବତରଣ କରିବାରେ ସଫଳ ହୋଇଛି। ପାରାଚୁଟର ବିଶ୍ୱସନୀୟତା ଯାଞ୍ଚ ଏହି ପରୀକ୍ଷଣର ଉଦ୍ଦେଶ୍ୟ ଥିଲା। ମହାକାଶରୁ କ୍ରୁ ମଡେଲ ଫେରିବା ସମୟରେ ପାରାଚୁଟ୍ ଖୋଲୁଛି କି ନାହିଁ, ସୁରକ୍ଷିତ ଭାବେ ଅବତରଣ କରୁଛି କି ନାହିଁ ତାହା ଦେଖା ଯାଇଥିଲା। ଏହି ପରୀକ୍ଷଣରେ ଇସ୍ରୋ, ଭାରତୀୟ ବାୟୁସେନା, ଡିଆରଡିଓ, ନୌସେନା ଏବଂ ଭାରତୀୟ ତଟରକ୍ଷୀ ବାହିନୀ ସାମିଲ ଥିଲା।

ମହାକାଶ ଅର୍ଥନୀତି ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏହା ୨୦୩୫ ସୁଦ୍ଧା ୧.୮ ଟ୍ରିଲିୟନ ଡଲାର ଅର୍ଥାତ୍ ୧୫୪ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଯିବ। ତେଣୁ ଭାରତ ଏହି ପ୍ରତିଯୋଗିତାରେ ରହିବାକୁ ଚାହୁଁଛି। ଭାରତ ଗଗନଯାନ ଅଭିଯାନରେ ମହାକାଶକୁ ମନୁଷ୍ୟ ପଠାଇବ। ଏହା ସଫଳ ହେଲେ ରୁଷ, ଆମେରିକା ଏବଂ ଚୀନ୍ ପରେ ଭାରତ ଚତୁର୍ଥ ରାଷ୍ଟ୍ର ହୋଇଯିବ।

## ବକେୟା ବିବାଦ: ହରିୟାଣାରେ ଆୟୁଷ୍ମାନ ଚିକିତ୍ସା ବନ୍ଦ

ଚଣ୍ଡିଗଡ, ୨୪।୮ (ଏଜେନ୍ସି): ଗରିବ ଲୋକଙ୍କ ଚିକିତ୍ସା ପାଇଁ ଭାରତ ସରକାର 'ଆୟୁଷ୍ମାନ ଭାରତ' ଯୋଜନା ପ୍ରଚଳନ କରିଛନ୍ତି। ଏହା ଲୋକଙ୍କ ଆର୍ଥିକ ବୋଝକୁ କମ୍ କରିବ ବୋଲି କୁହାଯାଉଛି। କିନ୍ତୁ ଏହା ଏବେ ଗରିବଙ୍କୁ ଯନ୍ତ୍ରଣା ଦେବା ଆରମ୍ଭ କରିଛି। ହରିୟାଣାରୁ ଏହାର ଭୟଙ୍କର ଚିତ୍ର ସାମ୍ନାକୁ ଆସିଛି। ଘରୋଇ ହସ୍ପିଟାଲଗୁଡିକ ଗତ ୭ ତାରିଖରୁ ଆୟୁଷ୍ମାନ ଭାରତ କାର୍ଡ ଅଧୀନରେ ଚିକିତ୍ସା ଯୋଗାଇବା ବନ୍ଦ କରିଦେଇଛନ୍ତି। ଏହି ଯୋଜନା ବାବଦ ସରକାରଙ୍କ ଉପରେ ୪୯୦ କାଟି ଟଙ୍କା ବାମି ଥିବା ବେଳେ ସେମାନେ ଆଉ ଚିକିତ୍ସା କରିବାକୁ ମନା କରିଦେଇଛନ୍ତି। ସରକାର ବକେୟା ଅର୍ଥ ପଇଠ ନକରିବା ପର୍ଯ୍ୟନ୍ତ ଆୟୁଷ୍ମାନ ଚିକିତ୍ସା କରାଯିବ ନାହିଁ ବୋଲି ଇଣ୍ଡିଆନ ମେଡିକାଲ ଆସୋସିଏସନ (ଆଇଏମଏ)ର ହରିୟାଣା ଶାଖା ପକ୍ଷରୁ ଜଣାଇ ଦିଆଯାଇଛି।

**ପୁରୁଣା ବିଲ୍ ନ ଦେବା ଯାଏଁ ସେବା ଦିଆଯିବନି**

**ଚିକିତ୍ସା କରୁନାହାନ୍ତି ୬୫୦ ଘରୋଇ ହସ୍ପିଟାଲ**

ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟର ପ୍ରାୟ ୬୫୦ ଘରୋଇ ଡାକ୍ତରଖାନା ଏହି କାରଣରୁ ଆୟୁଷ୍ମାନ ଭାରତ ସେବାକୁ ବନ୍ଦ କରିଦେଇଛନ୍ତି। ଏଥିଯୋଗୁଁ ଦେଢ଼ କୋଟି ହିତାଧିକାରୀ ସେବା ପାଇବାରୁ ବଞ୍ଚିତ ହୋଇଛନ୍ତି। ଫଳରେ ରୋଗୀ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି ଏବଂ ସରକାରୀ ଡାକ୍ତରଖାନା ଗୁଡିକରେ ରୋଗୀଙ୍କ ପ୍ରବଳ ଗହଳି ଲାଗି ରହିଛି। ଆଇଏମଏ ସୂଚନା ଅନୁଯାୟୀ ସରକାରଙ୍କ ଉପରେ ୪୯୦ କୋଟି ଟଙ୍କା ବକେୟା ପଡ଼ିଛି। ଆଂଶିକ ଦେୟ ପ୍ରଦାନ ସତ୍ତ୍ୱେ ସେବା ଆରମ୍ଭ ହେବନାହିଁ। ସରକାରଙ୍କୁ ପୂରା ଅର୍ଥ ପଇଠ କରିବାକୁ ପଡ଼ିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ବକେୟା ଅର୍ଥ ଦାବି ।ାରେ ଆଇଏମଏ ସଦସ୍ୟମାନେ ରବିବାର ପାନିପଥରେ ଜୋରଦାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ଏବଂ ରୋଗୀଙ୍କୁ ସରକାର ଅବହେଳା କରୁଥିବା ଅଭିଯୋଗ ଲଗାଇଛନ୍ତି। ଆୟୁଷ୍ମାନ ଭାରତ ଦ୍ୱାରା ଲୋକେ କି ଘରୋଇ ଡାକ୍ତରଖାନା କେହି ଖୁସି ନାହାନ୍ତି। ପାରଦର୍ଶୀ ଦେୟ ବ୍ୟବସ୍ଥା ନ ଆଣିଲା ପର୍ଯ୍ୟନ୍ତ ଏହି ସେବା ଆରମ୍ଭ ହେବ ନାହିଁ। ଏହାକୁ ନେଇ ସରକାର ଡାକ୍ତରଖାନା ଗୁଡିକୁ ଉତ୍ପୀଡ଼ନ ଦେବା ବନ୍ଦ କରନ୍ତୁ।

ତେବେ ସ୍ୱାସ୍ଥ୍ୟମନ୍ତ୍ରୀ ଆରତି ରାଓ ଘରୋଇ ଡାକ୍ତରଖାନାଗୁଡିକର ଏଭଳି କାର୍ଯ୍ୟକୁ ନିନ୍ଦା କରିଛନ୍ତି। ଏହି ସମସ୍ୟାର ସମାଧାନ ଲାଗି ମୁଖ୍ୟମନ୍ତ୍ରୀ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସତ୍ତ୍ୱେ ବି ଡାକ୍ତରଖାନାଗୁଡିକ ସେବା ଆରମ୍ଭ କରିନାହାନ୍ତି। ଏଥିପାଇଁ ହଜାର ହଜାର ରୋଗୀ ହଇରାଣ ହେଉଛନ୍ତି।

## ପୂଜାଙ୍କୁ ମାରି ବିଜେପି ଆମକୁ ଜେଲ୍ ପଠାଇବ: ଅଖିଳେଶ

ଲକ୍ଷ୍ନୌ, ୨୪।୮ (ଏଜେନ୍ସି): ସମାଜବାଦୀ ପାର୍ଟି (ଏସ୍‌ପି) ମୁଖ୍ୟ ଅଖିଳେଶ ଯାଦବ ବିଜେପି ଉପରେ ବଡ଼ ଅଭିଯୋଗ ଲଗାଇଛନ୍ତି। ସେ ରବିବାର ଲକ୍ଷ୍ନୌରେ ସାମ୍ବାଦିକ ସମ୍ମିଳନୀ କରି କହିଛନ୍ତି ଯେ ବିଧାୟିକା ପୂଜା ପାଲ୍‌ଙ୍କୁ ବିଜେପ ମାରିଦେବ। କିନ୍ତୁ ଏହି ମାମଲାରେ ଆମକୁ ଜେଲ୍ ଯିବାକୁ ପଡ଼ିବ। ତେଣୁ କାହାଠାରୁ ପୂଜା ପାଲ୍‌ଙ୍କୁ ବିପଦ ଅଛି ତାହାର ଯାଞ୍ଚ ହେବା ଉଚିତ। ଉତ୍ତର ପ୍ରଦେଶ ସରକାରଙ୍କୁ ଭରସା କରିହେବ ନାହିଁ।ଅଖିଳେଶ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କୁ ଭେଟୁଥିବା ଲୋକ ପ୍ରତି ବିପଦ କେମିତି ବୁଝା ପଡୁନି। ଏହି ମାମଲାକୁ ନେଇ ଏସ୍‌ପି ମୁଖ୍ୟ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ମାମଲାର ଯାଞ୍ଚ ଦାବି କରିଛନ୍ତି। ଯେତେ ବର୍ଷ ପର୍ଯ୍ୟନ୍ତ ପୂଜା ଏସ୍‌ପିରେ ଥିଲେ ସେ ପର୍ଯ୍ୟନ୍ତ ତାଙ୍କ ପ୍ରତି କୌଣସି ବିପଦ ନ ଥିଲା। ଦୁଇ ଦିନ ତଳେ ପୂଜା ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଅଖିଳେଶଙ୍କ ବିରୋଧରେ ଅଭିଯୋଗ ଲଗାଇ ଥିଲେ। ଯଦି ମୋ ସ୍ୱାମୀଙ୍କ ପରି ମୋତେ ହତ୍ୟା କରାଯାଏ ତେବେ ଏହାର ଦୋଷୀ ଏସ୍‌ପି ଏବଂ ଅଖିଳେଶ ଯାଦବଙ୍କୁ ଧରାଯାଉ। ସୂଚନାଯୋଗ୍ୟ ଯେ ମାଫିଆ ଅତିକ ମହମ୍ମଦକୁ ମାଟିରେ ମିଶାଇବାକୁ ନେଇ ବିଧାନସଭାରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ପ୍ରଶଂସା କରିବାର ୮ ଘଣ୍ଟା ପରେ ଗତ ୧୪ ତାରିଖରେ ଅଖିଳେଶ ପୂଜାଙ୍କୁ ଦଳରୁ ବହିଷ୍କାର କରିଥିଲେ।

## 'ବିନା ରକ୍ତପାତରେ କ୍ଷମତା ପରିବର୍ତ୍ତନ'

ନୂଆଦିଲ୍ଲୀ, ୨୪।୮ (ଏଜେନ୍ସି): ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ରବିବାର ଦିଲ୍ଲୀରେ ବିଧାନସଭାରେ ଆୟୋଜିତ 'ସର୍ବ ଭାରତୀୟ ବାଚସ୍ପତି ସମ୍ମିଳନୀ'କୁ ଉଦ୍‌ଘାଟନ କରିଛନ୍ତି। ଏହା ଦୁଇ ଦିନ ପର୍ଯ୍ୟନ୍ତ ଚାଲିବ। ୨୯ ରାଜ୍ୟର ବାଚସ୍ପତି

**ଦିଲ୍ଲୀରେ ବାଚସ୍ପତିଙ୍କ ସମ୍ମିଳନୀ**



ଏବଂ ୬ ରାଜ୍ୟର ବିଧାନ ପରିଷଦ ସଭାପତି ଓ ଉପସଭାପତି ଏଥିରେ ସାମିଲ ହୋଇଛନ୍ତି। ଏହି ସମ୍ମିଳନୀରେ ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂହ, ଲୋକସଭାର ପୂର୍ବତନ ବାଚସ୍ପତି ମୀରା କୁମାର ଏବଂ ଅନେକ କେନ୍ଦ୍ରମନ୍ତ୍ରୀ ମନ୍ତ୍ରୀ ମଧ୍ୟ ସାମିଲ ହେବେ। ଦିଲ୍ଲୀ ବାଚସ୍ପତି ବିଜେନ୍ଦ୍ର ଗୁପ୍ତା କହିଥିଲେ ଯେ ୧୯୨୫ ଅଗଷ୍ଟ ୨୪ରେ ବିଠଲଭାଇ ପଟେଲ ସେଣ୍ଟ୍ରାଲ ଆସେମ୍ବଲିର ପ୍ରଥମ ଭାରତୀୟ ବାଚସ୍ପତି ନିର୍ବାଚିତ ହୋଇଥିଲେ। ଏହାର ଶହେ ବର୍ଷ ପୂର୍ତ୍ତି ଅବସରରେ ଏହି ସମ୍ମିଳନୀ ଆୟୋଜିତ ହୋଇଛି। ସମ୍ବୋଧନ କରି ଶାହା କହିଛନ୍ତି ଯେ ଦେଶ ସ୍ୱାଧୀନ ହେବା ପରେ କିଛି ଲୋକ ଭାରତର ଉପହାସ କରିଥିଲେ। ଏମାନେ କେମିତି ଦେଶ ଚଳାଇବେ ବୋଲି କହିଥିଲେ। କିନ୍ତୁ ଭାରତ ୮୦ ବର୍ଷ ହେଲା ଗଣତନ୍ତ୍ରର ମୂଳଦୁଆକୁ ଅଧିକ ମଜବୁତ କରିଛି।

### ପିଏମ, ସିଏମ୍‌ଙ୍କୁ ବହିଷ୍କାର ବିଲ୍

## ଜେପିସିରେ ସାମିଲ ହେବେନି ତିନି ଦଳ

ନୂଆଦିଲ୍ଲୀ, ୨୪।୮ (ଏଜେନ୍ସି): ଗିରଫ ହୋଇ ୩୦ ଦିନ ହେପାଜତ ରହିଲେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀମାନଙ୍କୁ ହଟାଇବା ପାଇଁ କେନ୍ଦ୍ର ଆଣିଥିବା ବିଲ୍‌କୁ ଯୁଗ୍ମ ସଂସଦୀୟ କମିଟି (ଜେପିସି)କୁ ପଠାଇ ଦିଆଯାଇଛି। ତେବେ ବିରୋଧୀ ଦଳଗୁଡିକ ଏହି ବିଲ୍‌କୁ ବିରୋଧ କରି ଜେପିସିକୁ ବର୍ଜନ କରୁଛନ୍ତି। ଏ ପର୍ଯ୍ୟନ୍ତ ପଶ୍ଚିମବଙ୍ଗ ଟିଏମ୍‌ସି, ସମାଜବାଦୀ ପାର୍ଟି (ଏସ୍‌ପି) ଏବଂ ଆମ ଆଦମୀ ପାର୍ଟି (ଆପ୍) ଜେପିସି କମିଟିରେ ସାମିଲ ହେବେନି ବୋଲି ଘୋଷଣା କରିସାରିଛନ୍ତି। ଅଣ-ବିଜେପି ଶାସିତ ରାଜ୍ୟର ସରକାରଙ୍କୁ ଭୁଶୁଡ଼ାଇବା ପାଇଁ ଏହି ବିଲ୍ ଅଣାଯାଇଛି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି। ଟିଏମସି ରାଜ୍ୟସଭା ସାଂସଦ ଡେରେକ ଓ' ବ୍ରାଇନ ଜେପିସିକୁ ମୂଲ୍ୟହୀନ କହିଛନ୍ତି। ଆପ୍ ସାଂସଦ ସଞ୍ଜୟ ସିଂହ କହିଛନ୍ତି ଯେ ଦୁର୍ନୀତିଗ୍ରସ୍ତଙ୍କ ନେତା ଦୁର୍ନୀତି ବିରୋଧୀ ବିଲ୍ କେମିତି ଆଣିପାରିବେ? ଜାଲ୍ ମାମଲାରେ ଫସାଇ ନେତାଙ୍କୁ ଗିରଫ କରି ସରକାର ଭୁଶୁଡ଼ାଇବା ଏହି ବିଲ୍‌ର ଉଦ୍ଦେଶ୍ୟ।


### ରାହୁଲଙ୍କ ଭୋଟର ଅଧିକାର ଯାତ୍ରା

## ଏସ୍‌ଆଇଆର୍ ଭୋଟ ଚୋରିର ମାଧ୍ୟମ

ପାଟନା, ୨୪।୮ (ଏଜେନ୍ସି): ସ୍ୱତନ୍ତ୍ର ଭୋଟର ଯାଞ୍ଚ ତଥା ଏସ୍‌ଆଇଆରକୁ ବିରୋଧ କରି ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଆରମ୍ଭ କରିଥିବା 'ଭୋଟର ଅଧିକାର ଯାତ୍ରା' ଅଷ୍ଟମ ଦିନରେ ଅରରିଆରେ ପହଞ୍ଚିଛି। ଏଠାରେ ଆରଜେଡି ନେତା ତେଜସ୍ୱୀ ଯାଦବଙ୍କ ସହ ରାହୁଲ ବାଇକ ଚଳାଇ ଯାତ୍ରାରେ ବାହାରିଥିବା ଦେଖାଯାଇଛି। ଏହି ଯାତ୍ରାରେ ବିରୋଧୀ ମେଣ୍ଟ ଇଣ୍ଡିଆର ଅନ୍ୟ ସଦସ୍ୟ ମଧ୍ୟ ସାମିଲ ହୋଇଛନ୍ତି। ଏଠାରେ ତେଜସ୍ୱୀଙ୍କ ସହ ସାମ୍ବାଦିକ ସମ୍ମିଳନୀ କରି ରାହୁଲ ପୁଣି ନିର୍ବାଚନ କମିଶନ (ଇସି)ଙ୍କୁ ନିଶାଣ କରିଛନ୍ତି। ଇସି ଭୋଟ ଚୋରି କରିବା ପାଇଁ ଏସ୍‌ଆଇଆର ଆରମ୍ଭ କରିଛନ୍ତି। ଏହାକୁ ସଂସ୍ଥାଗତ ବନାଇବାକୁ ପ୍ରୟାସ ହେଉଛି। ଲକ୍ଷ ଲକ୍ଷ ଭୋଟରଙ୍କ ନାମ ହଟାଇ ଦିଆଯାଇଛି। ଇସି ବିଜେପି ପାଇଁ କାମ କରୁଛନ୍ତି। ବିରୋଧୀ ଅଭିଯୋଗ କରି ଚାଲିଥିବାବେଳେ ବିଜେପି ଏ ପର୍ଯ୍ୟନ୍ତ ମୁହଁ ଖୋଲୁନାହିଁ। କାରଣ ବିଜେପି ଏବଂ ଇସିଙ୍କ ମଧ୍ୟରେ ଭାଗିଦାରୀ ହୋଇଯାଇଛି।

## ଯୌତୁକ ଜୁଇରେ ଦିନକୁ ଯାଉଛି ୨୦ ମହିଳାଙ୍କ ଜୀବନ

ନୂଆଦିଲ୍ଲୀ, ୨୪।୮ (ଏଜେନ୍ସି):



ଉତ୍ତର ପ୍ରଦେଶ ଗ୍ରେଟର ନୋଏଡ଼ାର ନିକ୍କି ହତ୍ୟାକାଣ୍ଡ ସାରା ଦେଶକୁ ବିଚଳିତ କରିଦେଇଛି। ଅଧିକ ଯୌତୁକ ପାଇଁ ପେଟ୍ରୋଲ ପକାଇ ସ୍ୱାମୀ ଏବଂ ଶାଶୁ-ଶ୍ୱଶୁର ତାଙ୍କୁ ନିଆଁ ଲଗାଇ ହତ୍ୟା କରିଥିଲେ। ଏବେ ସମସ୍ତେ ନିକ୍କିଙ୍କ ପାଇଁ ନ୍ୟାୟ ମାଗୁଛନ୍ତି। ଏହି ଘଟଣା ସାରା ଦେଶକୁ ଲଜ୍ଜିତ କରିଦେଇଛି। କିନ୍ତୁ ପୁଅ ଆଗରେ ମାଆକୁ ମାରିଥିବା ପିଶାଚ ସ୍ୱାମୀ ପଶ୍ଚାତାପ କରିବାକୁ ମଧ୍ୟ ଉଚିତ ମଣିନାହିଁ। ଏପରି ସମୟରେ ସାଂଘାତିକ ତଥ୍ୟ ସାମ୍ନାକୁ ଆସିଛି। ନିଜକୁ ଆଧୁନିକ କହି ଗର୍ବ କରୁଥିବା ଭାରତୀୟ ସମାଜରେ ଯୌତୁକ ଜନିତ ବଧୂ ହତ୍ୟା ବ୍ୟାଧି ଭଳି ବ୍ୟାପିବାରେ ଲାଗିଛି। ଯୌତୁକର ଲୋଭ ମନୁଷ୍ୟକୁ ପଶୁବତ୍ କରିଦେଉଛି। ଏଥିପାଇଁ ରାକ୍ଷସ ପାଲଟି ମହିଳାଙ୍କ ଜୀବନ ନେବାକୁ ମଧ୍ୟ ପଛାଉ ନାହାନ୍ତି। ସରକାରୀ ତଥ୍ୟ ଅନୁଯାୟୀ ଦେଶରେ ପ୍ରତ୍ୟେକ ଦିନ ଯୌତୁକ ଯୋଗୁଁ ୨୦ ମହିଳାଙ୍କ ମୃତ୍ୟୁ ହେଉଛି।

ଗତ ୨୨ ବର୍ଷ ମଧ୍ୟରେ ଯୌତୁକ ନାମରେ ୧.୮ ଲକ୍ଷ ମହିଳାଙ୍କୁ ହତ୍ୟା କରାଯାଇଛି। ୨୦୧୮ରୁ ୨୦୨୧ ମଧ୍ୟରେ ୩୪, ୪୯୩ ମହିଳାଙ୍କୁ ମାରି ଦିଆଯାଇଛି। କେବଳ ୨୦୨୨ରେ ୬, ୪୫୦ ମହିଳାଙ୍କୁ ହତ୍ୟା କରାଯାଇଥିଲା। ଉତ୍ତର ପ୍ରଦେଶରୁ ସର୍ବାଧିକ ଯୌତୁକ ମାମଲା ସାମ୍ନାକୁ ଆସିଛି। ୟୁପିରେ ଯୌତୁକ ଯୋଗୁଁ ୧୧, ୮୭୪ ମହିଳାଙ୍କ ଜୀବନ ଯାଇଛି। ସେହିପରି ବିହାରରେ ୫,୩୫୪, ମଧ୍ୟପ୍ରଦେଶରେ ୨, ୮୫୯, ପଶ୍ଚିମବଙ୍ଗରେ ୨, ୩୮୯ ଏବଂ ରାଜସ୍ଥାନରେ ୨,୨୪୪ ମହିଳା ଯୌତୁକ ଯୋଗୁଁ ଜୀବନ ହରାଇଛନ୍ତି। ୨୦୨୪ରେ ମହିଳା ବିରୋଧୀ ଅପରାଧକୁ ନେଇ ୨୫, ୭୪୩ ଅଭିଯୋଗ ରୁଜୁ ହୋଇଥିଲା। ଏଥିରେ ସର୍ବାଧିକ ୨୪ ପ୍ରତିଶତ ତଥା ୬, ୨୩୭ ମାମଲା ଘରୋଇ ହିଂସାର ଥିଲା। ସେହିପରି ଯୌତୁକ ଉତ୍ପୀଡ଼ନର ୧୭ ପ୍ରତିଶତ ଅର୍ଥାତ୍ ୪, ୩୮୩ ମାମଲା ରେକର୍ଡ କରାଯାଇଥିଲା।







ଉତ୍ତର ଓଡ଼ିଶାରେ ବର୍ଷା ବିପ୍ରାତ: କୂଳ ଲଘିଂଲା ସୁବର୍ଣ୍ଣରେଖା-ବୁଢ଼ାବଳଙ୍ଗ-ବୈତରଣୀ

# ସୁବର୍ଣ୍ଣରେଖାରେ ଷଷ୍ଠ ବନ୍ୟା

## ଉତ୍ତର ବାଲେଶ୍ୱରର ୮୦ ଗାଁରେ ପଶିଲା ପାଣି

ବାଲେଶ୍ୱର(ଉତ୍ତର)/ଭୋଗରାଇ, ୨୪।୮(ସମିସ): ଚଳିତବର୍ଷ ସୁବର୍ଣ୍ଣରେଖାରେ ଷଷ୍ଠଥର ବନ୍ୟା ଆସିଛି। ଆଜି ସଂଧ୍ୟା ସୁଦ୍ଧା ଜଳେଶ୍ୱର, ବାଲିଆପାଳ ଓ ଭୋଗରାଇ ବ୍ଲକର ପ୍ରାୟ ୮୦ରୁ ଅଧିକ ଗାଁରେ ବନ୍ୟା ପାଣି ପ୍ରବେଶ କରି ସାରିଥିବା ବେଳେ ଧୀରେଧୀରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଫଳରେ ଲୋକଙ୍କ ଦୁର୍ଦ୍ଦଶା ବଢ଼ିଛି। ଅପରପକ୍ଷେ, ଏହି ବନ୍ୟା ଯୋଗୁଁ ହେକ୍ଟର ହେକ୍ଟର୍ ଜମିରେ ହୋଇଥିବା ଧାନ ଚାଷ ନଷ୍ଟ ହେବାର ଆଶଙ୍କା ସୃଷ୍ଟି ହୋଇଛି।

ସୂଚନାନୁଯାୟୀ, ଉପରମୁଣ୍ଡରେ ଲଗାଣ ବର୍ଷା ସାଙ୍ଗକୁ ଝାଡ଼ଖଣ୍ଡ ଗାଲୁଡ଼ିହି ଜଳଭଣ୍ଡାର ଗତକାଲିଠାରୁ ୧୩ଟି ଗେଟ୍ ଖୋଲା ରଖିଛି। ଏଥିଯୋଗୁଁ ଘଣ୍ଟାକୁ ୫୧୬୯.୦୯ କ୍ୟୁସେକ୍ ଜଳ ନିଷ୍କାସିତ ହେଉଥିବାରୁ ସୁବର୍ଣ୍ଣରେଖା କୂଳ ଲଘିଂବାରେ ଲାଗିଛି। ରାଜଘାଟଠାରେ ଆଜି ଏହା ବିପଦ ସଂକେତ (୧୦.୩୬ ମିଟର) ଉପରେ ପ୍ରବାହିତ ହେଉଛି। ମିଳିଥିବା ସୂଚନାନୁଯାୟୀ, ସଂଧ୍ୟା ପ୍ରାୟ ୭ଟା ସୁଦ୍ଧା ଜଳସ୍ତର ୧୧.୨୦ ମିଟର ଉପରେ ପ୍ରବାହିତ ହେଉଛି। ଫଳରେ ଉତ୍ତରବାଲେଶ୍ୱରର ଭୋଗରାଇ, ବାଲିଆପାଳ, ଜଳେଶ୍ୱର ବ୍ଲକର ୮୦ରୁ ଅଧିକ ଗ୍ରାମ ସହ ବସ୍ତା ବ୍ଲକର କେତେକ ଗ୍ରାମରେ ବନ୍ୟା ପାଣି ପ୍ରବେଶ କରିଛି।

ଆଜି ଅପରାହ୍ଣ ସୁଦ୍ଧା ବାଲିଆପାଳ ବ୍ଲକ ବିଷ୍ଣୁପୁର ପଞ୍ଚାୟତ ରସଲପୁର, ବିଷ୍ଣୁପୁର, ବାଲିଆପାଳ ପଞ୍ଚାୟତର କୁଦମାନସିଂ, ଜାମକୁଣ୍ଡା ପଞ୍ଚାୟତର ନଖପାଳ, କୁହ୍ଲାଚଡ, ତାଳପଦା, ପାଳଜାମକୁଣ୍ଡା, ମଧୁପୁରା ପଞ୍ଚାୟତର ଚଡ଼ବସ୍ତି, କାଳରୁହି, ପଞ୍ଚୁରୁଖୀ, ମଧୁପୁରା, ଚୌଧୁରୀକୁଦ, ନିଖିରା ପଞ୍ଚାୟତର ପାଳବେଗୁନିଆ, କୁମ୍ଭାରୀ ପଞ୍ଚାୟତର ଗୁଆପଡା ଇତ୍ୟାଦି ଗାଁରେ ବନ୍ୟାଜଳ ପ୍ରବେଶ କରିଥିଲା ବେଳେ ଜଳେଶ୍ୱର ବ୍ଲକ୍‌ର ରାୟ ରାମଚନ୍ଦ୍ରପୁର, ପଶ୍ଚିମବାର୍ଡ, ଝାଡ଼ପିପଳ, ପାଇକସିଦା, ଗଡ଼ସାହି ବାଲିଆପାଳ, ତୋଟାପଡ଼ା ଇତ୍ୟାଦି ଗାଁରେ ବନ୍ୟାଜଳ ପ୍ରବେଶ କରିଛି।

ଭୋଗରାଇ ବ୍ଲକ୍‌ର ଆରୁହାବୃତି-୧ ପଞ୍ଚାୟତର ମନୁନଗର, ନଥିପୁର, ଆରୁହାବୃତ୍ତି, ବାରବାଟିଆ, ହରିଣକୁଳି, ଖରିଦପିପଳ ପଞ୍ଚାୟତର ଆରୁହାବୃତ୍ତି-୨, ଖରିଦପିପଳ, ଦହମୁଣ୍ଡା, ନାଚିନ୍ଦା ପଞ୍ଚାୟତର ମହମ୍ମଦପୁର, ଜଳଧା, ବାଗ, ଖରିଦଚକ, ରଘୁଚକ, ନିଶ୍ଚିନ୍ତଡିହା, ନାଚିନ୍ଦା, ଡେଉଁର, କୁସୁଡ଼ା ପଞ୍ଚାୟତର ଗୁଜଡିହା, କୁସୁଡ଼ା, ଚକ ଗୁଜଡିହା, ଗବଗାଁ ପଞ୍ଚାୟତର ଚିରକୁଲା, ଗବଗାଁ, କୃଷ୍ଣପୁର, ଦୋବାଡ଼ିଆ, କୁମ୍ଭୀରଗଡ଼ି ପଞ୍ଚାୟତର ବାଉଁସଖଣା, କୁହ୍ଲା, ଅଡ଼ଙ୍ଗପନ୍ତେଇ, କୁମ୍ଭୀରଗଡ଼ି, ଜୟରାମପୁର ପଞ୍ଚାୟତର ଖଡ଼ିକାବାଡ଼ି, ଠାକୁର ଭଉଁରୀ, କାଠକଟା, ନାନକାର ଇତ୍ୟାଦି ଗାଁ ସହ ପୁଟିଣା, ଦାରୁହା, କଟୁଆଡ଼ି,କୁଳିଦା, ମହାଗବ ଇତ୍ୟାଦି ପଞ୍ଚାୟତର ବହୁ ଗାଁ ଏବେ ଜଳବନ୍ଦୀ ହୋଇଛି। ଆସନ୍ତା କାଲି ଆହୁରି ଅନେକ ଗାଁ ଜଳମଗ୍ନ ହେବ ବୋଲି ଆଶଙ୍କା କରାଯାଉଛି।

ଏହାକୁ ମିଶାଇ ଗତ ଜୁଲାଇରୁ ଏଯାବତ୍ ୬ଥର ବନ୍ୟା ଆସିବା ଫଳରେ ଏହି ସବୁ ଅଞ୍ଚଳର ଲୋକଙ୍କ ଦୁଃଖ ଦୁର୍ଦ୍ଦଶାକୁ ବଢ଼ିଯାଇଛି। ପୂର୍ବ ବନ୍ୟାରେ ଜମିରେ ଧାନ ତଳି ପଚି ନଷ୍ଟ ହୋଇଥିବା ବେଳେ ଚାଷୀମାନେ ଅନ୍ୟ ସ୍ଥାନରୁ ବଳକା ଧାନ ତଳି କିଣି ଆଣି ନିଜ ଜମିରେ ଧାନ ରୋଇଥିବା ବେଳେ ପୁଣି ଏହି ବନ୍ୟା ଚାଷୀକୁଳଙ୍କ ମେରୁଦଣ୍ଡକୁ ଦୋହଲାଇ ଦେଇଛି।

ଅନ୍ୟପକ୍ଷରେ ବନ୍ୟା ମୁକାବିଲା ପାଇଁ ପ୍ରଶାସନ ତତ୍ପର ହୋଇଛି। ସୁବର୍ଣ୍ଣରେଖାର ଉଭୟ ପାର୍ଶ୍ୱରେ ଥିବା ଦୁର୍ବଳ ନଦୀବନ୍ଧରେ ବାଲିବସ୍ତା ପକାଇ ଜଗିବାକୁ ସେଚ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ନବକୁମାର ମହାଳିକ ବିଭାଗୀୟ କର୍ମଚାରୀଙ୍କୁ ପରାମର୍ଶ ଦେଇଛନ୍ତି। ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରିୟବ୍ରତ ସିଂ, ବସନ୍ତ କୁମାର ବେହେରା, ସହକାରୀ ଯନ୍ତ୍ରୀ ପ୍ରମଥ କୁମାର ଦେ, ଡାକ୍ତରସିଂ, କନିଷ୍ଠ ଯନ୍ତ୍ରୀ ଚିତ୍ତରଞ୍ଜନ ଶିଅଳ ସହ ସେଚ କର୍ମଚାରୀ ନଦୀ ବନ୍ଧରେ ୨୪ଘଣ୍ଟିଆ ପହରା ଦେଉଥିବାର ସୂଚନା ମିଳିଛି। ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଭିସି ମାଧ୍ୟମରେ ତହସିଲଦାର, ବିଡିଓ ଓ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ ଜରୁରୀ ସମୀକ୍ଷା ବୈଠକ କରିଛନ୍ତି। ବର୍ତ୍ତମାନ ୨୨ଟି ଏସଆରସି ବୋଟ ନିୟୋଜିତ ହୋଇଥିବା ବେଳେ ଦୁଇଟି ଓଡ୍ରାଫ ଦଳ ମଧ୍ୟ ନିୟୋଜିତ ହୋଇଛନ୍ତି। ଏଥିସହ ଜିଲ୍ଲା ପ୍ରଶାସନ ବନ୍ୟା ମୁକାବିଲା ନିମନ୍ତେ ସଜାଗ ରହିବା ସହ ଉଦ୍ଧାର ପାଇଁ ଦେଶୀ ଡଙ୍ଗା, ଏନଡିଆରଏଫ ଓ ଅଗ୍ନିଶମ ବିଭାଗକୁ ନିୟୋଜିତ କରାଯାଇଛି।

### ଫୁଲୁଛି ବୁଢ଼ାବଳଙ୍ଗ

ବାଲେଶ୍ୱର, ୨୪।୮ (ସମିସ): ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ଜିଲ୍ଲାରେ ପ୍ରବାହିତ ଅନ୍ୟତମ ନଦୀ ବୁଢ଼ାବଳଙ୍ଗର ଜଳସ୍ତର କ୍ରମଶଃ ବୃଦ୍ଧି ପାଉଛି। ଉପରମୁଣ୍ଡରୁ ଆଜି ରାତି ସୁଦ୍ଧା ପାଣି ବଢ଼ିଲେ ନଦୀରେ ବନ୍ୟା ହେବାର ଆଶଙ୍କା ସୃଷ୍ଟି ହୋଇଛି। ଏଭଳି ସ୍ଥିତି ହେଲେ ସଦର ବ୍ଲକର ବିଭିନ୍ନ ପଞ୍ଚାୟତରେ ପାଖାପାଖି ୧୦ହଜାର ଲୋକେ ପ୍ରଭାବିତ ହେବାର ଆଶଙ୍କା ମଧ୍ୟ ରହିଛି। ଗତ ଶନିବାର ଜିଲ୍ଲାରେ ୨୮.୫୮ ପ୍ରତିଶତ ହାରରେ ମୋଟ ୩୩୯ମିମି ବର୍ଷା ରେକର୍ଡ କରାଯାଇଥିବା ବେଳେ ରବିବାର ୧୪.୧୭ ପ୍ରତିଶତ ହାରରେ ମୋଟ ୧୭୦ମିମି ବର୍ଷାର ପରିମାଣ ରେକର୍ଡ କରାଯାଇଛି। ବୁଢ଼ାବଳଙ୍ଗ ନଦୀର ଜଳସ୍ତର ସାମାନ୍ୟ ବୃଦ୍ଧି ପାଉଥିବା ବେଳେ ରାତିରେ ବର୍ଷା ହେଲେ ଅଧିକ ଜଳସ୍ତର ବୃଦ୍ଧି ହେବାର ସମ୍ଭାବନା ରହିଛି। ସଦର ବିଡିଓ ଉତ୍ତମ ଜେନା କହିଛନ୍ତି ଯେ ବୁଢ଼ାବଳଙ୍ଗର ଜଳସ୍ତର ବୃଦ୍ଧି ପାଉଥିଲେ ହେଁ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା କମ୍ ରହିଛି। ବନ୍ୟା ହେଲେ ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ସଜାଗ ରହିଛି। ଆବଶ୍ୟକସ୍ଥଳେ ଲୋକମାନଙ୍କୁ ସ୍ଥାନାନ୍ତର ମଧ୍ୟ କରାଯିବ। ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ଶୁଖିଲା ଖାଦ୍ୟ ସାଙ୍ଗକୁ ବାତ୍ୟା ଆଶ୍ରୟସ୍ଥଳ ସହ ଲୋକମାନଙ୍କୁ ଉଦ୍ଧାର କରିବା ପାଇଁ ବୋଟ୍‌ଠାରୁ ଆରମ୍ଭ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି।

# ଅବିଶ୍ରାନ୍ତ ବର୍ଷା; କେନ୍ଦୁଝରରେ ସ୍ଥିତି ବେହାଲ

## ମାଟିରେ ମିଶିଲା ୧୬ ଘର



ତୁରୁମୁଙ୍ଗା, ୨୪।୮(ସମିସ): ଲଗାଣ ବର୍ଷା ଯୋଗୁଁ କେନ୍ଦୁଝରରେ ସ୍ଥିତି ବେହାଲ ହୋଇପଡ଼ିଛି। ଶନିବାର ରାତିସାରା ବର୍ଷା ଯୋଗୁଁ ପାଟଣା ବ୍ଲକ ଅଞ୍ଚଳର ଦେଇ ବୋହି ଯାଇଥିବା ନଦୀନାଳର ଜଳସ୍ରୋତ ବୃଦ୍ଧି ପାଇବାରେ ଲାଗିଛି। ରବିବାର ସକାଳୁ ଚିନାମାଳିପଶି ପଞ୍ଚାୟତ ନୂଆପଡ଼ା ସୀତାନାଳର ରାସ୍ତା ଉପରେ ୪ ଫୁଟର ବନ୍ୟାଜଳ ପ୍ରବାହିତ ଯୋଗୁଁ ଉକ୍ତ ରାସ୍ତାରେ ଗାଡି ମୋଟର ଚଳାଚଳରେ ବ୍ୟାହତ ସୃଷ୍ଟି ହେବା ସହ ଢେଙ୍କିକୋଟରୁ ଭୀମକୁଣ୍ଡ ଅଞ୍ଚଳକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ସେହିପରି ସାହାରପଡା ବ୍ଲକ କୁମୁଲାବାହାଳିର ତେଲ ନଦୀ ପୋଲ ଉପରେ ୪ ଫୁଟର ବନ୍ୟାଜଳ ପ୍ରବାହିତ ହେଉଛି। ଫଳରେ ମୟୂରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡା ଅଞ୍ଚଳକୁ ଯୋଗାଯୋଗ ସମ୍ପୂର୍ଣ୍ଣ ଭାବରେ ବିଚ୍ଛିନ୍ନ ହୋଇଯାଇଛି।

ଅନ୍ୟପଟେ, ପାଟଣା ଓ ସାହାରପଡା ବ୍ଲକ ଅଞ୍ଚଳରେ ୧୬ଟି ଘର ଭାଙ୍ଗିଥିବା ଜଣାପଡ଼ିଛି। ଟାଙ୍ଗରପଡା ଆରଆଇ ସର୍କଲର ଗାଲଫୁଲା ଗ୍ରାମର ରତ୍ନାମଣି ନାଏକ, କୀର୍ତ୍ତନ ନାଏକ ଏବଂ ଯାତ୍ରୀ ନାଏକଙ୍କ ଘର ଭାଙ୍ଗିବା ସହ ତୁରୁମୁଙ୍ଗା ଆରଆଇ ସର୍କଲ ବୁଢ଼ୀକାପୁଡି ଗ୍ରାମର ଯମୁନା ନାଏକ, ନୀଳମଣି ମହାନ୍ତଙ୍କ ଘର ଭାଙ୍ଗିଛି। ଡୁମୁରିଆ ଆରଆଇ ସର୍କଲର ଚିନାମାଳିପଶି ଗ୍ରାମର ସୀତା ନାଏକ, ନୂଆପଡା ଗ୍ରାମର ସହଦେବ ଟୁଡୁ, ମଥୁରା ମାଝୀ, କୈକେୟୀ ନାଏକଙ୍କ ଘର ଭାଙ୍ଗିବା ସହ ବଡ଼ପାଟଣା ପଞ୍ଚାୟତ ସ୍ୱାମନାଏକ ସାହିର ଶ୍ରୀକାନ୍ତ ନାଏକଙ୍କ ରୋଷେଇ ଘର ସଂପୂର୍ଣ୍ଣ ଭାଙ୍ଗିଯାଇଛି। ସୁଶୀଲ ନାଏକଙ୍କ ଘର କାନ୍ଥ ଭାଙ୍ଗି ଯାଇଥିବା ବେଳେ ରାହାସନାଏକଙ୍କ ଗୁହାଳଘରକାନ୍ଥ ଭାଙ୍ଗିଯାଇଛି। ସେହିପରି ସାହାରପଡା ବ୍ଲକ ତେଣ୍ଡରା ଆରଆଇ ସର୍କଲରେ ୫ଟି ଘର ଭାଙ୍ଗିଛି। ତୁରନ୍ତ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ବୈତରଣୀରେ ଆସିପାରେ ବଡ଼ ବନ୍ୟା

ଆନନ୍ଦପୁର, ୨୪।୮(ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁରଠାରେ ବୈତରଣୀ ନଦୀର ଜଳସ୍ତର ବୃଦ୍ଧି ପାଇ ଚଳିତ ବର୍ଷ ତୃତୀୟଥର ପାଇଁ ବନ୍ୟା ସୃଷ୍ଟି କରିଛି। ରବିବାର ରାତି ୮ଟା ସୁଦ୍ଧା ବିପଦସଂକେତ ଅତିକ୍ରମ କରି ୩୮.୭୬୦ ମିଟରରେ ବନ୍ୟାଜଳ ପ୍ରବାହିତ ହେଉଥିବା କେନ୍ଦ୍ରୀୟ ଜଳ ଆୟୋଗ ବିଭାଗ ପକ୍ଷରୁ ସୂଚନା ମିଳିଛି। ନଦୀକୂଳ ଗ୍ରାମବାସୀଙ୍କ ପ୍ରତି ବିପଦ ଥିବାରୁ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା ଆଜି ବନ୍ୟାଞ୍ଚଳ ପରିଦର୍ଶନ କରି ବିଭାଗୀୟ ଅଧିକାରୀଙ୍କୁ ମୁତୟନ କରିଛନ୍ତି। ହେଲେ ସମ୍ଭାବ୍ୟ ବନ୍ୟା ମୁକାବିଲା ପାଇଁ ଥିବା ବୋଟ ଅଚଳ ହୋଇପଡ଼ିଛି।



ବ୍ୟାରେଜର ୮ଟି ଗେଟ୍ ଖୋଲାଯିବା ପରେ ବୈତରଣୀ ନଦୀରେ ଜଳପତନ ବୃଦ୍ଧି ପାଇଛି। ୪ ଦିନ ମଧ୍ୟରେ ଆନନ୍ଦପୁର ଚମ୍ପୁଆ ସ୍ୱାମପାଟଣା ରେମାଳ ଠାକୁରମୁଣ୍ଡାରେ ଲଗାଣ ବର୍ଷା ହୋଇଥିବା ରେକର୍ଡ ହୋଇଛି। ଆନନ୍ଦପୁରଠାରେ ବୈତରଣୀ ନଦୀର ବିପଦସଂକେତ ୩୭.୩୬୦ ମିଲିମିଟର ଥିବା ବେଳେ ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଶାସନ ତରଫରୁ ତଳିଆ ଅଞ୍ଚଳର ଲୋକଙ୍କୁ ସତର୍କ କରାଯାଇଥିବା ପ୍ରଶାସନ ତରଫରୁ ସୂଚନା ମିଳିଛି। ଆଗକୁ ବର୍ଷା ଜାରି ରହିଲେ ବୈତରଣୀରେ ବଡ଼ଧରଣର ବନ୍ୟା ପରିସ୍ଥିତି ଉପୁଜିବା ଆଶଙ୍କା ରହିଛି।

### ପୂର୍ବ ଶତ୍ରୁତା ନା ଡାହାଣୀ ସନ୍ଦେହ

# ଘରେ ପଶି ମହିଳାଙ୍କ ଗଣ୍ଡି-ମୁଣ୍ଡ ଅଲଗା କରିଦେଲା

ରାଇରଙ୍ଗପୁର/ବହଳଦା,୨୪।୮ (ସମିସ): ମୟୂରଭଞ୍ଜ ଜିଲ୍ଲା ସୀମାନ୍ତ ତିରିଂ ଥାନା ଅଧୀନ ଦେଓଗାଁରେ ଶନିବାର ରାତିରେ ଜଣେ ମହିଳାଙ୍କୁ ଅତି ବୀଭତ୍ସ ଭାବେ ହତ୍ୟା କରାଯାଇଛି। ମୃତ ମହିଳା ହେଲେ, ଗାଁର ମୋଠାଇ ଗୋଇପାଇଙ୍କ ସ୍ତ୍ରୀ ସୁହାଗି ଗୋଇପାଇ (୩୫)। କେହି ଦୁର୍ବୃତ୍ତ କୌଣସି ଏକ ଧାରୁଆ ଅସ୍ତ୍ରରେ ତାଙ୍କ ଗଣ୍ଡିରୁ ମୁଣ୍ଡ ଅଲଗା କରିଦେଇଛି। ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯଦୁନାଥ ଯେନା, ଏସ୍‌ଡିପିଓ ଗୋକୁଳାନନ୍ଦ ସାହୁ, ତିରିଂ ଥାନାଧିକାରୀ ପ୍ରଶାନ୍ତ ଜେନା ପ୍ରମୁଖ ସାଇଣ୍ଟିଫିକ ଟିମ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ପୁଲିସ୍ ଏନେଇ ଏକ ହତ୍ୟା ମାମଲା ରୁଜୁ କରିଛି। ପୂର୍ବ ଶତ୍ରୁତା କିମ୍ବା ଡାହାଣୀ ସନ୍ଦେହରେ ସୁହାଗିଙ୍କୁ କେହି ହତ୍ୟା କରିଥାଇପାରେ ବୋଲି ସନ୍ଦେହ କରାଯାଉଛି। ଅପରପକ୍ଷେ,ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଦେଖାଦେଇଛି।

ସୂଚନାନୁସାରେ, ଶନିବାର ଅପରାହ୍ଣରେ ମୋଠାଇ ଗାଁ ପାଖ ପଡ଼ିଆରେ ଚାଲିଥିବା ଫୁଟବଲ୍ ମ୍ୟାଚ୍ ଦେଖିବାକୁ ଯାଇଥିଲେ। ରାତି ପ୍ରାୟ ୮ଟା ବେଳକୁ ସେ ଘରକୁ ଫେରି ଦେଖିବା ବେଳକୁ ଚୁଲି ପାଖରେ ସୁହାଗିଙ୍କ ରକ୍ତ ଜୁଡୁବୁଡୁ ଶବ ପଡ଼ିଛି ଏବଂ ମୁଣ୍ଡରୁ ପୂରା ଗଣ୍ଡି ଅଲଗା ହୋଇଯାଇଛି। ସୁହାଗି ରୋଷେଇ କରୁଥିବା ବେଳେ କେହି ଦୁର୍ବୃତ୍ତ ପଛରୁ ତାଙ୍କୁ ଏପରି ବୀଭତ୍ସ ହତ୍ୟା କରିଥାଇପାରେ ବୋଲି କୁହାଯାଉଛି।

## ଜୀବନ ହାରିଲେ ବିଫଳ ପ୍ରେମିକ

ରାଜନଗର, ୨୪।୮(ସମିସ): ପ୍ରେମରେ ବିଫଳ ହେବାରୁ ଜୀବନ ହାରିଲେ ଯୁବକ। ରାଜନଗର ବ୍ଲକ୍ ତାଳଚୁଆ ସାମୁଦ୍ରିକ ଥାନା ଅଞ୍ଚଳରେ ଗତରାତିରେ ଏପରି ଏକ ଘଟଣା ଘଟିଛି। ମୃତକ ହେଲେ, ରଗଡ଼ାପାଟିଆ ଗ୍ରାମର ବିନୟ ବେହେରାଙ୍କ ପୁତ୍ର ରାଜକିଶୋର (୨୨)। ଘର ଭିତରେ ଏକ ରଶି ଲଗାଇ ସେ ଆତ୍ମହତ୍ୟା କରିଛନ୍ତି। ଆଜି ସକାଳୁ ପରିବାରଲୋକେ ତାଙ୍କ ଝୁଲନ୍ତା ଶବ ଦେଖି ପୁଲିସକୁ ଖବର ଦେଇଥିଲେ। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନାନୁଯାୟୀ, ରାଜକିଶୋର +୩ ବାଣିଜ୍ୟରେ ପାଠପଢ଼ା ଶେଷ କରିବା ପରେ ଭୁବନେଶ୍ୱରରେ ବ୍ୟାଙ୍କିଙ୍ଗ କୋଚିଂ ନେଉଥିଲେ। ସେ ବୁଧବାର ଦିନ ଘରକୁ ଆସିଥିଲେ। ଗତରାତିରେ ପ୍ରେମିକାଙ୍କ ସହ କଥା ହେବା ପରେ ଆତ୍ମହତ୍ୟା କରିଥିବା କୁହାଯାଉଛି।

# ମାସେ ହେଲା ସାର ନ ପାଇ ଚାଷୀ ହନ୍ତସନ୍ତ

## ରାଜ୍ୟରେ ସାର ଅଭାବକୁ ସ୍ୱୀକାର କଲେ କୃଷି ମନ୍ତ୍ରୀ

ଭୁବନେଶ୍ୱର, ୨୪।୮(ସମିସ): ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣରେ ସାର ମହଜୁଦ୍ ରହିଛି। ପୂର୍ବରୁ ରବି ଚାଷ ବେଳର ୪ ଲକ୍ଷ ମେଟ୍ରିକ୍ ଟନ୍ ସାର ବଳକା ରହିଛି। ଆହୁରି ୮ ଲକ୍ଷ ସାର କେନ୍ଦ୍ରରୁ ଅଣାଯାଉଛି। ତେଣୁ ଚାଷୀମାନେ ସାର ପାଇବାରେ କୌଣସି ସମସ୍ୟା ଭୋଗିବେନି। ଖରିଫ୍ ଚାଷ ଆରମ୍ଭରୁ ରାଜ୍ୟ ସରକାର ତଥା କୃଷି ବିଭାଗ ଚାଷୀମାନଙ୍କୁ ଏଭଳି ପ୍ରତିଶ୍ରୁତି ଦେଇଥିଲା। ମାତ୍ର ସାରର ଆବଶ୍ୟକତା ପଡ଼ିବାବେଳକୁ ସ୍ଥିତି ସଂପୂର୍ଣ୍ଣ ବଦଳିଗଲା। ବିଶେଷକରି ଚାଷୀମାନେ ରୁଆ ବେଉଷଣ ସାରି ୟୁରିଆ ସାର ପାଇଁ ସମବାୟ ଆଗରେ ଦିନ ଦିନ ଧରି ଅପେକ୍ଷା କଲେ ବି ସାର ମିଳିଲାନି। ଯେଉଁମାନଙ୍କ ପାଖରେ ଟଙ୍କା ଥିଲା, ସେମାନେ ୨୩୩ଟଙ୍କ କ୍ୱିଣ୍ଟାଲ୍ ଦରରେ ସରକାରୀ ଭାବେ ମିଳୁଥିବା ୟୁରିଆ ସାରକୁ ଖୋଲାବଜାରରୁ ୭ଶହ ଟଙ୍କା ଦେଇ କିଣିଲେ। ମାତ୍ର ଏହି ତିରୋଟାଭାବକୁ ଆଜି କୃଷି ମନ୍ତ୍ରୀ ତଥା ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ସ୍ୱୀକାର କରିଛନ୍ତି।

ସାର ପ୍ରସଙ୍ଗରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀ ସିଂହଦେଓ କହିଛନ୍ତି, ଚାଇନାରୁ ୟୁରିଆ ଆସିବେ ସମସ୍ୟା ଥିଲା; ଏବେ ସ୍ଥିତିରେ ସୁଧାର ଆସିଲାଣି। ଆମେ କେନ୍ଦ୍ର ସରକାରଙ୍କ ସହ କଥା ହେଉଛୁ। ସମସ୍ୟା ସମାଧାନ ଦିଗରେ କାମ କରୁଛୁ। ଖୁବଶୀଘ୍ର ସାର ଅଭାବ ସମସ୍ୟାର ସମାଧାନ ହେବ ବୋଲି ସେ କହିଛନ୍ତି। ଶ୍ରୀ ସିଂହଦେଓ ଆହୁରି କହିଛନ୍ତି, ସାର ବିହୀନ ଚାଷ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ସାର ଦେଇ ଚାଷ କଲେ, ଉତ୍ପାଦିତ ଦ୍ରବ୍ୟକୁ ବାହାରକୁ ରପ୍ତାନୀ କରାଯାଇପାରିବନି। ପ୍ରାକୃତିକ ଉପାୟରେ ଅର୍ଥାତ୍ ଅର୍ଗାନିକ୍ ଚାଷ କଲେ, ବାହାରକୁ ରପ୍ତାନୀ ହେବ। ଏହାଦ୍ୱାରା ଚାଷୀମାନଙ୍କୁ ତାଙ୍କ ଦ୍ରବ୍ୟର ଉଚିତ ମୂଲ୍ୟ ମିଳିବ ଓ କୃଷି ଅର୍ଥନୀତି ବୃଦ୍ଧି ପାଇବ ବୋଲି ସେ କହିଛନ୍ତି।



ଚଳିତ ବର୍ଷ ଆଗୁଆ ମୌସୁମୀ ବର୍ଷା ହୋଇଥିବାରୁ ଫସଲ ସଅଳ ହୋଇଛି। ତେଣୁ ଜୁଲାଇ ତୃତୀୟ ସପ୍ତାହ ବେଳକୁ ସାରର ଆବଶ୍ୟକତା ବଢ଼ିଯାଇଛି। ମାସେ ଭିତରେ କ୍ଷେତରେ ସାର ପକାଇବା ପାଇଁ ଚାଷୀ ଯୋଜନା କରୁଛି। ଏହି ସମୟ ଭିତରେ ସାର ନ ପକାଇଲେ, ଆଗାମୀ ଦିନରେ ଛୋଟ ଧାନ ପିଲ ମାରିବ ଓ ବଡ଼ ଧାନ ଗଣ୍ଠି ଧରିବ। ପରେ ପକାଇବାରେ କୌଣସି କାମରେ ଆସିବ ନାହିଁ। ଏବେ ସରକାରୀ ଭାବେ ଯେତିକି ସାର ବିକ୍ରି ହେଉଛି, ତା' ସମୁଦ୍ରକୁ ଶଙ୍ଖେ ଭଳି। ବଡ଼ ଚାଷୀ ସେମାନେ ବାହାର ଦୋକାନରୁ ସାର କିଣିବାକୁ ସକ୍ଷମ ହେଉଛନ୍ତି। ହେଲେ କ୍ଷୁଦ୍ର ଓ ନାମମାତ୍ର ଚାଷୀ ସାର କିଣାରୁ ବଞ୍ଚିତ ହେଉଛନ୍ତି। ଗୋଟିଏପଟେ ସରକାର ଧାନର ଏମ୍ଏସପି ବୃଦ୍ଧି କରି ଅଧିକ ଚାଷ କରିବାକୁ ପ୍ରୋତ୍ସାହନ ଦେଉଥିବା କଥା କହୁଛନ୍ତି। ମାତ୍ର ପଞ୍ଜିକରଣଠାରୁ ଆରମ୍ଭ କରି ସାର ବଣ୍ଟନ ଓ ଧାନ ବିକ୍ରି ନାନା ସମସ୍ୟାକୁ ସଂପୂର୍ଣ୍ଣ ଅଣଦେଖା କରାଯାଉଛି। ତୁରନ୍ତ ଏହାର ସମାଧାନ କରିବାକୁ ଚାଷୀ ମହଲରୁ ଦାବି ହେଉଛି।

### ଓୟୁଏଟିର ୬୪ ତମ ପ୍ରତିଷ୍ଠା ଦିବସ

# ବାରିପଦା, ବଲାଙ୍ଗିରରେ କୃଷି ମହାବିଦ୍ୟାଳୟ




ଭୁବନେଶ୍ୱର, ୨୪।୮ (ସମିସ): ଚିପିଲିମାରେ ହେବ ଓୟୁଏଟିର ଦ୍ୱିତୀୟ କ୍ୟାମ୍ପସ। ସେହିପରି ବାରିପଦା ଓ ବଲାଙ୍ଗୀରରେ କୃଷି ମହାବିଦ୍ୟାଳୟ ଏବଂ ସୋନପୁରରେ ସ୍ଥାପନ ହେବ ମତ୍ସ୍ୟ ମହାବିଦ୍ୟାଳୟ। ସରକାର ଏଥିପାଇଁ ଯୋଜନା କରିଥିବା କହିଛନ୍ତି ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ। ପଶ୍ଚିମ ଓଡ଼ିଶାରେ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ ନେଇ ଦୀର୍ଘଦିନ ହେଲା ଦାବି ଚାଲିଥିବାବେଳେ ଓୟୁଏଟିର ପ୍ରତିଷ୍ଠା ଦିବସ ଉତ୍ସବରେ ଯୋଗ ଦେଇ କୃଷିମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଏହି ଘୋଷଣା କରିଛନ୍ତି।

ଓୟୁଏଟିର ୬୪ତମ ପ୍ରତିଷ୍ଠା ଦିବସ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୁଳାଧିପତି ତଥା ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି କହିଛନ୍ତି ଯେ, କୃଷି ଆମ ଦୈନନ୍ଦିନ ଜୀବନର ଏକ ଅଂଶ। ଅର୍ଥବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଗ୍ରାମୀଣ ଜୀବିକା ନିର୍ବାହରେ ସହାୟକ ହେଉଛି। ଏହା ଗ୍ରାମୀଣ ଭାରତର ମେରୁଦଣ୍ଡ ମଧ୍ୟ। ଏଣୁ ଉତ୍ତମ ବୈଷୟିକ ଜ୍ଞାନ ସହିତ କୁଶଳୀ ମାନବ ସମ୍ବଳ ସୃଷ୍ଟି କରିବା, ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ଉତ୍ପାଦନ ଓ ଉତ୍ପାଦକତା ବୃଦ୍ଧି କରିବା ପାଇଁ ପ୍ରଯୁକ୍ତିବିଦ୍ୟା ଉଦ୍ଭାବନ କରିବା ଏବଂ ଖାଦ୍ୟ ଉତ୍ପାଦନରେ ଭାରତକୁ ଆତ୍ମନିର୍ଭର କରିବା ଭଳି ବହୁମୁଖୀ ଦାୟିତ୍ୱ କୃଷି ବିଶ୍ୱବିଦ୍ୟାଳୟର ରହିଛି। ଏହାସହ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ସେ ଆହ୍ୱାନ ଦେଇଛନ୍ତି।

ଏହି ଅବସରରେ ଅତିଥିରୂପେ ଯୋଗ ଦେଇ କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଯୋଗଦେଇ ମାଣ୍ଡିଆ ଓ ଆମ୍ବ ରପ୍ତାନି କ୍ଷେତ୍ରରେ ନୂତନ ଅଧ୍ୟାୟ ସୃଷ୍ଟି କରିଥିବା ଏବଂ ଏହି ଧାରାକୁ ଆଗେଇ ନେବାକୁ ସେ ଆହ୍ୱାନ ଦେଇଛନ୍ତି।

କୃଷି ବିଶ୍ୱବିଦ୍ୟାଳୟ, କୃଷି ମହାବିଦ୍ୟାଳୟ ଓ ମତ୍ସ୍ୟ ମହାବିଦ୍ୟାଳୟ ସ୍ଥାପନ ରାଜ୍ୟର ବିକାଶ ଧାରାକୁ ତ୍ୱରାନ୍ୱିତ କରିବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

ଅନ୍ୟତମ ଅତିଥି ରୂପେ ଯୋଗ ଦେଇ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓ ବିଧାୟକ ବାବୁ ସିଂ ପ୍ରମୁଖ ରାଜ୍ୟର କୃଷି ଓ ଆନୁସଙ୍ଗିକ କ୍ଷେତ୍ରରେ ଓୟୁଏଟି ବୈପ୍ଳବିକ ପରିବର୍ତ୍ତନ ଆଣିବ ବୋଲି ଆଶାବ୍ୟକ୍ତ କରିଛନ୍ତି। କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ବାର୍ଷିକ ବିବରଣୀ ପ୍ରଦାନ କରିଛନ୍ତି। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ଓୟୁଏଟିର ୧୧ଜଣ ଶିକ୍ଷକ, ବୈଜ୍ଞାନିକ, ଛାତ୍ରଛାତ୍ରୀ, କର୍ମଚାରୀ ଓ ୩୩ ଜଣ ଅଗ୍ରଣୀ କୃଷକଙ୍କୁ ପୁରସ୍କୃତ କରାଯାଇଛି। ଓୟୁଏଟି କାମ୍ପସରେ ୱାଇଫାଇ ସେବା ଆରମ୍ଭ କରିବା ସହ ୭ଟି ପୁସ୍ତକ ଉନ୍ମୋଚିତ ହୋଇଛି। ଶିକ୍ଷା ଓ ସମ୍ପ୍ରସାରଣ ନିର୍ଦ୍ଦେଶାଳୟର ଅଧ୍ୟକ୍ଷ ପ୍ରଫେସର ପ୍ରସନଜିତ ମିଶ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ କୁଳସଚିବ ପ୍ରତିଭା ଦୋରା ଧନ୍ୟବାଦ ଦେଇଛନ୍ତି।

### ଚିପିଲିମାରେ ହେବ ଓୟୁଏଟି ଦ୍ୱିତୀୟ କ୍ୟାମ୍ପସ

### ସୋନପୁରରେ ହେବ ମତ୍ସ୍ୟ ମହାବିଦ୍ୟାଳୟ

### ବୈତରଣୀ, କାଣି ନଦୀରେ ପୁଣି ବନ୍ୟା

# ଦଶରଥପୁରରେ ବ୍ୟାପକ ଅଞ୍ଚଳ ଜଳମଗ୍ନ

ଦଶରଥପୁର/କଯାଁଗୋଲା, ୨୪।୮ (ସମିସ)

ବୈତରଣୀ ନଦୀର ଉପର ମୁଣ୍ଡରେ ଲଘୁଚାପ ଜନିତ ଲଗାଣ ବର୍ଷା ଲାଗିରହିବା ଯୋଗୁଁ ଦଶରଥପୁର ବ୍ଲକ ଦେଇ ପ୍ରବାହିତ ବୈତରଣୀ ଏବଂ ଶାଖା କାଣି ନଦୀରେ ପୁଣି ବନ୍ୟା ସ୍ଥିତି ଉପୁଜିଛି। ବୈତରଣୀ ଏବଂ କାଣୀ

- ଡଙ୍ଗାରେ ବୁଲି ସ୍ଥିତି ଅନୁଧ୍ୟାନ କଲେ ପ୍ରଣବ
- ବନ୍ୟାଞ୍ଚଳ ବୁଲି ଦେଖିଲେ ଜିଲ୍ଲାପାଳ

ନଦୀରେ ବନ୍ୟା ଜଳ ପ୍ରବେଶ କରିବା ଫଳରେ ବ୍ଲକର କଯାଁ, କମାରଡିହି, ଖାନନଗର, ନିଜାମପୁର, ଦଉପୁର, ଦୁଦୁରାଅନ୍ତା, ଜୟନ୍ତରା, ମଲ୍ଲିକାପୁର, କସପା, ତରପଦା କଟିକଟା (ଆଂଶିକ) ପଞ୍ଚାୟତ ମାନଙ୍କରେ ସ୍ଥିତି ସଂଗୀନ ହୋଇପଡ଼ିଛି। କଯାଁ ପଞ୍ଚାୟତର ଧରମପୁର, ଗୁଣ୍ଡୁଣିପଡ଼ା, ଇଚ୍ଛାପୁର, ମଲ୍ଲୀପୁର, ଦୁବକଣ, ଦରଭା, ଗରବନ୍ଧ, କମାରଡିହି ପଞ୍ଚାୟତର ବଳରାମପୁର, କେଳାଙ୍ଗ, କମାରଡିହି ଆଦି ଅଞ୍ଚଳକୁ ଯୋଗାଯୋଗରେ ସମସ୍ୟା ଉପୁଜିଥିବା ବେଳେ ଜୟନ୍ତରା ପଞ୍ଚାୟତ ମହାପାତ୍ର ସାହିର ୨୫ ରୁ ଅଧିକ ପରିବାର ଜଳବନ୍ଦୀ ଅବସ୍ଥାରେ ଅଛନ୍ତି। ତଳମୁଣ୍ଡ ଅଞ୍ଚଳରେ ବନ୍ୟା ଜଳ ପ୍ରବେଶ କରି ସ୍ଥିତିକୁ ଅଧିକ ଜଟିଳ କରିଥିବା ଦେଖିବାକୁ ମିଳିଛି।

ଜଳସମ୍ପଦ ବିଭାଗ ପକ୍ଷରୁ ସର୍ବୋଚ୍ଚ ଯନ୍ତ୍ରୀ ବିଘ୍ନରାଜ ପୁରୋହିତ, ଅଧିକ୍ଷଣ ଯନ୍ତ୍ରୀ ରତ୍ନାକର ଦଳେଇ, ଆଖୁଆପଦା ଅଧିକ୍ଷଣ ଯନ୍ତ୍ରୀ ଶରତ ଚନ୍ଦ୍ର ଘଡେଇ, ସହକାରୀ ଯନ୍ତ୍ରୀ ଅନ୍ତର୍ଯ୍ୟାମୀ ମହାନ୍ତି, କନିଷ୍ଠଯନ୍ତ୍ରୀ ଅରୁଣ କୁମାର ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବୈତରଣୀ ଏବଂ ଶାଖା କାଣି ନଦୀର କଣ୍ଟପଡ଼ା, ନୂଆଶାସନ, କସପା, ପଚ୍ଛପଡ଼ା, ମଲ୍ଲିକାପୁର, ବଳରାମପୁର ସମେତ






ବିଭିନ୍ନ ଦୁର୍ବଳ ସ୍ଥାନ ଉପରେ ସତର୍କ ଦୃଷ୍ଟି ରଖାଯିବା ସହ ନଦୀବନ୍ଧ ଦୁର୍ବଳ ସ୍ଥାନରେ ବାଲିବସ୍ତା ମାଧ୍ୟମରେ ନଦୀବନ୍ଧ ମରାମତି କାର୍ଯ୍ୟ ଜାରି ରହିଛି। କଟିକଟା ପଞ୍ଚାୟତ ମାଝୀସାହି, ଜୟନ୍ତରା ପଞ୍ଚାୟତ ମହାପାତ୍ର ସାହିରେ ଦଶରଥପୁର ଅଗ୍ନିଶମ ବାହିନୀ କର୍ମଚାରୀ ରିଲିଫ ଏବଂ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିବା ଜଣାଯାଇଛି।

ପୂର୍ବାହ୍ନରେ ବିଜେଡିର ବରିଷ୍ଠ ନେତା ତଥା ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ନେତୃତ୍ୱରେ ବିଜୁ ଜନତା ଦଳର ଏକ ଟିମ୍ ଦଶରଥପୁର ବ୍ଲକର ବିଭିନ୍ନ ବନ୍ୟାପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ବିପନ୍ନମାନଙ୍କ ଅବସ୍ଥା ପଚାରିବୁଝିଥିଲେ। ପ୍ରଣବ ନିଜେ ଅଗ୍ନିଶମ ବାହିନୀର ଏକ ବୋଟ୍ ମାଧ୍ୟମରେ ବନ୍ୟା ବିପନ୍ନଙ୍କ ପାଖରେ ପହଞ୍ଚି ରିଲିଫ ସାମଗ୍ରୀ ଯୋଗାଇଦେବା ସହିତ ଖୁବଶିଘ୍ର ରାଜ୍ୟ ସରକାର ରିଲିଫ ପ୍ରଦାନ କରିବାକୁ ଦାବି କରିଥିଲେ। ଏହି ବିଜେଡି ଟିମରେ କର୍ଣ୍ଣାଟ କେଶରୀ ଦାସ, ପୂର୍ବତନ ପୌରପାଳ ଭବ ପ୍ରସାଦ ଦାସ, ଜିଲ୍ଲା ବିଜେଡି ସଭାପତି ସରୋଜ ମହାପାତ୍ର, ବ୍ଲକ ଅଧକ୍ଷ ଦିଗମ୍ବର ମଲ୍ଲିକ, ଜିଲ୍ଲା ପରିଷଦ ସଭ୍ୟା ମାମିନା ମଲ୍ଲିକ, ମନୋଜ ରାଉତ, ପ୍ରଭାତ ନାୟକ, ଅମିତ ଦାସ ପ୍ରମୁଖ ସାମିଲ ଥିଲେ। ମଧ୍ୟାହ୍ନରେ ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲପାଳ ଶିବାନନ୍ଦ ସ୍ୱାଇଁ, ବିଡିଓ ଆକାଶ ପଟ୍ଟନାୟକ, ଅତିରିକ୍ତ ତହସିଲଦାର ରଶ୍ମିରଞ୍ଜନ ମଲ୍ଲିକ, ସମେତ ବିଭିନ୍ନ କ୍ଷେତ୍ରୀୟ ଅଧିକାରୀ ଏକାଧିକ ବନ୍ୟା ପ୍ରଭାବିତ ଅଞ୍ଚଳରେ ପହଞ୍ଚି ସ୍ଥିତି ପରଖିବା ସହ ଜନସାଧାରଣଙ୍କୁ ଭୟଭୀତ ନହେବାକୁ ଅନୁରୋଧ କରିଥିବା ବେଳେ ଅପରାହ୍ନରେ ଜିଲାପାଳ ଅମ୍ବର କୁମାର କର, ବିଡ଼ିଓ ଆକାଶ ପଟ୍ଟନାୟକ ବ୍ଲକ ଅନ୍ତର୍ଗତ କୁଅଁରସାହି, କଣ୍ଟପଡ଼ା, ବ୍ରହ୍ମଚାରିପାଟଣା, ବୈଷପାନ, ପଚ୍ଛପଡ଼ା, କସପା, ମଲ୍ଲିକାପୁର, ଦଉପୁର ଆଦି ବନ୍ୟାଞ୍ଚଳ ଗ୍ରସ୍ତ କରି ବନ୍ୟାସ୍ଥିତି ଅନୁଧ୍ୟାନ କରିବା ସହ ସମ୍ଭାବିତ ସ୍ଥିତିକୁ ନେଇ ଜଳସମ୍ପଦ ଅଧିକାରୀଙ୍କ ସହିତ ଆଲୋଚନା କରି ଶୂନ୍ୟ କ୍ଷତି ଉପରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

## ଶିକ୍ଷକ ଅନିରୁଦ୍ଧ ରାଉଳ ସମ୍ମାନିତ

ମଈଁଦା, ୨୪।୮ (ସମିସ): ସିଂହପୁର କମଳା ମଣ୍ଡପଠାରେ ଘଡ଼ିଆ ଇଣ୍ଡିଆ ଚାରିଟେବୁଲ୍ ଟ୍ରଷ୍ଟ ଭୁବନେଶ୍ୱର ତରଫରୁ ବିଜ୍ଞାନରେ ଉତ୍କର୍ଷତା ପାଇଁ ଅନିରୁଦ୍ଧ ରାଉଳଙ୍କୁ ସମ୍ମାନିତ କରାଯାଇଛି। ସେ ବ୍ଲକ, ଜିଲ୍ଲା ତଥା ରାଜ୍ୟସ୍ତରରେ ସାଧନକର୍ମୀ ରୂପେ କାର୍ଯ୍ୟ କରିଛନ୍ତି। ସାମର୍ଥ୍ୟ ମଡ୍ୟୁଲ୍ ପ୍ରସ୍ତୁତି ତଥା ଷଷ୍ଠରୁ ଅଷ୍ଟମ ଶ୍ରେଣୀ ବିଜ୍ଞାନ ପୁସ୍ତିକା ପ୍ରସ୍ତୁତିରେ ଅଂଶଗ୍ରହଣ କରି ରାଜ୍ୟସ୍ତରରେ ବିଞ୍ଝାରପୁର ତଥା ଯାଜପୁର ଜିଲ୍ଲାକୁ ଗୌରବାନ୍ୱିତ କରିଛନ୍ତି। ଏହି ସମ୍ବର୍ଦ୍ଧନା ସଭାରେ ଘଡ଼ଆ ଇଣ୍ଡିଆ ଚାରିଟେବୁଲ୍ ଟ୍ରଷ୍ଟର ପରିଚାଳନା ନିର୍ଦ୍ଦେଶକ ତଥା ସମ୍ପାଦକ ଡ. ପ୍ରଶାନ୍ତ କୁମାର ଘଡ଼ଆ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ସାମଲ, ମୁଖ୍ୟବକ୍ତା ଭାବେ ଡ. ଶରତ ଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ପ୍ରାକ୍ତନ ଜିଲ୍ଲା ପରିଷଦ ଶିକ୍ଷକ ସଂଘର ସଭାପତି କ୍ଷୀରୋଦ ଚନ୍ଦ୍ର ମଲ୍ଲିକ ଓ ଜିଲ୍ଲା ପରିଷଦ ଶିକ୍ଷକ ସଂଘର ସଭାପତି ମନୋରଞ୍ଜନ ଧଳ ଉପସ୍ଥିତଥିଲେ। ଏହି ଅବସରରେ ଅନିରୁଦ୍ଧ ରାଉଳ ଓ ଲିପିକା ବେହେରାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ପ୍ରଭାତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଯାଜପୁର ଯୁବ କଂଗ୍ରେସର କର୍ମଶାଳା




ଯାଜପୁର, ୨୪।୮ (ସମିସ): ଜିଲ୍ଲା କଂଗ୍ରେସ ସଭାପତି ମନୋଜ ରାଉତଙ୍କୁ ନିର୍ଦ୍ଦେଶରେ ଯୁବନେତା କୁମାର ଆଶୁତୋଷଙ୍କ ଆବାହକତ୍ୱରେ ଯୁବ କଂଗ୍ରେସର ଏକ ବନ୍ଧୁମିଳନ ଓ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଉତ୍କଳ କେଶରୀ ପାଣିଗ୍ରାହୀ ସଞ୍ଚାଳନା କରିଥିବା ବେଳେ ମୁଖ୍ୟଅତିଥି ଭାବେ ବରିଷ୍ଠ ନେତା ସନ୍ତୋଷ ନନ୍ଦ, ବିଧାନସଭାର ନେତା ସୁଦୀପ କୁମାର କର, ଦଳିତ ସେଲ୍‌ଫ ସଭାପତି ଗଦାଧର ଦାସ, ପୌରପାଳିକା ସଭାପତି ନାରାୟଣ ସାମନ୍ତ ପ୍ରମୁଖ ଯୋଗଦେଇଥିଲେ। ଉପସ୍ଥିତ ଅନ୍ୟ ଅତିଥିମାନେ ଯୁବ କଂଗ୍ରେସକୁ ଆଗାମୀ ଦିନରେ ଶକ୍ତିଶାଳୀ କରିବା ପାଇଁ ସମସ୍ତ ସହାଯ୍ୟ ସହଯୋଗ ଜିଲ୍ଲା କଂଗ୍ରେସ ପକ୍ଷରୁ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅନୁପମ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟତଃ ସୂର୍ଯ୍ୟମଣି ଖିଲାର, ନରୋତ୍ତମ ଦାସ, ସରୋଜ ଦାସ, ପ୍ରଶାନ୍ତ ପୋଥାଳ, ଅନନ୍ତ ଜେନା, ଶ୍ରୀବନ୍ତ ନାୟକ, ନିରାକାର ପୃଷ୍ଟି, ସତ୍ୟବ୍ରତ ସାହୁ, ରବି ନାୟକ, ସତ୍ୟବ୍ରତ ନାୟକ, କ୍ଷୀରୋଦ ସାହୁ, ସନ୍ତୋଷ ସାହୁ, ମହେନ୍ଦ୍ର ବିନ୍ଧାଣି, ଜ୍ୟୋତି ଦାସ, ଚିନ୍ମୟ ଦାସ, ଉମେଶ ସେଠୀ, ବିକାଶ ବିଶ୍ୱାଳ, ସଂଦିପ କୁମାର ଦାସ, ଯଯାତି ନାୟକ, ସଂଗ୍ରାମ ବେହୁରିଆ, ଅନନ୍ତ ନାୟକ, ଶୁଭମ ପଟ୍ଟନାୟକ, ବିରଞ୍ଚ ସ୍ୱାଇଁ, ଚନ୍ଦନ ଜେନା, ଅମଜାତ ଖାଁ, ମୁରଲି ଜେନା, ଅମିତ ଜେନା, ଏସ୍‌କେ ସମସୋର ପ୍ରଭୃତି ଶତାଧିକ ଯୁବ କଂଗ୍ରେସର ପିଲାମାନେ ଉପସ୍ଥିତ ଥିଲେ।

## ସାପକାମୁଡ଼ାରେ ଚାଷୀ ଗୁରୁତର

ସୁକିନ୍ଦା, ୨୪।୮ (ସମିସ): ସୁକିନ୍ଦା ଥାନା ଅନ୍ତର୍ଗତ ଆମ୍ବଲବା ଗ୍ରାମ ପାଖ ଚାଷ ଜମିରେ ଚାଷକାର୍ଯ୍ୟ କରୁଥିବା ସମୟରେ ସର୍ପାଘାତରେ ଚାଷୀ ଦିଲୁ ମଳିକ ଗୁରୁତର ଅବସ୍ଥାରେ ଟାଟା ମେଡିକା ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି। ଆମ୍ବଲବା ଗ୍ରାମ ଦିଲୁ ମଳିକ ରବିବାର ଦିନ ଗ୍ରମପାଖ ଚାଷ ଜମିରେ ଚାଷକାର୍ଯ୍ୟ କରୁଥିବା ସମୟରେ ସର୍ପାଘାତର ଶୀକାର ହୋଇଥିଲେ। ପରିବାର ଲୋକେ ଦିଲୁକୁ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠିସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କଳିଙ୍ଗନଗର ସ୍ଥିତ ଟାଟା ମେଡ଼ିକା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

## ବିଦ୍ୟୁତ୍ ଆଘାତରେ ଚାଷୀ ମୃତ

କବାଟବନ୍ଧ, ୨୪।୮ (ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ମର୍ଜିତାପୁର ପଞ୍ଚାୟତ ତରେଇସାହିରେ ଜଣେ ବୃଦ୍ଧଙ୍କର ଅସ୍ୱାଭାବିକ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଏହି ମୃତ୍ୟୁକୁ ବିଦ୍ୟୁତ୍ ଆଘାତ ଜନିତ ବୋଲି ସନ୍ଦେହ ପ୍ରକାଶ ପାଇଛି। ମୃତକ ଜଣଙ୍କ ହେଲେ ତରେଇସାହିର ଗଦାଧର ତରେଇ (୮୦)। ଗଦାଧର ନିଜ ଗାଁ ନିକଟରେ କିଛି ଜମିରେ ଧାନ ଚାଷ କରିଛନ୍ତି। ବୁଲା ଗାଈ ଗୋରୁ, ଷଣ୍ଢ ଆଦି ଫସଲ ନଷ୍ଟ କରୁଥିବାରୁ ଗଦାଧର ଜମି ଦେଖିବାକୁ ଯାଆନ୍ତି। ଶନିବାର ରାତି ପ୍ରାୟ ୧୦ ଟା ବେଳେ ଗଦାଧର ଖାଇ ସାରି ଗାଁ ତଳ ବିଲ ଆଡ଼କୁ ଷଣ୍ଢ ତଡିବାକୁ ଯାଇଥିଲେ। ବିଲ ପାଖାପାଖି ଏକ ଇଲେକ୍ଟ୍ରି ତାର ଯାଇଛି। ଅନ୍ଧାର ରାତି ହୋଇଥିବାରୁ ଗଦାଧର ଇଲେକ୍ଟ୍ରି ତାର ସଂସ୍ପର୍ଶରେ ଆସି ଆଘାତ ପାଇ ମୃତ୍ୟୁବରଣ କରିଥିବା ସନ୍ଦେହ କରାଯାଉଛି। ତାଙ୍କର ହାତ ଏବଂ ଦେହର ଅନ୍ୟାନ୍ୟ ଅଙ୍ଗ ପୋଡ଼ି ଯାଇଥିବା ଦେଖିବାକୁ ମିଳିଛି। ପରିବାର ଲୋକେ ସକାଳୁ ଗଦାଧର ଘରେ ନ ଥିବା ଦେଖି ଖୋଜାଖୋଜି କରିଥିଲେ। ଅନ୍ୟ ଲୋକମାନେ ତାଙ୍କୁ ମରି ପଡ଼ି ଥିବାର ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ଖବର ପାଇ ଜେନାପୁର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତ ଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ନେଇଥିଲେ। ଏନେଇ ଜେନାପୁର ପୁଲିସ କେସ ନମ୍ବର ୨୫/୨୦୨୫ ରେ ଏକ ଅପମୃତ୍ୟୁ ମାମଲା ରୁଜ୍ଜୁ କରି ତଦନ୍ତ କରୁଥିବା ଜଣାପଡ଼ିଛି। ଅନ୍ୟ ପକ୍ଷରେ ମୃତ ଗଦାଧରଙ୍କ ପୁଅ ଛବିନ୍ଦ୍ର ବଜ୍ରାଘାତରେ ମୃତ୍ୟୁ ହୋଇଥିବା ନେଇ ଜେନାପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ମହିଳାଙ୍କୁ ଅସଦାଚରଣ ଘଟଣାରେ କାର୍ଯ୍ୟାନୁଷ୍ଠାନ ଶୂନ

ପାଣିକୋଇଲି, ୨୪।୮ (ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ଧନେଶ୍ୱର ନିକଟ ରୟାଲ ଗାର୍ଡେନ୍‌ରେ ମୁସରଫ ଅଲ୍ଲି ଖାଁ ଓ ତାଙ୍କ ପରିବାର ଉପରେ ଆକ୍ରମଣ ଘଟଣାରେ ୧୧ଦିନ ବିତିଯାଇଥିଲେ ମଧ୍ୟ ପୁଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହ। ସୂଚନା ମୁତାବକ ଗତ ୧୩ ଅଗଷ୍ଟରେ ମୁସରଫ ଓ ତାଙ୍କ ପୁଅ ମୋକିମ ନିଜ ସମ୍ପର୍କୀୟଙ୍କ ନିକଟକୁ ଯାଉଥିବା ବେଳେ ରୟାଲ ଗାର୍ଡେନ୍‌ର ପ୍ରପର୍ଟୀ ମାଲିକ ଆଫାକ ଅହମ୍ମଦ, ସବିର ଅହମ୍ମଦ, ଜଲାଲୁଦ୍ଦିନ ଖାଁ, ପ୍ରତାପ ଦାସ, ପ୍ରମୋଦ ଦାସ ତାଙ୍କୁ ଅଟକାଇ ବିନା କାରଣରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପରିବାରର ମହିଳା ସଦସ୍ୟମାନଙ୍କୁ ମଧ୍ୟ ଅସଦାଚରଣ କରାଯାଇଥିଲା। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଦୀର୍ଘ ୧୧ ଦିନ ବିତିଯାଇଥିଲେ ମଧ୍ୟ ପୁଲିସ ତରଫରୁ କେବଳ ମାମଲା ରୁଜୁ କରାଯାଇଛି। ଏ ନେଇ ପରିବାର ଲୋକେ ଏସପିଙ୍କ ନିକଟରେ ଅଭିଯୋଗ କରିଥିଲେ। ପରେ ଗୃହ ବିଭାଗ ନିକଟରେ ଏକ୍ସ ମାଧ୍ୟମରେ ଅଭିଯୋଗ କରିବା ପରେ ଏସ୍‌ପିଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏହା ପରେ ମଧ୍ୟ ପୁଲିସ୍ ଚୁପ୍ ବସିଛି। ପୁଲିସ ପୀଡ଼ିତଙ୍କୁ ଉଚିତ ନ୍ୟାୟ ପ୍ରଦାନ କରିବାରେ ବିଫଳ ହୋଇଛି। ଅନ୍ୟ ପଟେ ଅଭିଯୁକ୍ତମାନେ ହାଇକୋର୍ଟରେ ଆଗୁଆ ଜାମିନ ପାଇଁ ଆବେଦନ କରି ବିଫଳ ହୋଇଛନ୍ତି। ପାଣିକୋଇଲି ପୁଲିସ ଅଭିଯୁକ୍ତଙ୍କୁ ଗିରଫ ନକରି ଆଗୁଆ ଜାମିନ ପାଇଁ ସୁଯୋଗ ଦେଉଥିବା ଚର୍ଚ୍ଚା ହେଉଛି। ତେଣୁ ଅଭିଯୁକ୍ତଙ୍କୁ ଯଥାଶୀଘ୍ର ଗିରଫ କରାନଗଲେ ଆଗାମୀ ଦିନରେ ମୁସରଫ ଓ ତାଙ୍କ ପରିବାର ଏସ୍‌ପି ଅଫିସ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।

## ବେଲଗାଡ଼ିଆ ଗଣେଶ ପୂଜା କମିଟି ପକ୍ଷରୁ ସଫେଇ

କବାଟବନ୍ଧ, ୨୪।୮ (ସମିସ): ପାର୍ବଣ ଋତୁ ଆରମ୍ଭରେ ଗାଁ ଠାରୁ ସହର ଏବେ ଉତ୍ସବ ମୁଖର ହେଉଛି। ଗଣେଶ ପୂଜା ଅବସରରେ ଯୁବପିଢ଼ି ଏହାକୁ ଖୁବ ଧୂମଧାମରେ ପାଳନ କରିବା ସହିତ ପରିବେଶକୁ ସଫାସୁତୁରା ରଖିବା ପାଇଁ ସ୍ୱଚ୍ଛତା ଉପରେ ଗୁରୁତ୍ୱ ମଧ୍ୟ ଦେଇଛନ୍ତି। ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ମର୍ଜିତାପୁର ପଞ୍ଚାୟତ ବେଲଗାଡ଼ିଆର ଗଣେଶ ପୂଜା କମିଟି ପକ୍ଷରୁ ରବିବାର ଏକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗାଁର ପିଲାମାନଙ୍କ ମିଳିତ ଉଦ୍ୟମରେ ଗାଁ ଦାଣ୍ଡକୁ ସଫା କରାଯାଇଛି। କଂକ୍ରିଟ ରାସ୍ତା ଉପରେ ମାଟିର ଆବରଣ ଯୋଗୁଁ କାଦୁଅ ହେବା ସହିତ ଏହା ଏକ ଅପରିଷ୍କାର ପରିବେଶ ସୃଷ୍ଟି କରୁଥିଲା। ଡ୍ରେନେଜ୍ ସୁବିଧା ନ ଥିବାରୁ ବର୍ଷା ପାଣି ନିଷ୍କାସିତ ହୋଇ ପାରୁ ନଥିଲା। ଯାହା ଫଳରେ ପାଣି ଜମି ରହୁଥିଲା। ଲୋକମାନେ ଯିବା ଆସିବା କରିବାରେ ଅସୁବିଧା ସୃଷ୍ଟି ହେଉଥିଲା। ବିଶେଷ କରି ଛୋଟଛୋଟ ପିଲାମାନେ ସ୍କୁଲ ଯିବା ଆସିବା ପାଇଁ ବିଶେଷ ଭାବେ ପ୍ରଭାବିତ ହେଉଥିଲେ।



ଏହାକୁ ନଜରରେ ରଖି ଗଣେଶ ପୂଜା କମିଟି ପକ୍ଷରୁ ଆୟୁଷ ଦାସ, ସମୀର ଦାସ, ଜୀବନ ପ୍ରଧାନ, ତପୁ ରାଉତ, ମଣ୍ଟୁ ମଲ୍ଲିକ, ରିପୁ ଜେନା, ଚିକୁ ରାଉତ, ଆୟୁଷ ଦାଶ, ରାଜା ସାହୁ, କାହ୍ନା ଦାଶ, ବୁବୁନା ମଲ୍ଲିକ, ଓମ୍ ଦାସ, କାଳିଆ ଜେନା, ଶୁଭମ ଦାଶଙ୍କ ସମେତ ଅନ୍ୟ ମାନଙ୍କ ସହଯୋଗରେ ଏହି ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା।

## ଲଣ୍ଡନ ବୁକ୍ ଓ ଆଇକନିକ୍ ବୁକ୍‌ରେ ସ୍ଥାନ ପାଇଲେ ସଙ୍ଗୀତ ନିର୍ଦ୍ଦେଶକ

ସିଂହପୁର, ୨୪।୮ (ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବାଙ୍ଗରା ଗ୍ରାମପଞ୍ଚାୟତର ଛନ୍ଦାମୁଣ୍ଡ ଗ୍ରାମର ସଙ୍ଗୀତ ନିର୍ଦ୍ଦେଶକ ଦିନେଶ କୁମାର ମଲ୍ଲିକ ସଙ୍ଗୀତ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଦିଲ୍ଲୀର 'ଲଣ୍ଡନ ବୁକ୍ ଅଫ୍ ୱାଲଡ୍ ରେକର୍ଡ' ଓ ମହାରାଷ୍ଟ୍ରର 'ଆଇକନିକ୍ ବୁକ୍ ଅଫ୍ ୱାଲଡ୍ ରେକର୍ଡ'ରେ ସ୍ଥାନ ପାଇଛନ୍ତି। ଶ୍ରୀ ମଲ୍ଲିକ ଦୀର୍ଘ ୨୫ ବର୍ଷ ଧରି ସଙ୍ଗୀତ ସାଧନା କ୍ଷେତ୍ରରେ ୨୦୦୦ରୁ ଊର୍ଦ୍ଧ୍ୱ ସଙ୍ଗୀତ ନିର୍ଦ୍ଦେଶନା ଦେଇ ବେଶ ପରିଚିତ ଲାଭ କରିଛନ୍ତି। ଓଡ଼ିଆ ଚଳଚ୍ଚିତ୍ର, ଆଲବମ, ଧାରାବାହିକ, ଯାତ୍ରା ଓ ମଞ୍ଚ ନାଟକରେ ନିର୍ଦ୍ଦେଶନା ଦେଇଛନ୍ତି ମଧ୍ୟ। ବହୁ ଆଗଦାଡ଼ିର



କଣ୍ଠଶିଳ୍ପୀଙ୍କ ସହ ଗ୍ରାମାଞ୍ଚଳର ଶତାଧିକ ଶିଳ୍ପୀ ତାଙ୍କ ନିର୍ଦ୍ଦେଶନାରେ କଣ୍ଠଦାନ କରିଛନ୍ତି। ଦିନେଶ ମଲ୍ଲିକ ଆକାଶବାଣୀର ଜଣେ ସ୍ୱୀକୃତିପ୍ରାପ୍ତ କଣ୍ଠଶିଳ୍ପୀ। ନିଜ ସାଧନା ପାଇଁ ତାଙ୍କୁ ମଧ୍ୟ ବିଭିନ୍ନ କ୍ଷେତ୍ରରେ ସମ୍ମାନିତ କରାଯାଇଛି। ବର୍ତ୍ତମାନ ସିଂହପୁରସ୍ଥିତ ନବଘନ ମହନ୍ତ ମାୟାଧର ସରକାରୀ ଉପ୍ରା ବିଦ୍ୟାଳୟର ସେ କଳା ଶିକ୍ଷକ ଭାବରେ କାର୍ଯ୍ୟ କରୁଛନ୍ତି। ଏ ଖବର ପାଇବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଭାଗବତ ପରାୟଣ କମିଟି ପୁରସ୍କୃତ

କୁଆଖିଆ, ୨୪।୮ (ସମିସ): ରସୁଲପୁର ବ୍ଲକ ଅନ୍ତର୍ଗତ ଗନ୍ଧଣ ଗ୍ରାମର ଦଧିବାମନ ଜୀୟୁ ଭାଗବତ ପରାୟଣ କମିଟିକୁ ବ୍ୟାସ ପୀଠ ସମିତି ପକ୍ଷରୁ ଓଡ଼ିଶାର ସର୍ବ ଶ୍ରେଷ୍ଠ ପ୍ରବଚନ ମଞ୍ଚ ଭାବରେ ସମ୍ମାନିତ କରାଯାଇଛି। ଭୁବନେଶ୍ୱରରେ ବ୍ୟାସ ପୀଠ ସମିତି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଗନ୍ଧଣ ଗ୍ରାମର ଦଧିବାମନ କମିଟିକୁ



ଓଡ଼ିଶାର ସର୍ବଶ୍ରେଷ୍ଠ ପ୍ରବଚନ କମିଟି ଭାବରରେ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଛି। ଏହି ଉତ୍ସବରେ ଜଗବନ୍ଧୁ ସାହୁ, ଜଗନ୍ନାଥ ପଣ୍ଡା, ସୁଶାନ୍ତ କୁମାର ବେହେରା, ସୁଦର୍ଶନ ବାରିକ, ଅଭୟ ମଲ୍ଲିକ, ସରୋଜ ସାହୁ, ମହେନ୍ଦ୍ର ସାହୁ, ପ୍ରଶାନ୍ତ ଖୁଣ୍ଟିଆ, ସମାପ୍ତ ଦାସ ପ୍ରମୁଖ ଉପସ୍ଥିତ ରହି ମାନପତ୍ର ଗ୍ରହଣ କରିଥିଲେ।।

## ପୁସ୍ତକ ମେଳା ପାଇଁ ଦ୍ୱିତୀୟ ପ୍ରସ୍ତୁତି ବୈଠକ



ବିଞ୍ଝାରପୁର, ୨୪।୮ (ସମିସ): ବିଞ୍ଝାରପୁର ଅଞ୍ଚଳରେ ତୃତୀୟ ଖରସ୍ରୋତା ପୁସ୍ତକ ମେଳା ଉପଲକ୍ଷେ ଆଜି ଦ୍ୱିତୀୟ ପ୍ରସ୍ତୁତି ବୈଠକ ବରୁଣେଇ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମେଳା କମିଟିର ସଭାପତି ପଦ୍ମାକର ଗୁରୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପୁସ୍ତକ ମେଳା କମିଟିର ଅଭ୍ୟର୍ଥନା କମିଟିର ଅଧକ୍ଷ ପ୍ରଧାପକ ଅଜୟ କୁମାର ଓଝା, କମିଟିର କର୍ଯ୍ୟକାରୀ ସଭାପତି ଶିକ୍ଷାବିତ୍ ସୁବାସ ଚନ୍ଦ୍ର ପ୍ରଧାନ, ସାଙ୍ଗଠନିକ ସମ୍ପାଦକ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ନାରାୟଣ ଚନ୍ଦ୍ର ଦାସ, କୋଷାଧକ୍ଷ ରତ୍ନାକର ସାହୁ ସମେତ ଉପଦେଷ୍ଟା ଶିକ୍ଷାବିତ୍ ରବିନାରାୟଣ ସାମଲ, ରମାକାନ୍ତ ନାୟକ, ସୁଧୀର କୁମାର ଆଚାର୍ଯ୍ୟ, ଦେବେନ୍ଦ୍ର ସାମଲ, ଶିଶିର କୁମାର ଦାସ, ଭାରତ ଭୂଷଣ ମଲ୍ଲିକ, ସୁରେନ୍ଦ୍ର କୁମାର ପତି, କୃଷ୍ଣଚନ୍ଦ୍ର ଥାଟୋଇ, ସୁମନ କୁମାର ସାହୁ, ମନୋଜ କୁମାର ପଣ୍ଡା, ମାଧବାନନ୍ଦ ଦାସ, ରମେଶ ଚନ୍ଦ୍ର ସାମଲ ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ। ତୃତୀୟ ଖରସ୍ରୋତା ପୁସ୍ତକ ମେଳା ଆସନ୍ତା ଡିସେମ୍ବର୍ ୧୬ରୁ ୨୨ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୭ ଦିନ ଧରି ଅବିଭକ୍ତ ଫତେପୁର ଗ୍ରାମପଞ୍ଚାୟତରେ ଅନୁଷ୍ଠିତ ହେବ ବୋଲି ପୁସ୍ତକ ମେଳା କମିଟିର ସଭାପତି ପ୍ରକାଶ କରିଛନ୍ତି।

## କୋରେଇ ବ୍ଲକ୍ ବିଜେଡିର ନୂତନ କର୍ମକର୍ତ୍ତା

ରଗଡ଼ି, ୨୪।୮ (ସମିସ)

ବିଜେଡିର କୋରେଇ ବ୍ଲକ କର୍ମକର୍ତ୍ତା ଓ ପଞ୍ଚାୟତ ସଭାପତି ସମେତ ଉପଦେଷ୍ଟାଙ୍କ ନାଁ ଘୋଷଣା କରାଯାଇଛି। ଏ ନେଇ ରବିବାର ରଗଡ଼ି ସ୍ଥିତ ସ୍ୱାଇଁ ମାର୍କେଟ କମ୍ପ୍ଲେକ୍ସରେ ଥିବା ବିଜେଡି କାର୍ଯ୍ୟାଳୟରେ ବ୍ଲକ ବିଜେଡି ସଭାପତି ସୌଭାଗ୍ୟ କୁମାର ମହାନ୍ତି ଏହା ଘୋଷଣା କରିଥିବା ବେଳେ ରାଜ୍ୟ ପରିଷଦ ସଭ୍ୟ ଭକ୍ତ ବତ୍ସଳ ସ୍ୱାଇଁ ଉପସ୍ଥିତ ଥିଲେ। ଏଥିରେ ବିଜେଡି ୧୨ଜଣ ଉପସଭାପତି, ୧୧ଜଣ ସାଧାରଣ ସମ୍ପାଦକ ଓ ୧୨ଜଣ ସମ୍ପାଦକଙ୍କୁ ମିଶାଇ ୩୬ଜଣ କର୍ମକର୍ତ୍ତା ସମେତ ୨୮ ପଞ୍ଚାୟତର ସଭାପତି ଓ ୧୬ଜଣିଆ ଉପଦେଷ୍ଟା ମଣ୍ଡଳୀ ନାମ ସ୍ଥାନ ପାଇଛି। ବ୍ଲକ ସଭାପତି ଭାବେ ସୌଭାଗ୍ୟ କୁମାର ମହାନ୍ତି, ଉପସଭାପତି ପ୍ରଫୁଲ୍ଲ କୁମାର ଦାସ, ପରମେଶ୍ୱର ମଲ୍ଲିକ, ପ୍ରଶାନ୍ତ କୁମାର ମହାପାତ୍ର, ଉମାକାନ୍ତ ମାଝୀ, ବିଜୟ କୁମାର ଷଡ଼ଙ୍ଗୀ, କାର୍ତ୍ତିକ ମଲ୍ଲିକ, ମଧୁସୂଦନ ନନ୍ଦି, ଉପେନ୍ଦ୍ର କର, ବିଜୟ ଘଡେଇ, ପ୍ରମୋଦ କୁମାର ରାଉତ, ହେମନ୍ତ କୁମାର ମହାପାତ୍ର ଓ ମଜିବୁର ରେହେମନ ଓ ସାଧାରଣ ସମ୍ପାଦକ ଭାବେ ପ୍ରଫୁଲ୍ଲ ଆଇଚ, ଚିତ୍ତରଞ୍ଜନ ନାୟକ, ସୁଧାଂଶୁ ଶେଖର ବରାଳ, ସ୍ୱପ୍ନାନନ୍ଦ ଦାସ, ସନ୍ତୋଷ କୁମାର ତରେଇ, ସଞ୍ଜୀବ କୁମାର ନାୟକ, ଏମ୍‌ଡି ଏର୍ସାଦ ହସେନ, ପରୀକ୍ଷିତ ରାଉତ, ଅଶୋକ କୁମାର ସାହୁ, ସତୀଶ କୁମାର ଧଳ, ବସନ୍ତ କୁମାର ମହାକୁଡ଼ ଓ ସମ୍ପାଦକ ଭାବେ ଗୌରୀଶଙ୍କର ମହାପାତ୍ର, ବସନ୍ତ କୁମାର ପୃଷ୍ଟି, ଦୀପକ କୁମାର ରାୟ, ପ୍ରକାଶ କୁମାର ଦାସ, ପ୍ରଦୀପ୍ତ ମହାନ୍ତି, କାଳନ୍ଦି ଜେନା, ବଳୟ କୁମାର ସ୍ୱାଇଁ, ଏସକେ ଇମ୍ରାନ ଅଲ୍ଲୀ, ଅନିରୁଦ୍ଧ ପାଣିଗ୍ରାହୀ, ସିତୁ କୁମାର ଜେନା, ଗୋଲଖ କର ଓ ଚତୁର୍ଭୁଜ ନାୟକଙ୍କସେହିପରି ଅନ୍ଧାରୀ ପଞ୍ଚାୟତ ସଭାପତି ଭାବେ ଗଣେଶ୍ୱର ଦାସ, ପଚ୍ଛିକୋଟ ସୁବାସ ଚନ୍ଦ୍ର ପତି, କାଚରାସାହି ସଞ୍ଜୟ କୁମାର ପାତ୍ର, କନ୍ତୋର ପୁରୁଷୋତ୍ତମ ପାତ୍ର, ଅସନଝରେ ନିରଞ୍ଜନ ବାରିକ, ରଣପୁର ବେଣୁଧର ମହାପାତ୍ର, ତୁଳତି ବିଜୟ କୁମାର ରାଜ, ତାହାରପୁର ଶିବ ପ୍ରସାଦ ମଲ୍ଲିକ, ତଳଗଡ଼ ଅଞ୍ଜନ କୁମାର ନାୟକ, ପାଟରଙ୍ଗା ନିତ୍ୟାନନ୍ଦ ବେହେରା, ଧନେଶ୍ୱର ବଳରାମ ରାଉତ, ସାଦକପୁର ସାନ୍ତ୍ୱନୁ ସାହୁ, ହଳଦିଗଡ଼ିଆ ଅଲେଖ ନାଥ, ତାରାକୋଟ ଜିତେନ୍ଦ୍ର ଶତପଥୀ, ବରୁଣ୍ଡେଇ ସୁଶାନ୍ତ ବିଶ୍ୱାଳ, ମୁକୁନ୍ଦପୁର ବୀରେନ୍ଦ୍ର କୁମାର ବେହେରା, ଗୌରପୁର ରମେଶ ସାହୁ, ବନ୍ଦଲୋ ରମେଶ ଚନ୍ଦ୍ର ସେନାପତି, ଅମୃତିଆ ବିଶ୍ୱନାଥ ସାହୁ, ମୂଳାପାଳ ଗୋଲଖ ଚନ୍ଦ୍ର ମାଝି, କରଦା ଗଙ୍ଗାଧର ସାହୁ, ପଥରପଦା ସନ୍ତୋଷ କୁମାର ବେହେରା, ପାଣିକୋଇଲି କୃଷ୍ଣ ଚନ୍ଦ୍ର ବିଶ୍ୱାଳ, ଗୋଳେଇପୁର ମିର୍ଜା ହବିବୁଲ ବେଗ, ବଡ଼ବିରୁଆଁ ସୁଶାନ୍ତ କୁମାର ମହାପାତ୍ର, ତଣ୍ଡରା ଉମେଶ ଚନ୍ଦ୍ର ସ୍ୱାଇଁ, ଖମଣ କୈଳାଶ ଚନ୍ଦ୍ର ସାହୁ ଓ ଜହ୍ନା ପଞ୍ଚାୟତ ପାଇଁ ଦାମ ସୁନ୍ଦର ପାଢ଼ୀସଭାପତି ଭାବେ ନିଯୁକ୍ତ ହୋଇଛନ୍ତି। ସେହିପରି ଉପଦେଷ୍ଟା ଭାବେ ପୂର୍ବତନ କୋରେଇ ପଞ୍ଚାୟତ ସମିତି ଅଧକ୍ଷ ଭିକାରୀ ବରାଳ, ଅଶୋକ କୁମାର ପଣ୍ଡା, ଅଦୈତ ଦାସ, ଦେବବ୍ରତ ମହାନ୍ତି, ସୁରେନ୍ଦ୍ର ମିଶ୍ର, ଲକ୍ଷ୍ମୀଧର ରାଉତ, କୈଳାଶ ମିଶ୍ର, ସଞ୍ଜୟ ଦାସ, ନବାବ ବେଗ, ରମେଶ ମହାନ୍ତ, ସନ୍ତୋଷ ସାହୁ, ରଘୁନାଥ କୁଣ୍ଡୁ, ବିଶ୍ୱତୋଷ ସିହ୍ନା, ମାନଗୋବିନ୍ଦ ଦାସ, ବିନୋଦନନ୍ଦ ପ୍ରହରାଜ ଓ ଆବୁଲ ହାଜରୀ। ଖୁବଶୀଘ୍ର ଅନ୍ୟାନ୍ୟ ସମସ୍ତ ବର୍ଗର କାର୍ଯ୍ୟକର୍ତ୍ତାଙ୍କ ନାମ ଘୋଷଣା ହେବ ବୋଲି ଶ୍ରୀ ମହାନ୍ତି କହିଛନ୍ତି।

# ଝରଣାରେ ନିଖୋଜ ଯୁବକଙ୍କ ମିଳିଲା ମୃତଦେହ

**ସୁକିନ୍ଦା, ୨୪।୮ (ସମିସ):** ସୁକିନ୍ଦା ଥାନା ଅଞ୍ଚଳର ଏକ ଝରଣାରେ ଗାଧୋଉଥିବା ସମୟରେ ପାଣିରେ ଦୁଇ ସାଙ୍ଗ ନିଖୋଜ ହୋଇଥିବା ବେଳେ ସୁକିନ୍ଦା ଅଗ୍ନିଶମ ବିଭାଗ ଗତ ଶନିବାର ଜଣେ ଯୁବକଙ୍କର ମୃତଦେହ ଉଦ୍ଧାର କରିଥିଲେ। ତେବେ ରବିବାର ଅନ୍ୟ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ଏ ସଂକ୍ରାନ୍ତରେ ସୁକିନ୍ଦା ପୁଲିସ ୨୪/୨୫ ଓ ୨୫/୨୫ରେ ଦୁଇଟି ମାମଲା ରୁଜୁକରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଜାରି ରଖିଛି। ଗତ ଶନିବାର ପୂର୍ବାହ୍ନରେ ୩ଜଣ ଯୁବକ ସାଙ୍ଗ ରାଙ୍କିଆ ପାହାଡ ନିକଟ ଝରଣାକୁ ଯାଇଥିଲେ। ସେଠାରେ ଥିବା ଏକ ପାହାଡ ଖୋଲରେ ମାନସ ଓ ଶମ୍ଭୁ ଗାଧୋଉଥିବା ସମୟରେ ହଠାତ୍ ନିଖୋଜ ହୋଇଯାଇଥିଲେ। ସେମାନଙ୍କ ସହ ଥିବା ବୁଟୁରୁ ନାମକ ନାବାଳକ ଫୋନକରି ଗାଁକୁ ଖବର ଦେଇଥିଲେ। ଗାଁ ଲୋକେ ତୁରନ୍ତ ସୁକିନ୍ଦା ଅଗ୍ନିଶମ ବିଭାଗକୁ



ସୂଚନା ଦେଇଥିଲେ। ସୂଚନା ପାଇ ଅଗ୍ନିଶମ ବିଭାଗ ଅଧିକାରୀ ରଜନୀକାନ୍ତ ସାମଲଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳରେ ଦୀର୍ଘ ୬ଘଣ୍ଟା ଧରି ଅକ୍ଳାନ୍ତ ପରିଶ୍ରମ କରିବା ପରେ ସନ୍ଧ୍ୟାରେ ଶମ୍ଭୁର ମୃତଦେହ ଉଦ୍ଧାର କରିଥିଲା। ରବିବାର ପୁଣି ଅଗ୍ନିଶମ ବିଭାଗ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା। ଅକ୍ଳାନ୍ତ ପରିଶ୍ରମ ପରେ ନିଖୋଜ ମାନସର ମୃତଦେହ ଉଦ୍ଧାର କରିଛି ଅଗ୍ନିଶମ ବିଭାଗ। ଅଙ୍ଗନବାଡ଼ି କର୍ମୀ ଦମୟନ୍ତୀ ମହାନ୍ତ ଓ ମନମୋହନ ମହାନ୍ତଙ୍କ ପୁଅ ମାନସ ବିଟେକ୍ ପରେ ବେଙ୍ଗାଲୁରୁରେ ଚାକିରି କରୁଥିଲେ। ଶମ୍ଭୁ ଯୁକ୍ତ୨ ପାସ୍ କରି ଡିଗ୍ରୀ ପଢ଼ା ସହ ଚାକିରି ଯୋଜନାରେ ଥିଲେ। ସୁକିନ୍ଦା ରେଞ୍ଜ୍ ମହାଗିରି ପର୍ବତମାଳା ମଧ୍ୟସ୍ଥ ଏହି ସ୍ଥାନରେ ବର୍ଷାଦିନିଆ ଜଳପ୍ରପାତ ସୃଷ୍ଟି ହୋଇଥାଏ। ଭୂମି ପତନରୁ ପାଖାପାଖି ୩ ଶହ ଫୁଟ ଉଚ୍ଚରେ ଥିବା ଏହି ସୁଦୃଶ୍ୟ ଜଳପ୍ରପାତ ତଳେ ଥିବା ପାହାଡ଼ଖୋଲରେ ପ୍ରବାହିତ ଝରଣାରେ ବିପଜ୍ଜନକ ଭାବେ ଏକ ଗଭୀର ଗଣ୍ଡ ରହିଥିବା ଜଣାପଡ଼ିଛି। ଗତବର୍ଷ ଠାରୁ ରିଲ୍ ନିଶାରେ ବହୁ ଯୁବକ ଯୁବତୀ ଏଠାକୁ ଆସୁଥିବା କୁହାଯାଉଛି। ସୂଚନା ପାଇ ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ଉଭୟ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇଛନ୍ତି। ଆଜି ଗାଁ ମଶାଣିରେ ଉଭୟଙ୍କ ଶବ ଦାହ କରାଯାଇଛି।

# ଜାତୀୟ କବି ବାଞ୍ଛାନିଧି ଦାସଙ୍କ ଜୟନ୍ତୀ

**ବରୀ, ୨୪।୮ (ସମିସ):** ଜାତୀୟ କବି ତଥା ସ୍ୱାଧୀନତା ସଂଗ୍ରାମୀ ବାଞ୍ଛାନିଧି ଦାସଙ୍କ ୧୦୨ତମ ଜୟନ୍ତୀ ଉପଲକ୍ଷେ ସନ୍ଥନ ମହାବିଦ୍ୟାଳୟଠାରେ ବରୀ ପୂଜ୍ୟପୂଜା ପରିଷଦ ଆନୁକୂଲ୍ୟ ତଥା କଳା ସାହିତ୍ୟ ସଂସ୍କୃତି ପରିଷଦ, ବରୀ ସହଯୋଗରେ ବାଞ୍ଛାନିଧି ଦାସଙ୍କ ଜୀବନୀ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠାନର ସଭାପତି ଡାକ୍ତର ରାଜକିଶୋର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଆଲୋଚନା ଚକ୍ରରେ ସମ୍ମାନିତ ଅତିଥି ରୂପେ ଶିକ୍ଷାବିତ୍ ସୁବାସ ଚନ୍ଦ୍ର ବିଶ୍ୱାଳ, ଗଗନ ବିହାରୀ ଜେନା, ସନ୍ଥନ ମହାବିଦ୍ୟାଳୟର ଅଧ୍ୟକ୍ଷ ବିଜୟ କୁମାର ଦାସ, ସୀତାକାନ୍ତ ପଣ୍ଡା ପ୍ରମୁଖ ଯୋଗଦେଇ ଭାରତୀୟ ମୁକ୍ତି ସଂଗ୍ରାମର ଅନ୍ୟତମ ପୂଜାରୀ ଥିଲେ ଜାତୀୟ କବି ବାଞ୍ଛାନିଧି ଦାସ ଓ ତାଙ୍କ କବିତାରେ ଥିଲା ପ୍ରତିଟି ଜାତୀୟ ପ୍ରେମି ମଣିଷ ପାଇଁ ପ୍ରେରଣାର ଉତ୍ସ ବୋଲି କହିଥିଲେ। ପ୍ରାରମ୍ଭରୁ ସମାଜସେବୀ ସତ୍ୟରଞ୍ଜନ କର ନିଜର



ସାରଗର୍ଭକ ବକ୍ତବ୍ୟ ମାଧ୍ୟମରେ କବିଙ୍କ କାର୍ଯ୍ୟ ଧାରାକୁ ମୂଲ୍ୟାୟନ କରିଥିଲେ। ପ୍ରଭଞ୍ଜନ ପତିଙ୍କୁ ବାଞ୍ଛାନିଧିଙ୍କ ଦାୟାଦ ଭାବରେ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିବା ବେଳେ ଗିରିଶ ବିହାରୀ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ନୃସିଂହ ବେହେରା ସ୍ୱାଗତ ଅଭିଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଶାନ୍ତ ବେହୁରା, ଲାଲବିହାରୀ କର, ଅନିରୁଦ୍ଧ ତ୍ରିପାଠୀ, ବ୍ରହ୍ମାନନ୍ଦ କର, ଖଗେଶ୍ୱର ନାୟକ, ଦେବାଶିଷ ଜେନା, ତାପସୀ ସାମଲ, ଜ୍ୟୋତିର୍ମୟ ନାୟକ, ବିଶ୍ୱଭୂଷଣ ଜେନା, କବି କୁମାର ସରୋଜ ଓ ବରୀ ସାମ୍ବାଦିକ ସଙ୍ଘ ସଭାପତି ପ୍ରଶାନ୍ତ ଦ୍ୱିବେଦୀ, ସ୍ନେହାଂଶୁ ମହାନ୍ତି, ଚୈତନ୍ୟ ଜେନା, ଦର୍ଶନୀ ବେହେରା ପ୍ରମୁଖ ଉପସ୍ଥିତ କବିଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବା ସହ ତାଙ୍କର କବିତା ପାଠ୍ୟ ପୁସ୍ତକରେ ସ୍ଥାନ ଦେବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଥିଲେ। ପୂର୍ବତନ କୁଳପତି ଗୋକୁଳା ନନ୍ଦ ଦାସଙ୍କ ସ୍ମୃତି ଚାରଣ ଓ ଆରାର ସଦଗତି ଉପଲକ୍ଷେ ନିରବ ପ୍ରାର୍ଥନା ଅନୁଷ୍ଠାନ ପକ୍ଷରୁ କରାଯାଇଥିଲା। ଶେଷରେ ବିଦ୍ୟାଧର ନିର୍ଦ୍ଦେଶକ ଶରତ ଜେନା ଧନ୍ୟବାଦ ଦେଇଥିଲା।

ଗ୍ରାହକଙ୍କ ବିଶ୍ୱାସରେ ବିଷ

# ତ୍ରୁଟିପୂର୍ଣ୍ଣ ବିଲ୍ ଦେଇ ଲୁଟିଲେ ସୁନା ଦୋକାନୀ

**ଯାଜପୁର, ୨୪।୮ (ସମିସ):** ଆଜି କାଲି ପ୍ରତ୍ୟେକ ଦୋକାନରେ କମ୍ପ୍ୟୁଟର ଜନିତ ବିଲ ପ୍ରଦାନ କରାଯାଉଥିବାରୁ ଏହା ସମ୍ପୂର୍ଣ୍ଣ ନିର୍ଭୁଲ ବୋଲି ସାଧାରଣରେ ଏକ ଧାରଣା ରହିଛି। କିନ୍ତୁ ଗ୍ରାହକମାନଙ୍କର ଏଭଳି ବିଶ୍ୱାସରେ ବିଷ ମିଶାଇ ଦୋକାନୀ ମାନେ କିଭଳି ଠକୁଛନ୍ତି ତାହାର ଏକ ପ୍ରମାଣ ମିଳିଛି। ରସୁଲପୁର ବ୍ଲକ ଅନ୍ତର୍ଗତ ହରିପୁର ହାଟ ବଜାର ସ୍ଥିତ ପାତ୍ର ଅଳଙ୍କାର ଦୋକାନରୁ ସୁନା ଅଳଙ୍କାର କିଣି ଏଭଳି ଠକାମିର ଶିକାର ହୋଇଛନ୍ତି ଗ୍ରାହକ। ସୂଚନା ମୁତାବକ ଅଗଷ୍ଟ ୧୧ ତାରିଖରେ ଏହି ବ୍ଲକ ବ୍ରହ୍ମବରଦା ଗ୍ରାମର ଜଣେ ଗ୍ରାହକ ସୁନା ସାମଗ୍ରୀ କିଣିବାକୁ ହରିପୁର ବଜାରରେ ଥିବା ପାତ୍ର ଅଳଙ୍କାର ଦୋକାନକୁ ଆସିଥିଲେ। ତେବେ ସେ ନିଜର ଅଳଙ୍କାର କିଣିବା ପରେ ଦୋକାନୀ ଦେଇଥିବା ହିସାବ ଓ ବିଲ୍ ଅନୁଯାୟୀ ୧ ଲକ୍ଷ ୧୭ ହଜାର ୯୦୦ ଟଙ୍କା ଦେଇଥିଲେ। ଘରକୁ ଆସିବା ପରେ ଗ୍ରାହକ ଜଣକ ନିଜର ବିଲ୍‌କୁ ତାଙ୍କର ଜଣେ ସମ୍ପର୍କୀୟଙ୍କୁ ଦେଖାଇଥିଲେ। ତେବେ ଏହି ବିଲରେ ଭୁଲ ହିସାବ କରି ଅଧିକ ଟଙ୍କା ନିଆଯାଇଥିବା ଜଣାପଡ଼ିଥିଲା। ଏ ସମ୍ପର୍କରେ ଗ୍ରାହକ ଜଣକ ପାତ୍ର ଅଳଙ୍କାରରେ ଅଭିଯୋଗ କରିବା ପରେ ଏଭଳି ଭୁଲ୍‌କୁ ସ୍ୱୀକାର କରିବା ସହିତ ପୁନଃର୍ବାର ହିସାବ କରି ପାଖାପାଖି ୧୩ ହଜାର ଟଙ୍କା ଫେରସ୍ତ କରିଥିଲେ। ତେବେ ହରିପୁର ଅଞ୍ଚଳରେ ଥିବା ଏହି ସୁନାଦୋକାନୀ ମାନେ ଏଭଳି ତ୍ରୁଟିପୂର୍ଣ୍ଣ କମ୍ପ୍ୟୁଟର ବିଲ୍ ଦେଇ ଗ୍ରାହକମାନଙ୍କୁ ଠକୁଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଉକ୍ତ ବିଲ୍‌ରେ ଥିବା ପାତ୍ର ଅଳଙ୍କାରର ଫୋନ ନମ୍ବରରେ ମତାମତ ପାଇଁ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ମତାମତ ମିଳିପାରିନଥିଲା।

# ପୋଖରୀରେ ବୁଡ଼ି ଜଣେ ମୃତ

**କବାଟବନ୍ଧ, ୨୪।୮ (ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଞ୍ଚଳରେ ପଦ୍ମ ଫୁଲ ଆଣିବାକୁ ଯାଇ ଜଣେ ଲୋକଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତକ ଜଣଙ୍କ ହେଲେ ଏହି ଥାନା ଅନ୍ତର୍ଗତ ଡାହାଣୀଡିହ ପଞ୍ଚାୟତ କୃଷ୍ଣଚନ୍ଦ୍ରପୁର ଗ୍ରାମର କହରା ରାଉତଙ୍କ ପୁଅ ସଞ୍ଜୟ ରାଉତ(୪୫)। ମିଳିଥିବା ସୂଚନା ଅନୁଯାୟୀ ସଞ୍ଜୟ ରବିବାର ଅପରାହ୍ନ ରେ ଗାଁ ପୋଖରୀକୁ ପଦ୍ମ ଫୁଲ ଆଣିବାକୁ ଯାଇଥିଲେ। ଅସାବଧାନତା କିମ୍ବା କୌଣସି କାରଣରୁ ପାଣିରେ ବୁଡ଼ି ଯାଇଥିଲେ। ତାଙ୍କ ଗୋଡ଼ରେ ପଦ୍ମ ଫୁଲର ନାଡ଼ ଗୁଡ଼େଇ ହୋଇଯାଇ ଏହି ଘଟଣା ଘଟିଥିବା ସନ୍ଦେହ କରାଯାଉଛି। ସ୍ଥାନୀୟ ଲୋକମାନେ ସଞ୍ଜୟ ପାଣିରେ ଭାସୁଥିବାର ଦେଖି ପରିବାର ଲୋକ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ଚଢ଼େଇଧରା ଅଗ୍ନିଶମ ବାହିନୀ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ତୁରନ୍ତ ତାଙ୍କୁ ଧର୍ମଶାଳା ମେଡ଼ିକାଲକୁ ନିଆ ଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଜେନାପୁର ପୁଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହିତ ବ୍ୟବଚ୍ଛେଦ ପରେ ପରିବାରକୁ ମୃତଦେହ ହସ୍ତାନ୍ତର କରାଯିବ ବୋଲି କହିଛନ୍ତି।

# ଘର କାନ୍ଥ ଭୁଶୁଡ଼ି ଜଣେ ଗୁରୁତର

**ସୁକିନ୍ଦା, ୨୪।୮ (ସମିସ):** ସୁକିନ୍ଦା ଥାନା ଅଞ୍ଚଳରେ ଏକ ରହିବା ଘର କାନ୍ଥ ଭୁଶୁଡ଼ି ପଡ଼ି ଜଣେ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି। ଲଘୁଚାପ ଜନିତ ଲଗାଣ ବର୍ଷା ପ୍ରଭାବରେ ସୁକିନ୍ଦା ବ୍ଲକ ଓଳିଆ ଗ୍ରାମର ଦୀପକ ମହାପାତ୍ରଙ୍କ ଘର କାନ୍ଥ ଭୁଶୁଡ଼ି ପଡ଼ିଥିଲା। ଘଟଣାସ୍ଥଳରେ ଦୀପକ ଗୁରୁତର ଆହତ ହୋଇଯାଇଥିବା ବେଳେ ପରିବାର ଲୋକେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏହି ଦୁର୍ଘଟଣାରେ ଦୀପକର ମୁଣ୍ଡ ଓ ଗୋଡ଼ରେ ଗଭୀର ଆଘାତ ଲାଗିଥିଲା। ଦୀପକ ଅବସ୍ଥା ଗୁରୁତ୍ୱର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

# ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ



**ବରୀ, ୨୪।୮ (ସମିସ):** ବିଶ୍ୱହିନ୍ଦୁ ପରିଷଦ ଏବଂ ବଜରଙ୍ଗ ଦଳ ବରୀ ପ୍ରଖଣ୍ଡ ପକ୍ଷରୁ ବିଶ୍ୱହିନ୍ଦୁ ପରିଷଦର ୬୧ ତମ ପ୍ରତିଷ୍ଠାଦିବସ ଓ ସନ୍ଥ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ୧୭ତମ ବଳିଦାନ ଦିବସ ସାହୁପଡ଼ା ହନୁମାନ ମନ୍ଦିର ପ୍ରାଙ୍ଗଣରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଯାଜପୁର ଓ କେନ୍ଦ୍ରାପଡ଼ା ଜିଲ୍ଲା ବଜରଙ୍ଗଦଳ ସଂଯୋଜକ ଚନ୍ଦ୍ରକାନ୍ତ କର ଉଦ୍‌ଘାଟନ କରିଥିଲେ। ବିଶ୍ୱହିନ୍ଦୁ ପରିଷଦର ପ୍ରଖଣ୍ଡ ସଭାପତି ଯୁବ ସମାଜସେବୀ ଡ. ବିଶ୍ୱନାଥ ତ୍ରିପାଠୀ ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ସହିତ ମମଦୀକ୍ଷା ହିନ୍ଦୁ ରକ୍ଷା ବିଷୟରେ ବର୍ଣ୍ଣନା କରିଥିଲେ। ସମ୍ମାନିତ ଅତିଥି ଭାବେ ଯାଜପୁର ସମରସତ୍ତା ପ୍ରମୁଖ ଚିତ୍ତରଞ୍ଜନ ପରିଡ଼ା ଯୋଗ ଦେଇ ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର ମାଧ୍ୟମରେ କେଉଁଭଳି ଭାବରେ ହିନ୍ଦୁତ୍ୱ ଜାଗ୍ରତ କରାଯାଇ ପାରିବ ସେ ବିଷୟରେ ବକ୍ତବ୍ୟ ରଖିଥିଲେ ଏବଂ ମୁଖ୍ୟ ଅତିଥି ଶ୍ରୀଯୁକ୍ତ କର ସତ୍‌ସଙ୍ଗ ମିଳନ କେନ୍ଦ୍ରଦ୍ୱାରା କିପରି ହିନ୍ଦୁ ସନାତନ ଧର୍ମ ରକ୍ଷା ହୋଇପାରିବ ବୋଲି ମତବ୍ୟକ୍ତ କରିବା ସହିତ ବିଶ୍ୱ ହିନ୍ଦୁ ପରିଷଦ ଏବଂ ବଜରଙ୍ଗ ଦଳର ପ୍ରତିଷ୍ଠା ଏବଂ ଲକ୍ଷ୍ୟ ବିଷୟରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମାତୃଶକ୍ତି ମା'ମାନେ ଦୁର୍ଗାବାହିନୀର ଭଉଣୀମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ବିଶ୍ୱହିନ୍ଦୁ ପରିଷଦ, ବରୀ ପ୍ରଖଣ୍ଡର ଉପସଭାପତି ଦଶରଥ ଜେନା ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜକିଶୋର ମଲ୍ଲିକ, ଦିବ୍ୟରଞ୍ଜନ ମିଶ୍ର, ଲଳିତମାଧବ ଜେନା, ମଣ୍ଟୁ ମଲ୍ଲିକ, ଗୟାଧର ସାହୁ, କଳାକର ବାରିକ ପ୍ରଭୃତି ଉପସ୍ଥିତ ଥିଲେ। ସର୍ବଶେଷରେ ଶାନ୍ତିପାଠ କରାଯାଇ ସଭା ସମାପନ କରାଯାଇଥିଲା।

# ଗଣେଶ ପୂଜା ପାଇଁ ସଫେଇ

**ଯାଜପୁର, ୨୪।୮ (ସମିସ):** ଯାଜପୁର ବ୍ଲକ ଅନ୍ତର୍ଗତ ଚଇନପୁର ପଞ୍ଚାୟତ ଗୋପନଗର ଯୁବକସଂଘ ତରଫରୁ ଗଣେଶ ପୂଜା ପାଇଁ ଏକ ପ୍ରସ୍ତୁତ ବୈଠକ ଅନୁଷ୍ଠିତ ହୋଇଯାଇଛି। ମଳୟ କୁମାର ପଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଦୀପକ ସାହୁ, ଗୌତମ ସାହୁ ବ୍ରହ୍ମାନନ୍ଦ ସାହୁ, ପ୍ରଶାନ୍ତ ନାୟକ, ଅଜିତ ନାୟକ, ଅଭୟ ସାହୁ, ଅଜୟ ସାହୁ, ସାନିଆ ସାହୁ, ଲିପୁ ଦାସ, ସିପୁ ପୃଷ୍ଟି, ମାଧବ ସାହୁ, ବିଜୟ ସାହୁ, ସିଲୁ ନାୟକଙ୍କ ସମେତ ବହୁ ସଦସ୍ୟ ଯୋଗ ଦେଇ ଗଣେଶପୂଜାକୁ ଶାନ୍ତିଶୃଙ୍ଖଳାରେ ଶେଷ କରିବାକୁ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ଏହି ଅବସରରେ ଗାଁରେ ଏକ ସଫେଇ କାର୍ଯ୍ୟ କରାଯାଇଥିଲା।

# ଉତ୍କଳ ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ



**ମଙ୍ଗଳପୁର, ୨୪।୮ (ସମିସ):** ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ଉତ୍କଳ ସାମ୍ବାଦିକ ସଂଘର ଦ୍ୱିତୀୟ ବାର୍ଷିକ ଉତ୍ସବ ଓ 'ସମସ୍ୟା ଘେରରେ ଗ୍ରାମାଞ୍ଚଳ ସାମ୍ବାଦିକତା' ଶୀର୍ଷକ ଆଲୋଚନାଚକ୍ର ଆଜି ମଙ୍ଗଳପୁର ବଜାରସ୍ଥ ଥାଲକୁଡ଼ି ବିଜୁ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଦଶରଥପୁର ବ୍ଲକ ଉତ୍କଳ ସାମ୍ବାଦିକ ସଂଘର ସଭାପତି ଜୟପ୍ରକାଶ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବିଞ୍ଝାରପୁର ବିଧାୟିକା ତଥା ବିରୋଧୀ ଦଳ ମୁଖ୍ୟ ସଚେତିକା ପ୍ରମିଳା ମଲ୍ଲିକ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବିଭୁତି ଭୂଷଣ କର, ବିଶିଷ୍ଟ ଅତିଥି ଭାବେ ଯାଜପୁର ବିଧାୟିକା ସୁଜାତା ସାହୁ, ସମ୍ମାନିତ ଅତିଥି ରୂପେ ପ୍ରାକ୍ତନ ଜିଲ୍ଲା ପରିଷଦ ସଭାପତି ଗୌତମ ରାୟ, ସଂଘର ରାଜ୍ୟ କାର୍ଯ୍ୟକାରୀ ସଭାପତି ହାରାଧନ ବାନାର୍ଜୀ, ଯାଜପୁର ଜିଲ୍ଲା ସଭାପତି ହରିହର ସ୍ୱାଇଁ, ଜିଲ୍ଲା ସାଧାରଣ ସମ୍ପାଦକ ପବିତ୍ର ରଞ୍ଜନ ମହାନ୍ତି, ଭୁବନେଶ୍ୱରର ବରିଷ୍ଠ ସାମ୍ବାଦିକ ବିଶ୍ୱଜିତ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ସାମ୍ବାଦିକ ସୁରକ୍ଷା ଆଇନ, ପେନସନ ପ୍ରଦାନ, ଅଧିସ୍ୱୀକୃତି କମିଟି ଗଠନ ପୂର୍ବକ ରାଜ୍ୟର ସାମ୍ବାଦିକମାନଙ୍କୁ ମାନ୍ୟତା ପ୍ରଦାନ କରିବାରେ ବିଳମ୍ବ ହେଲେ ସଙ୍ଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ମଞ୍ଚରେ ସଂଘର ନେତା ମାନେ ମତବ୍ୟକ୍ତ କରିଥିଲେ। ବ୍ଲକ ସଂଘର କୋଷାଧକ୍ଷ ରାକେଶ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ବରିଷ୍ଠ ସଭ୍ୟ ସୀତାଂଶୁ ଶେଖର ଯେନା ମାନପତ୍ର ପଠନ ଏବଂ ମନୋରଞ୍ଜନ ମଲ୍ଲିକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଧାମନଗର ବ୍ଲକ ହସନାବାଦ ପଞ୍ଚାୟତର ସରପଞ୍ଚ ତଥା ସମାଜସେବୀ ଅଜୟ କୁମାର ମଲ୍ଲିକଙ୍କୁ ସମାଜସେବା ପାଇଁ, ସଫଳ ଓ ଉତ୍ତମ ଚାଷୀ ଭାବେ ଯୁବ ଚାଷୀ ସମରେନ୍ଦ୍ର ପରିଡ଼ା, ଗୀତିକାର ତଥା ଶିକ୍ଷାବିତ ପାଇଁ ଶିକ୍ଷକ ବିପିନ ବିହାରୀ ରାୟ ଓ ନୃତ୍ୟ ପାଇଁ ମିହିର ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦଶରଥପୁର ବ୍ଲକର ବରିଷ୍ଠ ସଭ୍ୟ ସନ୍ଦୀପ ରାୟ, ସଞ୍ଜୟ ରାୟ, ବିଜୟ ରାଉତ, ସରୋଜ ପୃଷ୍ଟି, ସରୋଜ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିବାରେ ସହଯୋଗ କରିଥିଲେ।ବରିଷ୍ଠ ସମାଜସେବୀ ପ୍ରଦୀପ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା କାର୍ଯ୍ୟକାରୀ ସଭାପତି ରଙ୍ଗବଲ୍ଲଭ ସାହୁ, ଦେବାଶିଷ ସାହୁ, ହିମାଂଶୁ ପାଢ଼ୀ, ବିଜୟ ସାହୁ, ଲିପୁ, ସୁବାଶିଷ ରାଉତ, ଦିବ୍ୟକାନ୍ତ କର, ଭରତ ନାୟକ, ବିଦ୍ୟାଧର ବେହେରା, ଚନ୍ଦ୍ରକାନ୍ତ ପତି, ଜିତେନ୍ଦ୍ର ବେହେରା, ଶଙ୍କର୍ଷଣ ସେଠି, ଲୀଙ୍ଗରାଜ ସାହୁ, ତପନ ନାୟକ, ରଜତ ସାହା, ସରୋଜ ପଣ୍ଡା, ମନୋଜ କୁମାର ନାୟକ, ନିଶିକାନ୍ତ ସେନାପତି ପ୍ରମୁଖ ଜିଲ୍ଲାରୁ ସାମ୍ବାଦିକମାନେ ଯୋଗ ଦେଇଥିଲେ।

# ବିଜେଡି କର୍ମୀ ସମାବେଶ



**ବଡଚଣା, ୨୪।୮ (ସମିସ):** ବଡଚଣା ବ୍ଲକ ଅନ୍ତର୍ଗତ ବନ୍ଧା ପଦ୍ମଲାଭପୁର ସ୍ଥିତ ଶ୍ୟାମସୁନ୍ଦରଦେବଜୀଉ ମନ୍ଦିର ପରିସରରେ ବଡଚଣା ବିଜେଡିର ୧୮ ନମ୍ବର ଜୋନ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଜିଲ୍ଲା ବିଜେଡିର ପ୍ରାକ୍ତନ ଉପସଭାପତି ଅମର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ କର୍ମୀ ସମାବେଶରେ ମୁଖ୍ୟଅତିଥି ଭାବେ ବଡଚଣା ବିଜେଡି ନେତା କ୍ୟାପଟେନ ରାଜ ନାରାୟଣ ମହାପାତ୍ର ଯୋଗଦେଇ ପ୍ରତି ଗ୍ରାମପଞ୍ଚାୟତରେ ତୃଣମୂଳସ୍ତରରୁ ଦଳକୁ ମଜବୁତ କରିବା ସହିତ ଲୋକମାନଙ୍କ ନିକଟକୁ ଯାଇ ସେମାନଙ୍କ ସମସ୍ୟା ଓ ଏହାର ସମାଧାନ ଦିଗରେ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ଏଥିସହିତ ବଡଚଣାରେ ଚାଲୁଥିବା ଅନ୍ୟାୟ, ଅନୀତି ଦୁର୍ନୀତି ଭ୍ରଷ୍ଟାଚାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାକୁ କର୍ମୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଯେଉଁମାନେ ଗତ ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କୁ ହରାଇବାରେ ମୁଖ୍ୟଭୂମିକା ନେଇଥିଲେ ସେମାନେ ଆଜି ଦଳରୁ ବାହାରି ଯାଇଛନ୍ତି। ଆଜିଠାରୁ ଦଳ ନବକଳେବର ହୋଇ ବଡଚଣାବାସୀଙ୍କ ପାଇଁ ସଂଗ୍ରାମ କରିବ ବୋଲି କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଯାଜପୁର ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରହ୍ଲାଦ ନନ୍ଦ, ଯୁବନେତା ନିରଞ୍ଜନ ବିଶ୍ୱାଳ, ଆଶିଷ ରଞ୍ଜନ ଚୌଧୁରୀ, ଜ୍ଞାନରଞ୍ଜନ ସାହୁ, ମାଧବା ନନ୍ଦ ମହାପାତ୍ର, ମିହିର ଖୁଣ୍ଟିଆ, ସରସ୍ୱତୀ ବେହେରା, ଦମୟନ୍ତୀ ସାମଲ, ଜୟନ୍ତୀ ସ୍ୱାଇଁ, ରମେଶ ଚନ୍ଦ୍ର ପୃଷ୍ଟି, ଗଗନ ବିହାରୀ ଦାସ, ମାନଗୋବିନ୍ଦ ସେଠୀ, ପ୍ରଦୀପ କୁମାର ମହାନ୍ତି, କୈଳାସ ରାଉତ, ଧନେଶ୍ୱର ବେହେରା, ବିଶ୍ୱଜିତ ମହାନ୍ତି, ଦିଲ୍ଲୀପ କୁମାର ରାଉତ, ଦିଲ୍ଲୀପ କୁମାର ସାମଲ, ସୁଶାନ୍ତ କୁମାର ନାୟକ, ସୂର୍ଯ୍ୟକାନ୍ତ ପରିଡ଼ା, ତୁଷାର ପଣ୍ଡା, ରବୀନ୍ଦ୍ର ସାମଲ, ହୃଷୀକେଶ ସାମଲ, ତପନ କୁମାର ବେହେରା ତପନ କୁମାର ସିଂହ ପ୍ରମୁଖ ଯୋଗଦେଇଥିଲେ। ଏହି କର୍ମୀ ସମାବେଶରେ ୧୮ ନମ୍ବର ଜୋନ ୮ଟି ଗ୍ରାମ ପଞ୍ଚାୟତ ସହିତ ସୋଲର, ବୈରୀ ଗ୍ରାମପଞ୍ଚାୟତ ଏକ ହଜାରରୁ ଉର୍ଦ୍ଧ୍ୱ କର୍ମୀ ଯୋଗଦେଇଥିଲା। ଏହି ଅବସରରେ ୭ଜଣ ୱାର୍ଡ଼ ସଭ୍ୟ ବିଜେଡିରେ ଯୋଗ ଦେଇଥିଲେ। ଧୁଳେଶ୍ୱର ଦାସ ଧନ୍ୟବାଦ ପ୍ରଦାନ କରିଥିଲେ। ଆରମ୍ଭରେ ମଣ୍ଡୁକା ପଞ୍ଚାୟତ ଅନ୍ତର୍ଗତ କୃଷ୍ଣଦାସପୁର ଛକରୁ ଏକ ବାଇକ୍ ଶୋଭାଯାତ୍ରାରେ କର୍ମୀମାନେ କ୍ୟାପଟେନ ରାଜନାରାୟଣ ମହାପାତ୍ରଙ୍କୁ ପାଛୋଟି ଆଣିଥିଲେ।

# ଦାମୋଦରପୁର ଗ୍ରାମ ମୁଖ୍ୟରାସ୍ତା ଶୋଚନୀୟ

**ପାଣିକୋଇଲି, ୨୪।୮ (ସମିସ):** ଜାତୀୟ ରାଜପଥ ୧୬ରୁ ପାଣିକୋଇଲି ଓ ପଥରପଦା ପଞ୍ଚାୟତର ଦାମୋଦରପୁର ଗ୍ରାମକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ରାସ୍ତା କାମ ନିମନ୍ତେ ଠିକା ନେଇଥିବା ଠିକାସଂସ୍ଥା ରାସ୍ତା କାମ ଅଧାରୁ ବନ୍ଦ କରିଥବବା ବେଳେ କ୍ରମାଗତ ବର୍ଷାରେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଉକ୍ତ ରାସ୍ତାଟି ଗ୍ରାମକୁ ମୁଖ୍ୟ ରାସ୍ତା ହୋଇଥିବା ବେଳେ ଗ୍ରାମର ଛାତ୍ରଛାତ୍ରୀ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଯିବା ଆସିବା କରିବା ଲାଗି ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ରାସ୍ତାର ଅବସ୍ଥା ଯାହା ହୋଇଛି ଆକସ୍ମିକ ଭାବେ କେହି ରୋଗରେ ପଡ଼ିଲେ ଆମ୍ବୁଲାନ୍ସଟିଏ ମଧ୍ୟ ଗ୍ରାମକୁ ଯିବାଆସିବା



କଷ୍ଟକର। ଗତ କିଛି ମାସ ତଳେ ଏ ସମ୍ପର୍କରେ ଗ୍ରାମବାସୀ ସ୍ଥାନୀୟ ରାସ୍ତା ଓ ଗୃହ ନିର୍ମାଣ କାର୍ଯ୍ୟାଳୟରେ ବିଭାଗୀୟ ଯନ୍ତ୍ରୀଙ୍କୁ ଭେଟି ସମସ୍ୟା ଉପସ୍ଥାପନ କରିଥିଲେ। ପରେ ଯନ୍ତ୍ରୀଙ୍କ ନିର୍ଦ୍ଦେଶ ମତେ ଠିକାଦାର କେବଳ ଡଷ୍ଟ ପକାଇ ଦେଇ କାମ ବନ୍ଦ କରି ଦେଇଥିଲା। ତେବେ ଲଗାଣ ବର୍ଷା ଯୋଗୁଁ ଉକ୍ତ ଡଷ୍ଟ ଗୁଡ଼ିକ କେଲୁଅ ମାଟି ସହିତ ମିଶି କାଦୁଅ ପଚପଚ ହୋଇଯାଇଛି। ଫଳରେ ବାଇକ୍‌ଟିଏ ଯିବା ତ ଦୂରରେ ଥାଉ ପାଦରେ ଚାଲି କରି ଯିବା କଷ୍ଟକର ହୋଇପଡ଼ିଛି। ଏ ଦିଗରେ ବିଭାଗୀୟ ଯନ୍ତ୍ରୀ ତୁରନ୍ତ ଦୃଷ୍ଟି ନିକ୍ଷେପ କରି ସମସ୍ୟାର ସମାଧାନ କରିବା ଲାଗି ଅଞ୍ଚଳବାସୀ ଦାବି କରିଛନ୍ତି।

# ଶତାବ୍ଦୀ ସ୍ୱାଗତ ସଞ୍ଚଳନ କାର୍ଯ୍ୟକ୍ରମ

**ପାଣିକୋଇଲି, ୨୪।୮ (ସମିସ):** ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଯାଜପୁର ଜିଲ୍ଲା କୋରାଇ ଖଣ୍ଡର ଶତାବ୍ଦୀ ସ୍ୱାଗତ ସଞ୍ଚଳନ କାର୍ଯ୍ୟକ୍ରମ ପାଣିକୋଇଲି ଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସଂଘର ସଦସ୍ୟ ମାନେ ପାଣିକୋଇଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରୁ ବାହାରି ବଜାର ପରିକ୍ରମା କରିବା ପରେ ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ପଛପଟେ ଥିବା ପଡ଼ିଆରେ ଶେଷ ହୋଇଥିଲା। ପରେ ସଂଘର ପତାକା ଉତ୍ତୋଳନ ପରେ କୋରାଇ ଖଣ୍ଡର କାର୍ଯ୍ୟବାହ ସନ୍ତୋଷ କୁମାର ଜେନାଙ୍କ ପରିଚାଳନାରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲ। ଉକ୍ତ ସଭାରେ ସଂଘର ବାଲେଶ୍ୱର ଜିଲ୍ଲା ବିଭାଗ ସମ୍ପର୍କ ପ୍ରମୁଖ ସଞ୍ଜୟ କୁମାର ସାହୁ ଯୋଗ ଦେଇ ସଂଘର ଆବଶ୍ୟକତା ଓ ମୂଳ ଲକ୍ଷ୍ୟ ଉପରେ ଦୃଷ୍ଟି ନିକ୍ଷେପ କରିଥିଲେ। ଶେଷରେ ଯାଜପୁର ଜିଲ୍ଲା ପ୍ରଚାର ପ୍ରମୁଖ ସନ୍ଦୀପ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କୋରାଇ ଖଣ୍ଡର ବିଭିନ୍ନ ପ୍ରଖଣ୍ଡର ବହୁ ସଦସ୍ୟ ଯୋଗ ଦେଇଥିଲେ।

# ବିପଦ ସଂକୁଳ ଛାତ୍ରୀ ନିବାସ: ସାମାନ୍ୟ ବର୍ଷାରେ ଛାତରୁ ଗଳୁଛି ପାଣି

**ଦାନଗଦି, ୨୪।୮ (ସମିସ) :** ଦାନଗଦି ବୁଦ୍ଧରାଜ ବିଦ୍ୟାପୀଠ ପରିସରରେ ଥିବା ଶହେ ଶଯ୍ୟା ବିଶିଷ୍ଟ ଅନୁସୂଚିତ ଜାତି ଓ ଉପଜାତି ଛାତ୍ରୀ ନିବାସଟି ଏବେ ବିପଦ ସଂକୁଳ ଅବସ୍ଥାରେ ଦେଖିବାକୁ ମିଳିଛି। ୨୦୧୨ ମସିହାରେ ଏହି ଛାତ୍ରୀନିବାସ ଉଦ୍‌ଘାଟନ ହୋଇଥିଲା। ମାତ୍ର ୧୩ ବର୍ଷ ହେଇଛି ହେଲେ ବିଲଡିଂର ଚତୁପାର୍ଶ୍ୱରେ ଥିବା ତାଜା ସବୁ ଭାଙ୍ଗି ରଡ୍ ଦେଖା ହେବା ସହ ଓହଳି ପଡ଼ିଲାଣି। କେତେବେଳେ ଏହି ଘର ଭୁଶୁଡି ପଡ଼ିବ ତାହା କହିହେବନାହିଁ। ସାମାନ୍ୟ ବର୍ଷା ଟିକେ ହେଲେ ଘରଛାତରୁ ପାଣି ଝରୁଛି। ଯାହାଫଳରେ ଏହି ଛାତ୍ରୀ ନିବାସରେ ରହି ପାଠ ପଢୁଥିବା ଶହେ ଜଣ ଛାତ୍ରୀଙ୍କ ଲୁଗାପଟା, ଆଶାବାବପତ୍ର ଓ ବହି ଖାତା ସବୁ ପାଣିରେ ଓଦା ହୋଉଯାଉଛି। ତୁରନ୍ତ ଏହି ନିବାସକୁ ନିର୍ବାହୀ ଯନ୍ତ୍ରୀ ତନଖି କରି ପରିତକ୍ତ ଗୃହ ବୋଲି ଘୋଷଣା କରିବା ସହ ନୂତନ ଗୃହ ନିର୍ମାଣ କରିବାପାଇଁ ଆବଶ୍ୟକ ଅର୍ଥ ସରକାର ତୁରନ୍ତ ଯୋଗାଇ ଦେବାକୁ ଅଭିଭାବକ ମାନେ ଦାବି କରିଛନ୍ତି। ନଚେତ ଅନୁସୂଚିତ ଜାତି ଓ ଉପଜାତି ପିଲାଙ୍କ ଭବିଷ୍ୟତ ଅନ୍ଧକାର ହୋଇଯିବ ବୋଲି ଆଶଙ୍କା କରାଯାଉଛି।



ଯୋର ପୋଲ ମୁହାଣ ବନ୍ଦ; ଚାଷ କାର୍ଯ୍ୟ ବାଧାପ୍ରାପ୍ତ

# ଜାତୀୟ ରାଜପଥରେ ରାସ୍ତାରୋକ କଲେ ଚାଷୀ

**ବାଲିଚନ୍ଦ୍ରପୁର, ୨୪।୮ (ସମିସ):** ୫୩ ନମ୍ବର ଜାତୀୟ ରାଜପଥର ବଡ଼ଚଣା ବ୍ଲକ ଅନ୍ତର୍ଗତ ପାରିପଲେଇ ଦେଇ ଯାଇଥିବା ସୁବଳୟାଧାର ଯୋର ପୋଲ ମୁହାଣ ବନ୍ଦ ହୋଇଯିବାରୁ ବଡ଼ଚଣା, ମାହାଙ୍ଗା ଓ ଡେରାବିଶ ଆଦି ତିନି ଗୋଟି ବ୍ଲକ ଅଞ୍ଚଳର ଶହ ଶହ ଏକର ଚାଷ ଜମିରେ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଏହି ରାଜପଥର ଆଠ ଲେନ୍ କାର୍ଯ୍ୟ ବର୍ତ୍ତମାନ ଚାଲୁ ରହିଥିବା ବେଳେ ଠିକାଦାର ଏହି ଜୋରି ପୋଲକୁ ବନ୍ଦ କରିଦେବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି ବୋଲି ଚାଷୀ ମାନେ ଅଭିଯୋଗ କରିଛନ୍ତି। ତେବେ ଏନେଇ ଏହି ଅଞ୍ଚଳର ଚାଷୀମାନେ ଯାଜପୁର, କଟକ ଓ କେନ୍ଦ୍ରାପଡ଼ା ଆଦି ତିନି ଗୋଟି ଜିଲ୍ଲାର ଜିଲ୍ଲାପାଳଙ୍କ ସମେତ ଅନ୍ୟ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିବା ବେଳେ ଏନେଇ କୌଣସି ପଦକ୍ଷେପ ନିଆଯାଉନଥିବାରୁ ଆଜି ସକାଳେ ଏହି ଜୋରି ପୋଲ ନିକଟସ୍ଥ ଜାତୀୟ ରାଜପଥରେ ଶତାଧିକ ଚାଷୀ ଏକାଠି ହୋଇ ଗାଡ଼ି ଚଳାଚଳ ବନ୍ଦ କରି ଆନ୍ଦୋଳନ କରିଥିବା ଦେଖିବାକୁ ମିଳିଥିଲା। ଏହି ସମୟରେ ଚଳଚଞ୍ଚଳ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଦୀର୍ଘ ସମୟ ଧରି ବହୁ ଗାଡ଼ି ଘୋଡ଼ା ଅଟକି ରହିଥିଲା।

ସୂଚନା ମୁତାବକ ଏହି ପାରିପଲେଇ ଠାରେ ଜାତୀୟ ରାଜପଥ ଆଠ ଲେନ୍ ନିର୍ମାଣ କାର୍ଯ୍ୟରେ ବ୍ୟାପକ ତ୍ରୁଟି ପାଇଁ ଏଠାରେ ଏଭଳି ସମସ୍ୟା ସୃଷ୍ଟି ହୋଇଛି ବୋଲି ଚାଷୀମାନେ କହିଛନ୍ତି। ଉପରୋକ୍ତ ଜିଲ୍ଲା ଅଞ୍ଚଳର ତଳିଆ ଅଞ୍ଚଳ ପାଣି ଓ ବର୍ଷା ପାଣି ଏହି ଜୋରୀ ଦେଇ ଗୋବରୀ ନଦୀରେ ମିଶିଥାଏ। ତେବେ ପାଣି ନିଷ୍କାସନ ସ୍ଥାନକୁ ଜାତୀୟ ରାଜପଥ ନିର୍ମାଣକାରୀ ସଂସ୍ଥା ବନ୍ଦ କରି ଦେଇଥିବାରୁ ବହୁଳ ପରିମାଣର ପାଣି ଅଟକି ରହି ଚାଷ କାର୍ଯ୍ୟରେ ବାଧା ଉପୁଜାଉଛି। ବର୍ତ୍ତମାନ ଧାନ ଚାଷ ସମୟ ହୋଇଥିବାରୁ ଏହି ପାଣି ଜମି ରହିଥିବା ଚାଷ ଜମିରେ ଚାଷୀମାନେ କୌଣସି କାମ କରି ପାରୁ ନାହାଁନ୍ତି। ତେବେ ଚାଷୀ ମାନେ ଆନ୍ଦୋଳନକରି ଜାତୀୟ ରାଜପଥରେ ଅଚଳାବସ୍ଥା ସୃଷ୍ଟି କରିଥିବା ଖବର ପାଇ ବାଲିଚନ୍ଦ୍ରପୁର ଥାନାଧିକାରୀ ସମରଜିତ ନାୟକ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀ ଚାଷୀ ମାନଙ୍କୁ ବୁଝାଶୁଝା କରି ରାସ୍ତାରୋକକୁ ହଟାଇଥିଲେ। ତେବେ ତୁରନ୍ତ ଏହି ସମସ୍ୟାର ସମାଧାନ କରାନଗଲେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଚାଷୀ କୀର୍ତ୍ତିଚନ୍ଦ୍ର ପ୍ରଧାନ, ମାନଗୋବିନ୍ଦ ଓଝା, କହ୍ନେଇ ମହାପାତ୍ର, ପ୍ରମୋଦ ଓଝା, ବିଶ୍ୱନାଥ ପ୍ରଧାନ, କ୍ଷୀରୋଦ ପ୍ରଧାନ, ସନ୍ତୋଷ ନାୟକ, ସନାତନ ପରିଡ଼ା, କୃତିବାସ ପ୍ରଧାନ, ଜାନକୀ ବଳ, ପର୍ଶୁରାମ ପରିଡ଼ା, ତପନ ମହାନ୍ତି, ଅଭିରାମ ବଳ, ବ୍ରଜସୁନ୍ଦର ମହାପାତ୍ର ପ୍ରମୁଖ ଚେତାବନୀ ଦେଇଛନ୍ତି।

# ବିଜେଡିରୁ ବହିଷ୍କୃତ

**ଧର୍ମଶାଳା, ୨୪।୮ (ସମିସ):** ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ବିଜେଡି କାର୍ଯ୍ୟକର୍ତ୍ତାଙ୍କୁ ଦଳରୁ ବହିଷ୍କାର କରାଯାଇଛି। ମଧୁସୂଦନପୁର ଗ୍ରାମପଞ୍ଚାୟତର ସଭାପତି ସଞ୍ଜୟ ସ୍ୱାଇଁ, କଣ୍ଟିଗଡ଼ିଆ ପଞ୍ଚାୟତର ସଭାପତି ଅରୁପାନନ୍ଦ ଜେନାଙ୍କୁ ବିଜେଡିରୁ ବହିଷ୍କାର କରାଯାଇଛି। ସେହିଭଳି ରେଖିଦେଇପୁର ପଞ୍ଚାୟତର ସଭାପତି ଅଶୋକ ମଲ୍ଲ, ବୃନ୍ଦାଦେଇପୁର ପଞ୍ଚାୟତର ସଭାପତି ଦୀପକ କୁମାର ଦାସ ଏବଂ କୁମାରୀ ପଞ୍ଚାୟତର ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥିଙ୍କୁ ବିଜେଡି ଦଳରୁ ଅବ୍ୟାହତ କରାଯାଇଥିବା ଦଳ ପକ୍ଷରୁ ପ୍ରେସ ବିବୃତ୍ତିରେ ଅବଗତ କରାଯାଇଛି। ଏ ସମ୍ପର୍କରେ ଯାଜପୁର ଜିଲ୍ଲା ବିଜେଡି ସଭାପତି ସରୋଜ ମହାପାତ୍ର ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ସକାଳ
THE SAKALA

# ସମ୍ପାଦକୀୟ

ଶାନ୍ତି ଅନ୍ତରାତ୍ମାରୁ ହିଁ ଜନ୍ମନିଏ। ତେଣୁ ନିଜକୁ ବାଦ୍ ଦେଇ ଶାନ୍ତି ଖୋଜିବା ଅସମ୍ଭବ।
-ଗୌତମ ବୁଦ୍ଧ

## ଏସନ ସାର ସମସ୍ୟା

ଓଡ଼ିଶାର ଚାଷ ଓ ଚାଷୀଙ୍କ ପାଇଁ ତିନିଟି ସମସ୍ୟା ଭାଗ୍ୟଲିଖନ। ରୁଆ ବେଳେ ବିହନ ଓ ସାର ଅଭାବ, ଅଦିନିଆ ବର୍ଷା କିମ୍ବା ଗଜା ମରୁଡ଼ି ଏବଂ ଅମଳରେ ମଣ୍ଡି ଜଞ୍ଜାଳ। ଏ ତିନି ସମସ୍ୟା ମଧ୍ୟରୁ ଦ୍ୱିତୀୟଟି ଦଇବ ହାତରେ ଥିବା ବେଳେ ପ୍ରଥମ ଓ ତୃତୀୟଟି ସମ୍ପୂର୍ଣ୍ଣ ଭାବେ ମଣିଷକୃତ। ବିଡ଼ମ୍ବନା ହେଉଛି ଗତାନୁଗତିକ ଭାବରେ ଏହାକୁ ସତେଯେମିତି ବ୍ୟବସ୍ଥାର ଏକ ଅଙ୍ଗ ଭାବେ ସ୍ୱୀକୃତି ଦିଆଯାଇଛି। ତେଣୁ ଦୀର୍ଘସ୍ଥାୟୀ ସମାଧାନର ବାଟ ବାହାର କରିବାକୁ ଆନ୍ତରିକତା ପ୍ରକାଶ ପାଉନାହିଁ। ଏ ପର୍ଯ୍ୟନ୍ତ ମଣ୍ଡି ଜଞ୍ଜାଳରୁ ମୁକୁଳି ନଥିବା ଓଡ଼ିଶାର ଚାଷୀମାନେ ସାର ସମସ୍ୟାର ସମ୍ମୁଖୀନ ହୋଇଛନ୍ତି।

ରାଜ୍ୟର ଅନେକ ମଣ୍ଡିରେ ରବି ଧାନ ବିକ୍ରି ହୋଇ ନ ପାରି ପଡ଼ି ରହିଛି। 'ତଥାପି ସରକାର କିଣିବେ' ବୋଲି କେତେକ ଚାଷୀ ଆଶା ବାନ୍ଧି ବସିଥିବା ବେଳେ ଆଉ କେତେଜଣ ଭାଗ୍ୟକୁ ଆଦରି କମ୍‌ଦାମ୍‌ରେ ଦଲାଲ୍‌ଙ୍କୁ ବିକ୍ରି ପୁଣି ଖରିଫ୍ ଚାଷ ପାଇଁ ଅଣ୍ଟା ଭିଡ଼ିଛନ୍ତି। ଏ ସନ ଭଲ ବର୍ଷା ହୋଇଥିବାରୁ ଅମଳ ଭଲ ହେବ ବୋଲି ଚାଷୀ ଆଶା। ବାନ୍ଧି ବସିଥିଲା। କିନ୍ତୁ ବର୍ତ୍ତମାନ ବେଉଷଣ ସରି ଧାନ କେଣ୍ଡା ବାହାରିବାକୁ ପ୍ରସ୍ତୁତ ହେଉଥିବା ବେଳେ ୟୁରିଆ ଅଭାବ ଦାଉ ସାଧିଛି। ପ୍ୟାକ୍ସ ଓ ସମବାୟ କେନ୍ଦ୍ରଗୁଡ଼ିକରେ ଆଧାର କାର୍ଡ ପିଛା ମାତ୍ର ଗୋଟିଏ ବସ୍ତା ୟୁରିଆ ମିଳୁଥିବା ବେଳେ ତାହା ସମୁଦ୍ରକୁ ଶଙ୍ଖେ ସଦୃଶ। ତା' ମଧ୍ୟ ଚାହିଦା ତୁଳନାରେ ଯୋଗାଣ ବହୁତ କମ୍ ଥିବାରୁ ସମସ୍ତଙ୍କୁ ମିଳୁନାହିଁ। ବର୍ଷାରେ ରାତି ଅଧରୁ ଧାଡ଼ିରେ ରହି ମଧ୍ୟ ନ ପାଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ୁଛି। ଅପରପକ୍ଷରେ ଖୋଲା ବଜାରରେ ସରକାରୀ ମୂଲ୍ୟଠାରୁ ତିନି/ଚାରିଗୁଣା ଉଚ୍ଚ ଦରରେ ୟୁରିଆ ସାର ବିକ୍ରି ହେଉଛି, ଯାହା ଚାଷୀ ଅସନ୍ତୋଷକୁ ଆହୁରି ତୀବ୍ର କରିଛି। ଖୋଲା ବଜାରରେ ଯାହାକୁ ଯେତେ ସାର ବିକ୍ରି ହେବା ଅର୍ଥ ରାଜ୍ୟରେ ସାରର ଅଭାବ ନାହିଁ। କିନ୍ତୁ ସରକାରୀ ବ୍ୟବସ୍ଥା ଭିତରକୁ ତାହା ଆସିପାରୁନାହିଁ। ଏହା ସରକାରୀ ବାବୁ ଓ କଳାବଜାରୀର ମଧୁଚନ୍ଦ୍ରିକା ଦିଗକୁ ଇଙ୍ଗିତ କରୁଛି। କୃଷି ଓ ଯୋଗାଣ ବିଭାଗ ମଧ୍ୟରେ ସମନ୍ୱୟର ଅଭାବ ଥିବା ମଧ୍ୟ ସ୍ପଷ୍ଟ ହେଉଛି।

ସବୁଜ ବିପ୍ଳବ ପ୍ରଭାବରେ ଆମ ଦେଶର ଚାଷୀ ଓ ଚାଷର ସଙ୍କରଜାତୀୟ ବିହନ ଓ ସାର ଉପରେ ନିର୍ଭରଶୀଳତା କ୍ରମଶଃ ବଢ଼ିବାରେ ଲାଗିଛି। ଭାରତ ଖାଦ୍ୟ ଶସ୍ୟ ଉତ୍ପାଦନରେ ସ୍ୱାବଲମ୍ବୀ ଏବଂ କେତେକ ଶସ୍ୟରେ ବଳକା ଦେଶ ହେବାର ରେକର୍ଡ ସୃଷ୍ଟି କରିଥିଲେ ମଧ୍ୟ ସାର ପାଇଁ ଏ ପର୍ଯ୍ୟନ୍ତ ଆମଦାନୀ ଉପରେ ହିଁ ନିର୍ଭର କରିବାକୁ ପଡୁଛି। ଭାରତ ଏବେ ୟୁରିଆ ଚାହିଦାର ୨୦%, ଡିଏପିର ୬୦% ଓ ଏମ୍‌ଓପିର ୧୦୦% ଆମଦାନୀ କରୁଛି। ତେଣୁ ବିଶ୍ୱ ଭୂରାଜନୈତିକ ସ୍ତରରେ ଅସ୍ଥିରତା ସୃଷ୍ଟି ହେଲେ ତାହାର ସିଧାସଳଖ ପ୍ରଭାବ ଭାରତୀୟ କୃଷି ଉପରେ ପଡୁଛି। ଉଦାହରଣ ସ୍ୱରୂପ ଡିଏପି ପାଇଁ ଭାରତୀୟ କୃଷି ମୁଖ୍ୟତଃ ଚୀନ୍ ଉପରେ ନିର୍ଭରଶୀଳ। ଚୀନ୍‌ରୁ ଭାରତ ବାର୍ଷିକ ହାରାହାରି ୨୨ ଲକ୍ଷ ୯୦ ହଜାର ଟନ୍ ଡିଏପି ଆମଦାନୀ କରୁଛି। କିନ୍ତୁ ଇଲେକ୍ଟ୍ରୋନିକ୍ ଯାନରେ ବ୍ୟବହୃତ ବ୍ୟାଟେରି ଉତ୍ପାଦନ ପାଇଁ ଡିଏପିର ଘରୋଇ ଚାହିଦା ବୃଦ୍ଧି ପାଉଥିବାରୁ ଚୀନ୍ ଇତିମଧ୍ୟରେ ଡିଏପି ରପ୍ତାନୀ କାଣ୍ଟଛାଣ୍ଟ କରିଛି। ତେଣୁ ଭାରତ ବାଧ୍ୟ ହୋଇ ମଧ୍ୟପ୍ରାଚ୍ୟ ଆଡ଼କୁ ମୁହାଁଇଛି। ସେଠାରେ ମଧ୍ୟ ଅସ୍ଥିରତା ଯୋଗୁଁ ପଣ୍ୟବାହୀ ଜାହାଜମାନ ଲୋହିତ ସାଗର ପରିବର୍ତ୍ତେ 'କେପ୍ ଅଫ୍ ଗୁଡ୍ ହୋପ୍' ଦେଇ ଆସୁଥିବାରୁ ପରିବହନ ଖର୍ଚ୍ଚ ବୃଦ୍ଧି ପାଉଛି ଏବଂ ସାର ପହଞ୍ଚିବାରେ ବିଳମ୍ବ ହେଉଛି। ଏହିସବୁ କାରଣ ସହିତ କଳାବଜାରୀ ମିଶି ଯିବାରୁ ଦେଶରେ ସାର ସଙ୍କଟ ଉତ୍କଟ ହେବାରେ ଲାଗିଛି, ଯାହାର ପ୍ରଭାବ ଓଡ଼ିଶା ଉପରେ ଏବେ ଏବେ ଅନୁଭୂତ ହୋଇଛି। ଗତ ଜୁନ୍ ୧ ତାରିଖ ସୁଦ୍ଧା ଭାରତରେ ମୋଟ ଡିଏପି ମହଜୁଦ ପରିମାଣ ୯ ଲକ୍ଷ ଟନ୍ ଥିଲା, ଯାହା ପୂର୍ବବର୍ଷର ଏହି ସମୟ ତୁଳନାରେ ୪୨% କମ୍। ଭାରତୀୟ କୃଷି ପାଇଁ ଆଶ୍ୱସ୍ତିର କଥା ଯେ ଇସ୍ରାଏଲ୍-ଇରାନ୍ ଯୁଦ୍ଧରେ ମାତ୍ର ୧୨ ଦିନ ପରେ ବିରାମ ଲାଗିଲା। ଯୁଦ୍ଧ ଅଧିକ ଦିନ ଲାଗି ରହିଥିଲେ ଅଶୋଧିତ ତୈଳ ତୁଳନାରେ ଭାରତର ସାର ସଙ୍କଟ ଅଧିକ ଉତ୍କଟ ହୋଇଥା'ନ୍ତା ଏବଂ ଡିଏପି ଓ ୟୁରିଆ ଆମଦାନୀ ୨୫% ପର୍ଯ୍ୟନ୍ତ ହ୍ରାସ ପାଇଥା'ନ୍ତା।

ସାର ସଙ୍କଟ ସମାଧାନ ଦିଗରେ ସରକାର ମଧ୍ୟ ନିରୂପାୟ। ରାସାୟନିକ ସାର ଯୋଗାଣ ପାଇଁ ରାଜ୍ୟମାନେ କେନ୍ଦ୍ର ସରକାରଙ୍କ ଉପରେ ନିର୍ଭରଶୀଳ। ଏଥିପାଇଁ ସାର ଓ ରସାୟନ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟୱାରୀ ମାସିକ କୋଟାର ବ୍ୟବସ୍ଥା କରାଯାଇଛି। ଇଫ୍‌କୋ, ଆରସିଏଫ୍ ଓ ଏନ୍‌ଏଫ୍‌ଏଲ୍ ପରି ରାଷ୍ଟ୍ରାୟତ୍ତ ଉଦ୍ୟୋଗମାନେ ଯେତିକି ସାର ମହଜୁଦ ରଖୁଛନ୍ତି ତାହା କେବଳ ୩୦ରୁ ୪୦ ଦିନର ଚାହିଦା ପୂରଣ କରିବାରେ ସକ୍ଷମ। ଯଦି ବିଶ୍ୱସ୍ତରରେ ଅଧିକ ଦିନ ଅସ୍ଥିରତା ଦେଖାଦିଏ ତେବେ ଭାରତର କୃଷି ଉତ୍ପାଦନ ଗୁରୁତର ବ୍ୟାହତ ହେବ, ଯାହା ଏବେ ପ୍ରାୟତଃ ଦେଖିବାକୁ ମିଳୁଛି।

ଏଭଳି ସମ୍ବେଦନଶୀଳ ସ୍ଥିତିକୁ ଦୃଷ୍ଟିରେ ରଖି ଭାରତ ଯଥାଶୀଘ୍ର ସାର ଉତ୍ପାଦନରେ ଆତ୍ମନିର୍ଭରଶୀଳ ହେବାକୁ ପଡ଼ିବ। ଏ ଦିଗରେ ପ୍ରମୁଖ ପ୍ରତିବନ୍ଧକ ହେଉଛି କଞ୍ଚାମାଲ। କଞ୍ଚାମାଲ୍ ଆମଦାନୀ ସୁଗମ ଓ ସୁଲଭ କରିବା ପାଇଁ ଭାରତ କୂଟନୈତିକ-ବାଣିଜ୍ୟିକ-ରଣନୀତିରେ ଆବଶ୍ୟକ ପରିବର୍ତ୍ତନ କରିବାକୁ ହେବ। ଏହାଛଡ଼ା ଭାରତରେ ସାର ଉତ୍ପାଦନ ଶିଳ୍ପର ଯନ୍ତ୍ରାଂଶଗୁଡ଼ିକ ପୁରୁଣାକାଳିଆ ଏବଂ ଅଧିକ ଶକ୍ତି ଆହରଣକାରୀ। ଏହାକୁ ଆମୂଳଚୂଳ ପରିବର୍ତ୍ତନ ନ କରିବା ପର୍ଯ୍ୟନ୍ତ ଘରୋଇ ସାର ଉତ୍ପାଦନ ଆମଦାନୀ ତୁଳନାରେ ମହଙ୍ଗା ପଡ଼ିବ। ତେଣୁ ଏ ଦିଗରେ ଦୀର୍ଘମିଆଦୀ ପୁଞ୍ଜିନିବେଶ ପାଇଁ ସରକାର ଯୋଜନା କରିବାକୁ ହେବ। ଏହାଛଡ଼ା ବିତରଣ ବ୍ୟବସ୍ଥାରେ ମଧ୍ୟ ଉନ୍ନତି ଆଣିବାକୁ ପଡ଼ିବ। ଏବେ ୟୁରିଆ ସାର ଉପରେ ସରକାର ସମ୍ପୂର୍ଣ୍ଣ ରିହାତି ଦେଉଥିବାରୁ ଏହାର କଳାବଜାରୀ ଅଧିକ ହେଉଥିବା ଅଭିଯୋଗ ଆସୁଛି। ଡିଏପି ଓ ଏମ୍‌ଓପିରେ ଚାଷୀ ପାଉଥିବା ଆଂଶିକ ରିହାତି ବଜାରଭିତ୍ତିକ। ଅର୍ଥାତ୍ ବିଶ୍ୱ ବଜାରରେ ମୂଲ୍ୟ ବୃଦ୍ଧି ପାଇଲେ ଚାଷୀ ମଧ୍ୟ ଅଧିକ ଦାମରେ କିଣିବାକୁ ବାଧ୍ୟ, ଠିକ୍ ରୋଷେଇ ଗ୍ୟାସ୍ କିଣିବା ପରି।

ବିଶେଷକରି ଭାରତ ଭଳି କୃଷିପ୍ରଧାନ ଦେଶରେ ସାର ଏଭଳି ଏକ ପ୍ରସଙ୍ଗ, ଯାହା କୋଟିକୋଟି ଲୋକଙ୍କ ଜୀବନ ଜୀବିକା ସହିତ ଜଡ଼ିତ। ତେଣୁ ସାର ରିହାତି ବାବଦ ବୋଝ ବୃଦ୍ଧି ପାଉଥିଲେ ମଧ୍ୟ ସରକାର ଏ ଦିଗରେ ବିଶେଷକିଛି କରିବା ଅବସ୍ଥାରେ ନାହାନ୍ତି; ଅଥଚ କୃଷି-ଶିଳ୍ପ ସଂସ୍ଥାମାନେ ଏଥିରୁ ଭରପୂର ଫାଇଦା ଉଠାଉଛନ୍ତି। ଏବେ ସମୟ ଆସିଛି କେନ୍ଦ୍ର ସରକାର ସାରକୁ ଜାତୀୟ ଅତ୍ୟାବଶ୍ୟକ ନୀତିରେ ସାମିଲ୍ କରିବା ଦିଗରେ ଅଧିକ ବିଚାରବିମର୍ଶ ଲାଗି ପଥ ଉନ୍ମୋଚନ କରିବା ଆବଶ୍ୟକ। ସେମିକଣ୍ଡକ୍ଟର ଭଳି ସାର ଶିଳ୍ପକୁ ମଧ୍ୟ ଆତ୍ମନିର୍ଭରଶୀଳ ଭାରତ ଅଧୀନ କରିବା ଆବଶ୍ୟକ। ●

## ପରିଚୟ ବନାମ ପୁରସ୍କାର

**ଡ. ବିମଳ ଷଡ଼ଙ୍ଗୀ**

ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୨୦୨୫ମସିହା ଜୁଲାଇ ୭ତାରିଖ ଦିନ ହ୍ୱାଇଟ୍ ହାଉସରେ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ ଆତିଥ୍ୟ ଦେବା ସହିତ ଓଭାଲ୍ ଅଫିସରେ ଏକ ବ୍ୟକ୍ତିଗତ ରାତ୍ରିଭୋଜନର ଆୟୋଜନ କରିଥିଲେ। ବୈଠକ ପରେ ନେତାନ୍ୟାହୁ ନୋବେଲ ଶାନ୍ତି ପୁରସ୍କାର ପାଇଁ ଟ୍ରମ୍ପଙ୍କ ନାମ ସୁପାରିସ କରି ପତ୍ର ଲେଖିଲେ। କିଛିଦିନ ପୂର୍ବରୁ ଜୁନ ୧୮ ତାରିଖ ଦିନ ହ୍ୱାଇଟ୍ ହାଉସରେ ପାକିସ୍ତାନର ସେନାମୁଖ୍ୟ ଫିଲ୍ଡମାର୍ଶାଲ ସୟଦ ଅସିମ ମୁନିର ଆତିଥ୍ୟ ଲାଭ କରିଥିଲେ ଏବଂ ଓଭାଲ୍ ଅଫିସରେ ପ୍ରଥମ ଅଣରାଜନୈତିକ ପାକିସ୍ତାନୀ ଭାବରେ ଯୋଗ ଦେବାର ସୌଭାଗ୍ୟ ପାଇଥିଲେ। ଭାରତ-ପାକିସ୍ତାନ ମଧ୍ୟରେ ସାମରିକ ଓ ପରମାଣୁ ଯୁଦ୍ଧ ଉତ୍ତେଜନା ହ୍ରାସ କରିବାରେ ଟ୍ରମ୍ପଙ୍କ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ପାଇଁ ତାଙ୍କ ନାମକୁ ନୋବୋଲ୍ ଶାନ୍ତି ପୁରସ୍କାର ଲାଗି ମୁନିର ସୁପାରିସ କରିଥିଲେ।

ଅନେକ ସମୟରେ ଟ୍ରମ୍ପ ବିଭିନ୍ନ ଗଣମାଧ୍ୟମରେ ନୋବେଲ କମିଟି ବିରୁଦ୍ଧରେ କ୍ଷୋଭ ପ୍ରକାଶ କରିଛନ୍ତି। ନୋବେଲ୍ ପୁରସ୍କାର ପାଇବାକୁ ଯୋଗ୍ୟଥିଲେ ବି ତାଙ୍କୁ ତାହା ନ ମିଳିବାର କାରଣ ତାଙ୍କ ନାଁରେ ଓବାମା ସଂଜ୍ଞା ନାହିଁ ବୋଲି ପ୍ରକାଶ କରିଛନ୍ତି, ଯାହା ଆମେରିକା ଭଳି ରାଷ୍ଟ୍ରମୁଖ୍ୟଙ୍କ ମୁଖରେ ଶୋଭାପାଇବା ନିନ୍ଦନୀୟ। ଏହାସହିତ ତାଙ୍କ ପ୍ରଶାସନିକ ଅଧିକାରୀ, ଟ୍ରେଜେରୀ ସଚିବ ସ୍କଟ୍ ବେସେଣ୍ଟ ଏବଂ ଆମେରିକାର ଜାତୀୟ ସୁରକ୍ଷା ପରାମର୍ଶଦାତା ମାଇକ୍ ୱାଲ୍ଟଜ୍ ଡୋନାଲ୍ଡ ଟ୍ରମ୍ପ ନୋବେଲ୍ ପୁରସ୍କାର ପାଇବାକୁ ହକଦାର ବୋଲି ପ୍ରଚାର କରିଛନ୍ତି। ଉପର ବର୍ଣ୍ଣିତ ଉଦାହରଣକୁ ତର୍ଜମା କଲେ ସ୍ପଷ୍ଟ ହୁଏ ଯେ ଟ୍ରମ୍ପଙ୍କ ପାଇଁ ବିଶ୍ୱ ଶାନ୍ତି ଅପେକ୍ଷା ନୋବେଲ ପୁରସ୍କାର ଗୁରୁତ୍ୱପୂର୍ଣ୍ଣ, ଯାହା ପାଇଁ ସେ ତାଙ୍କର ଲବି କରିବାରେ ବ୍ୟସ୍ତ।

ସାରାବିଶ୍ୱରେ ଏପରି ଅନେକ ମୁଖାପିନ୍ଧା ବ୍ୟକ୍ତି ବିଭିନ୍ନ ପୁରସ୍କାର ପାଇବାକୁ ବ୍ୟାକୁଳ। ପୁରସ୍କାର ସେମାନଙ୍କ ମନ୍ଦ କାର୍ଯ୍ୟକୁ ଲୁଚାଇବା ପାଇଁ ଗୋଟିଏ କବଚ। ଆଜିକାଲି ପୁରସ୍କାର ପାଇବାର ବାର୍ତ୍ତାଗୁଡ଼ିକ ଅତିଶୀଘ୍ର ସାରା ବିଶ୍ୱରେ ବିଭିନ୍ନ ସାମାଜିକ ଗଣମାଧ୍ୟମ ଦ୍ୱାରା ପ୍ରସାରିତ ଓ ପ୍ରଚାରିତ ହୋଇଥାଏ, ଯାହା ସାଧାରଣ ଲୋକମାନଙ୍କୁ ସହଜରେ ଓ ଅଳ୍ପ ସମୟରେ ପ୍ରଭାବିତ କରିଥାଏ। ଏହାର ସୁଯୋଗରେ ଅନେକ ଅବାଞ୍ଛିତ ବ୍ୟକ୍ତି ଅର୍ଥବଳରେ ଗୁଡ଼ିଏ ଛଦ୍ମ ସଂସ୍ଥାଠାରୁ ତଞ୍ଚକତାପୂର୍ଣ୍ଣ ସମ୍ମାନ ଓ ପୁରସ୍କାର ଫୋଟୋ ସହିତ ଲେଖା ବା କେଉଁ ଅନୁଷ୍ଠାନ ପୁରସ୍କାର ଦେଲା ଏବଂ ବିନା ପାଠରେ କିଏ କେତେଟା ଅନୁଷ୍ଠାନରୁ ଡକ୍ଟରେଟ ବା ପିଏଚଡି ପାଇଲା, ତା'ର ଗଣନା କରି ବାରମ୍ବାର ସାମାଜିକ ଗଣମାଧ୍ୟମ ଦ୍ୱାରା ଲୋକମାନଙ୍କୁ ଭ୍ରମିତ କରନ୍ତି। ନିଜ ଅନୁଷ୍ଠାନ ବା ସଂଗଠନର କର୍ମଚାରୀଙ୍କୁ ଭୟ ଦେଖାଇ ସେଗୁଡ଼ିକୁ ସେମାନଙ୍କ ଦ୍ୱାରା ସାଧାରଣ ଲୋକଙ୍କ ଦୃଷ୍ଟିଗୋଚର ପାଇଁ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଯଥା ହ୍ୱାଟ୍ସଆପ ଓ ଫେସବୁକ ଇତ୍ୟାଦିରେ ସେୟାର କରାନ୍ତି। ଲୋକଙ୍କ ସମ୍ମୁଖରେ ସେମାନଙ୍କୁ ମହାନ ବୋଲି ଦର୍ଶାଇ ଥା'ନ୍ତି। ସାଧାରଣ ଅପାଠୁଆ ଓ ଅର୍ଦ୍ଧପାଠୁଆ ଓ କିଛି ପାଠୁଆମୂର୍ଖ ଭାବନ୍ତି ଲୋକଟା କରିତକର୍ମା ନ ହେଲେ କ'ଣ ମାଗଣାରେ ତାକୁ ଏତେ ପୁରସ୍କାର କିମ୍ବା ଉପାଧି ମିଳନ୍ତା?

ସମୟ ସମୟରେ କିଛି ଦେଶ, ଅନୁଷ୍ଠାନ, ବ୍ୟକ୍ତିବିଶେଷ ପ୍ରମୁଖ ବ୍ୟକ୍ତିର ଛଦ୍ମବେଶୀ କାମକୁ ସହଜରେ ନ ଜାଣିପାରି ତା'କୁ ପୁରସ୍କାର ଦେବାକୁ ସ୍ଥିର କରନ୍ତି। ଯାହା ସାହାଯ୍ୟରେ ଅନୁଷ୍ଠାନ ବା ବ୍ୟକ୍ତିଟି ସମସ୍ତ ପୁରସ୍କାର ନଥିକୁ ଏକାଠି କରି ବିଭିନ୍ନ ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତିକସ୍ତରୀୟ ପୁରସ୍କାର ହାତେଇବା ପାଇଁ ପ୍ରୟାସ କରେ। ଦରକାର ପଡ଼ିଲେ ପୁରସ୍କାର ଦେଉଥିବା ଅନୁଷ୍ଠାନ ମୁଖ୍ୟଙ୍କୁ ପ୍ରଭାବିତ କରିବାର ସମସ୍ତ ପ୍ରୟାସ ମଧ୍ୟ ହାତଛଡ଼ା କରିନଥାଏ। ସେଥିରେ ସାଧାରଣ ଲୋକଙ୍କ କ୍ଷତିକୁ ଅଣଦେଖା କରିଥାଏ। ଠିକ ଯେପରି ଟ୍ରମ୍ପଙ୍କ ନୋବେଲ ଶାନ୍ତି ପୁରସ୍କାର ପାଇବାକୁ ଏତେ ବ୍ୟାକୁଳ ଯେ ସେ ରାସ୍ତାରେ ଯେତେ ଲୋକଙ୍କ ମୃତ୍ୟୁ ଘଟିଲେ ବି ତାଙ୍କର ଯାଏ ଆସେ ନାହିଁ। ପ୍ରଥମେ ଦେଶ-ଦେଶ ମଧ୍ୟରେ ଯୁଦ୍ଧ କରାଇ ତା'ପରେ ମଧ୍ୟସ୍ଥି ହୋଇ ଯୁଦ୍ଧ ବନ୍ଦ କରାଇବା ପରେ ନୋବେଲ ପୁରସ୍କାର ପାଇବା ତାଙ୍କର ଲକ୍ଷ୍ୟ।

ବିଖ୍ୟାତ ବୈଜ୍ଞାନିକ ଆଲଫ୍ରେଡ ନୋବେଲ ବିଶ୍ୱ ଶାନ୍ତି ଓ ପ୍ରଗତିର ପ୍ରଚାର ଓ ପ୍ରସାର ପାଇଁ ନୋବେଲ ପୁରସ୍କାରର ସ୍ଥାପନ କରିଥିଲେ। ପ୍ରତିଷ୍ଠିତ ବୈଜ୍ଞାନିକ, ସମାଜ ସେବକ, ସାହିତିକ, ଐତିହାସିକ ଇତ୍ୟାଦି, ଯେଉଁମାନଙ୍କର ସମାଜପ୍ରତି ନିଃସ୍ୱାର୍ଥପର ଦାନ ଥାଏ, ସେମାନଙ୍କୁ ବିଭିନ୍ନ କଠିନ ଚୟନ ପଦ୍ଧତି ମାଧ୍ୟମରେ ସ୍ଥିର କରାଯାଏ।

ଭାରତରେ ମଧ୍ୟ ପୁରସ୍କାର ପାଇଁ ଅନେକ ବ୍ୟକ୍ତି ବ୍ୟାକୁଳ ଏବଂ ଏହାର ସୁଯୋଗରେ ଅନେକ ଠକ ଅନାମାଧେୟ ପୁରସ୍କାର ଏବଂ ପିଏଚଡି ପ୍ରଦାନକାରୀ ସଂସ୍ଥା ସେପରି ବ୍ୟକ୍ତିମାନଙ୍କୁ ସହାୟତା ଯୋଗାନ୍ତି। ବିଳାସପୂର୍ଣ୍ଣ ସ୍ଥାନରେ ଆତିଥ୍ୟ ପ୍ରଦାନ ସହିତ ଜାତୀୟ, ବିଶ୍ୱବ୍ୟାପୀ, ଉତ୍କର୍ଷତା ପରି ଶବ୍ଦ ବ୍ୟବହାର କରି ଅଜ୍ଞାତ ଆୟୋଜକ କିମ୍ବା ଯାଞ୍ଚ ନ କରିଥିବା ଜୁରୀଙ୍କ ମାଧ୍ୟମରେ ସେଗୁଡ଼ିକୁ ପ୍ରଦାନ କରନ୍ତି। ପରବର୍ତ୍ତୀ ସମୟରେ ସେପରି ପୁରସ୍କାର ସହାୟତାରେ ଲୋକଙ୍କ ସମ୍ମୁଖରେ ମହାନ ହୋଇ ସହଜରେ ଠକିବାର ସୁଯୋଗ ପାଆନ୍ତି। ଏହା ଏକ ବିଶ୍ୱସ୍ତରୀୟ ସମସ୍ୟା, ଯାହା ଅନେକ ଦେଶକୁ ପ୍ରଭାବିତ କରେ। ଆମେରିକା ଓ ୟୁରୋପ ଆଦି ଦେଶର ଅଣସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟର ନକଲି ସମ୍ମାନଜନକ ଡକ୍ଟରେଟ୍ କିମ୍ବା ପିଏଚଡି ପ୍ରାପ୍ତ ବ୍ୟକ୍ତି ଭାରତର ବହୁ ଅନୁଷ୍ଠାନରେ ଶିକ୍ଷାଦାନରେ ଲିପ୍ତ। ଭାରତର ପ୍ରସିଦ୍ଧ ବୃତ୍ତିଗତ ପ୍ରତିଷ୍ଠାନଗୁଡ଼ିକ ମଧ୍ୟ କେତେକ ସମୟରେ ଯାଞ୍ଚ ନକରି କିମ୍ବା ଅର୍ଥ ବିନିମୟରେ କିଛି ଅର୍ବାଚୀନ ବ୍ୟକ୍ତିଙ୍କୁ ପୁରସ୍କାର କିମ୍ବା ଉପାଧି ପ୍ରଦାନ କରନ୍ତି, ଯାହା ପ୍ରକୃତ ସଫଳତାର ବିଶ୍ୱସନୀୟତାକୁ କ୍ଷୁର୍ଣ୍ଣ କରେ ଏବଂ ଶିକ୍ଷାଗତ ଓ ବୃତ୍ତିଗତ ପରିବେଶକୁ ପ୍ରଦୂଷିତ କରେ। ଅନେକ ସମୟରେ ଦେଖାଯାଏ କେତେକ ବୃତ୍ତିଗତ ଅନୁଷ୍ଠାନର କର୍ମକର୍ତ୍ତା କୌଣସି କାର୍ମଶାଳାରେ ସନ୍ଦର୍ଭ ପ୍ରକାଶନ ଓ ପୁରସ୍କାର ପାଇଁ ପଞ୍ଜିକରଣ ଖର୍ଚ୍ଚ ନାମରେ ଟଙ୍କା ଆଦାୟ କରନ୍ତି। ଗବେଷଣା କରୁଥିବା ପ୍ରଫେସର, ଛାତ୍ରଛାତ୍ରୀ ନିଜ ନାମରେ ପୁରସ୍କାର ପାଇଁ ବାଧ୍ୟ ହୋଇ ପଞ୍ଜିକରଣ ଖର୍ଚ୍ଚ ଦେଇଥା'ନ୍ତି, ଯାହା ଏକ ବ୍ୟବସ୍ଥାରେ ପରିଣତ ହୋଇଯାଇଛି। ଅନେକ ଉଚ୍ଚ ଅନୁଷ୍ଠାନ ମଧ୍ୟ ପ୍ରିୟାପ୍ରୀତି ତୋଷଣ ନୀତିରେ ସେମାନଙ୍କ ପସନ୍ଦର ଅଯୋଗ୍ୟ ବ୍ୟକ୍ତିଙ୍କୁ ପୁରସ୍କାର ଦେଇଥାଆନ୍ତି, ଯାହା ଫଳରେ ବଣର ସୁବାସିତ ଫୁଲଟି ଶୁଖି ଝଡ଼ିଗଲେ ବି ଲୋକଲୋଚଙ୍କୁ ଆସି ନ ଥାଏ।

ସାଧାରଣତଃ ବୈଷୟିକ ଶିକ୍ଷା ଏବଂ ସାଧାରଣ ଶିକ୍ଷା ବ୍ୟବସାୟୀ, ରାଜନେତା, ଡାକ୍ତର କିମ୍ବା କ୍ଷୁଦ୍ର ବା ମଧ୍ୟମ ବା ବୃହତ ବ୍ୟବସାୟୀ, କିଛି ସେଲିବ୍ରିଟି, ଆଧ୍ୟାତ୍ମିକ ନେତା ଏବଂ ଲେଖକମାନେ ନିଜକୁ ସାଧାରଣଲୋକଙ୍କ ପାଖରେ ମହାନ ହେବା ପାଇଁ ଏହି ଉପାଧିଗୁଡ଼ିକୁ ଅର୍ଥ ବଦଳରେ ହାସଲ୍ କରି ସେମାନଙ୍କୁ ଶୋଷଣ କରିବା ଆରମ୍ଭ କରନ୍ତି। ଭାରତର ସର୍ବୋଚ୍ଚ ନାଗରିକ ପୁରସ୍କାର ପଦ୍ମ ପୁରସ୍କାର ପାଇଁ ଟଙ୍କା କିମ୍ବା ରାଜନୈତିକ ପ୍ରଭାବର ବ୍ୟବହାର କରାଯାଏ ବୋଲି ଅଭିଯୋଗ ରହିଛି, ଯଦିଓ ତାହା ପ୍ରମାଣ କରିବା କଷ୍ଟକର। ୨୦୧୯ରେ ଏକ ସାଧାରଣ ସଭାରେ ବାବା ରାମଦେବ କହିଥିଲେ ଯେ 'ଯଦି ମୁଁ ଅନ୍ୟମାନଙ୍କ ପରି ପଦ୍ମ ପୁରସ୍କାର ଲବି କରିଥା'ନ୍ତି, ତେବେ ମୁଁ ନିଜ ପାଇଁ ମଧ୍ୟ ଗୋଟିଏ ପୁରସ୍କାର ପାଇପାରିଥା'ନ୍ତି।' ପଦ୍ମ ପୁରସ୍କାର ପରି ଜାତୀୟ ପୁରସ୍କାର ପ୍ରତି ଏହା ସେତେବେଳେ ଏକ ପ୍ରଶ୍ନ ସୃଷ୍ଟି କରିଥିଲା।

ଯୋଗ୍ୟବ୍ୟକ୍ତି ବିନାକୌଣସି ପ୍ରତିଦାନରେ ଆନୁଷ୍ଠାନିକ ପୁରସ୍କାର ବା ବାହାବା ନେବାକୁ ଇଚ୍ଛା କରନ୍ତି ନାହିଁ। ବିନା ପୁରସ୍କାରରେ ସେମାନଙ୍କର କାମ୍ୟ ଜଗତର ସୁଖ ଓ ଶାନ୍ତି। ବିବେକାନନ୍ଦ, ମହାତ୍ମା ଗାନ୍ଧୀ, ମାର୍କ୍ସ, ଗୋପବନ୍ଧୁ, ଅବଦୁଲ କାଲାମ, ଗାଲିଲିଓ, ନିଉଟନ, ମାଡମ କ୍ୟୁରୀ ବା ଅନ୍ୟ କେହି ମନୀଷୀଙ୍କ ପରି ବ୍ୟକ୍ତିତ୍ୱଙ୍କର ନଥାଏ କୌଣସି ସମ୍ମାନ ପାଇବାର ପ୍ରଚେଷ୍ଟା ନା ଲୋଭ ନା ଅର୍ଥ ରୋଜଗାର ମୋହ। ସେମାନଙ୍କର ଥାଏ ଗୋଟିଏ ଲକ୍ଷ୍ୟ - ସେଥିପାଇଁ ତ ସେମାନେ ଅମର। ଯେଉଁମାନେ ଅର୍ଥ ବଦଳରେ ମିଛ ପୁରସ୍କାର ବା ଡିଗ୍ରୀ ବା ଉପାଧି ଧାରଣ କରନ୍ତି ସେମାନେ ସମାଜର କଳଙ୍କ; କୌଣସି ଅପରାଧୀଙ୍କ ଠାରୁ କମ ନୁହନ୍ତି। ଜନସାଧାରଣ ସେପରି ବ୍ୟକ୍ତିଙ୍କୁ ଚିହ୍ନି ସେମାନଙ୍କଠାରୁ ଦୂରରେ ରହି ନିଜକୁ ଏବଂ ନିଜ ପରିବାରକୁ ସୁରକ୍ଷିତ ରଖିବାକୁ ପଡ଼ିବ। କାରଣ ବ୍ୟକ୍ତିତ୍ୱର ପରିଚୟ ଥାଏ ନିଷ୍କାମ କର୍ମରେ, ଛଦ୍ମ ପୁରସ୍କାରରେ ନୁହେଁ। ●

ଭୁବନେଶ୍ୱର, ମୋ: ୯୪୩୭୧୨୩୮୯୨

## ପଶୁ ଚିକିତ୍ସା ବିଜ୍ଞାନରେ କୃତ୍ରିମ ବୁଦ୍ଧିମତ୍ତା

**ପ୍ର. ସୁଶେନ କୁମାର ପଣ୍ଡା**

କୃତ୍ରିମ ବୁଦ୍ଧିମତ୍ତା(ଏଆଇ) ବର୍ତ୍ତମାନ ଯୁଗର ଏକଦିଗନ୍ତ ବିସ୍ତାରି ସମ୍ଭାବନାର ଅସୁମାରି ଆଶା, ଯାହା ଆଧୁନିକ ମାନବ ସମାଜର ବିଭିନ୍ନ କାର୍ଯ୍ୟଗୁଡ଼ିକୁ ଅଚିରେ ନିର୍ଭୁଲ ଭାବେ ସମ୍ପାଦନ କରିପାରୁଛି। ଉନ୍ନତ ଆଲଗୋରିଦମ୍‌ର ବ୍ୟବହାର ସହ ସବିଶେଷ ବିଶ୍ଳେଷଣ କ୍ଷମତା ଏବଂ ମେସିନ୍ ଲର୍ଣ୍ଣିଂକୁ ସମନ୍ୱିତ କରି ସ୍ୱୟଂକ୍ରିୟ ନିର୍ଭୁଲତା ଏବଂ ପୂର୍ବାନୁମାନ କ୍ଷମତାକୁ ସକ୍ଷମ କରି ସ୍ୱାସ୍ଥ୍ୟସେବା, ଶିକ୍ଷା, କୃଷି ଓ ପଶୁ ଚିକିତ୍ସା ବିଜ୍ଞାନ ସମେତ ଏକାଧିକ କ୍ଷେତ୍ରରେ ଏହା ବ୍ୟାପକ ବୈପ୍ଳବିକ ପରିବର୍ତ୍ତନ ଆଣିପାରୁଛି। ବର୍ତ୍ତମାନ ଏଆଇର ଅପାର ସମ୍ଭାବନାକୁ ଆଖି ଆଗରେ ରଖି ଦେଶ-ବିଦେଶର ବୈଜ୍ଞାନିକ ଓ ସରକାରୀ କଳ ଏହାର ପୂର୍ଣ୍ଣଅବୟବ ବିକାଶ କରିବାରେ ଅପ୍ରାଣ ଉଦ୍ୟମ ଅବ୍ୟାହତ ରଖିଛନ୍ତି।

ପ୍ରାଣୀ ଚିକିତ୍ସା ଏବଂ ପ୍ରାଣୀ ପାଳନ କ୍ଷେତ୍ରରେ ଏଆଇର ପ୍ରୟୋଗ ବ୍ୟାପକ। ପ୍ରାଣୀ ରୋଗ ନିର୍ଣ୍ଣୟ ସହିତ ରୋଗ ପରିଚଳନା, ନୂତନ ଔଷଧର ଆବିଷ୍କାର ଇତ୍ୟାଦିରେ ଏଆଇ ବେଶ ସହାୟକ ହୋଇପାରିବ ବୋଲି ବିଶ୍ୱାସ। ଏହା ପଶୁପକ୍ଷୀମାନଙ୍କ ଖାଦ୍ୟ ଗ୍ରହଣ, ଶରୀରର ଓଜନ ଏବଂ ଦୁଗ୍ଧ ଉତ୍ପାଦନର ଭିନ୍ନତା ଉପରେ ଆଧାରିତ ବିଭିନ୍ନ ପୂର୍ବାନୁମାନ ମଡେଲ ଜରିଆରେ ଥନହରା, ପରଜୀବୀ ସଂକ୍ରମଣ, ହରମୋନ୍ ଗତ ସମୟ ସାରଣୀ, ଅଂଶୁଘାତର ପୂର୍ବାନୁମାନ କିମ୍ବା ଅନ୍ୟାନ୍ୟ ରୋଗ ବ୍ୟାଧି ବିଷୟରେ ସଠିକ୍ ସଙ୍କେତ ଦେଇପାରେ। ପ୍ରାଣୀମାନଙ୍କ ଦେହରେ ଲଗାଯାଇଥିବା ବିଭିନ୍ନ ପରିଧାନଯୁକ୍ତ ଯନ୍ତ୍ର ଯଥା ସ୍ମାର୍ଟ ସେନ୍ସର ଏବଂ ଅନ୍ୟାନ୍ୟ ସ୍ୱୟଂଚାଳିତ ଯନ୍ତ୍ରର ବ୍ୟବହାରରେ ବ୍ୟାପକ ଡାଟାସେଟ୍‌ର ବିଶ୍ଳେଷଣ ସହ କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ ଦ୍ୱାରା ପ୍ରାଣୀ ପାଳକମାନେ ଖାଦ୍ୟ ରୂପାନ୍ତରଣ ଦକ୍ଷତା, ସନ୍ତୁଳିତ ପୁଷ୍ଟିକର ଯୋଜନା ଇତ୍ୟାଦି ବିଷୟରେ ସଠିକ୍ ପୂର୍ବାନୁମାନ କରି ବେଶ ଲାଭବାନ ହୋଇପାରିବେ।

ଏକ୍ସରେ, ଅଲଟ୍ରାସାଉଣ୍ଡ, ସି.ଟି. ସ୍କାନିଂ ଆଦି ପଶୁମାନଙ୍କର ହାଡ଼ଭାଙ୍ଗିବା, କର୍କଟ ରୋଗ କିମ୍ବା ଅଙ୍ଗ ଅସ୍ୱାଭାବିକତା ଆଦି ଚିହ୍ନଟ କରିବାରେ ସହାୟକ ହୋଇଥାଏ। ଏବେ ଏଆଇ ଆଧାରିତ ମଡେଲ କେବଳ ପ୍ରତିଛବି ବିଶ୍ଳେଷଣ କରି ଏହାର ସଠିକ୍ ବ୍ୟାଖ୍ୟା କରିପାରୁଛି। ବିଭିନ୍ନ ସମୟରେ ପ୍ରାଣୀମାନଙ୍କଠାରୁ ମନୁଷ୍ୟମାନଙ୍କୁ ବ୍ୟାପୁଥିବା ସଂକ୍ରମଣ ରୋଗର ପ୍ରାରମ୍ଭିକ ଚିହ୍ନଟ ଏବଂ ମହାମାରୀ ନିୟନ୍ତ୍ରଣ କରିବାରେ ଏଆଇର ପ୍ରୟୋଗ ଅତୁଳନୀୟ। ମେସିନ୍ ଲର୍ଣ୍ଣିଂ ମଡେଲ ଜଳବାୟୁ ତଥ୍ୟ ପଶୁମାନଙ୍କର ଗତିବିଧି ଏବଂ ଅନ୍ୟାନ୍ୟ ପାରିପାର୍ଶ୍ୱିକ ଭିତ୍ତିଭୂମିର ସୂକ୍ଷ୍ମାତିସୂକ୍ଷ୍ମ ପରିବର୍ତ୍ତନକୁ ସବିଶେଷ ବିଶ୍ଳେଷଣ କରି ବାର୍ଡ ଫ୍ଲୁ, ବ୍ଲୁ ଟଙ୍ଗ, ରିଫ୍ଟଭ୍ୟାଲିଜର ଇତ୍ୟାଦି ରୋଗ ପ୍ରାଦୁର୍ଭାବ ବିଷୟରେ ସଠିକ୍ ପୂର୍ବାନୁମାନ କରିପାରେ।

ପ୍ରାଣୀସ୍ୱାସ୍ଥ୍ୟ ମାନବ ସମାଜର ସୁସ୍ଥତା ଏବଂ ପରିବେଶ ସମ୍ବନ୍ଧୀୟ ତଥ୍ୟକୁ ଏକାଠି ଯୋଡ଼ି ଏଆଇ ଏକକ ସ୍ୱାସ୍ଥ୍ୟ ଆଭିମୁଖ୍ୟକୁ କେବଳ ସୁଦୃଢ଼ କରିନଥାଏ ବରଂ ଏହା ସାମଗ୍ରିକ ରୋଗ ନିବାରଣ ରଣକୌଶଳକୁ ସକ୍ଷମ କରିଥାଏ। ଗୃହପାଳିତ ପ୍ରାଣୀମାନଙ୍କର ସ୍ୱାସ୍ଥ୍ୟ ଉପରେ ତୀକ୍ଷଣ ନଜର ରଖିବା ପାଇଁ ଏଆଇ ଆଧାରିତ ଆପ୍ ଏବଂ ପରିଧାନଯୋଗ୍ୟ ଯନ୍ତ୍ର ପ୍ରାଣୀମାନଙ୍କର ଦ୍ରୁତ ସ୍ପନ୍ଦନ ହାର, ନିଦ୍ରାଚକ୍ର, ଖାଦ୍ୟ ଗ୍ରହଣ ଇତ୍ୟାଦି ଉପରେ ନଜର ରଖିଥାଏ, ଯାହାକି ପଶୁଚିକିତ୍ସକମାନଙ୍କୁ ବିଭିନ୍ନ ରିଅଲ୍ ଟାଇମ୍ ସ୍ୱାସ୍ଥ୍ୟ ଯଥା ହୃଦ୍‌ରୋଗ, ବାତ ଓ ମେଦବହୁଳତା ଇତ୍ୟାଦି ରୋଗଗୁଡ଼ିକର ଶୀଘ୍ର ଚିହ୍ନଟକୁ ସକ୍ଷମ କରିବାରେ ସହାୟକ ହୋଇଥାଏ। ଏଆଇ ପରିଚାଳିତ ଆଚରଣ ବିଶ୍ଳେଷଣ ଉପକରଣ କୁକୁର ଓ ବିଲେଇମାନଙ୍କ ମଧ୍ୟରେ ଚାପ, ଉଦ୍‌ବେଗ କିମ୍ବା ଆକ୍ରମଣକୁ ଚିହ୍ନଟ କରିବାରେ ମଧ୍ୟ ସାହାଯ୍ୟ କରେ। ଅଧୁନା ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ପଶୁ ଚିକିତ୍ସା ଓ ପଶୁପାଳନ ମହାବିଦ୍ୟାଳୟ ଅନ୍ତର୍ଗତ ଗୋମହିଷାଦିମାନଙ୍କଠାରେ ପରୀକ୍ଷାମୂଳକ ଭାବେ ଓୟୁଏଟି ଷ୍ଟାର୍ଟ ଅପ୍ ଅନ୍ତର୍ଭୁକ୍ତ କାଓବିଟ୍ ଟେକ୍ନୋଲଜିସ୍ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ସହଜ ପରିଧାନଯୁକ୍ତ କିଛି ବାୟୋସେନ୍ସର ପରୀକ୍ଷା ଅବ୍ୟାହତି ଚାଲୁଛି।

ଏଆଇ ଓ ମେସିନ୍ ଲର୍ଣ୍ଣିଂର ବିଭିନ୍ନ ମଡେଲ ପଶୁ ଖାଦ୍ୟରେ ଜୀବାଣୁର ଉପସ୍ଥିତି, ରାସାୟନିକ ଅବଶିଷ୍ଟାଂଶ ଏବଂ ଅପମିଶ୍ରଣକୁ ଚିହ୍ନଟ କରିବାରେ ସହାୟକ ହୋଇଥାଏ। ଖାଦ୍ୟ ପ୍ରକ୍ରିୟାକରଣ କାରଖାନାଗୁଡ଼ିକରେ ଏଆଇ ପରିଚାଳିତ ରୋବୋଟିକ୍ସ ବର୍ଜ୍ୟବସ୍ତୁ ହ୍ରାସ କରିବା ସଙ୍ଗେ ସଙ୍ଗେ ସ୍ୱାସ୍ଥ୍ୟକର ଏବଂ ସ୍ୱଚ୍ଛ ପଶୁ ଉତ୍ପାଦ ବ୍ୟବସ୍ଥା ସୁନିଶ୍ଚିତ କରିଥାଏ। ଏଆଇ ଦ୍ୱାରା ବିଶ୍ଳେଷଣ କରାଯାଇଥିବା କ୍ୟାମେରା ଟ୍ରାପ, ଡ୍ରୋନ୍ ଓ ଉପଗ୍ରହ ଚିତ୍ରରୁ ଶିକାର କାର୍ଯ୍ୟକଳାପକୁ ଅତିଶୀଘ୍ର ଚିହ୍ନଟ କରିହୁଏ। ପ୍ରାଣୀ ଚିକିତ୍ସକମାନେ ଏଆଇ ମଡେଲ୍‌ରୁ ବିଭିନ୍ନ ବନ୍ୟଜନ୍ତୁଙ୍କଠାରେ ବିଭିନ୍ନ ରୋଗର ପ୍ରାଦୁର୍ଭାବ ବିଷୟରେ ପୂର୍ବାନୁମାନ କରିଥା'ନ୍ତି। ଯଥା, ବାଦୁଡିରେ ଧଳା ନାକ ରୋଗ କିମ୍ବା ବନ୍ୟ ପ୍ରାଣୀରେ ଡିସ୍ଟେମ୍ପର ଇତ୍ୟାଦି।

ପଶୁମାନଙ୍କ କ୍ଷେତ୍ରରେ ନୂତନ ଔଷଧ ଆବିଷ୍କାରରେ ଅର୍ଥ ବାଧକ ହୋଇଥାଏ। ଏବେ ଏଆଇ ମଡେଲ ମାଧ୍ୟମରେ ଏ ଦିଗରେ କାର୍ଯ୍ୟ ଆରମ୍ଭ ହୋଇଛି। ଭର୍ଚୁଆଲ ବିଚ୍ଛୁରଣ ଏବଂ ବିଭିନ୍ନ ପ୍ରାଣୀଶରୀର ସଂରଚନା ମଡେଲ ଶିକ୍ଷାର୍ଥୀମାନଙ୍କ ପଶୁ ବ୍ୟବହାର ସମ୍ବନ୍ଧୀୟ କାର୍ଯ୍ୟକଳାପକୁ ଦକ୍ଷ କରେ। ଚାଟ୍ ବଟ୍ ଓ ଭର୍ଚୁଆଲ ସହାୟକମାନେ କ୍ଷେତ୍ରସ୍ତରୀୟ ପ୍ରାଣୀଚିକିତ୍ସକମାନଙ୍କ ପାଇଁ ନିରନ୍ତର ଶିକ୍ଷଣ ଓ ଅନୁସନ୍ଧାନ କାର୍ଯ୍ୟ ଜାରି ରଖିଥା'ନ୍ତି। ଏଆଇ ମଡେଲ ମାଧ୍ୟମରେ ବିଭିନ୍ନ ରୋଗନିଦାନ ଉପକରଣ ଯଥା ବାୟୋ ସେନ୍ସର ଏବେ ବାସ୍ତବ ସମୟରେ ଜଟିଳ ଡାଟା ପ୍ରକ୍ରିୟାକରଣ କରିପାରୁଛି, ଯାହା ତୁରନ୍ତ ରୋଗ ଜୀବାଣୁ ଚିହ୍ନଟ କରିବା ସହିତ ଉପଶମ ଆବଶ୍ୟକ ପରାମର୍ଶ ଦେଇପାରୁଛି।

ଏକବିଂଶ ଶତାବ୍ଦୀର ପ୍ରାଣୀଚିକିତ୍ସା କ୍ଷେତ୍ରରେ ଆଧାରଶୀଳା ଭାବେ ଏଆଇକୁ ସ୍ଥାନିତ କରି, ପାରମ୍ପରିକ ବିଶେଷଜ୍ଞତା ସହ ସୁସମନ୍ୱୟ ରକ୍ଷା କରି ପ୍ରାଣୀ ଚିକିତ୍ସାର ସୁନେଲି ଭବିଷ୍ୟତକୁ କିପରି ପରିଭାଷିତ ଓ ପରିମାର୍ଜିତ କରାଯାଇପାରିବ, ସେଥିପାଇଁ ସମସ୍ତେ ସଦାଚେଷ୍ଟିତ ହେବା ବର୍ତ୍ତମାନ ସମୟରେ ଏକ ଆହ୍ୱାନ। ●

ଅଧ୍ୟକ୍ଷ, ଓୟୁଏଟି, ଭୁବନେଶ୍ୱର

## ଆମ ବୃକ୍ଷଲତା ଆମ ଜୀବନ

### ଇସବ୍‌ଗୁଲ

ପ୍ରକୃତି-ପରିବେଶ

**ସୌଭାଗ୍ୟସୁନ୍ଦର**

ଇସବଗୁଲ କେନ୍ଦ୍ରୀୟ ଏସିଆ, ବିଶେଷକରି ଭାରତ ଓ ଇରାନର ମୂଳ ଦେଶୀୟ ଉଦ୍ଭିଦ, ଯାହା ବର୍ତ୍ତମାନ ବିଶ୍ୱର ବିଭିନ୍ନ ସ୍ଥାନରେ ବିସ୍ତାରିତ। ଔଷଧୀୟ ଗୁରୁତ୍ୱ ହେତୁ ବିଶ୍ୱର ଅନେକ ଦେଶରେ ଇସବଗୁଲ୍ ଚାଷ କରାଯାଉଛି। ଏହା ଏକବାର୍ଷିକ କ୍ଷୁଦ୍ର ତୃଣଜାତୀୟ ଉଦ୍ଭିଦ, ଯାହା ସାଧାରଣତଃ ୨୦ ରୁ ୪୦ ସେମି ପର୍ଯ୍ୟନ୍ତ ସିଧା ବଢ଼ିଥାଏ। ଉଦ୍ଭିଦର ମୂଳରୁ ବାହାରୁଥିବା ପତ୍ରଗୁଡ଼ିକ ୭-୨୫ ସେମି ଲମ୍ବବିଶିଷ୍ଟ, ଗାଢ଼ ରଙ୍ଗର, ମୁଖ୍ୟ ଅକ୍ଷରେ ବଙ୍କା, ଧାର ଛୋଟ ଓ କଣ୍ଟା ଯୁକ୍ତ। ଫୁଲଗୁଡ଼ିକ ଉଭୟଲିଙ୍ଗୀ ଓ ଧଳା। ଫଳ ଗୁଡ଼ିକ ୭-୮ ମିମି ଲମ୍ବ ଓ ଅଣ୍ଡାକାର। ବିହନଗୁଡ଼ିକ ଡିମ୍ବାକାର ଡଙ୍ଗା କିମ୍ବା କାନ ଆକାରର, ୨ ମିମି ଲମ୍ବା, ଗୋଲାପୀ କିମ୍ବା ମାଟିଆ ରଙ୍ଗର।

ତୃଣଟି ଭାରତୀୟ ଆୟୁର୍ବେଦ ଜଗତରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରେ ଏବଂ ବିଭିନ୍ନ ରୋଗର ଚିକିତ୍ସା ପାଇଁ ବ୍ୟବହୃତ ହୁଏ। ଡିମ୍ବାକାର ଭୁସି ଏକପ୍ରକାରର ଖାଦ୍ୟ ତନ୍ତୁ, ଯାହାକୁ ଜାତିଗତ ଔଷଧ ଭାବରେ ବିବେଚନା କରାଯାଏ। ପତ୍ର, ଭୁସି ଓ ବିହନର ଔଷଧୀୟ ଗୁଣ ଅଛି। ବିହନର ବାହ୍ୟ ସ୍ତର ଅର୍ଥାତ ଚୋପା ଭୁସି ଗଠନ କରେ, ଯାହା ଏକ ପ୍ରାକୃତିକ ପଲିମର। ଏହି ତୃଣଟି ଫାଇବର ବା ତନ୍ତୁ ଏବଂ ମ୍ୟୁସିଲେଜରେ ଭରପୂର। ମ୍ୟୁସିଲେଜ ଏକ ରଙ୍ଗହୀନ ତରଳ ଜେଲିଂ ଏଜେଣ୍ଟ, ଯାହା ଆୟତନରେ ବିସ୍ତାରିତ ହୋଇପାରେ। କାରଣ ଏହା ତା'ର ଓଜନ ଠାରୁ ୪୦ ଗୁଣ ଅଧିକ ପାଣି ଶୋଷଣ କରିଥାଏ। ଏହାର ପାଣି ଶୋଷଣ କରିବାର କ୍ଷମତା ଏହାକୁ ଏକ ପ୍ରଭାବଶାଳୀ ମଳ ସଫା ଏବଂ କୋଷ୍ଠକାଠିନ୍ୟ ସମସ୍ୟାକୁ ଦୂର କରିବାରେ ସହଜ କରିଥାଏ। ଏହି ତୃଣ ରେଚକ୍ୟକାରୀ ଏଜେଣ୍ଟ ଭାବରେ ଏବଂ ଇରିଟେବ୍ଲ ବାୱେଲ ସିଣ୍ଡ୍ରୋମ, ଆଷ୍ଟ୍ରିଞ୍ଜେଣ୍ଟ, ଆଣ୍ଟି-ଇନ୍‌ଫ୍ଲେମାଟୋରୀ ଏଜେଣ୍ଟ ଇତ୍ୟାଦି ଚିକିତ୍ସା ପାଇଁ ବ୍ୟବହୃତ ହୁଏ। ଏହାବାଦ୍ ମୂତ୍ର ସଂକ୍ରମଣ, ଚର୍ମ ସଂକ୍ରମଣ, ପାଚନ ସମସ୍ୟା, ଜେନିଟୋୟୁରିନାରୀ ଟ୍ରାକ୍ଟ ବା ଜନେନ୍ଦ୍ରିୟ-ମୂତ୍ରମାର୍ଗ ସମ୍ବନ୍ଧିତ ସମସ୍ୟା, ଉଚ୍ଚ ରକ୍ତଚାପ, ରକ୍ତ ଶର୍କରା ଓ କୋଲେଷ୍ଟ୍ରଲ ନିୟନ୍ତ୍ରଣ, ଇଷ୍ଟ ସଂକ୍ରମଣ, ପତଳା ଝାଡ଼ା, ଶରୀର ସ୍ଥୂଳତା ଓ ଓଜନ ହ୍ରାସ, ହେମୋରୋଏଡ୍ସର ଜ୍ୱଳନ ହ୍ରାସ, ଫୁଲା, କୋଲନ୍ ବା ବୃହଦନ୍ତ୍ର କର୍କଟ, ହେମୋରୋଏଡ, ଇତ୍ୟାଦି ଚିକିତ୍ସା ପାଇଁ ମଧ୍ୟ ବ୍ୟବହୃତ ହୁଏ।

ବିହନ ଗୁଣ୍ଡ ଅପଚୟଶୀଳ ଏବଂ ଦ୍ରବଣୀୟ ଉତ୍ସ। ଭୁଷିକୁ ପାଣିରେ ବୁଡ଼ାଇ ଦେଲେ ଉତ୍ପାଦିତ ଜେଲାଟିନସ୍ ମ୍ୟୁସିଲେଜ୍ ବୃହଦନ୍ତ ଭିତରେ ବିଷାକ୍ତ ପଦାର୍ଥକୁ ଶୋଷଣ କରିବାର କ୍ଷମତା ରଖେ। ତେଣୁ ଏହା ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରେ। ବୀଜ ଭ୍ରୂଣରେ ଥିବା ତେଲରେ ୫୦% ଲିନୋଲିକ୍ ଏସିଡ୍ ଥାଏ ଏବଂ ଏଥେରୋସ୍କେଲାରୋସିସ୍‌ର ପ୍ରତିରୋଧକ ଭାବରେ ବ୍ୟବହାର କରାଯାଏ। ଏହି ତୃଣ ଶିଶୁ, ଗର୍ଭବତୀ ଓ ପ୍ରସୂତି ସେବନ କରିବା ସୁରକ୍ଷିତ ଅଟେ। ତଥାପି ଚିକିତ୍ସକଙ୍କ ବିନା ପରାମର୍ଶରେ ଏହା ଖାଇବା ଉଚିତ ନୁହେଁ। ଏହି ତୃଣ କାଇରୋର ପାରମ୍ପରିକ ଔଷଧୀୟ ଦୋକାନଗୁଡ଼ିକରେ ଗର୍ଭନିରୋଧକ ଭାବରେ ଉପଲବ୍ଧ। ଆମ ଭାରତୀୟ ବଜାରରେ ଲାକ୍ସୋହର୍ବ ପାଉଡର, ଗୋଲ୍ୟାକ୍ସ ପାଉଡର, ଲାକ୍ସୋଗୋଲ୍ଡ କ୍ୟାପସୁଲ ଇତ୍ୟାଦି ଆକାରରେ ଉପଲବ୍ଧ।

ଏହି ତୃଣର କଅଁଳିଆ ପତ୍ରକୁ କଞ୍ଚା କିମ୍ବା ରାନ୍ଧି ଖିଆଯାଇପାରେ। ବିହନ ଆବରଣକୁ ଆଇସ୍କ୍ରିମ୍ ସ୍ଥିରକାରୀ ଭାବରେ ବ୍ୟବହାର କରାଯାଏ। ଅଙ୍କୁରିତ ବିହନ ଏବଂ ତରୁଣ ବା କଅଳିଆ ପତ୍ରକୁ ସାଲାଡ ତିଆରି କରିବା ପାଇଁ ବ୍ୟବହାର କରାଯାଏ। ବିହନଗୁଡ଼ିକୁ ଦହିରେ ଏବଂ ଫାଇବର ପରିମାଣ ବୃଦ୍ଧି କରିବା ପାଇଁ ଭୁସିକୁ ସୁପ୍ ଏବଂ ସ୍ମୁଦିରେ ମିଶାଯାଇପାରେ। ମ୍ୟୁସିଲେଜ୍ ଲୁଣକୁ କଠିନ କରିବା ପାଇଁ ଷ୍ଟାର୍ଚ୍ଚ ଭାବରେ ବ୍ୟବହୃତ ହୁଏ। ଭୁସିରୁ ମିଳୁଥିବା ଖାଦ୍ୟ ତନ୍ତୁ ପ୍ରକ୍ରିୟାକୃତ ଖାଦ୍ୟରେ, ଖାଦ୍ୟର ଏକ ଉପାଦାନ ଭାବରେ ଏବଂ ସ୍ୱାସ୍ଥ୍ୟ ପରିପୂରକରେ ବ୍ୟବହାର କରାଯାଇପାରେ।

ଗ୍ରୀଷ୍ମ ଋତୁର ଆରମ୍ଭରେ ତୃଣଗୁଡ଼ିକ ରୁଆ ହୋଇଥାଏ। ରୋପଣର ୬୦ ଦିନ ପରେ ଫୁଲ ଫୁଟିଥାଏ। ଏହା ଏକ କ୍ଷଣସ୍ଥାୟୀ ଉଦ୍ଭିଦ, ୧୩୦ ଦିନ ପର୍ଯ୍ୟନ୍ତ ବଞ୍ଚି ରହିଥାଏ ଏବଂ ରକ୍ଷଣାବେକ୍ଷଣ କରିବା ସହଜ। ●

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଡବଲ ଇଞ୍ଜିନ ସରକାରଙ୍କ ଚାଷୀଙ୍କୁ ଡବଲ ପ୍ରତାରଣା: କଂଗ୍ରେସ



ଭୁବନେଶ୍ୱର,୨୪।୮ (ସମିସ): ରାଜ୍ୟରେ ୟୁରିଆ ବେଉଷଣ ସମୟରେ କଳାବଜାର ଓ ସରକାରୀ ବିଫଳତା ଯୋଗୁଁ ୟୁରିଆ ସଙ୍କଟ ସୃଷ୍ଟି ହୋଇଛି।

- ରାଜ୍ୟରେ ଚରମ ସୀମାରେ ପହଞ୍ଚିଛି ୟୁରିଆ କଳାବଜାର
- ଚାଷୀଙ୍କ ବିପଦ ସମୟରେ କୃଷିମନ୍ତ୍ରୀ ଦେଉଛନ୍ତି ନିର୍ଲଜ୍ଜ ବକ୍ତବ୍ୟ

ସରକାର କହିଥିଲେ ୨. ୯୪ ଲକ୍ଷ ଟନ୍ ୟୁରିଆ ପୂର୍ବରୁ ଷ୍ଟକ୍ ଥିଲା ଓ ୪.୫ ଲକ୍ଷ ଟନ୍ ଖରିଫ ପାଇଁ ମିଳିଥିବାରୁ ୭.୯୪ ଲକ୍ଷ ଟନ୍ ଉପଲବ୍ଧ ଅଛି। ସେଥିରୁ ୩.୬୫ ଲକ୍ଷ ଟନ୍ ବିକ୍ରି ହୋଇଛି ଓ ୪.୨୪ ଲକ୍ଷ ଟନ୍ ବିଭିନ୍ନ ଜିଲ୍ଲାରେ ବାକି ରହିଛି। କିନ୍ତୁ ସରକାରଙ୍କର କଥା ଯଦି ସତ, ତା ହେଲେ ଚାଷୀମାନେ କାହିଁକି ସାର ପାଉନାହାନ୍ତି ବୋଲି ରାଜ୍ୟ କଂଗ୍ରେସ ପ୍ରଶ୍ନ କରିଛି।

ରବିବାର କଂଗ୍ରେସ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କିଷାନ କଂଗ୍ରେସ ଅଧ୍ୟକ୍ଷ ଅଭୟ ସାହୁ ଅଭିଯୋଗ କରିଛନ୍ତି ଯେ ବରଗଡ଼, ସମ୍ବଲପୁର, ସୁବର୍ଣ୍ଣପୁର, ବଲାଙ୍ଗିର, ସୁନ୍ଦରଗଡ଼, କଟକ (ନିଶିନ୍ତକୋଇଲି) ଓ ସମୁଦ୍ରତଟୀୟ ଅଞ୍ଚଳରେ ୨୬୬.୫୦ ଦରର ୟୁରିଆ ୫୦୦ ଟଙ୍କାରୁ ୬୦୦ ଟଙ୍କା ବିକ୍ରି ହେଉଛି। ଏପରିକି ନୂଆପଡାରେ ୟୁରିଆ ବ୍ୟାଗପିଛା ୯୦୦ଟଙ୍କା ଦେବାକୁ ଚାଷୀ ବାଧ୍ୟ ହେଉଛି। ୧୩୫୦ଟଙ୍କାର ଡିଏପି ୧୭୦୦ଟଙ୍କାରେ ବିକ୍ରି ହେଉଛି। ମାର୍କଫେଡ୍ ଦ୍ୱାରା ସରକାରୀ ସବସିଡି ୟୁରିଆକୁ ପ୍ରାଇଭେଟ୍ ବେପାରୀଙ୍କୁ ବେପରୁଆ ଭାବେ ବାଣ୍ଟି ଦିଆଯାଉଥିବାରୁ ସେମାନେ କଳାବଜାରୀରେ ଦୁଇଗୁଣା ଦରରେ ବିକୁଛନ୍ତି ବୋଲି ଶ୍ରୀ ସାହୁ ଅଭିଯୋଗ କରିଛନ୍ତି।

ୟୁରିଆ ଅଭାବ କେମିତି ଚାଷୀମାନଙ୍କର ମେରୁଦଣ୍ଡ ଭାଙ୍ଗି ଦେଇଛି ସେ ବିଷୟରେ ପିସିସି ମୁଖପାତ୍ର ଡ଼ ମନିଷା ଦାସ ପଟ୍ଟନାୟକ ଆଲୋକପାତ କରିବା ସହ କଳାବଜାରୀଙ୍କୁ ଜବତ କରି ଦୋଷୀ ଡିଲର ଓ କର୍ମଚାରୀଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିଛନ୍ତି। ସେହିପରି ଅନ୍ୟତମ ମୁଖପାତ୍ର ଅଶୋକ ସ୍ୱାଇଁ, ରୂପାଦୀପ୍ତା ମହାପାତ୍ର, ବିଭୂତି ଭୂଷଣ ମହାପାତ୍ର କହିଥିଲେ ଯେ ଏହା କେବଳ ସରକାରଙ୍କ ବିଫଳତା ତାହା ନୁହେଁ, ଏହା କୃଷକଙ୍କ ସହିତ ବେଇମାନି । ରାଜ୍ୟର ଉପ ମୁଖ୍ୟମନ୍ତ୍ରୀ ନିଜେ କୃଷିମନ୍ତ୍ରୀ ହୋଇଥିବା ସତ୍ତ୍ୱେ କୃଷକ ମାନେ ସାର ପାଇଁ ଡହଳ ବିକଳ ହେବା ଦୁର୍ଭାଗ୍ୟଜନକ। ତେଣୁ ସରକାର ତୁରନ୍ତ ପଦକ୍ଷେପ ନ ନେଲେ ପ୍ରଦେଶ କଂଗ୍ରେସ ଅବେହେଳିତ ଚାଷୀ ମାନଙ୍କ ସହିତ ନିକଟସ୍ଥ ସମସ୍ତ କୃଷି କାର୍ଯ୍ୟାଳୟକୁ ଘେରାଉ କରିବାକୁ ବାଧ୍ୟ ହେବ ବୋଲି କଂଗ୍ରେସ କହିଛି।

# କାଞ୍ଜିପାଣି ଘାଟିରେ ଭୂ-ସ୍ଖଳନ

ତେଲକୋଇ,୨୪।୮ (ସମିସ): ଲଗାଣବର୍ଷା ଫଳରେ କେନ୍ଦୁଝର ଜିଲ୍ଲା କାଞ୍ଜିପାଣି ଥାନା ୪୯ ନମ୍ବର ଜାତୀୟ ରାଜପଥ କାଞ୍ଜିପାଣି ଘାଟିରେ ଭୂସ୍ଖଳନ ହୋଇଛି। ରାସ୍ତାର ଉଭୟ ପାର୍ଶ୍ୱରେ ମାଟି ଅତଡ଼ା ଖସିବା ସହ ଗଛ ପଡ଼ି ରାସ୍ତା ଅବରୋଧ ହୋଇଯାଇଛି।



ଶହଶହ ଗାଡ଼ି ମୋଟର ଅଟକି ରହିଛି। ୨୪ ଘଣ୍ଟା ମଧ୍ୟରେ ଏହି ରାସ୍ତାରେ ଯୋଗାଯୋଗ ସ୍ୱାଭାବିକ ହୋଇପାରିନାହିଁ। ରାସ୍ତାର ଗୋଟିଏ ପାର୍ଶ୍ୱ ଅତିଙ୍କାର୍ଯ୍ୟଥିବାବେଳେ ବିପଦପୂର୍ଣ୍ଣ ଭାବେ ମାଲ ବୋଝେଇ ଟ୍ରକ୍ ଚଳାଚଳ କରୁଛି। ଜାତୀୟ ରାଜପଥ କର୍ତ୍ତୃପକ୍ଷ ରାସ୍ତା ଅବରୋଧ ହଟାଇବାକୁ ଉଦ୍ୟମ ଆରମ୍ଭ କରିଛନ୍ତି। ଶନିବାର ରାତି ପ୍ରାୟ ୧ଟାରେ କାଞ୍ଜିପାଣି ଥାନାରୁ ୩-୪ କିମି ଦୂର କାଞ୍ଜିପାଣି ଘାଟିରେ ପାହାଡ଼ ଉପରୁ ମାଟି ଅତଡ଼ା ଖସିଥିଲା। ପାଣିର ସ୍ରୋତ ଏତେ ପ୍ରଖର ଥିଲା ଯେ ପାହାଡ଼ ଉପରୁ ମାଟି, ପଥର ସାଙ୍ଗକୁ ବଡ଼ ବଡ଼ ଗଛକୁ ଉପାଡ଼ି ଆଣି ଜାତୀୟ ରାଜପଥ ଉପରେ ପକାଇଥିଲା। ଏହାଦ୍ୱାରା ଜାତୀୟ ରାଜପଥ ଉଭୟ ପଟୁ ବିଚ୍ଛିନ୍ନ ହୋଇପଡ଼ିଥିଲା। ମୁମ୍ବାଇ-କୋଲକାତା ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି। ବାର୍ଘ ସମୟ ଧରି ରାସ୍ତା ଅବରୋଧ ହୋଇଥିବାରୁ ରାସ୍ତାର ଉଭୟ ଦିଗରେ ଶହଶହ ଗାଡ଼ି ଅଟକି ରହିଥିଲା।

- ୨୪ ଘଣ୍ଟା ଯାତାୟାତ ବନ୍ଦ
- ୪୯ ନଂ ଜାତୀୟ ରାଜପଥ ବିଚ୍ଛିନ୍ନ

ଯାତ୍ରୀବାହୀ ବସ ସବୁ ତେଲକୋଇ ଦେଇ ଯାତାୟାତ କରୁଛନ୍ତି। ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ରାସ୍ତା ଅବରୋଧ ହଟାଇବାକୁ ଉଦ୍ୟମ ଆରମ୍ଭ ହୋଇଥିବା ବେଳେ ସଂଧ୍ୟା ହୋଇଥିବାରୁ ଅବରୋଧ ହଟିପାରିନାହିଁ। ସୋମବାର ସକାଳୁ ପୁଣି ଉଦ୍ଧାର କାର୍ଯ୍ୟ ଆରମ୍ଭ ହେବ ଏବଂ ରାସ୍ତା ଅବରୋଧ ହଟିବ ବୋଲି କାଞ୍ଜିପାଣି ଥାନା ପକ୍ଷରୁ ସୂଚନା ମିଳିଛି। ୨୪ ଘଣ୍ଟାରୁ ଉର୍ଦ୍ଧ୍ୱ ହେବ ୪୯ ନମ୍ବର ଜାତୀୟ ରାଜପଥରେ ଯାତାୟାତ ଠପ୍ ହୋଇ ପଡ଼ିଛି।

## ଆଜି ପୂର୍ବାଞ୍ଚଳ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ସମ୍ମିଳନୀ

# ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ ସୁଯୋଗ ଏବଂ ଆହ୍ୱାନ ସମ୍ପର୍କରେ ହେବ ଆଲୋଚନା

ଭୁବନେଶ୍ୱର, ୨୪।୮(ସମିସ): ଆସନ୍ତାକାଲି (ସୋମବାର) ପୂର୍ବାଞ୍ଚଳ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ସମ୍ମିଳନୀ ଭୁବନେଶ୍ୱରର ମେ' ଫେୟାର କନଭେନସନ୍‌ଠାରେ ଅନୁଷ୍ଠିତ ହେବ। ଏଥିରେ କେନ୍ଦ୍ରମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ବରିଷ୍ଠ ଅଧିକାରୀ ଏବଂ ଶିଳ୍ପ ପ୍ରତିନିଧିମାନେ ଏକତ୍ରିତ ହୋଇ ପୂର୍ବଭାରତରେ ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ ସୁଯୋଗ ଏବଂ ଆହ୍ୱାନ ସମ୍ପର୍କରେ ଆଲୋଚନା କରିବେ। ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ସେହିପରି କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁ କିଞ୍ଜରାପୁଙ୍କ ଉପସ୍ଥିତିରେ ସମ୍ମିଳନୀ ଉଦ୍‌ଘାଟନ ହେବାକୁ ଥିବା ବେଳେ ସେ ସ୍ୱାଗତ ଅଭିଭାଷଣ ରଖିବେ। ଦିବସବ୍ୟାପୀ ଏହି କାର୍ଯ୍ୟକ୍ରମରେ ବିମାନବନ୍ଦରଗୁଡ଼ିକର ଆଧୁନିକୀକରଣ, ଉଡାନ ଯୋଜନା ଏବଂ ଆଞ୍ଚଳିକ ସଂଯୋଗ, ବିମାନ ଚଳାଚଳରେ ଦକ୍ଷତା ବିକାଶ, ଡ୍ରୋନ୍ ଇକୋସିଷ୍ଟମ୍ର ସମ୍ପ୍ରସାରଣ, ଏବଂ ହେଲିକପ୍ଟର ଜରୁରୀକାଳୀନ ମେଡିକାଲ ସେବାର ଭବିଷ୍ୟତ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ସଂପର୍କରେ ଆଲୋଚନା ହେବ ବୋଲି ଜଣାପଡ଼ିଛି। ଛତିଶଗଡ଼, ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଏବଂ ଆଣ୍ଡାମାନ ଓ ନିକୋବାର ଦ୍ୱୀପପୁଞ୍ଜ କେନ୍ଦ୍ରଶାସିତ ଅଞ୍ଚଳ ସମେତ ଓଡ଼ିଶାର ବିମାନ ଚଳାଚଳ ପ୍ରତିନିଧିମାନେ ଆଲୋଚନାରେ ଅଂଶଗ୍ରହଣ କରିବେ। ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ, ଭାରତୀୟ ବିମାନବନ୍ଦର ପ୍ରାଧିକରଣ, ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ, ବେସାମରିକ ବିମାନ ସୁରକ୍ଷା ବ୍ୟୁରୋ, ଏବଂ ବିମାନବନ୍ଦର ଆର୍ଥିକ ନିୟାମକ ପ୍ରାଧିକରଣର ବରିଷ୍ଠ ଅଧିକାରୀମାନେ ମଧ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ରହିବେ।

# ମୟୂରଭଞ୍ଜ ଜିଲ୍ଲାପାଳଙ୍କ ଫେସବୁକ୍ ହ୍ୟାଣ୍ଡଲ୍ ହ୍ୟାକ୍

ବାରିପଦା, ୨୪।୮ (ସମିସ): ମୟୂରଭଞ୍ଜ ଜିଲ୍ଲାପାଳଙ୍କ ଫେସବୁକ୍ ହ୍ୟାଣ୍ଡଲ୍‌କୁ ହ୍ୟାକର୍ ହ୍ୟାକ୍ କରିଛନ୍ତି। ଏଥିସହ ଏହି ହ୍ୟାକ୍ ହୋଇଥିବା ପୃଷ୍ଠାରୁ ସାଧାରଣ ଲୋକଙ୍କୁ ଟଙ୍କା ଦାବି କରାଯାଉଛି। ଜିଲ୍ଲା ପ୍ରଶାସନ ସ୍ପଷ୍ଟ କରିଛି ଯେ ପ୍ରଶାସନ କିମ୍ବା କୌଣସି ଅଧିକାରୀଙ୍କ ପକ୍ଷରୁ କେବେବି ଏପରି ଅନୁରୋଧ ହୋଇନି। ଜନସାଧାରଣଙ୍କୁ ଅନୁରୋଧ, ଏହି ପୃଷ୍ଠାରୁ ଯାଇଥିବା ମେସେଜ୍‌ରେ କୌଣସି ପ୍ରତିକ୍ରିୟା ଦିଅନ୍ତୁ ନାହିଁ କିମ୍ବା ଟଙ୍କା ପଠାନ୍ତୁ ନାହିଁ। ପ୍ରଶାସନ ଏହି ହ୍ୟାକ୍‌କୁ ଗୁରୁତ୍ୱର ସହ ନେଇ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି ଏବଂ ସାଇବର୍ ସେଲ୍‌କୁ ମଧ୍ୟ ଅବଗତ କରାଯାଇଛି। ସାଧାରଣଙ୍କୁ ଅନୁରୋଧ, କେବଳ ଅଧିକାରୀଙ୍କ ସରକାରୀ ୱେବସାଇଟ୍ କିମ୍ବା ପ୍ରେସ ବିଜ୍ଞପ୍ତିକୁ ବିଶ୍ୱାସ କରନ୍ତୁ। ସନ୍ଦେହଜନକ ମେସେଜ୍ ଦେଖିଲେ, ତାହାକୁ ତତକ୍ଷଣାତ୍ ପ୍ରଶାସନକୁ ସୂଚନା ଦିଅନ୍ତୁ। ବିଶେଷ ଅନୁରୋଧ କରାଯାଇଛି ଯେ ଓଟିପି, ବ୍ୟାଙ୍କ ବିବରଣୀ କିମ୍ବା ବ୍ୟକ୍ତିଗତ ସୂଚନା କୌଣସି ପରିସ୍ଥିତିରେ ଏହି ହ୍ୟାକ୍ ହୋଇଥିବା ପୃଷ୍ଠାକୁ ଦିଅନ୍ତୁ ନାହିଁ।

# ୯ ଫେବୃଆରୀରେ ବନ୍ଧକ ଶ୍ରମିକ ଉଚ୍ଛେଦ ଦିବସ ପାଳନ ହେଉ

## ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକଙ୍କୁ ସ୍ମାରକପତ୍ର ପ୍ରଦାନ

ଭୁବନେଶ୍ୱର,୨୪।୮ (ସମିସ): ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ଶୁକ୍ରବାର କହିଛନ୍ତି ଯେ ରାଜ୍ୟ ସରକାର ଫେବୃଆରୀ ୯ ତାରିଖକୁ ବନ୍ଧକ ଶ୍ରମିକ ଉଚ୍ଛେଦ ଦିବସ ଭାବେ ଘୋଷଣା କରିବା ପାଇଁ ନାଗରିକ ସମାଜ ପ୍ରସ୍ତାବ ଉପରେ ବିଚାର କରିବେ। ଏହି ଦିନଟି ଦେଶରେ ବନ୍ଧକ ଶ୍ରମିକ ପ୍ରଣାଳୀ (ଉଚ୍ଛେଦ) ଆଇନ, ୧୯୭୬ ପ୍ରଣୟନ ହୋଇଛି।



ଦାଦନ ଶ୍ରମିକଙ୍କ ପାଇଁ କାର୍ଯ୍ୟରତ ସାମାଜିକ ସଂଗଠନ ମାନଙ୍କର ମିଳିତ ମଞ୍ଚ (ସୁରକ୍ଷା) ରାଜ୍ୟ ସରକାରଙ୍କୁ ଅନ୍ୟ ରାଜ୍ୟଗୁଡ଼ିକର ଉଦାହରଣ ଦେଇ ଏକ ସ୍ମାରକପତ୍ର ପ୍ରଦାନ କରିଛି, ଯେଉଁଠି ସରକାରୀ ବିଜ୍ଞପ୍ତିମାଧ୍ୟମରେ ସମ୍ପୃକ୍ତ ରାଜ୍ୟଗୁଡ଼ିକ ଦ୍ୱାରା ଏହି ଦିବସ ଘୋଷଣା କରାଯାଇଛି। ମାନବ ଚାଲାଣ ଏବଂ ବନ୍ଧକ ଶ୍ରମିକ ସମ୍ପର୍କରେ ସମ୍ପୃକ୍ତ କରି ଶ୍ରୀ ନାଏକ ଶ୍ରମକାର୍ଡର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ।

ଆଲୋଚନାରେ ବନ୍ଧକ ଶ୍ରମିକ ସମସ୍ୟାର ସମାଧାନ ପାଇଁ ଏକ ବ୍ୟାପକ ରାଜ୍ୟ କାର୍ଯ୍ୟ ଯୋଜନା ପ୍ରଣୟନ, ନିବାରଣ, ଚିହ୍ନଟ, ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଉଦ୍ଧାର, ପୁନର୍ବାସ ଏବଂ ଚାଲାଣକାରୀ ଦଲାଲମାନଙ୍କୁ ଦଣ୍ଡବିଧାନ ପାଇଁ ବିକାଶ ଏବଂ କାର୍ଯ୍ୟାନ୍ୱୟନ, ଆନୁଷ୍ଠାନିକ ଘୋଷଣା ଏବଂ ୯ ଫେବୃଆରୀକୁ ବନ୍ଧକ ଶ୍ରମିକ ଉଚ୍ଛେଦ ଦିବସ ଭାବରେ ରାଜ୍ୟବ୍ୟାପୀ ପାଳନ ପାଇଁ ସଂକଳ୍ପ ଗ୍ରହଣ କରାଯାଇଥିଲା। ଆବାହକ ତଥା ଉତ୍କଳ ସେବକ ସମାଜର ସମ୍ପାଦକ ଡ. ଅମିୟ ଭୂଷଣ ବିଶ୍ୱାଳଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଶାସକ ଅରବିନ୍ଦ ବେହେରା, ପ୍ରଫୁଲ୍ଲ କୁମାର ସାହୁ, ରାଜ୍ୟ ମାନବାଧିକାର କମିସନ୍ ସଦସ୍ୟ ଅସୀମ ଅମିତାଭ ଦାଶ, ଦିଲୀପ କୁମାର ଦାସ, ଲୋକନାଥ ମିଶ୍ର, ଫୋକସ ଓଡ଼ିଶା ଫାଉଣ୍ଡେସନ୍‌ର ନିର୍ଦ୍ଦେଶକ ସୁଦର୍ଶନ ଛୋଟରାୟ ଏବଂ ବନିତା ମହାରାଣା, ମହାଜିନ ଜେମା, ଆଶିଷ ରାଜହଂସ, ଉଦୟନାଥ ବେହେରା, ସିଡ଼ବ୍ଲୁସି କଟକ, ଅଧକ୍ଷ ପ୍ରମୋଦ କିଶୋର ଆଚାର୍ଯ୍ୟ, ଆଇଡେଏମ୍ ରାଜ୍ୟ କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଜୟନ୍ତ କୁମାର ନାଗ, ବିକାଶ ଫଲନ ପାତ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଓଡ଼ିଶାରେ ମନ୍ଥର ପିଏମ୍ ସୂର୍ଯ୍ୟଘର ଯୋଜନା

# ୩ ଲକ୍ଷ ସଂଯୋଗ ଲକ୍ଷ୍ୟ; ଲାଗିଛି ମାତ୍ର ୨୦ ହଜାର ଘର

ଭୁବନେଶ୍ୱର,୨୪।୮ (ସମିସ): ରାଜ୍ୟରେ ପିଏମ୍ ସୂର୍ଯ୍ୟଘର ଯୋଜନା ସଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁ ନାହିଁ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏକ୍ଷେତ୍ରରେ ରିଆତି ବ୍ୟବସ୍ଥା କରିଥିଲେ ହେଁ ଓଡ଼ିଶାରେ ଏହା ଆଖିଦୃଶିଆ ସଫଳତା ହାସଲ କରିପାରୁ ନାହିଁ। ଏହାକୁ ଦୃଷ୍ଟିରେ ରଖି ଏହି କେନ୍ଦ୍ର ନବୀକରଣ ଯୋଗ୍ୟ ଶକ୍ତି ମନ୍ତ୍ରାଳୟ ଅନୁମୋଦନ ଦେଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ପିଏମ୍ ସୂର୍ଯ୍ୟଘର ଯୋଜନାରେ ଓଡ଼ିଶାକୁ ୩ ଲକ୍ଷ ଟାର୍ଗେଟ୍ ଦିଆଯାଇଥିଲା। କିନ୍ତୁ ଓଡ଼ିଶାରେ ଏହା ଧିମେଇ ଯାଇଛି। ବର୍ତ୍ତମାନ ସୁଦ୍ଧା ମାତ୍ର ୨୦ ହଜାର ସଂଯୋଗ ଦିଆଯାଇ ପାରିଛି। ରାଜ୍ୟରେ ବର୍ତ୍ତମାନ

- ଉପଭୋକ୍ତା ଉପଯୋଗୀ ହେବ ସୌର ପ୍ୟାନେଲ୍ ଯୋଜନା
- ୫ ହଜାରରେ ମିଳିବ ୧ କିଲୋୱାଟ ରୁଫଟପ୍ ପ୍ୟାନେଲ

ଯୋଜନାକୁ ଉପଭୋକ୍ତା ଉପଯୋଗୀ କରିବା ପାଇଁ ଯୋଜନା କରାଯାଉଛି । ସୂଚନା ଅନୁଯାୟୀ ଏଣିକି ଏକ କିଲୋୱାଟ ପର୍ଯ୍ୟନ୍ତ ରୁଫଟପ୍ ସୋଲାର ପ୍ୟାନେଲ ଲଗାଇବା ପାଇଁ ଉପଭୋକ୍ତାଙ୍କୁ ମାତ୍ର ୫ ହଜାର ଟଙ୍କା ଦେବାକୁ ପଡ଼ିବ। ଅବଶିଷ୍ଟ ଅର୍ଥ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଦେଉଥିବା ସବସିଡି ଅର୍ଥରୁ ଭରଣା କରାଯିବ। ଉପଯୋଗିତା ଆଧାରିତ ଏକତ୍ରିକରଣ ମଡେଲ ଅଧିନରେ ଓଡ଼ିଶାର ବିତରକ କମ୍ପାନୀଙ୍କ ଏହି ପ୍ରସ୍ତାବକୁ ଯୋଜନା ଅଧିନରେ ପ୍ରାୟ ୧ ଲକ୍ଷ ୮୦ ହଜାର ଆବେଦନ ଥିବା ବେଳେ ଏହାକୁ ରେଗୁଲାର ମିନିଟରିଂ କରାଯିବ ବୋଲି ବିଭାଗୀୟ ସ୍ତରରେ ନିଷ୍ପତ୍ତି ହୋଇଛି।

ପିଏମ ସୂର୍ଯ୍ୟଘର ଯୋଜନାରେ ଏକ କିଲୋୱାଟ କ୍ଷମତା ବିଶିଷ୍ଟ ରୁଫଟପ୍ ସୋଲାର ପ୍ୟାନେଲ ଲଗାଇବାକୁ ପ୍ରାୟ ୬୦ ହଜାର ଟଙ୍କା ପଡୁଛି। ତନ୍ମଧ୍ୟରୁ କେନ୍ଦ୍ରୀୟ ସବସିଡି ବାବଦରେ ୩୦ ହଜାର ଟଙ୍କା ମିଳୁଥିବା ବେଳେ ରାଜ୍ୟ ସବସିଡି ବାବଦରେ ୨୫ ହଜାର ଟଙ୍କା ପ୍ରଦାନ କରାଯାଉଛି। ଅବଶିଷ୍ଟ ୫ ହଜାର ଟଙ୍କା ଉପଭୋକ୍ତା ବହନ କରୁଛନ୍ତି। ତେବେ ପୂର୍ବରୁ ପ୍ରଥମେ ଉପଭୋକ୍ତାଙ୍କୁ ସମସ୍ତ ଅର୍ଥ ପ୍ରଦାନ କରିବାକୁ ପଡୁଥିଲା। ଘର ଛାତ ଉପରେ ପ୍ୟାନେଲ ଲଗାଯିବା ପରେ ସବସିଡି ଅର୍ଥ ହିତାଧିକାରୀଙ୍କ ଖାତାକୁ ଆସୁଥିଲା। ତେବେ ନୂଆ ଅନୁମୋଦନ ପରେ ୧ କିଲୋୱାଟ ପାଇଁ ଗ୍ରାହକ ମାତ୍ର ୫ ହଜାର ଟଙ୍କା ପ୍ରଦାନ କରିବେ। ଯାହାଫଳରେ ଆବେଦନକାରୀ ଅର୍ଥ ପେଁଠ ବେଳେ ଆଗ୍ରହ ପାଇବେ ବୋଲି ଜଣାପଡ଼ିଛି। ଅପରପକ୍ଷେ ଏହି ଯୋଜନାରେ ଲାଭ ଉଠାଇବା ପାଇଁ ମଧ୍ୟ କେତେକ ସର୍ତ୍ତ ରଖାଯାଉଛି। ଏହି ପ୍ୟାନେଲ କେବଳ ଛାତ ଉପରେ ଲାଗି ପାରିବ। ଏହାବ୍ୟତୀତ ଅଣ ଛାତ ଉପରେ ଏହାର ବ୍ୟବହାର କରାଯାଇପାରିବ ନାହିଁ। ପ୍ୟାନେଲ ଲାଗି ସାରିବା ପରେ ୫ ବର୍ଷ ଯାଇଁ କମ୍ପାନୀ ଏହାର ରକ୍ଷଣାବେକ୍ଷଣ କରିବ ବୋଲି ଜଣାପଡ଼ିଛି।

**NOTICE**

By virtue of an affidavit sworn before Executive Magistrate, Panposh, Rourkela dated 21.08.2025, I, Abhimanyu Swain, Address- Near Lion's Eye Hospital, Civil Township, PO- Rourkela-4, PS- Raghunathpalli, Dist.- Sundargarh, Odisha, Pin-769004 declare that I have changed my name from Abhimanu Swain to Abhimanyu Swain. Henceforth, I shall be known as Abhimanyu Swain for all purposes.

Abhimanyu Swain

**Notice (for Minor)**

By virtue of an affidavit sworn before the Executive Magistrate, Bhubaneswar on dtd.29.04.2025. I, Jagadish Digal, At- Dugudi-B, Po- Talarimaha, Dist.-Kandhamal, Pin - 762022 have changed my minor son's name from Lucky Digal to Prabhudatta Digal. Henceforth he shall be known as **Prabhudatta Digal** for all purposes.

Sd/- Jagadish Digal

**Notice (for Minor)**

By virtue of an affidavit sworn before The court of Executive Magistrate, Baripada, Mayurbhanj, dated 02-08-2025 I, Chama Marndi, Address AT-Dubulabeda, PO- Kuabuda, PS-Chandua, Dist- Mayurbhanj, PIN-757014 declare that I have changed the name of my Son from Shankh Marndi to Sankha Marndi. Henceforth, he shall be known as Sankha Marndi for all purposes.

Chama Marandi

**AFFIDAVIT**

By virtue of an affidavit no-268 sworn before the Executive magistrate , Khordha on dt 19/08/25 , I Rina Baliarsingh, W/o-Shekhar Baliarsingh, resident of At-Gopinathpur, Po-Olasingh, Ps-Jankia, Dist-Khordha, Pin-752020. I have changed my name from Bimala Maetha (old name) to Rina Baliarsingh (New name ). Henceforth both name Bimala Maetha and Rina Baliarsingh is one & same person she will be known as **Rina Baliarsingh** for all future purposes.

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଭାରତରେ ସ୍କୁଲ ଫି'...

ସେହିପରି ମୁମ୍ବଇରେ ଆୟ ୧୫-୧୮ ଲକ୍ଷ ଥିବାବେଳେ ସ୍କୁଲ ଦେୟ ୯-୧୫ ଲକ୍ଷ ରହିଛି। ୫୦-୮୫ ପ୍ରତିଶତ ଅର୍ଥ ଏହି ଦେୟ ଦେବାରେ ଖର୍ଚ୍ଚ ହେଉଛି। ଅନ୍ୟପକ୍ଷରେ ଦୁବାଇରେ ବାର୍ଷିକ ଆୟ ୬୭ ଲକ୍ଷ ଥିବାବେଳେ ସ୍କୁଲ ଦେୟ ୨୪ ଲକ୍ଷ ରହିଛି। ପରିବାର ନିଜ ଆୟର ମାତ୍ର ୩୩ ପ୍ରତିଶତ ଏହି ଦେୟ ବାବଦରେ ବ୍ୟୟ କରୁଛନ୍ତି। ଲଣ୍ଡନ ଏବଂ ନ୍ୟୁୟର୍କରେ ପରିବାରର ହାରାହାରି ବାର୍ଷିକ ଆୟ ୭୦ ଲକ୍ଷ ଏବଂ ୭୫ ଲକ୍ଷ ରହିଛି। କିନ୍ତୁ ଏଠାରେ ସ୍କୁଲ ଦେୟ ଯଥାକ୍ରମେ ୩୫ ଲକ୍ଷ ଓ ୩୭ ଲକ୍ଷ ରହିଛି। ଏହି ଦୁଇ ସହରର ଲୋକେ ନିଜ ଆୟର ୫୮ ଏବଂ ୫୦ ପ୍ରତିଶତ ସ୍କୁଲ ଦେୟ ବାବଦରେ ଦେଉଛନ୍ତି।

### ପତ୍ନୀଙ୍କୁ ଜିଅନ୍ତା ଜାଳିଥିବା...

ହୋଇଥିଲେ ମଧ୍ୟ ଦୁଇଭାଇ ବିପିନ ଓ ରୋହିତଙ୍କୁ ବିବାହ କରିଥିଲେ। ନିଜକୁ ବଞ୍ଚାଇବାକୁ ନିକ୍କି ଛଟପଟ ହୋଇ ତଳକୁ ଦୌଡ଼ିଥିଲେ। ଏହା ଦେଖି ପାଖରେ ରହୁଥିବା ଲୋକେ ପହଞ୍ଚିଥିଲେ ଓ ମହିଳାଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିଥିଲେ। ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସଫଦାରଜଙ୍ଗ ହସ୍ପିଟାଲ ଅଗଷ୍ଟ ୨୨ରେ ମହିଳା ପ୍ରାଣତ୍ୟାଗ କରିଥିଲେ।

ମହିଳାଙ୍କ ଭଉଣୀଙ୍କ ଅଭିଯୋଗକୁ ଆଧାର କରି ପୁଲିସ ମାମଲା ରୁଜୁ କରିଥିଲେ ଓ ୨୩ ତାରିଖରେ ମହିଳାଙ୍କ ସ୍ୱାମୀଙ୍କୁ ଗିରଫ କରାଯାଇଥିଲା। ରବିବାର ଅଭିଯୁକ୍ତ ସ୍ୱାମୀ ବିପିନଙ୍କୁ ମେଡିକାଲ ପରୀକ୍ଷା ପାଇଁ ଜିଲ୍ଲା ହସ୍ପିଟାଲକୁ ପୁଲିସ ନେଉଥିଲା। କିନ୍ତୁ ଅଭିଯୁକ୍ତ ପୁଲିସଠାରୁ ପିସ୍ତଲ ନେଇ ଦୌଡ଼ି ପଳାଇବାକୁ ଚେଷ୍ଟା କରିଥିଲା। ପୁଲିସ ସିରସା ଛକ ନିକଟରେ ଅଭିଯୁକ୍ତକୁ ଗୁଳି ମାରି ଧରିଥିଲା। ତେବେ ବିପିନ ସବୁ ହୋଇଛି, ଝଗଡ଼ା ହୋଇଥିଲା ଓ ଏହି ଘଟଣା ନେଇ କୌଣସି ପଶ୍ଚାତାପ କରିନାହିଁ। ମୁଁ ନିକ୍କିକୁ ମାରିନାହିଁ ଓ କୌଣସି ଭୁଲ କରିନାହିଁ ବୋଲି ବିପନ କହିଛି। ସେ ନିଜେ ନିଜକୁ ମାରିଛନ୍ତି ବୋଲି ବିପିନ କହିଛି। ତେବେ ବିପିନ ମାଙ୍କୁ ଜାଳାଇ ମାରିଛନ୍ତି ବୋଲି ତାଙ୍କ ପୁଅ କହିଛନ୍ତି। ବିପିନ ଗିରଫ ହୋଇଥିବା ବେଳେ ତାର ମାଆଙ୍କୁ ଆଜି ଗିରଫ କରାଯାଇଛି।

### ବଡ଼ ବନ୍ୟା...

ଆକଳନ କରିଛି। ଯେହେତୁ ବର୍ତ୍ତମାନ ରାଜ୍ୟର ପ୍ରାୟ ସମସ୍ତ ପ୍ରମୁଖ ନଦୀଗୁଡ଼ିକରେ ଜଳସ୍ତର ଅଧିକ ରହିଛି, ତେଣୁ ଆଗକୁ ହେବାକୁ ଥିବା ଲଘୁଚାପ ଯୋଗୁଁ ରାଜ୍ୟର ଅଧିକାଂଶ ନଦୀରେ ବଡ଼ ବନ୍ୟା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ଲଘୁଚାପ ପ୍ରଭାବରେ ବର୍ତ୍ତମାନ ବଙ୍ଗୋପସାଗର ବିଶେଷକରି ଉତ୍ତର ବଙ୍ଗୋପସାଗର ଅଶାନ୍ତ ରହିଛି। ସମୁଦ୍ର ମଧ୍ୟରେ ପବନର ବେଗ ୪୦-୫୦ ଓ ଝଟକା ପବନ ୬୦ କିମି ପର୍ଯ୍ୟନ୍ତ ପହଞ୍ଚିବାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।

ଅନ୍ୟପଟେ ଉତ୍ତର ଓଡ଼ିଶାରେ ବର୍ତ୍ତମାନ ପୁଣି ଥରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ଗଲା ଲଘୁଚାପ ପ୍ରଭାବରେ ଉପମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ଉତ୍ତର ଓଡ଼ିଶାରେ ବିଭିନ୍ନ ନଦୀ ବୈତରଣୀ, ବ୍ରାହ୍ମଣୀ ଏବଂ ସୁବର୍ଣ୍ଣରେଖା ନଦୀର ଜଳସ୍ତର ବୃଦ୍ଧି ପାଇଛି। ଏଥିମଧ୍ୟରୁ ବୈତରଣୀ ଏବଂ ସୁବର୍ଣ୍ଣରେଖାରେ ବିପଦ ସଙ୍କେତ ଉପରେ ଜଳସ୍ତର ପ୍ରବାହିତ ହେଉଥିବା ବେଳେ ଏହାର ଅବବାହିକାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବା ନେଇ ସୂଚନା ଦେଇଛନ୍ତି ଜଳ ସମ୍ପଦ ବିଭାଗ ମୁଖ୍ୟଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ଚଳିତ ବର୍ଷ ସୁବର୍ଣ୍ଣରେଖାରେ ଏହା ପଞ୍ଚମ ବନ୍ୟା। ସୁବର୍ଣ୍ଣରେଖାରେ ଛୋଟରୁ ମଧ୍ୟମ ଓ ବୈତିରଣୀରେ ଛୋଟ ଧରଣରେ ବନ୍ୟା ହୋଇଛି। ବିଗତ କିଛି ଦିନରୁ ଲଗାଣ ବର୍ଷା ହେଉଛି। ଗତ ୨୪ ଘଣ୍ଟାରେ ବୈତିରଣୀ, ବେସିନ, କେନ୍ଦୁଝର ଓ ଝାଡ଼ଖଣ୍ଡରେ ୪୨.୫୭ ମିମି ବର୍ଷା ହୋଇଛି। ଉପର ବ୍ରାହ୍ମଣୀରେ ୩୫ ମିମି ବର୍ଷା ହୋଇଛି ଏବଂ ଉପର ମହାନଦୀରେ ୩୧ ମିମି ବର୍ଷା ହୋଇଛି। ଯାହା ପ୍ରଭାବରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ବଂଶଧାରା ଓ ବୁଢାବଳଙ୍ଗରେ ପାଣି ଅଧିକ ଥିଲେ ବି କମିଛି। ମାତ୍ର ବୈତରଣୀରେ ଛୋଟ ବନ୍ୟା ହୋଇଛି। ଅପରପକ୍ଷେ ହୀରାକୁଦରେ ଉପରମୁଣ୍ଡରେ ପ୍ରବଳ ହୋଇ ଜଳସ୍ତର ବଢୁଛି। ହୀରାକୁଦ ଜଳଭଣ୍ଡାରରେ ୬୨୧.୬୫ ଫୁଟ ପାଣି ଅଛି। ଗତକାଲି ଉପର ମହାନଦୀରେ ୩୧.୩୩ ମିମି ବଡ଼ ବର୍ଷା ହୋଇଛି, ତେଣୁ ହୀରାକୁଦରେ ୧୧ ଟି ଗେଟ୍ ଖୋଲାଯାଇ ଜଳ ନିଷ୍କାସିତ ହେଉଛି। ସେହିପରି ରେଙ୍ଗାଲି ଡ୍ୟାମରେ ଦୁଇଟି ଗେଟ୍ ଦେଇ ୩,୪୦୦ କ୍ୟୁସେକ ବ୍ରାହ୍ମଣୀ ଜଳ ନିଷ୍କାସନ ହେବ। ଜେନାପୁରରେ ନଦୀଜଳ ବିପଦ ସଙ୍କେତ ତଳେ ଅଛି। ବନ୍ୟା ସ୍ଥିତି ଯୋଗୁଁ ବର୍ତ୍ତମାନ ଯାଜପୁରରେ ମୁଖ୍ୟଯନ୍ତ୍ରୀ ଓ ଧାମନଗରରେ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ବ୍ୟାମ୍ପ କରିଛନ୍ତି। ଯାହା କ୍ଷୟକ୍ଷତି ହେଉଛି ତୁରନ୍ତ ମରାମତି କରାଯାଉଛି ବୋଲି ଜଳସମ୍ପଦ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ମାରିଜୁଆନା ପ୍ରେମରେ...

ତିଳ କରୁଛି। ଗତକାଲି ଧରାପଡ଼ିଥିବା ପ୍ରେମୀ ଯୁଗଳଙ୍କ ଠାରୁ ଜବତ ୪କୋଟି ମାରିଜୁଆନା ପାଇଁ ମଧ୍ୟ ଦୁବାଇରୁ ଡିଲ ହୋଇଥିଲା। ଏଜେଣ୍ଟ ମାନଙ୍କୁ କାମ ପୂର୍ବରୁ ୬୦ ଲକ୍ଷ ଅଗ୍ରିମ ଆକାରରେ ଦିଆଯାଇଥାଏ। ଭୁବନେଶ୍ୱରରେ ପହଞ୍ଚିବା ପରେ ଦିଆଯାଇଥିବା ଫୋନ୍ ନମ୍ବରରେ କଲ୍ କରେ ଏଠାରେ ଥିବା ଏଜେଣ୍ଟ ବିମାନବନ୍ଦରରୁ ବ୍ୟାଗ୍ ନେଇଥାନ୍ତି। ଫ୍ଲାଇଟ୍ ଟିକେଟ ସହିତ ହୋଟେଲ ରହଣି ବି ଏଜେଣ୍ଟଙ୍କୁ ମାଗଣାରେ ଯୋଗାଇ ଦିଆଯାଏ ବୋଲି କଷ୍ଟମ ବିଭାଗର ଜଣେ ଅଧିକାରୀ କହିଛନ୍ତି।

ଯେଉଁମାନେ ଧରାପଡୁଛନ୍ତି ସେମାନେ ଏହି ରାକେଟ ସମ୍ପର୍କରେ କିଛିବି ଜାଣିନଥାନ୍ତି। ସେମାନେ କେବଳ ବିମାନରେ ଗୋଟିଏ ଦେଶରୁ ଅନ୍ୟ ଦେଶକୁ ଚାଲାଣ କରିଥାନ୍ତି। କଷ୍ଟମ ବିଭାଗ ଧରି ପଚରାଉଚରା କଲେ ସେମାନେ କିଛି ପାଟି ଖୋଲନ୍ତି ନାହିଁ। ତେବେ ଗତକାଲି ଭୁବନେଶ୍ୱର ବିମାନବନ୍ଦରରେ ମାରିଜୁଆନା ଜବତ ପରେ ହୋଇଛି ବଡ଼ ଖୁଲାସା। ତାକୁ ନେଇ ଏସଟିଏଫ ଆରମ୍ଭ କରିଛି ଜୋରଦାର ତଦାରଖ। ଚାଲାଣ କରୁଥିବା ଯୁବତୀ ଆରତୀ ଶର୍ମା ଓ ତାଙ୍କ ପୁରୁଷ ବନ୍ଧୁ କରନଙ୍କୁ ରିମାଣ୍ଡରେ ଆଣିବ କଷ୍ଟମ ଓ ଏସ୍‌ଟିଏଫ୍। ବ୍ୟାଙ୍କକରୁ ଭୁବନେଶ୍ୱର ଆସିବା ପରେ ଏହାକୁ ବସରେ ବୋଙ୍ଗାଲୁରୁକୁ ନେବାକୁ ଯୋଜନା ହୋଇଥିଲା। ସେମାନଙ୍କ ପାଖରୁ ମିଳିଥିବା ତଥ୍ୟ ଅନୁଯାୟୀ ପଞ୍ଜାବର ଜଣେ ଦଲାଲ ସାଙ୍ଗମାନ ଫିଟ୍ ଥାଇଲାଣ୍ଡରେ ବସି ଭାରତକୁ ମାଲ୍ ପଠାଉଛି। କେବଳ ଓଡ଼ିଶା ନୁହେଁ ହାଇଦ୍ରାବାଦ, କଲିକତା, ଦିଲ୍ଲୀ, ବିହାର, ୟୁପିକୁ ମଧ୍ୟ ସେ ଚାଲାଣ କରେ। ଯେଉଁ ରାଜ୍ୟର ବିମାନ ବନ୍ଦରରେ ସୁରକ୍ଷା ବ୍ୟବସ୍ଥା ଢିଲା ଥାଏ ଉକ୍ତ ରାଜ୍ୟର ବିମାନ ବନ୍ଦର ଦେଇ ଚାଲାଣ କରିବା ପାଇଁ ନକ୍ସା ପ୍ରସ୍ତୁତ କରେ। ସେଠାରେ ପହଞ୍ଚିବା ପରେ କାର ବା ବସ ଯୋଗେ ଅନ୍ୟ ରାଜ୍ୟକୁ ଚାଲାଣ କରେ। ତେଣୁ ଏହି ରାକେଟ ପଛରେ ବିଭିନ୍ନ ରାଜ୍ୟରେ ଏକାଧିକ ଏଜେଣ୍ଟ କାମ କରୁଥିବା କଷ୍ଟମ ବିଭାଗ ଜାଣିବାକୁ ପାଉଛି। ତେଣୁ ମାଷ୍ଟରମାଇଣ୍ଡଙ୍କୁ ଧରିବାକୁ କଷ୍ଟମ ବିଭାଗ ଯୋଜନା ପ୍ରସ୍ତୁତ କରୁଛି। ଦେଶ ବାହାରେ ରହୁଥିବାରୁ ଇଣ୍ଟରପୋଲର ସହାୟତା ନେବ ବୋଲି ଜଣାପଡ଼ିଛି।

ସୂଚନାଯୋଗ୍ୟ ଯେ ଗତ ୬ମାସରେ ୮୦କୋଟିର ମାରିଜୁଆନା ଜବତ ହେଲାଣି। ଗତ ଜାନୁଆରୀ ୬ରେ ୯କୋଟି ମାରିଜୁଆନା ଜବତ ହୋଇଥିବା ବେଳେ ୨ଜଣ ବ୍ୟବସାୟୀ ଗିରଫ ହୋଇଥିଲେ। ସେହିପରି ଗତଜାନ ୨୯ରେ ୩୦ କୋଟି ମାରିଜୁଆନା ଧରାପଡ଼ିଥିବା ବେଳେ ୨ଜଣ ବ୍ୟବସାୟୀ ଧରାପଡ଼ି ଗିରଫ ହୋଇଥିଲେ। ଅଗଷ୍ଟ ୨ରେ ୧୦କୋଟିର ଜବତ ସହ ଜଣେ ଏଜେଣ୍ଟ ଗିରଫ ହୋଇଥିଲା।

ଏହି ମାରିଜୁଆନା ଥାଇଲାଣ୍ଡ, ମାଲେସିଆ ଆଦି ଦେଶରେ ଚାଷ କରାଯାଏ। ଓଡ଼ିଶା ଗଞ୍ଜେଇ ଠିକ ଜଟ ପରି ହୋଇଥିବା ବେଳେ ମାରିଜୁଆନା ଗୋଲେଇ ଆକାରରେ ହୋଇଥାଏ। ଓଡ଼ିଶା ଗଞ୍ଜେଇ ତୁଳନାରେ ମାରିଜୁଆନାର ସ୍ୱାଦ ଭଲ ରହିବା ସହ ନିଶା ଅଧିକ ହେଉଥିବାରୁ ଏହାର ଚାହିଦା ଅଧିକ ରହିଛି। ବିଶେଷ କରି ଅନେକ ଇଂଜିନିୟରିଂ, ଆଇଟି ଛାତ୍ର ଏବଂ ବଡ଼ ବଡ଼ କ୍ଲବ୍‌କୁ ଏହି ମାରିଜୁଆନା ଚାଲାଣ କରାଯାଉଥିବା କଷ୍ଟମ ବିଭାଗ ଅଧିକାରୀ କହିଛନ୍ତି।

### ଖେଳୁଖେଳୁ ଚାଲିଗଲା...

ନେବାକୁ ପଡ଼ିଥିଲା। ଚିକିତ୍ସା ପାଇଁ ନେବାରେ ବିଳମ୍ବ ହେବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଉତ୍ତେଜନା ଦେଖାଦେଇଥିଲା। ଖବର ପାଇ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ରେଡକ୍ରସ୍ ପକ୍ଷରୁ ୧୦ ହଜାର ଓ ପୌର ପରିଷଦ ପକ୍ଷରୁ ୧୦ ହଜାର ଟଙ୍କା ତତ୍କାଳ ସହାୟତା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

SOCIETY FOR ENVIRONMENTAL DEVELOPMENT AND VOLUNTARY ACTION (SEVA)

Ph : 9437827981, 9438296254

APPOINTMENT

DISTRICT DISABILITY REHABILITATION CENTRE (DDRC) NAYAGARH

Applications are invited from the interested Professional/Personals for engagement at District Disability Rehabilitation Centre (DDRC), Nayagarh on contractual basis for the post of (1) Clinical Psychologist/Rehabilitation Psychologist (2)Prosthetist/Orthotist Technician (3)Audiologist & Sr. Speech Therapist (4)Hearing Assistance/ Jr. Seech Therapist (5)Mobility Instructor (6)Multi-Purpose Rehabilitation Worker (7)Accountant cum Clerk cum storekeeper (8)Vocational Counsellor cum Computer Assistant(9)Early Intervention Therapist( 10)Caregiver. The details eligibility criteria qualification, Terms and Conditions etc. are available in the website : www.sevaorga.org. The complete application in the prescribed format should be reached to the Nodal Officer, District Disability Rehabilitation Centre (DDRC), Nayagarh , C/O-SEVA, At-Seva Complex, Old Town, Near New Bus Stand, Po/Dist-Nayagarh, Pin752070, Odisha by Regd. Post/Speed in Email. Sevaorga@gmail.com on or before 08.09.2025. Shortlisted candidates will be called for Interview.Application received thereafter shall not be entertained.

Nodal Officer, DDRC, Nayagarh

# କୋମାରେ ବିଏସ୍‌ଏନ୍‌ଏଲ୍ ନେଟ୍‌ୱର୍କ



ବନ୍ତ/ଆଗରପଡ଼ା, ୨୪।୮ (ସମିସ)

ବନ୍ତ ବ୍ଲକ୍ ଆଗରପଡ଼ା ବିଏସ୍‌ଏନ୍‌ଏଲ୍ ଏକ୍ସଚେଞ୍ଜ ଅଧୀନସ୍ଥ ନେଟ୍‌ୱର୍କ ଦୁର୍ବଳ ହେବା ସହ କୋମାରେ ଚାଲି ଯାଇଥିବା ସାଧାରଣରେ ଅଭିଯୋଗ ହେଉଛି। ଏଠାରେ ଲ୍ୟାଣ୍ଡଲାଇନ ଜରିଆରେ ହିତାଧିକାରୀଙ୍କୁ ସଂଯୋଗ ଦିଆଯାଇଥିଲା। ପର୍ଯ୍ୟାୟକ୍ରମେ ଗ୍ରାହକ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଥିଲା। ପରେ ମୋବାଇଲ ସେବା ଉପଲବ୍ଧ ହେବାପରେ ୨୦୦୮ରେ ଆଗରପଡ଼ାରେ ଟାୱାର ସ୍ଥାପନ କରାଯିବା ସହ ଜଣେ ମାତ୍ର ଟିଟିଙ୍କ ହାତରେ ଦାୟିତ୍ୱ ନ୍ୟସ୍ତ କରାଗଲା। ବର୍ତ୍ତମାନ ବିଭାଗ ତରଫରୁ କୌଣସି

## ଦାୟିତ୍ୱରେ ଜଣେ ଦିନ ମଜୁରିଆ

ସ୍ଥାୟୀ କର୍ମଚାରୀ ନିଯୁକ୍ତି କରାଯାଇ ନଥିବା ବେଳେ ୫ ବର୍ଷ ହେବ ଜଣେ ଦିନ ମଜୁରିଆ ଆଗରପଡ଼ା ଏକ୍ସଚେଞ୍ଜ ଦାୟିତ୍ୱ ତୁଲାଇ ଆସୁଛନ୍ତି। ସେ ଉକ୍ତ ଦାୟିତ୍ୱ ତୁଲାଇ ଆସୁଥିଲେ ସୁଦ୍ଧା ତାଙ୍କୁ ମାସ ମାସ ଧରି ତାଙ୍କ ପ୍ରାପ୍ୟ ପାଇବାରୁ ବଞ୍ଚିତ କରାଯାଉଛି। ଅପରପକ୍ଷେ, ବିଏସ୍‌ଏନ୍‌ଏଲ୍ ସେହି ପୂର୍ବ ୪ଜି ନେଟ୍‌ୱର୍କ ପ୍ରସାରଣ କରି ଚାଲିଥିବାରୁ ଗ୍ରାହକମାନେ ବିଏସ୍‌ଏନ୍‌ଏଲ୍ ପରିବର୍ତ୍ତେ ଘରୋଇ କମ୍ପାନୀ ପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି। କିଛି ସରକାରୀ କାର୍ଯ୍ୟାଳୟ ଓ ବ୍ୟାଙ୍କରେ ବିଏସ୍‌ଏନ୍‌ଏଲ୍ ଲିଜ ଲାଇନ ବ୍ୟବହାର ହେଉଛି। ଲ୍ୟାଣ୍ଡଲାଇନ ଆଉ ନାହିଁ କହିଲେ ଚଳେ। ଏକ୍ସଚେଞ୍ଜରେ ଥିବା ଜେନେରେଟର ବିଦ୍ୟୁତ୍ ସରବରାହରେ ବ୍ୟାଘାତ ହେଲେ ଅଚଳ ହୋଇପଡୁଛି। ଜେନେରେଟର ପାଇଁ ତେଲ ପ୍ରଦାନ କରାଯାଉ ନଥିବାରୁ ସେ କାର୍ଯ୍ୟରେ ଲାଗି ପାରୁନଥିବା ଜଣାପଡ଼ିଛି। ନେଟ୍‌ୱାର୍କ ଯନ୍ତ୍ର କାମକରୁନାହିଁ କିମ୍ବା ଖରାପ ହେଲେ ସଜାଡ଼ିବାକୁ ଦିନରାତି ବିତି ଯାଉଛି। ଏଭଳି ସ୍ଥଳେ ବିଏସ୍‌ଏନ୍‌ଏଲ୍ ଗ୍ରାହକମାନେ ଉଚିତ୍ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି।

### ସେମାନେ ଯାହା କହନ୍ତି..



ସରକାର ମୋବାଇଲ୍ ସେବା ପ୍ରତି ଗ୍ରାହକଙ୍କୁ ଆକୃଷ୍ଟ କରିବାକୁ ସୁଲଭ ମୂଲ୍ୟର ବିଭିନ୍ନ ପ୍ରକାରର ମୋବାଇଲ ଭାଉଚର ବଜାରରେ ଉପଲବ୍ଧ କରିଥିବା ବେଳେ ଅଞ୍ଚଳବାସୀ ଏଠାରେ ଥିବା ଏକ୍ସଚେଞ୍ଜର ଅବ୍ୟବସ୍ଥା ଯୋଗୁଁ ତାହର ସୁଯୋଗ ଠିକ୍ ଭାବେ ପାଇପାରୁ ନାହାନ୍ତି। ଯଥାଶୀଘ୍ର ଏହାର ନବକଳେବର କରାଗଲେ ଗ୍ରାହକମାନେ ମୋବାଇଲ (ବିଏସ୍‌ଏନ୍‌ଏଲ୍) ସେବା ଠିକ୍ ଭାବେ ପାଇପାରନ୍ତେ।

- ମନ୍ମଥ ଦାସ, ଯୁବ ସମାଜସେବୀ, ଆଗରପଡ଼ା



ଏକ୍ସଚେଞ୍ଜର ଅବ୍ୟବସ୍ଥା ଯୋଗୁଁ ସୁଲଭ ମୂଲ୍ୟରେ ଉପଲବ୍ଧ ହୋଇପାରୁଥିବା ବିଏସ୍‌ଏନ୍‌ଏଲ୍(ମୋବାଇଲ୍) ଭାଉଚରରୁ ଉପଭୋକ୍ତା ବଞ୍ଚିତ ରହୁଛନ୍ତି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

- ନିରୋଜ ଆଇଚ, ରାଜ୍ୟ ମାନବାଧିକାର ମିଶନ, ମିଡିଆ ସେଲ ସମ୍ପାଦକ



ଆଗରପଡ଼ା ପରି ଐତିହାସିକ ସ୍ଥାନରେ ବିଏସ୍‌ଏନ୍‌ଏଲ୍(ମୋବାଇଲ୍) ସେବା ଠିକ୍ ଭାବେ ଉପଲବ୍ଧ ହୋଇ ନପାରିବା ବଡ଼ ଦୁଃଖ ଓ ଅନୁତାପର ବିଷୟ। ତେଣୁ ବିଭାଗୀୟ ଅଧିକାରୀ ଅଂଚଳବାସୀଙ୍କୁ ଉକ୍ତ ସେବା ସୂଚାରୁରୂପେ ଯୋଗାଇ ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

- ଜଗତ୍‌ମୋହନ ସିଂହ, ସୁପ୍ରିମକୋର୍ଟ ଆଇନଜୀବୀ



ଆଧୁନିକ ଯୁଗରେ ମୋବାଇଲର ଚାହିଦା ବଢି ଚାଲିଥିବା ବେଳେ ଓ ଶିକ୍ଷା କ୍ଷେତ୍ରରେ ଏହାର ଗୁରୁତ୍ୱ ଅଧିକ ଥିବାରୁ ସରକାରଙ୍କ ଦ୍ୱାରା ପ୍ରଦତ୍ତ ବିଏସ୍‌ଏନ୍‌ଏଲ୍(ମୋବାଇଲ୍) ସେବା ଉପରେ ବିଭାଗ ପକ୍ଷରୁ ଗୁରୁତ୍ୱ ଦିଆଗଲେ ଏହା ସବୁ ବର୍ଗର ଲୋକଙ୍କ ପାଇଁ ଫଳପ୍ରଦ ହୋଇପାରନ୍ତା।

- ଅକ୍ଷୟ ସିଂହ, ବରିଷ୍ଠ ସାମ୍ବାଦିକ, ଆଗରପଡ଼ା

# ସମସ୍ୟା ଘେରରେ ବୀଣାପାଣି ସରକାରୀ ଉଚ୍ଚବିଦ୍ୟାଳୟ

ଦୋଳସାହି, ୨୪।୮ (ସମିସ): ତିହିଡି ବ୍ଲକ୍ ଗୁଆମାଳ ପଞ୍ଚାୟତ ବୀଣାପାଣି ଉଚ୍ଚ ବିଦ୍ୟାଳୟର ବିଭିନ୍ନ ସମସ୍ୟାର ସମାଧାନ ହେଉ ନଥିବା ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଜିଲ୍ଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ ନକରିବା ନେଇ ଅଭିଭାବକ ମହଲରେ ଉତ୍ତେଜନା ସୃଷ୍ଟି ହୋଇଛି। ଆସନ୍ତା ମଙ୍ଗଳବାର ବିଦ୍ୟାଳୟକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ତାଲା ପକାଇବାକୁ ସୂଚନା ଅଭିଭାବକ ମହଲରୁ ଦିଆଯାଇଛି। ବୀଣାପାଣି ଉଚ୍ଚ ବିଦ୍ୟାଳୟରେ ୬ବର୍ଷ ଧରି ସଂସ୍କୃତ ଶିକ୍ଷକ ନଥିବା ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଦୈନିକ "ସକାଳ'ରେ ପ୍ରକାଶିତ ହେବା ପରେ ଅଭିଭାବକଙ୍କ ଦ୍ୱାରା ଗତ ସୋମବାର ବିଦ୍ୟାଳୟରେ ତାଲା ପକାଯାଇଥିଲା। ପରେ ପ୍ରଧାନ ଶିକ୍ଷକ ସରୋଜ ଦାସ ପକ୍ଷରୁ ଫୋନ ଯୋଗେ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଅବଗତ କରାଇବା ପରେ ଏକ ସପ୍ତାହକ ଭିତରେ ସଂସ୍କୃତ ଶିକ୍ଷକ ପଦ ପୂରଣ କରିବା ପରେ ଅଭିଭାବକଙ୍କ ଦ୍ୱାରା ବିଦ୍ୟାଳୟର ତାଲା ଖୋଲା ଯାଇଥିଲା। ଅଭିଯୋଗ ପରେ ଜିଲ୍ଲା ଶିକ୍ଷାଧିକାରୀ ଜଣେ ସଂସ୍କୃତ ଶିକ୍ଷକଙ୍କୁ ଗୁରୁବାରରୁ ଶନିବାର ପର୍ଯ୍ୟନ୍ତ ନିଯୁକ୍ତ କରିବା ପରେ ସଂସ୍କୃତ ଶିକ୍ଷକ ଯୋଗ ନଦେବା ନେଇ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଆସନ୍ତା ମଙ୍ଗଳବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବିଦ୍ୟାଳୟକୁ ତାଲା ପକାଇବାକୁ ନିଷ୍ପତ୍ତି ନେଉଥିବା ସୂଚନା ମିଳିଛି। ଏହି ଉଚ୍ଚବିଦ୍ୟାଳୟରେ ୩ ଜଣ ଷ୍ଟାଫ୍, ୩ଟି ଶ୍ରେଣୀଗୃହ ଅଭାବ ଥିବା ଜଣାପଡ଼ିଥିଲା ବେଳେ ପାଚେରି ପୂର୍ଣ୍ଣାଙ୍ଗ ହେଉ ନ ଥିବା ଏବଂ ନିଶାଚରଙ୍କ ଆଡ୍ଡାସ୍ଥଳୀ ପାଲଟିବାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।






# ନୂତନ ରାସ୍ତା ନିର୍ମାଣ ପାଇଁ ବିଧାୟକଙ୍କ ସହ ଆଲୋଚନା

ବାରିକପୁର, ୨୪।୮ (ସମିସ): ଭଣ୍ଡାରିପୋଖରୀ ବ୍ଲକ ନେରଡା ସୁବର୍ଣ୍ଣମୁଖି ଓ ବାବା ଶନି ଦେବଙ୍କ ପୀଠକୁ ନୂତନ ରାସ୍ତା ନିର୍ମାଣ ନେଇ ବିଧାୟକ ସଞ୍ଜୀବ କୁମାର ମଲ୍ଲିକଙ୍କ ସହିତ ମନ୍ଦିର କମିଟି ସଦସ୍ୟମାନେ ଆଲୋଚନା କରିଛନ୍ତି। ବିଧାୟକଙ୍କ ଭଦ୍ରକସ୍ଥିତ ଆବାସିକ କାର୍ଯ୍ୟାଳୟଠାରେ ସଦସ୍ୟ ପ୍ରଫୁଲ୍ଲ ଜେନା, ହେମନ୍ତ ଜେନା, ତ୍ରିଲୋଚନ ନାୟକ, ନଟବର ଜେନା, ବାବୁଲି ଆରଣ, ଜଳଧର ଜେନା, ତ୍ରିଲୋଚନ ନାୟକ, ଦନେଇ ବାରିକ, ଦିଲ୍ଲୀପ ବେହେରା ପ୍ରମୁଖ ପହଞ୍ଚି ରାସ୍ତା ନିର୍ମାଣ ବିଷୟରେ ଆଲୋଚନା କରିଛନ୍ତି। ଏହାଛଡ଼ା ଚାଷଜମିଗୁଡ଼ିକର ଜଳ ନିଷ୍କାସନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଛି। ବିଭାଗୀୟ ଅଧିକାରୀଙ୍କ ସହିତ ବିଧାୟକ ଫୋନ ଯୋଗେ ସମସ୍ୟା ବାବଦରେ କଥୋପକଥନ ହୋଇଛନ୍ତି। ଯଥାଶୀଘ୍ର ରାସ୍ତା ନିର୍ମାଣ ସହିତ ଜଳନିଷ୍କାସନ ସମସ୍ୟା ଦୂର ହେବ ବୋଲି ଶ୍ରୀ ମଲ୍ଲିକ ପ୍ରତିଶ୍ରୁତି ଦେଇଥିବା ମନ୍ଦିର କମିଟି ସଦସ୍ୟମାନେ ଜଣାଇଛନ୍ତି।



# ବ୍ୟବହାର ଯୋଗ୍ୟ ହୋଇପାରିଲାନି ଗୋଷ୍ଠୀ ପରିମଳ କେନ୍ଦ୍ର



ବନ୍ତ/ଆଗରପଡ଼ା, ୨୪।୮ (ସମିସ): ବନ୍ତ ବ୍ଲକ୍ ଓ ସଦର ପଞ୍ଚାୟତ ସହାୟତାରେ ଥାନା ଛକ ନିକଟରେ ନିର୍ମିତ ହୋଇଥିବା ଗୋଷ୍ଠୀ ପରିମଳ କେନ୍ଦ୍ରକୁ ୨ ବର୍ଷ ପୂରିଯାଇଥିଲେ ସୁଦ୍ଧା ନିର୍ମାଣାଧୀନ ପ୍ରକଳ୍ପ ବ୍ୟବହାର ଯୋଗ୍ୟ ହୋଇ ନପାରିବା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳ ନିର୍ଦ୍ଦେଶ କରୁଛି। ସରକାରଙ୍କ ଅର୍ଥ ଜନକଲ୍ୟାଣରେ ଲାଗି ନପାରି କିପରି ଅପବ୍ୟବହାର ହେଉଛି ଏହାର ଜ୍ୱଳନ୍ତ ଉଦାହରଣ ପାଲଟିଛି ଉକ୍ତ ପରିମଳ କେନ୍ଦ୍ର। ୨୦୨୦-୨୧ ଆର୍ôଥିକ ବର୍ଷରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଭଦ୍ରକ ଆନୁକୂଲ୍ୟରେ ପଞ୍ଚାୟତସମିତି ବନ୍ତ ପକ୍ଷରୁ ୫ମ ଏସଏଫସି(ପିଏସ) ଯୋଜନାରେ ୩ଲକ୍ଷରୁ ଅଧିକ ଅଟକଳ ମୂଲ୍ୟରେ ଏକ ଗୋଷ୍ଠୀ ପାଇଖାନା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ୨ ବର୍ଷ ପରେ ମଧ୍ୟ ଏହାର ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ନହେବାରୁ ୨୦୨୨-୨୩ ଆର୍ôଥିକ ବର୍ଷରେ ସ୍ୱଚ୍ଛ ଭାରତ ମିଶନ ପକ୍ଷରୁ ଅନୁମୋଦିତ ୭ଲକ୍ଷ ଟଙ୍କାରେ ଏହାର ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହୋଇଥିଲା। ରବିବାର ଉଦ୍‌ଘାଟନକୁ ୨ବର୍ଷ ପୂରିଯାଇଥିଲେ ସୁଦ୍ଧା ଗୋଷ୍ଠୀ କେନ୍ଦ୍ରଟି ବିଭିନ୍ନ କାରଣରୁ ବ୍ୟବହାର ଯୋଗ୍ୟ ହୋଇନପାରି ପଡ଼ିରହିଛି। ଯଦ୍ୱାରା ଏହା ସାଧାରଣ ଲୋକଙ୍କ ବ୍ୟବହାରରେ ଲାଗି ପାରୁନାହିଁ। ନିର୍ମାଣାଧୀନ ପ୍ରକଳ୍ପ ଲୋକଙ୍କ କାମରେ ଲାଗି ପାରୁ ନଥିବାରୁ ଲୋକେ ନିଜ ଅସନ୍ତୋଷ ବ୍ୟକ୍ତ ମଧ୍ୟ କରୁଛନ୍ତି। ବିଭାଗୀୟ ଅଧିକାରୀ ଉକ୍ତ ପ୍ରକଳ୍ପରେ ଲାଗିରହିଥିବା ସମସ୍ୟାର ଶୀଘ୍ର ସମାଧାନ କରି ଏହାକୁ ଲୋକମାନଙ୍କ ବ୍ୟବହାର ଯୋଗ୍ୟ କରିବାରେ ଚେଷ୍ଟିତ ହେବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

# ଶିକ୍ଷାବିତ ରମେଶଚନ୍ଦ୍ର ପଣ୍ଡାଙ୍କ ସ୍ମୃତିସଭା


ଧାମନଗର, ୨୪।୮ (ସମିସ): ଧାମନଗର ବ୍ଲକ ରାଧାବଲ୍ଲଭପୁର ପଞ୍ଚାୟତ ବନ୍ଧଟିଆ ଗାଁର ବିଶିଷ୍ଟ ଶିକ୍ଷାବିତ ଓ ସମାଜସେବୀ ସ୍ୱର୍ଗତ ରମେଶଚନ୍ଦ୍ର ପଣ୍ଡାଙ୍କ ଦ୍ୱାଦଶାହ କ୍ରିୟାରେ ସ୍ମୃତିଚାରଣ ସଭା ତାଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। କବି ଅର୍ଜୁନ ଚରଣ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସ୍ମୃତିସଭାକୁ ଅବସରପ୍ରାପ୍ତ ଶିକ୍ଷକ ରାମଚନ୍ଦ୍ର ସାହୁ ସଞ୍ଚାଳନ କରିଥିଲେ। ସ୍ୱର୍ଗତ ପଣ୍ଡା ଅବସର ପରଠାରୁ ଗାଁରେ ରହି ସମାଜସେବା କରିବା ସହିତ ଆଞ୍ଚଳିକ ପୂଜ୍ୟପୂଜାରେ ସକ୍ରିୟ ସଦସ୍ୟ ଭାବରେ ରହି ଗାଁରେ ମଠ ମନ୍ଦିର ଯତ୍ନ ନେବାରେ ସମୟ କାଟୁଥିଲେ ବୋଲି ଅତିଥିମାନେ ନିଜ ନିଜ ବକ୍ତବ୍ୟରେ କହିଥିଲେ। ଶ୍ରୀ ପଣ୍ଡା ୧୯୬୦ରେ ରଇପୁର ପଞ୍ଚାୟତ କଟିଂକା ପ୍ରାଥମିକ ବିଦ୍ୟାଳୟରୁ ଚାକିରି ଜୀବନ ଆରମ୍ଭ କରି ଷୋଳଗାଁ, ବନସର, ମାଙ୍କିଡିଆ, ଚୁଡାକୁଟି ଓ ଶେଷରେ ଜଇନଗର ପ୍ରାଥମିକ ବିଦ୍ୟାଳୟରୁ ଇଚ୍ଛାକୃତ ଅବସର ଗ୍ରହଣ କରିଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୮୨ ବର୍ଷ ବୟସ ହୋଇଥିଲା। ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭ୍ୟା ତଥା ଉପାଧକ୍ଷା ଟୁନିବାଳା ବିଶ୍ୱାଳ, ସରପଞ୍ଚ ପ୍ରିତମ ଦାସ, ସମିତିସଭ୍ୟ ସୂର୍ଯ୍ୟକାନ୍ତ ନାୟକ, ଏବିଇଓ ଶିକ୍ଷକ ହେମେନ୍ଦ୍ର ମହାନ୍ତି, ସୁରେନ୍ଦ୍ରନାଥ ଭୋଇ, କୈଳାସ ବେହେରା, ପ୍ରଧାନଶିକ୍ଷକ ଭାବଗ୍ରାହୀ ଖୁଣ୍ଟିଆ, କବି ଦୟାନିଧି ମିଶ୍ର, ଅଧ୍ୟାପକ ରବିନ୍ଦ୍ର ପାଣିଗ୍ରାହୀ, ଲୋକେଶଚନ୍ଦ୍ର ପଣ୍ଡା, ସନ୍ତୋଷ ପାଢ଼ୀ, ଦାମୋଦର ସାହୁ, ମହେଶ୍ୱର ସ୍ୱାଇଁ, ଅଭିମନ୍ୟୁ ମଲ୍ଲିକ, ନରେନ୍ଦ୍ର ମଲ୍ଲିକ, ବିଦ୍ୟାଧର ରାଉତ, ଗୁରୁଶ୍ରୀ ସୁବାସଚନ୍ଦ୍ର ମଲ୍ଲିକ, ରଞ୍ଜିତ ଜେନା, ପୁତ୍ରବଧୂ ତୃପ୍ତିମୟୀ ପଣ୍ଡା ଓ ନାତି ବିଶ୍ୱରଂଜନ ପଣ୍ଡା ପ୍ରମୁଖ ସ୍ମୃତିଚାରଣ କରିଥିଲେ। ପୁଅ ପ୍ରଭାତ ପଣ୍ଡା ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।



# ତାଳପଦାରେ ଭାସୁଛି ଚୋରା ଦେଶୀ ମଦ

ଦୋଳସାହି, ୨୪।୮ (ସମିସ): ତିହିଡି ବ୍ଲକ୍ ତାଳପଦା ପଞ୍ଚାୟତରେ ଦେଶୀ ଚୋରା ମଦର ବନ୍ୟା ପରିସ୍ଥିତି ଉପୁଜିଥିବା ନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ଦେଶୀ ମଦ ପାଇଁ ବହୁ ପରିବାର ଉଜୁଡ଼ି ଯାଉଛି। ଅଳ୍ପ ବୟସ ଯୁବକଙ୍କ ମୃତ୍ୟୁ ଘଟୁଥିବା ନେଇ ଅଭିଯୋଗ ବଢୁଛି। ଏହି ଦେଶୀ ମଦ ବେପାର ବନ୍ଦ କରିବାକୁ ବିଭିନ୍ନ ସାମାଜିକ ସଂଗଠନ ପକ୍ଷରୁ ଜିଲ୍ଲା ପ୍ରଶାସନକୁ ଲିଖିତ ଅଭିଯୋଗ କରାଯାଇଥିଲା ବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରୁଥିବା ନେଇ ଏହି ଦେଶୀ ମଦ ବେପାରୀଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଉଛି। ଏହି ଦେଶୀ ମଦ ବେପାରୀଙ୍କ ସହ ଅବକାରୀ ବିଭାଗ କର୍ମଚାରୀଙ୍କ ସିଧାସଳଖ ସମ୍ପର୍କ ରହୁଥିବା ଅଲୋଚନା ହେଉଛି। ମାଝୀସାହି ଓ ଚମାରସାହିରେ ବିପୁଳ ଚୋରା ଦେଶୀ ମଦ ପ୍ରସ୍ତୁତ କରାଯାଇ ଜିଲ୍ଲାର ବିଭିନ୍ନ ଅଞ୍ଚଳକୁ ବେପାରୀଙ୍କ ଦ୍ୱାରା ଖୁଲମ୍‌ଖୁଲା ବୁହା ଯାଉଥିବା ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

# ସମାଜସେବୀଙ୍କ ପରଲୋକ



ତିହିଡ଼ି, ୨୪।୮ (ସମିସ): ତିହିଡି ବ୍ଲକ ଆରସା ଗାଁର ସମାଜସେବୀ ବାସୁଦେବ ବେହେରାଙ୍କ ପରଲୋକ ଘଟିଛି। ବାସୁଆ ଭାଇ ନାମରେ ପରିଚିତ ସ୍ୱର୍ଗତ ବେହେରା ସମସ୍ତଙ୍କ ପ୍ରିୟ ଜଣେ ସରଳ ନିଷ୍ଠାବାନ ବ୍ୟକ୍ତିତ୍ୱ ଥିଲେ। ସେ ମୁକୁନ୍ଦପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଜୟଶ୍ରୀ ବେହେରାଙ୍କ ଶଶୁର ତଥା ଚୁଗୁଲି ବେହେରାଙ୍କ ବାପା ଅଟନ୍ତି। ଆଜି ତାଙ୍କର ମୃତ୍ୟୁ ହୋଇଯାଇଛି। ବୟସ ୮୯ ବର୍ଷା ବୟସ ହୋଇଥିଲା। ଖବର ପାଇ ତିହିଡ ବ୍ଲକ ବିଜୁ ଜନତା ଦଳର ସଭାପତି ସୁରେନ୍ଦ୍ର ନାୟକ, ମୁକୁନ୍ଦପୁର ପଞ୍ଚାୟତର ବିଜେଡି ସଭାପତି ଗଣେଶ ନାୟକ, ସଂଗ୍ରାମକେଶରୀ ଦାସ, ରାକେଶ ନାୟକ, ପୂର୍ବତନ ସରପଞ୍ଚ କୀର୍ତନ ରାଉତ, ଯୁବନେତା ରାଜୁ ରାଉ, ବାଦଲ ଜେନା ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# ରକ୍ତଦାନ ଶିବିର: ୩୪ ୟୁନିଟ୍ ସଂଗ୍ରହ



ଭଦ୍ରକ, ୨୪।୮ (ସମିସ): ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ମୁଖ୍ୟ ପ୍ରଶାସିକା ଦାଦୀ ପ୍ରକାଶମଣିଙ୍କ ୧୮ତମ ସ୍ମୃତି ଦିବସରେ ଯୋଗ କାର୍ଯକ୍ରମ ସହ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସାରା ଦେଶରେ ଏକ ସାଙ୍ଗରେ ରକ୍ତଦାନ ଶିବିର ବ୍ରହ୍ମାକୁମାରୀ ଅନୁଷ୍ଠାନ ଦ୍ୱାରା ଅନୁଷ୍ଠିତ ହେଉଛି। ଶତାଧିକ ଭାଇଭଉଣୀ ଉପସ୍ଥିତ ହୋଇ ଦାଦୀଙ୍କ ପ୍ରତି ସ୍ନେହାଞ୍ଜଳି ଅର୍ପଣ କରିଥିଲେ। ୩୪ ଜଣ ଭାଇ ଭଉଣୀ ରକ୍ତଦାନ କରିଥିଲେ। ଭଦ୍ରକ ମୁଖ୍ୟ ସେବାକେନ୍ଦ୍ରର ସଞ୍ଚାଳିକା ବ୍ରହ୍ମାକୁମାରୀ ମଞ୍ଜୁ ଭଉଣୀ ଓ ଚରମ୍ପା ଉପ ସେବାକେନ୍ଦ୍ରର ସଞ୍ଚାଳିକା ଦାଦୀଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିବା ସଙ୍ଗେ ସଙ୍ଗେ ରକ୍ତଦାନ କରିଥିବା ଭାଇ ଭଉଣୀଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ। ଆରମ୍ଭରେ ୨ ଘଣ୍ଟା ସାମୂହିକ ଯୋଗ ହୋଇଥିଲା। ବ୍ରହ୍ମାକୁମାରୀ ମଧୁସ୍ମିତା, ବ୍ରହ୍ମାକୁମାର ଅକ୍ଷୟ, ବ୍ରହ୍ମାକୁମାର ହିମାଂଶୁ(ମାଉଣ୍ଟଅବୁ) ଉପସ୍ଥିତ ଥିଲେ। ସମସ୍ତେ ବ୍ରହ୍ମା ଭୋଜନ ଗ୍ରହଣ କରିଥିଲେ।

# କେମିଷ୍ଟ ଓ ଡ୍ରଗିଷ୍ଟ ଆସୋସିଏସନ୍‌ର ସଭା

ଭଦ୍ରକ, ୨୪।୮ (ସମିସ): ଭଦ୍ରକ ନଳାଙ୍ଗସ୍ଥିତ ସତ୍ୟମ ଗାଲେକ୍ସିଠାରେ ଭଦ୍ରକ ଜିଲ୍ଲା କେମିଷ୍ଟ ଓ ଡ୍ରଗିଷ୍ଟ ଆସୋସିଏସନ୍ ପକ୍ଷରୁ ତ୍ରୟବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କେମିଷ୍ଟ ଏବଂ ଡ୍ରଗିଷ୍ଟ ଆସୋସିଏସନର ସଭାପତି ବାଉଲି ଚରଣ ବାରିକଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗଦେଇ କେମିଷ୍ଟ ଏବଂ ଡ୍ରଗିଷ୍ଟମାନଙ୍କର ବିଭିନ୍ନ ସମସ୍ୟାକର ନିରାକରଣ ନିମନ୍ତେ ସରକାର ସମସ୍ତ ପ୍ରକାରର ସାହାଯ୍ୟ ଓ ସହଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟବକ୍ତା ଭାବେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ ଓ ବାସୁଦେବପୁର ବିଧାୟକ ଅଶୋକ ଦାସ, ୟୁସିଡିଏ ରାଜ୍ୟ ସଭାପତି ପି. ସତ୍ୟ ନାରାୟଣ, ରାଜ୍ୟ ସଂଘର ସାଧାରଣ ସଂପାଦକ ପ୍ରଶାନ୍ତ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ସଂପାଦକୀୟ ବିବରଣୀ ପାଠ କରିଥିଲେ ଜିଲ୍ଲା ସଂପାଦକ ଦୀପକ ଆଚାର୍ଯ୍ୟ। ଅତିଥି ପରିଚୟ ପ୍ରଦାନ କରିଥିଲେ ଜିଲ୍ଲା ସଂଘର ସଭ୍ୟ ମୁକେଶ ପାଣିଗ୍ରାହୀ। ବାଲେଶ୍ୱର, ଖୋର୍ଦ୍ଧା, ଯାଜପୁର, କଟକ, ଗଞ୍ଜାମ, ପୁରୀ ଆଦି ଜିଲ୍ଲାର ସଭାପତି ଓ ସଂପାଦକମାନେ ଯୋଗ ଦେଇଥିଲେ। ବୈଠକରେ ଆଗାମୀ ୩ ବର୍ଷୀୟା ଅବଧି ପାଇଁ ସଭାପତି ବାଉଲୀ ଚରଣ ବାରିକ, ଜିଲ୍ଲା ସଂପାଦକ ଭାବେ ଦୀପକ ଆଚାର୍ଯ୍ୟ, କୋଷାଧ୍ୟକ୍ଷ ଭାବେ ଆଶିଷ ଅମିତାଭ ମହାପାତ୍ର, ସଂଗଠନ ସଂପାଦକ ଭାବେ ଧୀରେନ୍ଦ୍ର ସାହୁ ପ୍ରମୁଖ ନିର୍ବାଚିତ ହୋଇଛନ୍ତି। ସଭ୍ୟ ଦେବେନ୍ଦ୍ର ବେହେରା, ସନ୍ତୋଷ ନାୟକ, ରବିନାରାୟଣ ନାୟକ, ଜ୍ଞାନରଞ୍ଜନ ସାହୁ, ଶ୍ରୀଧର ସାହୁ, ବିମ୍ବାଧର ପଣ୍ଡା, ପ୍ରିୟବ୍ରତ ପାଣିଗ୍ରାହୀ, ଶୁଭ୍ରାଂଶୁ ଭୂଷଣ ଦାସ, ଅଜୟ ପଣ୍ଡା, ଅମିୟ ନାୟକ, ପ୍ରଦୀପ ସିନା, ସମରେନ୍ଦୁ ପଣ୍ଡା, ସତ୍ୟଭୂଷଣ ପଲେଇ, ରାଜୀବ ଲୋଚନ ରାୟ, ଚିନ୍ମୟ ସିଂହ, କୈଳାଶ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ସମ୍ପୂର୍ଣ୍ଣ ହେଉନି ବିହନ ବିଶୋଧନାଗାର ପାଚେରି ନିର୍ମାଣ

## ଅମଳ ସମୟରେ ସମସ୍ୟା ଆଶଙ୍କା

ବନ୍ତ/ଆଗରପଡ଼ା, ୨୪।୮ (ସମିସ): ଦୈନିକ 'ସକାଳ'ରେ ଖବର ପ୍ରକାଶ ପାଇବା ପରେ ଗତ ବର୍ଷ ମେ ମାସରୁ ମୁକୁଳା ପଡ଼ିଥିବା ବନ୍ତ ବ୍ଲକ୍ ବଡ଼ବର୍ଚ୍ଛିକୟାଁ ପଞ୍ଚାୟତ ଅନ୍ତର୍ଗତ ଶେଉଳଗଡ଼ିଆ ବିହନ ବିଶୋଧନାଗାର ଚାରିପାଖରେ ପାଚେରି ନିର୍ମାଣ କାର୍ଯ୍ୟ ଜୋରସୋରରେ ଚାଲିଥିଲା। ଆଉ ମାତ୍ର ପାଖାପାଖି ୩ ଶହ ମିଟର ପାଚେରି ନିର୍ମାଣ ସରିଥିଲେ ଏହା ସମ୍ପୂର୍ଣ୍ଣ ହୋଇଥାନ୍ତା; କିନ୍ତୁ ବିଭାଗୀୟ ଅବହେଳା ଯୋଗୁଁ ପାଖାପାଖି ଏକ ବର୍ଷ ହେବ ଏହା ଅସମ୍ପୂର୍ଣ୍ଣ ଅବସ୍ଥାରେ ଅଟକି ରହିଛି। ଶେଉଳଗଡ଼ିଆଠାରେ ୧୯୫୫ରେ ଏକ ବିହନ ବିଶୋଧନାଗାର ପ୍ରତିଷ୍ଠା ହୋଇଥିଲା। ୪୫ ଏକର ପରିମିତ ଜମି ସହ ଫିଲ୍ଡମ୍ୟାନ, ୪ ଜଣ ସ୍ଥାୟୀ ଶ୍ରମିକ ଓ ୮ଟି ବଳଦକୁ ନେଇ କାର୍ଯ୍ୟାରମ୍ଭ କରିଥିଲା ଏହି ବିଶୋଧନାଗାର। ପାଣିର ସୁବିଧା ପାଇଁ ୨ଟି କୂଅ, ନଳକୂପ, ଲିଫ୍ଟପଏଣ୍ଟ, ୫ଏକର ପରିମିତ ସ୍ଥାନରେ ପୋଖରୀ ଆଦି ଖୋଳା ଯାଇଥିଲା। ଏହା ମଧ୍ୟରେ ଆମ୍ବ ଓ ନଡ଼ିଆ ପରି ଅନେକ ଚାରା ରୋପଣ କରାଯାଇଥିଲା। ବିଶୋଧନାଗାର ଚାରି ପାଖକୁ ଲୁହା ତାର ବାଡ଼ ଦ୍ୱାରା ଆବଦ୍ଧ କରାଯିବା ସହ କର୍ମଚାରୀଙ୍କ ପାଇଁ କ୍ୱାର୍ଟର ଓ ବଳଦଙ୍କ ପାଇଁ ଗୁହାଳଘର ଆଦି ନିର୍ମାଣ କରାଯାଇଥିଲା। ପରେ ସେ ସବୁ ନଷ୍ଟ ହୋଇଯିବା ସହ ପ୍ରବେଶ ପଥରେ ଥିବା ବଡ଼ ଲୁହା ଫାଟକ ଓ ତାର ବାଡ଼ ସବୁ ନଷ୍ଟ ହୋଇଯିବା ଦ୍ୱାରା ପରିବେଶ ମୁକୁଳା ପଡ଼ିଥିଲା। ଫଳରେ ଗୋରୁଗାଈ ସମେତ ଅସାମାଜିକ ବ୍ୟକ୍ତିଙ୍କ ଅବାଧ ପ୍ରବେଶ ଘଟୁଥିଲା। ଚଳିତ ବର୍ଷ ଏହି ବିହନ ବିଶୋଧନାଗାରରେ ୩୫ ଏକର ଜମିରେ ଧାନ ଚାଷ କରାଯାଇଥିବା ବେଳେ ଏହାର ଚାରିପଟରେ ନିର୍ମିତ ହେଉଥିବା ସୁରକ୍ଷା ପାଚେରି ଅଧପନ୍ତରିଆ ଅବସ୍ଥାରେ ଥିବାରୁ ଏହା ଅମଳରେ କ୍ଷୟ ଘଟାଇବା ସୁନିଶ୍ଚିତ। ତେଣୁ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବା ସହ ଅସପୁର୍ଣ୍ଣ ପାଚେରିକୁ ଯଥାଶୀଘ୍ର ସପୂର୍ଣ୍ଣ କରିବାକୁ ବିଭିନ୍ନ ମହଲରୁ ଦାବି ହେଉଛି।



# ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ବଳିଦାନ ଦିବସ

ଭଦ୍ରକ,୨୪।୮ (ସମିସ): ରବିବାର ବିଶ୍ୱହିନ୍ଦୁ ପରିଷଦ ଭଦ୍ରକ ଜିଲ୍ଲା ତରଫରୁ ଜନ୍ମାଷ୍ଟମୀ ତିଥି, ବେଦାନ୍ତ କେଶରୀ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ ଓ ବିଶ୍ୱହିନ୍ଦୁ ପରିଷଦ ସ୍ଥାପନା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଗତ ୧୪ରୁ ୨୪ ତାରିଖ ପର୍ଯ୍ୟନ୍ତ ଭଦ୍ରକ ଜିଲ୍ଲାରେ ବିଭିନ୍ନ ପ୍ରଖଣ୍ଡ, ଖଣ୍ଡ ଓ ଗ୍ରାମରେ ପାଖାପାଖି ୮୫ ସ୍ଥାନରେ ସ୍ଥାପନା ଦିବସ ପାଳିତ ହେଉଥିବା ବେଳେ ଆଜି ତାର ସମରୋପ ଦିବସ ପାଳନ ଉପଲକ୍ଷେ ସକାଳ ୧୦ଟା ସମୟରେ ଗନ୍ଧିପଡ଼ିଆ ଶିଶୁ ମନ୍ଦିରଠାରୁ ରାଧାକ୍ରିଷ୍ଣା ମୂର୍ତ୍ତି ଏକ ସୁସଜ୍ଜିତ ବିମାନରେ ୮ଟି କୀର୍ତ୍ତନ ଦଳ ସହ ସହ ସହ ମାତୃଶକ୍ତି, ଦୁର୍ଗାବାହିନୀ ଓ ବଜରଙ୍ଗ ଦଳର ସଦସ୍ୟମାନେ ଗାନ୍ଧୀ ପଡ଼ିଆରୁ ବାହାରି ଥାନା ଛକ, କଲେଜ ଛକ, ଅର୍ପତିବିନ୍ଧା ଛକ ହୋଇ ଟାଉନ୍ ହଲ୍ ପର୍ଯ୍ୟନ୍ତ ପରିକ୍ରମା କରିଥିଲେ। ପୂର୍ବ ପ୍ରାନ୍ତ ସଂଗଠନ ମନ୍ତ୍ରୀ ଶରତ ପ୍ରଧାନ ମୁଖ୍ୟବକ୍ତା ଭାବେ ୬୦ ବର୍ଷ ଧରି ସମାଜ ସଂସ୍କାର ଦିଗରେ ବିଭିନ୍ନ ସମ୍ପର୍କରେ ଅବଗତ କରିଥଲେ। ସମ୍ମାନିତ ଅତିଥି ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ବେଦ ବିଶାରଦ ପଣ୍ଡିତ ବିରେନ୍ଦ୍ର ପଣ୍ଡା, ରୁଦ୍ରାଶ୍ରମ ଗୋଶାଳା ପ୍ରମୁଖ ତଥା ସନ୍ଥ ରାମଚନ୍ଦ୍ର ଦାସ, ଜିଅର୍ ସ୍ୱାମୀ ଓ ବଜରଙ୍ଗ ଦଳ ପ୍ରାନ୍ତ ମିଳନ କେନ୍ଦ୍ର ପ୍ରମୁଖ ଓ ମୟୂରଭଞ୍ଜ ବିଭାଗ ସଂଗଠନ ମନ୍ତ୍ରୀ ବିପିନ ବିହାରୀ ପଣ୍ଡା, ପ୍ରାନ୍ତ ସହସଂଯୋଜକ ରାଜୀବ ନେତ୍ର ଖେଡେଙ୍ଗା, ଜିଲ୍ଲା ଉପସଭାପତି ନିର୍ମଳ ରାଉତ୍, ମହିଳା ଉପସଭାପତି ଟି ରାଜଲକ୍ଷ୍ମୀ, ଜିଲ୍ଲା ସମ୍ପାଦକ ବସନ୍ତ ରାଉତ, ସହସମ୍ପାଦକ ଆଲୋକ ପଣ୍ଡା, ଦୁର୍ଗା ବାହିନୀ ଜିଲ୍ଲା ସଂଯୋଜିକା ମଧୁସ୍ମିତା ମହାପାତ୍ର, ଜିଲ୍ଲା ମାତୃଶକ୍ତି ପ୍ରମୁଖ ସବ୍ରତା ସାହୁ, ଜିଲ୍ଲା କୋଷାଧ୍ୟକ୍ଷ ଭୀମସେନ ପାଣି, ଜିଲ୍ଲା ସେବା ପ୍ରମୁଖ ରଥକିଶୋର ସାମଲ, ଜିଲ୍ଲା ମଠ ମନ୍ଦିର ପ୍ରମୁଖ କୃଷ୍ଣଚନ୍ଦ୍ର ଦାସ, ହରେକୃଷ୍ଣ ଜେନା, ବଜରଙ୍ଗ ଦଳ ଜିଲ୍ଲା ସଂଯୋଜକ ବିଜୟ ଦାସ, ସହସଂଯୋଜକ କ୍ଷୀତିଶଚନ୍ଦ୍ର ରାଉତ, ସହସଂଯୋଜକ ଦେବକଲ୍ୟାଣ ସାହୁ ପ୍ରମୁଖ ସହଯୋଗ କରିଥିଲେ।



## ବିପଦସଙ୍କେତ ଉପରେ ବୈତରଣୀ

# ତୃତୀୟ ଥର ବନ୍ୟା; ମିଳିନି ପୂର୍ବ କ୍ଷୟକ୍ଷତି ସହାୟତା

### ଧସିଲା ବନ୍ଧ, କଟିଂ ଘାଇରେ ୬ ଫୁଟ୍ ଜଳସ୍ରୋତ, ନଈ ଖେଳୁଛି ଲୁଚକାଳି







ଭଦ୍ରକ/ଭଣ୍ଡାରିପୋଖରୀ/ବାରିକପୁର,୨୪।୮(ସମିସ): ବୈତରଣୀ ନଦୀର ଜଳସ୍ତର ଆଖୁଆପଦାରେ ବିପଦସଙ୍କେତ ଉପରେ ରବିବାର ପ୍ରବାହିତ ହେଉଛି। ଶନିବାର ମଧ୍ୟରାତ୍ରରେ ନଦୀର ଜଳସ୍ତର ୧୮.୫୪ ମିଟରକୁ ସ୍ପର୍ଶ କରି ସ୍ଥିର ହୋଇଥିଲା। ରାତ୍ର ୪ଟାରେ ଜଳସ୍ତର ହ୍ରାସ ପାଇଥିଲା। ପୁନର୍ବାର ରବିବାର ସନ୍ଧ୍ୟା ୬ଟାରେ ଜଳସ୍ତର ୧୮.୪୪ ମିଟରରେ ସ୍ଥିର ହୋଇଥିବା ଜଣାଯାଇଛି। ହେଲେ ନଦୀର ଉପର ମୁଣ୍ଡରେ ଲଘୁଚାପଜନିତ ଲଗାଣବର୍ଷା ଲାଗି ରହିଥିବାରୁ ଜଳସ୍ତର ବୃଦ୍ଧି ପାଇବ ବୋଲି ଆଖୁଆପଦା ଜଳସମ୍ପଦ କାର୍ଯ୍ୟାଳୟବନ୍ୟା ନିୟନ୍ତ୍ରଣ କକ୍ଷ ପକ୍ଷରୁ ସୂଚନା ଦିଆଯାଇଛି। ବନ୍ୟାଜଳ ସର୍ବାଧିକ ୧୯ମିଟର ହୋଇପାରେ ବୋଲି ବିଭାଗୀୟ ସହକାରୀ ଯନ୍ତ୍ରୀ ସୁଶାନ୍ତ ଦାସ ପ୍ରକାଶ କରିଛନ୍ତି। ଆଖୁଆପଦାଠାରେ ନଦୀର ସତର୍କ ସଙ୍କେତ ସ୍ତର ୧୭.୮୩ ମିଟର ରହିଥିବା ବେଳେ ବିପଦ ସଙ୍କେତ ସ୍ତର ୧୮.୩୩ ମିଟର ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ ନଦୀର ଉପରମୁଣ୍ଡ ଚମ୍ପୁଆରେ ୫୧.୦ ମିମି, କେନ୍ଦୁଝରରେ ୯୨.୪ମିମି, ସ୍ୱାମୀପାଟଣାରେ ୪୬.୨ ମିମି, ଆନନ୍ଦପୁରରେ ୧୮.୪ ମିମି ଓ ଆଖୁଆପଦାରେ ୧୨.୨ ମିମି ବର୍ଷା ରେକର୍ଡ କରାଯାଇଛି। ସନ୍ଧ୍ୟା ୬ଟା ସୁଦ୍ଧା ନଦୀ ୧୮.୪୪ ମିଟରରେ ପ୍ରବାହିତ ହେଉଛି। ନଦୀର କଟିଂ ଘାଇରେ ୬ ଫୁଟ ଉଚ୍ଚତାର ବନ୍ୟାଜଳ ଦ୍ରୁତବେଗରେ ପ୍ରବେଶ କରି ଷୋଳମପୁର, ମାଳଦା, ରହଣିଆ, ନପଙ୍ଗ, କୁରିଗାଁ ଆଦି ପଞ୍ଚାୟତକୁ ଜଳମଗ୍ନ କରିପକାଇଛି। ନଦୀର ସପ୍ତମାତୃକା ବ୍ୟାରେଜ ବିନ୍ଧାଣ ପାଶ୍ୱର୍ ୫୦ ଫୁଟ ଦୀର୍ଘ ନଦୀବନ୍ଧ ଧସିଯାଇଛି। ନଦୀଶଯ୍ୟାକୁ ସଙ୍କୁଚିତ କରାଯିବା ସହ ନାମକୁ ମାତ୍ର କଂକ୍ରିଟକରଣ କରାଯାଇଥିବାରୁ ଜଳସ୍ରୋତ ଚାପରେ ନଦୀବନ୍ଧ ଧସିଯାଇଛି ବୋଲି ଜଣାଯାଇଛି। ଭଣ୍ଡାରିପୋଖରୀ ବିଧାୟକ ସଞ୍ଜିବ କୁମାର ମଲ୍ଲିକ, ଜିଲ୍ଲାପାଳ ଦିଲୀପ ରାଉତରାଏ ନଦୀବନ୍ଧ ଧସିବା ସ୍ଥାନ ଓ କଟିଂ ଘାଇ ପରିଦର୍ଶନ କରି ଅନୁଧ୍ୟାନ କରିଥିବା ଜଣାଯାଇଛି। ସମ୍ଭାବ୍ୟ ବନ୍ୟା ପରିସ୍ଥିତି ପାଇଁ ବିଭାଗ ସଜାଗ ଅଛି ବୋଲି ବିଭାଗୀୟ ସହକାରୀ ଯନ୍ତ୍ରୀ ସୁଶାନ୍ତ ଦାସ ପ୍ରକାଶ କରିଛନ୍ତି।

ଅପରପକ୍ଷେ, ଭଣ୍ଡାରିପୋଖରୀ ବ୍ଲକ୍‌ରେ ଚଳିତବର୍ଷ ତୃତୀୟ ବନ୍ୟାଜଳ ଦୁଇ ଦିନ ଧରି ପ୍ରବାହିତ ହେଉଛି। ବୈତରଣୀ ଉପରମୁଣ୍ଡ କେନ୍ଦୁଝର ଜିଲ୍ଲା ଆନନ୍ଦପୁର, ଚମ୍ପୁଆ ଉପଖଣ୍ଡରେ ବର୍ଷା ଯୋଗୁଁ ସନ୍ଧ୍ୟା ୭ଟା ବେଳେ ପୁଣି ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ସୋମବାର ସୁଦ୍ଧା ଭଣ୍ଡାରିପୋଖରୀ, ଧାମନଗର ଓ ଚାନ୍ଦବାଲି ବ୍ଲକରେ ବନ୍ୟା ପରିସ୍ଥିତି ସାମାନ୍ୟ ଗମ୍ଭୀର ହେବ ବୋଲି ଅନୁମାନ କରାଯାଉଛି। ଜଳସ୍ତର ବୃଦ୍ଧି ପାଉଥିବା ଲକ୍ଷ୍ୟ କରାଯାଇ ଦୁର୍ବଳ ନଦୀବନ୍ଧ ସ୍ଥାନରେ ଜଳସମ୍ପଦ ବିଭାଗ ପକ୍ଷରୁ ବାଲି ବସ୍ତା ମହଜୁଦ ରଖାଯାଇଛି। ଏହାଛଡା ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥାକୁ ତ୍ୱରାନିତ କରାଯାଇଛି।

## ବୈତରଣୀ ବନ୍ୟାରେ ତଳିଆ ଅଞ୍ଚଳ ବେହାଲ୍

### ବଢ଼ିଲା ସୋମବାର ଭୟ

ଦୋବଲ, ୨୪।୮(ସମିସ): ଲଘୁଚାପ ଯୋଗୁଁ ମୌସୁମୀ ବାୟୁସକ୍ରିୟହେବା କାରଣରୁ ପ୍ରବଳ ବର୍ଷା ଫଳରେ ଭଦ୍ରକ ଜିଲ୍ଲା ଦେଇ ପ୍ରବାହିତ ବୈତରଣୀ ଓ ଏହାର ଶାଖା ନଦୀ ଗେଙ୍ଗୁଟିରେ ବନ୍ୟା ଆସିଛି। ଏହାଦ୍ୱାରା ଭଦ୍ରକ ଜିଲ୍ଲାର ଭଣ୍ଡାରିପୋଖରୀ, ଧାମନଗର ଓ ତିହିଡ଼ି ବ୍ଲକରେ ବନ୍ୟା ଜଳ ପ୍ରବେଶ କରିଛି। ଭଣ୍ଡାରିପୋଖରୀର ଷୋଳମପୁର ପଞ୍ଚାୟତ ଉପରମୁଣ୍ଡରେ ଥିବା ବୈତରଣୀ ନଦୀର କଟିଂଘାଇ ଏସକେପ୍ ଯୋଗେ ପାଣି ଗାଁ ଭିତରକୁ ପଶିଛି। ଷୋଳମପୁର, ମାଳଦା ଓ ରହଣିଆ ପଂଚାୟତର କେତେକ ଅଞ୍ଚଳ ବନ୍ୟାପ୍ଳାବିତ ହୋଇଛି। ସେହିପରି ଧାମନଗର ବ୍ଲକ ଆନନ୍ଦପୁର ପଞ୍ଚାୟତର ଉତେଇପୁରଠାରେ ଥିବା ମଲ୍ଲିମାହାରା, ସୋହଡ଼ା ପଂଚାୟତର ଗୌରାଙ୍ଗପୁର ଏସକେପ୍ ଯୋଗେ ବୈତରଣୀର ବନ୍ୟା ଜଳ ଜନବସତି ଭିତରକୁ ପ୍ରବେଶ କରିଛି। ସେହିପରି ଆଉ ଅଳ୍ପ ପାଣି ବଢ଼ିଲେ ଖଡ଼ିପଦା ପଞ୍ଚାୟତର କାଞ୍ଚିଆପାଳ ମଠମାହାରା ଓ କୋରକଦାର କନକେଇ ଏସକେପ୍ ଯୋଗେ ଗେଙ୍ଗୁଟି ନଦୀର ବନ୍ୟାଜଳ ଗାଁ ଭିତରକୁ ଆସିଯିବ। ମଲ୍ଲିମାହାରା ଓ ଗୌରାଙ୍ଗପୁର ଏସକେପ୍ ଯୋଗେ ପାଣି ପଶିବାରୁ ଖଡ଼ିପଦା, କରଦା ଓ ସୋହଡ଼ା ପଞ୍ଚାୟତ ଜଳାର୍ଣ୍ଣବ ହୋଇଛି। ଏହାସହ ଶହ ଶହ ଏକର ଜମି ପାଣିରେ ବୁଡ଼ି ରହିଛି। ପନିପରିବା ଚାଷ ବି ପାଣିରେ ବୁଡ଼ିଥିବାରୁ ନଷ୍ଟ ହେବା ଆଶଙ୍କା ରହିଛି। ସେପଟେ ପଧାନି ପଂଚାୟତର ସଇଲୋରେ କୋଚିଲା ନଦୀର ଦକ୍ଷିଣ ପାର୍ଶ୍ୱ ବନ୍ଧ ଧସି ଯାଇଛି। ଜଳ ସଂପଦ ବିଭାଗର କର୍ମଚାରୀ ଓ ସ୍ଥାନୀୟ ଲୋକେ ବାଉଁଶ, ବାଲିବସ୍ତା, ଟିଣ ଚଦର ଓ କାଠ ବଲା ଦେଇ ବନ୍ଧକୁ ସୁରକ୍ଷା ଦେଇଛନ୍ତି। ଅର୍ଜ୍ଜୁନପୁର ଗାଁ ପାଖରେ କୋଚିଲା ନଦୀରୁ ବଡ଼ ଘଳିଆ ପଡ଼ିଥିଲା। ତେବେ ତାକୁ ବାଲିବସ୍ତ ପକାଇ ତୁରନ୍ତ ମରାମତି କରାଯାଇଛି। ଅନ୍ୟ ପକ୍ଷରେ ବନ୍ୟା ପାଇଁ ଧାମନଗର ବ୍ଲକ ଓ ତହସିଲ ପ୍ରଶାସନ ତତ୍ପରତା ପ୍ରକାଶ କରି କାମ କରୁଛି। ଧାମନଗର ବିଡିଓ ବନବିହାରୀ ଦିନ୍ଦା ବନ୍ୟାଞ୍ଚଳ ବୁଲି ଦେଖିଛନ୍ତି। ପାଣି ପଶିବା ଆଶଙ୍କା ଥିବା ଗାଁରୁ ଲୋକମାନଙ୍କୁ ସୁରକ୍ଷିତ ସ୍ଥାନ ତଥା ବିଦ୍ୟାଳୟ ଗୃହ ଓ ବାତ୍ୟା ଆଶ୍ରୟସ୍ଥଳୀକୁ ଯିବା ଲାଗି ପରାମର୍ଶ ଦେଇଛନ୍ତି। ଲୋକମାନେ ଆଶ୍ରୟ ନେଇଥିବା କୋଠାଗୁଡ଼ିକରେ ପଂଚାୟତ ପକ୍ଷରୁ ରନ୍ଧା ଖାଦ୍ୟ ବ୍ୟବସ୍ଥା କରାଯାଇଛି। ବନ୍ୟା ଯୋଗୁଁ ହସନାବାଦ ଓ ଅର୍ଜ୍ଜୁନପୁର ପଂଚାୟତରେ ସ୍ଥିତି ସଂଗୀନ ହେବାରେ ଲାଗିଛି। ହସନାବାଦ, ଗୋପବନ୍ଧୁନଗର ଗାଁ ସଂପୂର୍ଣ୍ଣ ଜଳବନ୍ଦୀ ହୋଇଛି। ଲୋକଙ୍କ ଘର ଭିତରେ ପାଣି ପଶିଯିବାରୁ ଖୁବ୍ ହିନସ୍ତା ହେଉଛନ୍ତି ଲୋକେ। ଆଖୁଆପଦାରେ ବୈତରଣୀ ଜଳସ୍ତର ୧୯ ମିଟର ଛୁଇଁ ନଥିଲେ ବି ହସନାବାଦ ବେହାଲ ହୋଇଛି। ଏହାର କାରଣ, ଗୌରାଙ୍ଗପୁର ଓ ମଲ୍ଲିମାହାରା ଏସକେପ୍ ଆବଶ୍ୟକଠାରୁ ଅଧିକ ଉଚ୍ଚା କରିଦେବାରୁ ଏହି ବନ୍ୟାରେ ଦୁଇ ଏସକେପରେ ଯେତିକି ପାଣି ନିଷ୍କାସନ ହେବା କଥା, ତାହା ହେଉନାହିଁ। ଫଳରେ ସେହି ପାଣି କୋଚିଲା ବାଟେ ଆସି ହସନାବାଦ ଓ ଅର୍ଜ୍ଜୁନପୁର ପଞ୍ଚାୟତକୁ ଜଳବନ୍ଦୀ କରିଛି। ଧୂଷୁରୀ ଓ ହସନାବାଦ ମୁଖ୍ୟ ସଡ଼କ ବୁଡ଼ିଯିବାରୁ ଅସ୍ତକ, ପଙ୍ଗଟା, ହସନାବାଦ, ଗୋପବନ୍ଧୁନଗର ଆଦି ଗାଁ ସଂପୂର୍ଣ୍ଣ ଭାବେ ବିଚ୍ଛିନ୍ନ ହୋଇ ରହିଛି। ଆଜି ବୈତରଣୀର ଉପରମୁଣ୍ଡରେ ହାଟଡିହିରେ ୨.୫ ସେମି, କେନ୍ଦୁଝରରେ ୯.୨ ସେମି, ପାଟଣାରେ ୫ ସେମି, ଆନନ୍ଦପୁରରେ ୧ ସେମି, ଚମ୍ପୁଆରେ ୫ ସେମି ବର୍ଷା ହୋଇଥିବାବେଳେ ଯାଜପୁରର କୋରେଇରେ ୨ ସେଂଟିମିଟର ବର୍ଷା ହୋଇଛି। ଆନନ୍ଦପୁରର ବନ୍ୟାଜଳ ଆସି ଆଖୁଆପଦାରେ ପହଞ୍ଚିବାକୁ ୪ ଘଣ୍ଟା ଲାଗିବାକୁ ଥିବାରୁ ସୋମବାର ଧାମନଗର ଅଞ୍ଚଳରେ ବଡ଼ ବନ୍ୟା ଆଶଙ୍କା ରହିଛି।



## ଭାସିଗଲା ଗ୍ରାମ୍ୟରାସ୍ତା ପୋଲ, ଅସ୍ଥାୟୀ ମରାମତି






ବାରିକପୁର, ୨୪।୮(ସମିସ): ଭଣ୍ଡାରିପୋଖରୀ ବ୍ଲକ ଷୋଳମପୁର ପଞ୍ଚାୟତ ବଲ୍ଲଭୀଘାଟ ସେତୁଠାରୁ ଦାଣ୍ଡକୁଳ ଓ ମୁଡ଼ାପଦା ଦେଇ ପଡୋଶୀ ଧାମନଗର ବ୍ଲକର ଆନନ୍ଦପୁର ଅଞ୍ଚଳକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ରାସ୍ତାରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଅପରାହ୍ନ ପ୍ରାୟ ୧୨ଟା ବେଳେ ବୈତରଣୀ ଓ ଗେଙ୍ଗୁଟି ନଦୀବନ୍ଧକୁ ଲାଗି ମହାଦେବ ମନ୍ଦିର ନିକଟସ୍ଥ ଗ୍ରାମ୍ୟ ଉନ୍ନୟନ ରାସ୍ତା ଉପରେ ଥିବା ପାଦ ଚଲା ପୋଲଟି ଭାସିଯାଇଛି। ଫଳରେ ଆନନ୍ଦପୁର ଅଞ୍ଚଳରୁ ଯେଉଁ ଜନସାଧାରଣ ଏହି ରାସ୍ତା ଦେଇ ଯାଜପୁରକୁ ଯାତାୟାତ କରୁଥିଲେ ସେମାନେ ଏବେ ଗମନାଗମନ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ଏହାଛଡା ମୁଡ଼ାପଦା ଓ ଦାଣ୍ଡକୁଳ ଅଞ୍ଚଳର ଲୋକ ଆନନ୍ଦପୁର ଆଡକୁ ଯିବା ଅସମ୍ଭବ ହୋଇପଡିଛି। ପୋଲ ସଂଲଗ୍ନ ରାସ୍ତା ଉପରେ ଏବେ ତିନି ଫୁଟର ବନ୍ୟା ଜଳ ପ୍ରବାହିତ ହେଉଥିବା ସୂଚନା ମିଳିଛି। ବନ୍ୟା ଜଳ ବୃଦ୍ଧି ପାଇବ ବୋଲି ପୂର୍ବାନୁମାନ କରାଯାଇଥିବା ବେଳେ ପରିସ୍ଥିତି ଆହୁରି ସଂଗୀନ ହେବ ବୋଲି କୁହାଯାଉଛି। ଅନ୍ୟପକ୍ଷରେ, ଦାଣ୍ଡକୁଳଠାରୁ ତିଖିଳିଆକୁ ସଂଯୋଗ କରୁଥିବା ଗେଙ୍ଗୁଟି ନଦୀ ପୁରାତନ ପୋଲଟିର ଗୋଟିଏ ଅଂଶ ଗତ ବନ୍ୟାରେ ଭାସିଯାଇଥିଲା। ଫଳରେ ତିଖିଳିଆ ଗ୍ରାମବାସୀ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଥିଲେ। ବନ୍ୟା ଛାଡ଼ିବା ପରେ ବ୍ଲକ କିମ୍ବା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହାର ଅସ୍ଥାୟୀ ମରାମତି ପାଇଁ କୌଣସି ବ୍ୟବସ୍ଥା ହୋଇ ନଥିଲା। ଲୋକଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ବିଧାୟକଙ୍କ ନିର୍ଦ୍ଦେଶକ୍ରମେ ବିଳମ୍ବରେ ହେଉ ପଛେ ସ୍ଥାନୀୟ ଯୁବ ସଂଗଠକ ସୁରଥ ଦାସ ଉକ୍ତ ସ୍ଥାନଟିର ମରାମତି କାର୍ଯ୍ୟ ଆରମ୍ଭ କରିଥିଲେ। ମରାମତି କାର୍ଯ୍ୟଟି ସମ୍ପୂର୍ଣ୍ଣ ହୋଇ ନଥିବା ବେଳେ ନଦୀରେ ତୃତୀୟ ବନ୍ୟା ଆସିବା ଯୋଗୁଁ ଏହା ଭାସିଯାଇଥିବା ଜଣାପଡିଛି। ଦୁଇ ଗ୍ରାମବାସୀ ଏବେ ଗମନାଗମନ ପାଇଁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଦୁଇ ତିନୋଟି ବିରାଟକାୟ ବୃକ୍ଷ ମଧ୍ୟ ବନ୍ୟା ଦାଉରୁ ରକ୍ଷା ପାଇପାରିନାହିଁ।

## ବିଧାୟକଙ୍କ ବନ୍ୟାଞ୍ଚଳ ପରିଦର୍ଶନ



ବାରିକପୁର, ୨୪।୮(ସମିସ): ଭଣ୍ଡାରିପୋଖରୀ ବିଧାୟକ ସଂଜୀବ କୁମାର ମଲ୍ଲିକ ଆଜି ବନ୍ୟାଞ୍ଚଳ ପରିଦର୍ଶନ କରିଛନ୍ତି। ଶ୍ରୀ ମଲ୍ଲିକ ପ୍ରଥମେ ଷୋଳମପୁର ପଞ୍ଚାୟତ ମଣିନାଥପୁର ଠାରେ ପହଂଚି ସେଠାରେ ନବ ନିର୍ମିତ ବ୍ୟାରେଜ ସଂଲଗ୍ନ ସ୍ଥାନ ବୁଲି ଦେଖିଥିଲେ। ଗତ ଶନିବାର ନଦୀରେ ପାଣି ଆସିବା ପରେ ବୈତରଣୀ ବନ୍ଧ ଓ ବ୍ୟାରେଜକୁ ସଂଯୋଗ କରୁଥିବା ସ୍ଥାନଟି ଧସି ଯାଇଥିଲା। ବିଧାୟକ ସେଠାରେ ସ୍ଥାନୀୟ ବାସିନ୍ଦା ଓ ବିଭାଗୀୟ ଅଧିକାରୀଙ୍କ ସହ ବିଭିନ୍ନ ଆଲୋଚନା କରିବା ସହ ସତର୍କ ଦୃଷ୍ଟି ରଖିବାକୁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଫୋନ ଯୋଗେ ପରାମର୍ଶ ଦେଇଛନ୍ତି। କଟିଂ ଏସକେପ ଓ ଆଖୁଆପଦା ଆନିକଟକୁ ପରିଦର୍ଶନ କରି ବନ୍ୟା ସ୍ଥିତି ସମ୍ପର୍କରେ ବିଧାୟକ ସମୀକ୍ଷା କରିଛନ୍ତି। ବିଭାଗୀୟଯନ୍ତ୍ରୀ ସୁଶାନ୍ତ କୁମାର ଦାସ ବନ୍ୟା ସ୍ଥିତି ସମ୍ପର୍କରେ ବିଧାୟକଙ୍କୁ ବିସ୍ତୃତ ସୂଚନା ଦେଇଥିବା ବେଳେ ସମସ୍ତ ପରିସ୍ଥିତି ପାଇଁ ବିଭାଗ ସତର୍କ ଥିବା କହିଛନ୍ତି। ବ୍ଲକ ଅଧ୍ୟକ୍ଷା ସୁମତୀ ସେଠୀ, ବ୍ଲକ ବିଜେଡି ସଭାପତି ଲକ୍ଷ୍ମୀଧର ସାହୁ, ଯୁବନେତା ସୁରଥ ଦାସ, ବରିଷ୍ଠ ନେତା ମୁକ୍ତିକାନ୍ତ ମହାନ୍ତି, ସମାଜସେବୀ ରାଜେନ୍ଦ୍ର ଖଣ୍ଡାଇ, ଜୟନ୍ତ ସାହୁ, ନାଗେଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଚାଷଜମି ଓ ପାଳବାଡ଼ି ଉବୁଟୁବୁ



ବାରିକପୁର, ୨୪।୮(ସମିସ): ବୈତରଣୀ ନଦୀରେ ଦେଖାଦେଇଥିବା ତୃତୀୟ ବନ୍ୟା ଯୋଗୁଁ ଚାଷଜମି ଓ ପାଳ ବାଡ଼ି ଉବୁଟୁବୁ ହୋଇଛି। ଭଣ୍ଡାରିପୋଖରୀ ବ୍ଲକର କଟିଂ ଏସକେପ ଦେଇ ପ୍ରବାହିତ ହେଉଥିବା ପାଣି ଦ୍ୱାରା ଶହ ଶହ ହେକ୍ଟର ଚାଷଜମି ଜଳମଗ୍ନ ହୋଇଛି। ବ୍ଲକର ଷୋଳମପୁର, ମାଳଦା, ରହଣିଆ, ନପଙ୍ଗ ଓ କୁରିଗାଁକୁ ବନ୍ୟାଜଳ ଇତିମଧ୍ୟରେ ପ୍ରବେଶ କରି ସାରିଛି। ବିଶେଷ କରି ସଠଗାଁ, ଦୋଳଗୋବିନ୍ଦପୁର, ବିରୋଳି, ଜଳହରି, ନୌରଙ୍ଗପୁର, ବରାହନୂଆପଡା, ମଣିନାଥପୁର, ଖପୁରିଆପଦା ପ୍ରମୁଖ ସ୍ଥାନରେ ଥିବା ଚାଷ ଜମି ଗୁଡିକ ବନ୍ୟା ଜଳରେ ବୁଡି ଯାଇଛି। ଦ୍ୱିତୀୟ ବନ୍ୟାରୁ ବର୍ତ୍ତିରି ଯାଇଥିବା ପନିପରିବା ଚାଷ ମଧ୍ୟ ପାଣିରେ ବୁଡ଼ିଥିବା ଦେଖାଯାଇଛି। ବନ୍ୟା ନେଇ ବ୍ଲକ ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ କୌଣସି ସୂଚନା ଦିଆଯାଇ ନଥିବା ବେଳେ ପଞ୍ଚାୟତ ଅଞ୍ଚଳରେ ବନ୍ୟା ପରିସ୍ଥିତିକୁ ସମୀକ୍ଷା କରିବାକୁ କୌଣସି ଅଧିକାରୀ ଉପସ୍ଥିତ ରହି ନଥିବା ଜଣାପଡିଛି।

### ୩ ପଞ୍ଚାୟତର ୧୦ ଖଣ୍ଡ ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ

## ଶଇଲୋ ନିକଟରେ ଥିବା ନଦୀବନ୍ଧ ଭାଙ୍ଗିବା ଅବସ୍ଥାରେ







ଅସୁରାଳି, ୨୪।୮(ସମିସ): ବୈତରଣୀ ଓ ଏହାର ଶାଖାନଦୀ କୋଚିଲାରେ ପୁଣି ଆସିଛି ବନ୍ୟା। ବନ୍ୟାକୁ ନେଇ ହସନାବାଦ ପଞ୍ଚାୟତର ଅନଳଡିହ, ଅସ୍ତକ, ତଳ ଅସ୍ତକ, ହସନାବାଦ, ବନବାଗ, ମଠସାହି, ଅର୍ଜ୍ଜୁନପୁର ପଞ୍ଚାୟତର ମମଦୁଲା, ବାଲିପାଟଣା, ଶଇଲୋ, ପଧାନୀ ପଞ୍ଚାୟତର ଉପର ଶଇଲୋ ଗାଁର ଲୋକମାନେ ଆତଙ୍କିତ ହୋଇ ପଡିଛନ୍ତି। ଏହି ସବୁ ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡିଛି। ଉପର ଶଇଲୋ ନିକଟରେ ନଦୀବନ୍ଧ ଫାଟ ହେବାକୁ ସାତ ଦିନ ପୁରିନି।କୋଚିଲା ନଦୀରେ ବନ୍ୟା ଆସିଛି। ଯାହାକୁ ନେଇ ଏହି ଗାଁର ଲୋକମାନେ ଆତଙ୍କିତ ହୋଇ ପଡିଛନ୍ତି। ଗତକାଲିଠାରୁ ନଦୀବନ୍ଧ ଫାଟ ସ୍ଥାନରେ ଜଳ ସମ୍ପଦ ବିଭାଗ ପକ୍ଷରୁ କାଠ ବହ୍ଲା ପିଟି ବାଲିବସ୍ତା ଦେଇ ବନ୍ୟା ନିୟନ୍ତ୍ରଣ ଲାଗି ଉଦ୍ୟମ ଜାରି ରଖିଛି। ନଈ ସୁଅକୁ ବାଲିବନ୍ଧ କହିବା ସହ ବିଭାଗ ଅଧିକାରୀଙ୍କ ଶାଗ କିଆରି ସାଜିଥିବା ଏହି ବନ୍ଧ କେଉଁ ମୁହୂର୍ତ୍ତରେ ଭାଙ୍ଗି ଯାଇପାରେ ବୋଲି ଗ୍ରାମବାସୀ ଆଶଙ୍କା କରିଛନ୍ତି। ନଦୀବନ୍ଧ ଫାଟିଥିବା ସ୍ଥାନର ୨୦୦ ମିଟର ଦୂରରେ ଅର୍ଜ୍ଜୁନପୁର ପଞ୍ଚାୟତର ଶଇଲୋ ପାଖରେ ଏକ ଘଳିଆ ସୃଷ୍ଟି ହୋଇଛି ଯାହାକୁ ଗ୍ରାମବାସୀ ବାଉଁଶ କାଟି ବାଲିବସ୍ତା ପକାଇ ବନ୍ଦ କରିବାକୁ ପ୍ରାଣପଣେ ଉଦ୍ୟମ ଚଳାଇଛନ୍ତି। ନଦୀବନ୍ଧ ନିକଟରେ ଜଳସମ୍ପଦ ବିଭାଗର ଚିଫ୍ ଇଞ୍ଜିନିୟର ବିଘ୍ନରାଜ ପୁରୋହିତ, ଏସ୍.ଇ. ଶରତଚନ୍ଦ୍ର ଘଡେଇ, ଜେ.ଇ. ବିମଳ ବେହେରା ପହଞ୍ଚି ସ୍ଥିତି ପରଖି ଫେରିଛନ୍ତି। ଏପଟେ ବନ୍ୟା ଯୋଗୁଁ ଶହଶହ ପରିବାର ପ୍ରଭାବିତ ହୋଇଛନ୍ତି। ଗାଁ ରାସ୍ତା, ଘରଦ୍ୱାର, ଗୋରୁ ଗୁହାଳ ଓ ବିଲବାଡିରେ ବନ୍ୟାଜଳ ପଶି ଯାଇଛି। ବହୁ ପରିବାର ନଦୀବନ୍ଧରେ ପଲିଥିନ ଟାଣି ନିଜର ଗୃହପାଳିତ ପଶୁଙ୍କ ସହ ଆଶ୍ରୟ ନେଇଛନ୍ତି। ବନ୍ୟାଯୋଗୁ ହସନାବାଦ-ଯାଜପୁର ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। କୋଚିଲା ଏବଂ ବୈତରଣୀ ନଦୀ ବନ୍ଧ ନୀଚା ଥିବାରୁ ଅର୍ଜ୍ଜୁନପୁର, ତିନି ଘରିଆ, ପଙ୍ଗଟା, ବେତାଳି ଗାଁ, ସାହୁସାହି ଆଦି ବିଭିନ୍ନ ସ୍ଥାନରେ ବନ୍ଧ ବୁଡିବା ଭଳି ପରିସ୍ଥିତି ଦେଖାଦେଇଛି। ପଙ୍ଗଟା ଛକ ନିକଟରେ ଧୂଷୁରୀ ରୁ ହସନାବାଦ ସଂଯୋଗ କରୁଥିବା ପୋଲ ଛାତକୁ ପାଣି ଲାଗି ପାଣି ଅବରୋଧ କରୁଥିବାରୁ ଏବଂ ପୋଲଟି ଅତ୍ୟନ୍ତ ଦୁର୍ବଳ ହୋଇଥିବାରୁ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଭଦ୍ରକ ଜିଲାପାଳ ଦିଲୀପ ରାଉତରାଏ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଧାମନଗର ବିଡିଓ ବନବିହାରୀ ଧୀନ୍ଦା ଯାଜପୁର ଦେଇ ହସନାବାଦ ପଞ୍ଚାୟତର ବନ୍ୟା ପ୍ରଭାବିତ ମାନଙ୍କ ନିକଟରେ ପହଞ୍ଚି ସେମାନଙ୍କ ପରିସ୍ଥିତି ଦେଖିଥିଲେ। ଧୂଷୁରୀ ଜିଲ୍ଲା ପରିଷଦ ଜୋନ ସଭ୍ୟ ପ୍ରଦୀପ ମଲ୍ଲିକ, ହସନାବାଦ ସରପଞ୍ଚ ଅଜୟ ମଲିକ ବନ୍ୟା ନିୟନ୍ତ୍ରଣ ପାଇଁ ଘେରିବନ୍ଧ ପ୍ରତିଷ୍ଠା କରିବାକୁ ଜିଲ୍ଲାପାଳଙ୍କୁ କହିଥିଲା ବେଳେ ଜିଲ୍ଲାପାଳ ଏହା ଖୁବଶୀଘ୍ର ନିର୍ମାଣ ହେବାର ପ୍ରତିଶ୍ରୁତି ଦେଇଛନ୍ତି।



### ୮ଟାରୁ ଜଳସ୍ତର ବୃଦ୍ଧି

ବାରିକପୁର, ୨୪।୮(ସମିସ): ଭଣ୍ଡାରିପୋଖରୀ ବ୍ଲକ ଆଖୁଆପଦା ବୈତରଣୀ ଆନିକଟଠାରେ ଆଜି ରାତି ୮ଟାଠାରୁ ଜଳସ୍ତର ବୃଦ୍ଧି ପାଉଛି। ଗତ ଶନିବାର ନଦୀରେ ତୃତୀୟ ବନ୍ୟା ଆସିଥିବା ବେଳେ ଆନିକଟଠାରେ ୧୮.୫୬ ମିଟର ପର୍ଯ୍ୟନ୍ତ ଜଳସ୍ତର ପହଞ୍ଚିଥିଲା। ରବିବାର ଭୋରଠାରୁ ସନ୍ଧ୍ୟା ଯାଏଁ ଜଳସ୍ତର ହ୍ରାସ ପାଇ ୧୮.୪୪ରେ ପହଞ୍ଚି ଯାଇଥିଲା। ନଦୀର ଉପରମୁଣ୍ଡ ଚମ୍ପୁଆ ସହିତ ଅନ୍ୟାନ୍ୟ ସ୍ଥାନରେ ବର୍ଷା କାରଣରୁ ପୁଣି ଜଳସ୍ତର ବୃଦ୍ଧି ପାଉଥିବା କୁହାଯାଉଛି। ଏଠାରେ ବିପଦ ସଂକେତ ୧୮.୩୩ ମିଟର ରହିଥିବା ବେଳେ ରାତି ଆଠଟା ସୁଦ୍ଧା ୧୮.୪୬ ଉପରେ ପାଣି ପ୍ରବାହିତ ହେଉଛି। ନଦୀରେ ପାଣି ପ୍ରବେଶ କରିୱାର ୨୪ ଘଣ୍ଟା ପରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ଦିଲୀପ ରାଉତରାଏ ଓ ବିଡିଓ ଦେବଦତ ଦାଶଙ୍କ ସମେତ ଅନ୍ୟାନ୍ୟ ପଦାଧିକାରୀ ଆନିକଟ ପରିଦର୍ଶନ କରିଛନ୍ତି।

ସକାଳ THE SAKALA



# ସ୍କୁଲରେ ଅନିୟମିତତାକୁ ନେଇ କାର୍ଯ୍ୟକାରିଣୀ କମିଟିର ଧାରଣା

ସିମୁଳିଆ, ୨୪।୮ (ସମିସ): ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ମଇତାପୁର ପଞ୍ଚାୟତ



ଭାରତ ସେବାନିଧି ଉଚ୍ଚ ବିଦ୍ୟାଳୟରେ ବିଭିନ୍ନ ଅନିୟମିତତାକୁ ନେଇ ପରିଚାଳନା କମିଟିର ସଭାପତି ଗଜେନ୍ଦ୍ର ରାଉତ. ଉପସଭାପତି ସ୍ୱର୍ଣ୍ଣଲତା ବାରିକଙ୍କ ନେତୃତ୍ୱରେ ପରିଚାଳନା କମିଟିର ସମସ୍ତ ସଭ୍ୟ/ସଭ୍ୟା, ଅଭିଭାବକ ଧାରଣା ଦେଇଛନ୍ତି। ଅଭିଯୋଗ ଅନୁଯାଇ ପ୍ରଧାନ ଶିକ୍ଷକ ଚନ୍ଦ୍ରମୋହନ ମୁର୍ମୁ ଅରିଚାଳନା କମିଟିର କୌଣସି ପରାମର୍ଶ ନନେଇ ଅର୍ଥ ଉଠାଇ ବ୍ୟୟ କରିବା, ସଭାପତି ପଚାରିଲେ ଅସମ୍ମାନ କରିବା, ସ୍କୁଲରେ ସୁରକ୍ଷା ନନେବା, ଛାତ୍ରଛାତ୍ରୀ ଅଧିକ ଦେଖାଇ ଅର୍ଥ ଆତ୍ମସାତ୍ କରିବା, ଅସୁରକ୍ଷିତ ଶ୍ରେଣୀ ଗୃହ ମରାମତି ନକରିବା, ଏକାଧିକ ଶିକ୍ଷକ ସ୍କୁଲକୁ ନ ଆସିବା ଆଦି ଏହିସବୁ ସମସ୍ୟାକୁ ପରିଚାଳନା କମିଟି ଏବିଷୟରେ ଜିଲ୍ଲା ଶିକ୍ଷାଧିକାରୀ ଏବଂ ଶିକ୍ଷାମନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ ଜଣାଇ ଥିବାର ଧାରଣା କରି କହିଥିଲେ। କୌଣସି ସୂତ୍ରରୁ ଖବର ପାଇ କ୍ଲଷ୍ଟର ସଂଯୋଜକ ସୁକାନ୍ତ କୁମାର ଲେଙ୍କା ଧାରଣା ସ୍ଥଳୀରେ ପହଁଚି ଥିଲେ ଏବଂ ବ୍ଲକ ଶିକ୍ଷାଧିକାରୀଙ୍କୁ ଜଣାଇଥିଲେ। ସେ ଜିଲ୍ଲା ଶିକ୍ଷାଧିକାରୀଙ୍କ ପରାମର୍ଶ କ୍ରମେ ଆସନ୍ତା ମଙ୍ଗଳବାର ବ୍ଲକ ଶିକ୍ଷା ଅଧିକାରୀ ଓ ଜିଲ୍ଲା ଶିକ୍ଷା ଅଧିକାରୀ ସ୍କୁଲକୁ ଆସି ସମସ୍ୟାର ସମାଧାନ କରାଯିବ ବୋଲି ଧାରଣାକାରୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## କୃଷି ଅଧିକାରୀ ଓ ଦଲାଲଙ୍କ ମିଳିତ କାରନାମା

# ମୁଢ଼ିଭଜା ମେସିନ ବଣ୍ଟନରେ ବ୍ୟାପକ ଅନିୟମିତତା

ରାଜଘାଟ, ୨୪।୮ (ସମିସ)

ସରକାର କୋଟି କୋଟି ଟଙ୍କା ବ୍ୟୟରେ ଚାଷୀମାନଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ବହୁ ଯୋଜନା କରିଛନ୍ତି। ମାତ୍ର ଏହାର ଫାଇଦା ଉଠାଇ କିଛି ଦଲାଲ ଶ୍ରେଣୀର ଲୋକ ଓ ବିଭାଗୀୟ ଅଧିକାରୀ ମିଳିତ ଭାବେ ନିଜର ପକେଟ ଗରମ କରିବାରେ ଲାଗିଛନ୍ତି। ଯାହାଫଳରେ କୃଷି ବିଭାଗ ପକ୍ଷରୁ ମିଳୁଥିବା ଯନ୍ତ୍ରପାତି ସବୁ କବାଡି ଦୋକାନରେ ବିକ୍ରି ହେଉଛି। ଏଭଳି ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ଅଞ୍ଚଳରେ।

ସରକାର ଚାଷୀ ମାନଙ୍କ ପାଇଁ ସ୍ୱଳ୍ପ ଦରରେ ମୁଢ଼ି ଭଜା ମେସିନ ଯୋଗାଇ ଦେଉଛନ୍ତି। ବସ୍ତା ବ୍ଲକରେ ୩୧ଟି ପଞ୍ଚାୟତରେ ୨୦୨୨ ଆର୍ଥିକ ବର୍ଷରୁ ଆଜି ପର୍ଯ୍ୟନ୍ତ ମୋଟ ୨୪୯ଟି ମୁଢ଼ିଭଜା ମେସିନ ସବସିଡ ମାଧ୍ୟମରେ ଚାଷୀମାନଙ୍କୁ ବଣ୍ଟନ କରାଯାଇଛି। ଯାହାର ମୂଲ୍ୟ ୨୦୨୨ରୁ ୨୦୨୪ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ୧ଲକ୍ଷ ୨୭ହଜାର ଟଙ୍କା ଧାର୍ଯ୍ୟ ଥିବା ବେଳେ ୭୬ହଜାର ଦୁଇଶହ ଟଙ୍କା ସବସିଡ ଆକାରରେ ଛାଡ଼୍ର ବ୍ୟବସ୍ଥା ରହିଛି। ମାତ୍ର ଆର୍ଥିକ ବର୍ଷ ୨୦୨୫/୨୬ ରେ ମେସିନର ମୂଲ୍ୟ କମ ହୋଇ ତାହା ୧ଲକ୍ଷ ୫ ହଜାର ରେ ରହିଛି ଏବଂ ସରକାର ସବସିଡି ଆକାରରେ ୪୪ ହଜାର ୮ଶହ ୨୦ ଟଙ୍କା ଛାଡ ଦେଉଛନ୍ତି। ଏହାରି ସୋଯଗରେ କିଛି ଦଲାଲ ବିଭାଗୀୟ ଅଧିକାରୀ ମାନଙ୍କୁ ହାତ ବାରିଛି କରି ଚାଷୀଙ୍କ ଆଇଡିର ଦୁରୁପଯୋଗ କରି, ଚାଷୀଙ୍କୁ ମିଥ୍ୟା ପ୍ରଲୋଭନ ଦେଖାଇ ଏହି ମେସିନ ହାତେଇ ବାହାରେ ବିକ୍ରି କରି ନିଜର ପକେଟ ଗରମ କରୁଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ସାଧାରଣ ବର୍ଗର ଲୋକଙ୍କୁ ଅନୁସୂଚିତ ଜାତି ଓ ଆଦିବାସୀ ଶ୍ରେଣୀର ଦର୍ଶାଇ ଭୁଲ ତଥ୍ୟ ଦେଇ ବହୁ ଚାଷୀଙ୍କ ନାମ ଏକାଧିକ ଥର ସବସିଡି ଅର୍ଥ କୁ ଚଲୁ କରିବା ଭଳି ଘଟଣା ଦେଖିବାକୁ ମିଳିଛି।ବିଗତ ୪ବର୍ଷ ମଧ୍ୟରେ ଏହି ପ୍ରକ୍ରିୟାରେ ବସ୍ତା ବ୍ଲକରେ ପ୍ରାୟ ୨୮ କୋଟି ୮ଲକ୍ଷ ୫୧ ହଜାର ଟଙ୍କା ଚଳୁ ହୋଇଥିବା ସରକାରୀ ପୋର୍ଟାଲ ରୁ ଜଣାପଡିଛି। ଏହି ରାକେଟ ଜିଲ୍ଲାର ବିଭିନ୍ନ ବ୍ଲକ ରେ ସକ୍ରିୟ ଥିବାବେଳେ ଏବେ ପଡୋଶୀ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ବ୍ଲକ ଉପରେ ଲୋଲୁପ ଦୃଷ୍ଟି ଦେଉଥିବା ଜଣା ପଡିଛି। ପରିତାପର ବିଷୟ ଉକ୍ତ ମେସିନ ଗୁଡିକ କାର୍ଯ୍ୟରେ ବ୍ୟବହାର ପୂର୍ବରୁ ନିର୍ଦ୍ଦିଷ୍ଟ କିଛି ଭଙ୍ଗା ଲୁହା ଗୋଦାମରେ ବିକ୍ରି ହେଉଥିବା ଦେଖିବାକୁ ମିଳୁଛି। ପ୍ରଶାସନ ଏହି ଘଟଣା ପ୍ରତି ଯଥା ଶୀଘ୍ର ଦୃଷ୍ଟି ଦେଇ ଘଟଣାର ତଦନ୍ତ କଲେ ସମସ୍ତ ଘଟଣାର ପର୍ଦା ଫାସ ହୋଇପାରିବ ଓ ଦଲାଲ ମାନେ ସାବାଡ଼ ହେବେ ବୋଲି ବୁଦ୍ଧିଜୀବୀ ମାନେ ପ୍ରକାଶ କରିଛନ୍ତି। ଏ ନେଇ ସିଡିଏଓ ତୁଷାର କାନ୍ତି ଟୁଙ୍ଗଙ୍କୁ ପଚାରିବାରୁ ଘଟଣା ବାବଦରେ ଅବଗତ ନାହାନ୍ତି ଅଭିଯୋଗ ଆସିଲେ ତଦନ୍ତ କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ତେବେ ପ୍ରଶାସନ କିମ୍ବା ବିଭାଗୀୟ ଅଧିକାରୀ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଭାରତୀୟ କିଷାନ ସଙ୍ଗଠନର ବସ୍ତା ବ୍ଲକ ସଭାପତି ଜୟନ୍ତ ଭଦ୍ର କଡା ଚେତାବନୀ ଦେଇଛନ୍ତି।



ବସ୍ତାରେ ଚାରି ବର୍ଷରେ ୨୮ କୋଟି ଟଙ୍କାର ଦୁର୍ନୀତି

# ନାଳପୋତି ଦିଆଯିବାରୁ ନଷ୍ଟ ହେଉଛି ଧାନଚାଷ

ଖଇରା,୨୪।୮ (ସମିସ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ ରଟିଣା ଗ୍ରାମ ନିକଟରେ କେନାଲ ସହ ସଂଯୋଗ ପାଣି ପ୍ରବାହିତ ନାଳକୁ ଜଣେ ବ୍ୟକ୍ତି ନିଜ ବ୍ୟକ୍ତିଗତ ସ୍ୱାର୍ଥ ସାଧନ ଲାଗି ମାଟି ପକାଇ ପୋତିଦେବା ସହ ଗ୍ରାମବାସୀଙ୍କୁ ଭୟଭୀତ କରିବା ଅଭିଯୋଗରେ ଗ୍ରାମବାସୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ବର୍ଷା ସମୟରେ ନିକଟସ୍ଥ ପାହାଡରୁ ଆଶୁଥିବା ଉଦବୃତ୍ତ ଜଳରାଶି ନାଳ ଦେଇ ଆମହତା କେନାଲ ମାଧ୍ୟମରେ ନିଷ୍କାସିତ ହୋଇଥାଏ। ଏବେ କିଛିଦିନ ତଳେ ହରିପୁର ଗ୍ରାମର ଜଣେ ବ୍ୟକ୍ତି ନିଜର ସ୍ୱାର୍ଥ ସାଧନ ପାଇଁ ଜେସିବି ଲଗାଇ ଉକ୍ତ ନାଳକୁ ପୋତି ଦେଇଛନ୍ତି। ଯାହା ଫଳରେ ବହୁ ଚାଷୀଙ୍କର ଧାନଚାଷ ନଷ୍ଟ ହେଉଛି। ଗ୍ରାମବାସୀ ନାଳ ଖୋଲିବାକୁ ଯାଉଥିବା ବେଳେ ବ୍ୟକ୍ତି ଜଣକ ଧମକ ଚମକ ଦେଉଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି। ଖଇରା ଥାନା ଏସଆଇ ତପନ କୁମାର ଜେନାଙ୍କୁ ପଚାରିବାରେ ଉଭୟ ପକ୍ଷଙ୍କୁ ଡାକି ଏହାର ସମାଧାନ ପାଇଁ ଉଦ୍ୟମ କରାଯିବ ବୋଲି କହିଛନ୍ତି।



ଖଇରା ଥାନାର ଦ୍ୱାରସ୍ଥ ହେଲେ ରଟିଣା ଗ୍ରାମବାସୀ

# ବାଘାଯତୀନ ଉନ୍ନୟନ କମିଟି ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା



ବାଲେଶ୍ୱର,୨୪।୮ (ସମିସ): ସହିଦ ବାଘାଯତୀନଙ୍କ ୧୧୦ ତମ ସ୍ମୃତି ଦିବସ ପାଳନ ଅବସରରେ ଆଜି ନୃତ୍ୟ ସଂଗୀତ କଳା ମନ୍ଦିର ପରିସରରେ ବାଲେଶ୍ୱରର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଛାତ୍ରଛାତ୍ରୀଙ୍କ ବିଭିନ୍ନ ବିଭାଗରେ ଚିତ୍ରାଙ୍କନ,ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ଆସନ୍ତା ସେପ୍ଟେମ୍ବର ୧୦ ତାରିଖରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯିବ। କାର୍ଯ୍ୟକ୍ରମକୁ ବାଘାଯତୀନ ଉନ୍ନୟନ କମିଟିର ସାଧାରଣ ସମ୍ପାଦକ ହରେନ ଚନ୍ଦ୍ର ରଣା, ସମ୍ପାଦକ ଧିରେନ ନାୟକ, ଇନତେଖାଫ ଅଲ୍ଲୀ ଖାଁ, କୋଷାଧ୍ୟକ୍ଷ ଲାଭା ପାଣ୍ଡେ, ଉପ ସଭାପତି ସୁଧାଂଶୁ ଶେଖର ଦାସ, ଅପର୍ଣ୍ଣା ମହାପାତ୍ର, ଅର୍ଚ୍ଚନା ନନ୍ଦୀ, ହେମଲତା ଦାସ, ଛବିରାଣୀ ନନ୍ଦ,ଶ୍ରଦ୍ଧାଞ୍ଜଳୀ ରାୟ,ଜ୍ୟୋତ୍ସ୍ନା ସେନାପତି, ସଂଯୁକ୍ତା ମହାପାତ୍ର, ସଂଧାରାଣୀ ଭୂୟାଁ, ଲକ୍ଷ୍ମୀ ଘୋଷ, ଶତ୍ରୁଘ୍ନ ମଲ୍ଲିକ, ରବିନ୍ଦ୍ର ସାହୁ, ମହମ୍ମଦ ମୋକିମ ପ୍ରମୁଖ ସଭ୍ୟ ସଭ୍ୟା ପରିଚାଳନା କରିଥିଲେ।

# ବାଲିଆପାଳ ସାରସ୍ୱତ ସହର ପକ୍ଷରୁ ଭ୍ରାମ୍ୟମାଣ ସାହିତ୍ୟ ସଭା



କାଳିପଦା, ୨୪।୮ (ସମିସ): ବାଲିଆପାଳ ସାରସ୍ୱତ ସହର ଅଭିଯାନ କମିଟି ଓ ସୁବର୍ଣ୍ଣ ରେଖା ପ୍ରେସ କ୍ଲବ ପକ୍ଷରୁ ପାରୁଳିଆ ଛକସ୍ଥିତ ମହିଳା ସ୍ୱେଚ୍ଛାସେବୀ ସଂଗଠନ ରାହା ପରିସରରେ ରବିବାର ଭ୍ରାମ୍ୟମାଣ ସାହିତ୍ୟ ସଭା, କବିତା ପାଠୋଉତ୍ସବ, ପୁସ୍ତକ ଉନ୍ମୋଚନ, ସମ୍ବର୍ଦ୍ଧନା ପର୍ବ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। କମିଟି ସଭାପତି ସୁବାସ ଚନ୍ଦ୍ର ଚୌଧୁରୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କମିଟିର ଆବାହକ ଅଧ୍ୟାପକ ଡ଼ଃ ସୁକାନ୍ତ ଗିରି ଅତିଥି ପରିଚୟ ସ୍ୱାଗତ ଭାଷଣ, ସମ୍ପାଦକ ଗୋପାଳ କୃଷ୍ଣ ବିଶ୍ୱାଳ ବିବରଣୀ ପାଠ କରିଥିଲେ। ଅତିଥି ଭାବରେ ପୂର୍ବତନ ସୈନିକ ସଂଗଠନ ସଭାପତି କମଳ ଲୋଚନ ପିଳା, ପତଙ୍ଗ ଶିଶୁ ସାହିତ୍ୟ ଅନୁଷ୍ଠାନ ମୁଖ୍ୟ କବି ନଳିନୀ କାନ୍ତ ପାଢ଼ୀ, ପୂର୍ବତନ ଏସ ଆଇ ଅଫ ସ୍କୁଲସ୍ ମନ୍ମଥ କୁମାର ସାହୁ, ଯବନ କବି ସେକ ନିମାଜୀ, ବରିଷ୍ଠ କବି ବିଜୟ କୁମାର ପାତ୍ର ପ୍ରମୁଖ ଯୋଗ ଦେଇ ସାହିତ୍ୟ ଓ ସମାଜ ଶୀର୍ଷକ ଉପରେ ଆଲୋଚନା କରିଥିଲେ। କବୟିତ୍ରୀ କବିତା ଗିରି, ସାମ୍ବାଦିକା ନମିତା ସାମଲ, ଶ୍ରୀହରି ଚରଣ ମଣ୍ଡଳ, ସାମ୍ବାଦିକ ସନ୍ୟାସୀ ବେହେରା, ଜ୍ୟୋତି ରଞ୍ଜନ ପଟ୍ଟାୟତ, ହରେକୃଷ୍ଣ ତ୍ରିପାଠୀ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଏହି ଅବସରରେ ରାହା ସମ୍ପାଦିକା ଆରତୀ ପାତ୍ରଙ୍କୁ ସାରସ୍ୱତ ସହର ସ୍ୱତନ୍ତ୍ର ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇ ଥିଲା। ସୁବାସ ଚନ୍ଦ୍ର ଚୌଧୁରୀଙ୍କ ପୁସ୍ତକ "ଗଳ୍ପରେ ସୁବର୍ଣ୍ଣରେଖା'କୁ ଅତିଥି ମାନେ ଉନ୍ମୋଚନ କରିଥିଲେ। ରାଜେଶ କୁମାର ପାତ୍ର, ରାଜଶ୍ରୀ ପାତ୍ର, ନିରୁପମା ପାତ୍ର, ଦେବିଲିନା ଜେନା, ଧରିତ୍ରୀ ଜେନା, ବାଙ୍କ ବିହାରୀ ଜେନା, ଗୁଡଲି ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସୁବର୍ଣ୍ଣରେଖାରୁ ଜଳେଶ୍ୱର ସହରକୁ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ମଞ୍ଜୁର

**ସହରବାସୀଙ୍କୁ ୨୪ ଘଣ୍ଟିଆ ବିଶୁଦ୍ଧ ଜଳ ଯୋଗାଣର ବ୍ୟବସ୍ଥା**

ଜଳେଶ୍ୱର,୨୪।୮ (ସମିସ): ସୁବର୍ଣ୍ଣରେଖା ନଦୀକୂଳ, ଜଳେଶ୍ୱର ସହରରେ ଲୋକସଂଖ୍ୟା ବଢୁଥିବାରୁ ଭବିଷ୍ୟତରେ ପାନୀୟ ଜଳର ଚାହିଦା ମଧ ରହିଛି। ଏହା ସହିତ ଭୂତଳ ଜଳସ୍ତର ତଳକୁ ତଳକୁ ଖସୁଥିବାରୁ ଆଗାମୀ ଦିନରେ ସହରବାସୀଙ୍କ ପାନୀୟ ଜଳ ଭରଣା ଲାଗି ନିର୍ବାଚିତ ପ୍ରତିନିଧି ପ୍ରମୁଖ ପ୍ରଚେଷ୍ଟା କରିଆସୁଥିଲେ। ସମସ୍ୟା ସୁଧାର ଲାଗି ୧୯୯୦-୯୫ ମସିହାରେ ତତ୍କାଳୀନ ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କ ପ୍ରଚେଷ୍ଟାରେ ପ୍ରଥମ ଥର ସହରବାସୀଙ୍କୁ ପାଇପ ଯୋଗେ ପାନୀୟ ଜଳ ଯୋଗାଣ କାର୍ଯ୍ୟକ୍ରମ ଆରମ୍ଭ ମଧ ହୋଇଥିଲା। କିନ୍ତୁ ପାନୀୟ ଜଳ ସମସ୍ୟା ଉତ୍କଟ ହେଉଥିବାରୁ ଭବିଷ୍ୟତକୁ ଆଖିରେ ରଖି ସୁବର୍ଣ୍ଣରେଖା ନଦୀରୁ ବିଶୁଦ୍ଧ ପିଇବା ପାଣିକୁ ସହରବାସୀଙ୍କ ନିକଟରେ ଉପଲବ୍ଧ କରାଇବା ଲକ୍ଷ୍ୟରେ ଦୀର୍ଘଦିନ ଧରି ପ୍ରୟାସ କରିଆସୁଥିଲେ। ନିର୍ବାଚିତ ନଗର ପାଳ ପ୍ରତୀପ୍ କୁମାର ପ୍ରଧାନ ଓ ସ୍ଥାନୀୟ ବିଧାୟକ ଅଶ୍ୱିନୀ କୁମାର ପାତ୍ର ମିଳିତ ଭାବେ ତତ୍କାଳୀନ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନାଙ୍କ ନିକଟରେ ଦୃଢ଼ ଦାବି ଉପସ୍ଥାପନ କରିଥିଲେ। ଫଳରେ ମନ୍ତ୍ରୀ ଶ୍ରୀ ଜେନା ତତ୍କାଳୀନ ବାଲେଶ୍ୱର ଜିଲ୍ଲାପାଳ ଡି. ବି ସିନ୍ଦେଙ୍କୁ ଏକ ଡି.ପି.ଆର ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପରବର୍ତ୍ତୀ ସମୟରେ ଉଚ୍ଚ ସ୍ତରୀୟ କମିଟି ଦ୍ୱାରା ଉକ୍ତ ଡି.ପି.ଆର ଅନୁମୋଦିତ ହେବା ସହ ଟେଣ୍ଡର ପ୍ରକ୍ରିୟାକୁ ଯାଇଥିଲା। ପତ୍ର ସଂଖ୍ୟା ୭୧୪୨ ତାରିଖ ୨୪/୦୭/୨୦୨୫ ଅନୁସାରେ ଇ.ଆଇ.ସି,ପି. ଏଚ ସୁଚିତ୍ରା କଣ୍ଷ୍ଟ୍ରାକ୍ସନ କୁ ଚୁକ୍ତି କରି କାର୍ଯ୍ୟ ଆରମ୍ଭ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ପ୍ରକଳ୍ପର ଅନୁସାରେ ସୁବର୍ଣ୍ଣରେଖା ନଦୀ ମଧ୍ୟରେ ଇନଟେକ୍ ୱାଲ ନିର୍ମାଣ କରି ଶାନ୍ତିଆସ୍ଥିତ ଡିଗି ପୋଖରୀ ଠାରେ ଟ୍ରିଟମେଣ୍ଟ ପ୍ଲାଣ୍ଟ ନିର୍ମାଣ ସହ ସହରବାସୀଙ୍କୁ ୨୪ ଘଣ୍ଟିଆ ବିଶୁଦ୍ଧ ଜଳ ଯୋଗାଣର କରାଯିବର ବ୍ୟବସ୍ଥା ରହିଛି। ଫଳରେ ସହରବାସି ବିଶୁଦ୍ଧ ପିଇବା ପାଣି ଲାଗି ଆଦୌ ସମସ୍ୟାର ସମ୍ମୁଖୀନ ହେବେ ନାହିଁ। ଏ ସମ୍ପର୍କରେ ସୂଚନା ମିଳିବା ପରେ ସ୍ଥାନୀୟ ବିଧାୟକ,ନଗରପାଳ ପ୍ରମୁଖ ନେତୃତ୍ୱଙ୍କୁ ସହରବାସୀ ସାଧୁବାଦ ଜଣାଇଛନ୍ତି।

# ବନ୍ଦ କୋଠରିରୁ ଯୁବକଙ୍କ ମୃତଦେହ ଉଦ୍ଧାର

ରାଜଘାଟ, ୨୪।୮ (ସମିସ): ବାଲେଶ୍ୱର ଜିଲ୍ଲା ସିଂଲା ଥାନା ବାଲିଆପାଟି ଛକ ନିକଟସ୍ଥ ହିମାଂଶୁ ପଣ୍ଡାଙ୍କ ଘରେ ଭଡା ରେ ରହୁଥିବା ବାଲିଆପାଳ ଥାନା ହସିନପୁର ଗ୍ରାମର ସନ୍ୟାସୀ ଜେନାଙ୍କ ମୃତ ଦେହ ଝୁଲନ୍ତା ଅବସ୍ଥା ରେ ଉଦ୍ଧାର ହୋଇଛି। ଆଜି ଦିନ ଏଗାରଟା ସମୟରେ ରାସ୍ତା ରେ ଯାଉଥିବା କିଛି ଲୋକ ଉକ୍ତ ଘର ନିକଟରେ ପ୍ରବଳ ଗନ୍ଧ ହେଉଥିବା ଜାଣି ସ୍ଥାନୀୟ ଲୋକ ମାନଙ୍କୁ କହିଥିଲେ। ତେବେ ସେଠାରେ କିଛି ଲୋକ ଘର ଭିତରୁ ଗନ୍ଧ ବାହାରୁଥିବା ଜାଣି ତୁରନ୍ତ ପୁଲିସକୁ ଖବର ଦିଆଯାଇଥିଲେ। ପୁଲିସ ଘଟଣାସ୍ଥଳରେ ପହଂଚି ଭଡାଟିଆ ଶ୍ରୀ ଜେନାଙ୍କ ଘର କୁ ଖବର ଦେଇଥିଲେ। ଘର ଲୋକ ପହଂଚିବା ପରେ ପୁଲିସ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ କବାଟ ଭାଙ୍ଗି ଝୁଲନ୍ତା ଅବସ୍ଥାରେ ଥିବା ଶ୍ରୀ ଜେନାଙ୍କ ଶବକୁ ଉଦ୍ଧାର କରି ପୋଷ୍ଟ ମାର୍ଟମ ପାଇଁ ପଠାଇବା ସହିତ ଅଧିକ ତଦନ୍ତ ଜାରି ରହିଛି। ଶ୍ରୀ ଜେନା ଦଶ ବର୍ଷ ଧରି ଘରକୁ ଯାଉନଥିବା ବେଳେ ଘରେ ତାଙ୍କର ସ୍ତ୍ରୀ ପିଲା ମାନେ ରହି ଆସୁଛନ୍ତି।

# ଲଘୁଚାପଜନିତ ଲଗାଣ ବର୍ଷା ଜାରି

ବାଲେଶ୍ୱର,୨୪।୮ (ସମିସ): ବାଲେଶ୍ୱର ଜିଲ୍ଲାରେ ଆଜିକୁ ମିଶାଇ ଚାରିଦିନ ହେବ ଲଘୁଚାପ ଜନିତ ଲଗାଣ ବର୍ଷା ଜାରି ରହିଛି। ବାଲେଶ୍ୱର ଜିଲ୍ଲାରେ ଗତକାଲି ୩୩୯ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ଆଜି ମିଶି୧୪.୧୭ପ୍ରତିଶତ ହାରରେ ମୋଟ ୧୭୦ମିମି ବର୍ଷାର ପରିମାଣ ରେକର୍ଡ କରାଯାଇଛି। ବାହାନଗା ବ୍ଲକରେ ୮ମିମି ବର୍ଷା ହୋଇଥିବା ବେଳେ ବାଲେଶ୍ୱରରେ ୧୧ମିମି,ବାଲିଆପାଳରେ୧୮ ମିମି,ବସ୍ତାରେ ୮ମିମି, ଭୋଗରାଇରେ୨୩ମିମି, ଜଳେଶ୍ୱରରେ ଏକ ମିମି, ଖଇରାରେ ୮ ମିମି, ନୀଳଗିରିରେ ୧୦ମିମି,ଔପଦାରେ ୩୨ମିମି, ରେମୁଣାରେ ୮ ମିମି, ସିମୁଳିଆରେ ୧୧ମିମି ଏବଂ ସୋରରେ ୩୨ମିମି ବର୍ଷାର ପରିମାଣ ରେକର୍ଡ କରାଯାଇଛି।

# ମୁଖ୍ୟ ରାସ୍ତା ପାର୍ଶ୍ୱରେ ଖୁଣ୍ଟ ପୋତୁଛି ବିଦ୍ୟୁତ୍ ବିଭାଗ

ବସ୍ତା ବ୍ଲକ, ୨୪।୮ (ସମିସ)

ବାଲେଶ୍ୱର ଜିଲ୍ଲା ବସ୍ତାସ୍ଥିତ ଷ୍ଟେସନ ଛକ ଠାରୁ ବସ୍ତା ଛକ ଆଡ଼କୁ ଟିପି ଏନ୍ ଓ ଡି ଏଲ ପକ୍ଷରୁ ମୁଖ୍ୟ ରାସ୍ତାର ଉଭୟ ପାଶ୍ୱର୍ରେ ବିଦ୍ୟୁତ୍ ଖୁଣ୍ଟ ପୋତୁ ଥିବା ଦେଖିବାକୁ ମିଳିଛି। ପୂର୍ବରୁ ରାସ୍ତାର ଉଭୟ ପାଶ୍ୱର୍ ରେ ଥିବା ଉପଭୋକ୍ତାଙ୍କୁ ରାସ୍ତା ପାରି କରି ବିଦ୍ୟୁତ୍ ଯୋଗାଣ ହେଉଥିଲା। ଅନେକ ସମୟରେ ବଡ଼ ବଡ଼ ଟ୍ରକ୍ ତାର ଛିଣ୍ଡାଇ ଦେଉଥିଲା ତ କେତେବେଳେ ବାତ୍ୟାରେ ତାର ମୁଖ୍ୟ ରାସ୍ତା ଉପରେ ପଡୁଥିଲା। ତେଣୁ ରାସ୍ତାକୁ ବିପଦ ମୁକ୍ତ କରି ଉଭୟ ପାଶ୍ୱର୍ ରେ ପୋତା ଯାଉଥିବା ଖୁଣ୍ଟ ରୁ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଣ ହେବ ବୋଲି କୁହା ଯାଉଛି। ସୁରକ୍ଷା ଦୃଷ୍ଟି ରୁ ଏହା ଭଲ ହୋଇ ଥିବା ବେଳେ ରାସ୍ତାକୁ ଲାଗି ଖୁଣ୍ଟ ସବୁ ପୋତା ଯାଉଥିବା ଦେଖିବାକୁ ମିଳିଛି। ରାସ୍ତା ର ଉଭୟ ପାଶ୍ୱର୍ ରେ ଜବରଦଖଲ ଥିବା ବେଳେ ଜବର ଦଖଲ ଉଚ୍ଛେଦ ପାଇଁ ସରକାର ପକ୍ଷରୁ ମାପ ଜୁକ ସରିଥିବା ବେଳେ ଦୋକାନ ବଜାର କରି ବର୍ଷ ବର୍ଷ ଧରି ଗୁଜୁରାଣ ମେଣ୍ଟାଇ ଆସୁଥିବା ଦୋକାନୀ କୋର୍ଟ ର ଦ୍ୱାରସ୍ଥ ହେବା ପରେ ଏହା ବିଚାରଧୀନ ଅଛି। ଅନ୍ୟପକ୍ଷେ ଆଗକୁ ବସ୍ତାରେ ରେଳ ଓଭର ବ୍ରିଜ ନିର୍ମାଣ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ବିଦ୍ୟୁତ୍ ବିଭାଗ ପୁଣି ଖୁଣ୍ଟ ପୋତି ଜବରଦଖଲ କରୁଛି ବୋଲି ଅଭିଯୋଗ ହୋଇଛି। ଆଗାମୀ ଦିନରେ ଉନ୍ନତି ମୂଳକ କାର୍ଯ୍ୟ ପାଇଁ ବାଧକ ସଜିବା ଅଭିଯୋଗ ହୋଇଛି। ସରକାରୀ ଜାଗା ର ସୀମା ନିର୍ଦ୍ଧାରଣ ନକରି କାହା ଆଦେଶ ମୂଳେ ଏହି ଖୁଣ୍ଟି ପୋତୁଛି ତାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ଥରେ ଖୁଣ୍ଟ ପୋତି କାର୍ଯ୍ୟ ସାରିଦେଲେ ବିଦ୍ୟୁତ୍ ବିଭାଗକୁ ଧରିବା କଷ୍ଟ ସାଧ ବୋଲି କୁହା ଯାଉଛି। ଏହାର ଗୋଟିଏ ଉଦାହରଣ ବିଦ୍ୟୁତ୍ ବିଭାଗର ଏହି ଅଭିଯୋଗକୁ ପ୍ରମାଣିତ କରୁଛି। ବସ୍ତା ଷ୍ଟେସନ ଛକ ରାସ୍ତା ମଝିରେ ଏକ ବିଦ୍ୟୁତ୍ ଖୁଣ୍ଟରେ ଟ୍ରାନ୍ସଫର୍ମର ଅଛି। ଏହି ଖୁଣ୍ଟ ଯାତାୟାତରେ ପୂର୍ଣ୍ଣ ବାଧକ ସାଜିଥିବା ବେଳେ ସେହି ରାସ୍ତାରେ ଯାତାୟାତ ପାଇଁ ବିପଦ ପୂର୍ଣ୍ଣ ଭାବେ ରହିଛି। ସବୁ ଦେଖି ବିଦ୍ୟୁତ୍ ବିଭାଗ ଆଖି ବୁଜି ଦେଇଛି। ଏହି ଖୁଣ୍ଟକୁ ଉଠାଉ ନାହିଁ। ଖାଲି ଏହି ଜାଗାରେ ନୁହଁ ରାସ୍ତା କୁ ଲାଗି ଟ୍ରାନ୍ସଫରମାର ରହିଛି। ଯଦି ଭବିଷ୍ୟତ ରେ ରାସ୍ତା ସମ୍ପ୍ରସାରଣ ହୁଏ ତାହାଲେ ଏତେ ଖୁଣ୍ଟ କୁ ବସ୍ତା ରାଜସ୍ୱ ବିଭାଗ ଉଠାଇ ପାରିବ ତ ତାକୁ ନେଇ ସାଧାରଣରେ ପ୍ରଶ୍ନ ବାଚୀ ସୃଷ୍ଟି କରିଛି।





- ରାସ୍ତା ସମ୍ପ୍ରସାରଣ ପାଇଁ ସାଜି ପାରେ ବାଧକ
- ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ

# ଜଳେଶ୍ୱର ଅଞ୍ଚଳର ସମସ୍ୟା ସମାଧାନ ଦାବି

ଜଳେଶ୍ୱର ବ୍ଲକ, ୨୪।୮ (ସମିସ): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ନିର୍ବାଚନ ମଣ୍ଡଳୀରେ ଥିବା ଜଳେଶ୍ୱର ପଞ୍ଚାୟତ ସମିତିର ୩୫ଟି ଗ୍ରାମ ପଞ୍ଚାୟତ ଓ ବସ୍ତା ବ୍ଲକ ୧୪ଟି ଗ୍ରାମ ପଞ୍ଚାୟତ ମେଗା ପାନୀୟ ଜଳ ପ୍ରକଳ୍ପ ସାଙ୍ଗକୁ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ଉନ୍ନତିକରଣ ସାଙ୍ଗକୁ ଅସମ୍ପୂର୍ଣ୍ଣ ହୋଇ ରହିଛି। ରାସ୍ତା ପାନୀୟ ଜଳ ପ୍ରକଳ୍ପ କିପରି ଭାବରେ ଦୃତ ଗତିରେ କାର୍ଯ୍ୟକାରୀ ହୋଇ ଲୋକଙ୍କ ସମସ୍ୟା ସମାଧାନ କରାଯାଇ ପାରିବ ସେ ନେଇ ଓଡ଼ିଶା ସରକାରଙ୍କ ପଞ୍ଚାୟତରାଜ ପାନୀୟ ଜଳ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ମନ୍ତ୍ରୀ ରବି ନାରାୟଣ ନାୟକଙ୍କୁ ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ବିଜେପି ଦଳର ବିଧାୟକ ପ୍ରାର୍ଥୀ ତଥା ଯୁବ ନେତା ବ୍ରଜ ମୋହନ ପ୍ରଧାନ ଓ ରାଇବଣିଆ ଅଞ୍ଚଳର ଜଣେ ଉଦ୍ୟମାନ ଯୁବ ନେତା ରାସବିହାରୀ ରଣା ଲୋକ ସେବା ଭବନରେ ମନ୍ତ୍ରୀଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଆଲୋକପାତ କରିବା ସହିତ ସମସ୍ୟାର ସମାଧାନ ଲାଗି ଦାବିପତ୍ର ପ୍ରଦାନ କରିଥିଲେ।

# ତୁରନ୍ତ ଅମଲାଙ୍କ ସମସ୍ୟା ସମାଧାନ ଦାବି


ଜଳେଶ୍ୱର/ଜଳେଶ୍ୱର ବ୍ଲକ,୨୪।୮ (ସମିସ) : ସମଗ୍ର ରାଜ୍ୟରେ ଅମଲା(କିରାଣୀ) ମାନଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁଁ ସମସ୍ତ ଅଫିସ୍‌ରେ ଜନସେବା ଘୋର ପ୍ରଭାବିତ ହୋଇଛି। ଗତ ୧୪ ଦିନ ହେଲାଣି ରାଜ୍ୟ ଅମଲା ସଂଘ ଦ୍ୱାରା ସମସ୍ତ କନିଷ୍ଠ ଓ ବରିଷ୍ଠ ଅମଲା କଲମ ଛାଡ଼ ଆନ୍ଦୋଳନ କରୁଥିବାରୁ ନାହିଁ ନଥିବା ଅସୁବିଧା ସହିତ ଲୋକେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ଫଳରେ ଜନସାଧାରଣ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଶିକ୍ଷାର୍ଥୀଙ୍କ ଜାତି ପ୍ରମାଣପତ୍ର, କିମ୍ବା ଆୟ ପ୍ରମାଣ ପତ୍ର ମିଳିପାରୁ ନାହିଁ। ଦୂରଦୂରନ୍ତାରୁ ବାରମ୍ବାର ତହସିଲକୁ ଧାଇଁ ଆସୁଥିବା ଲୋକେ ନୟାନ୍ତ ହେଉଛନ୍ତି। କିନ୍ତୁ ସରକାର ଅନ୍ୟ ଉପରେ ଦୋଷ ଝାଡି ଅଜବ ଯୁକ୍ତି ବାଢୁଛନ୍ତି।ସମସ୍ୟା ସମାଧାନ ବଦଳରେ ଦମନ ନୀତି ଆପଣେଇ ସରକାର ମୁକାବିଲା ମନୋଭାବ ପୋଷଣ କରୁଛନ୍ତି। ପ୍ରାକୃତିକ ଦୁର୍ବିପାକ ସମୟରେ ଜନସାଧାରଣଙ୍କୁ ସେବା ଯୋଗାଇବା ପରିବର୍ତ୍ତେ ଅହଙ୍କାର ରେ ବୁଡ଼ି ରହିବା ପରିତାପର ବିଷୟ। ସରକାରଙ୍କ ଦ୍ୱାରା ନିୟୋଜିତ ଅମଲା ମାନଙ୍କ ଦାବୀ ଗୁଡ଼ିକୁ ଆଲୋଚନା ମାଧ୍ୟମରେ ପୂରଣ କରି ଅଚଳାବସ୍ଥାକୁ ଦୂର କରିବା ଲାଗି ଜଳେଶ୍ୱର ସିପିଆଇଏମ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତିରେ ଦାବି କରାଯାଇଛି। ତୁରନ୍ତ, ଅମାଲା ଓ ଲୋକ ମାନଙ୍କ ସମସ୍ୟା ସମାଧାନ ଲାଗି ସିପିଏମର ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଦସ୍ୟ ଦିପ୍ତିମାନ ଆଚାର୍ଯ୍ୟ, ଦିଲ୍ଲୀପ କୁମାର ଗିରି, ଜଳେଶ୍ୱର ଆଞ୍ଚଳିକ କମିଟି ସମ୍ପାଦକ ଅକ୍ଷୟ କୁମାର ମିଶ୍ର ଦୃଢ଼ ଦାବି କରିଛନ୍ତି।

# ମାଦକଦ୍ରବ୍ୟ ବିକ୍ରିକୁ ବିରୋଧ କରିବାରୁ ହତ୍ୟା ଧମକ

ନୀଳଗିରି, ୨୪।୮ (ସମିସ): ବିଭିନ୍ନ ମାଦକଦ୍ରବ୍ୟ ବିକ୍ରି କରୁଥିବା ଜୈନିକ ବ୍ୟବସାୟୀକୁ ବିରୋଧ କରିବାରୁ ଆକ୍ରୋଶର ଶିକାରହୋଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି ନୀଳଗିରି ଥାନା ସଠିଲୋ ବଲବଲିଆ କୁଆନାଳି ଗ୍ରାମର ଯୁବକ ଟିକିନା ଖଟୁଆ(୨୭)। ଉକ୍ତ ଗ୍ରାମର ଚୈତନ୍ୟ ବିଶ୍ୱାଳ (୬୨) ନାମକ ବ୍ୟକ୍ତି ନିକଟସ୍ଥ ଏୟାରଟେଲ ଟାୱାର ନିକଟରେ ବିଭିନ୍ନ ପ୍ରକାରର ନିଶାଦ୍ରବ୍ୟ ବିକ୍ରି କରୁଥିବା ବେଳେ ଉକ୍ତ ଅଞ୍ଚଳର ଲୋକମାନେ ନିଶାସେବନ କରି ପଥଭ୍ରଷ୍ଟ ହେବା ସହିତ ରୋଗାକ୍ରାନ୍ତ ହେଉଛନ୍ତି। ଗ୍ରାମର ଟିକିନା ଖଟୁଆ ନାମକ ଯୁବକ ଗତ୨୩ ତାରିଖ ସନ୍ଧ୍ୟା ୮ଟା ସମୟରେ ଏହାକୁ ବିରୋଧ କରିବାରୁ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ତାଙ୍କ ବାଇକକୁ ନିକଟସ୍ଥ ଗାଡିଆ ନିକଟକୁ ପେଲି ଦେଇଥିଲେ। ପୁନର୍ବାର ରବିବାର ସକାଳେ ମଧ୍ୟ ଚୈତନ୍ୟ ଏବଂ କିଛି ସହଯୋଗୀ ଟିକିନାଙ୍କ ଘର ହତାମଧ୍ୟରେ ପଶି ଗାଳିଗୁଲଜ କରିବା ସହିତ ଥାନାର ଦ୍ୱାରସ୍ଥ ହେଲେ ଜୀବନରୁ ମାରିଦେବାର ଧମକ ଦେଇଥିବା ନେଇ ଟିକିନା ନୀଳଗିରି ଥାନାରେ ଲିଖିତ ଅଭିଯୋଗ କରିଥିବା ସୂଚନା ମିଳିଛି।

# କୃଷ୍ଣଚନ୍ଦ୍ର ପିପିଲି କଲେଜର ସଂସ୍କୃତ ବିଭାଗରେ ଜାତୀୟ ପାଠଚକ୍ର

ବାଲିଆପାଳ, ୨୪।୮ (ସମିସ): ବାଲିଆପାଳ ପଞ୍ଚାୟତ ସମିତି ସ୍ଥିତି କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟ, ଜଗାଇ, ବାଲେଶ୍ୱରର ସଂସ୍କୃତ ସମ୍ମାନ ବିଭାଗ ଓ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ ଜାମଶୂଳୀର ମିଳିତ ସହଯୋଗରେ ଜାତୀୟ ପାଠଚକ୍ର ଅଧ୍ୟକ୍ଷା ଡ. ମାନସୀ ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ପାଠଚକ୍ରରେ ସୀତାରାମ ବେଦିକ ଆଦର୍ଶ ସଂସ୍କୃତ ମହାବିଦ୍ୟାଳୟ, କୋଲକାତା, ପଶ୍ଚିମବଙ୍ଗର ସହକାରୀ ପ୍ରଫେସର ଡ଼ ଶଶୀଭୂଷଣ ମିଶ୍ର ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ ଭାରତର ବୈଦିକ ଶାସ୍ତ୍ର ବେଦ ହିଁ ପ୍ରକୃତି ଓ ପରିବେଶ ରକ୍ଷାର ମୂଳ ସମ୍ବଳ ବୋଲି ସାରଗର୍ଭକ ମତ ଉପସ୍ଥାପନ କରିଥିଲେ । ବିଶ୍ୱଭାରତୀ ଶାନ୍ତିନିକେତନର ଅବସରପ୍ରାପ୍ତ ପ୍ରଫେସର ଡ଼ ଅରୁଣ ରଞ୍ଜନ ମିଶ୍ର ସମୀକ୍ଷକ ଭାବେ ଯୋଗଦେଇ ଚାରିବେଦ ଆନୁକୂଲ୍ୟରେ ପରିବେଶ ସୁରକ୍ଷାର ପ୍ରାମାଣିକ ତଥ୍ୟ ସହ ସାମବେଦର ବୈଜ୍ଞାନିକ ବିଶ୍ଳେଷଣ ପୂର୍ବକ ଭାବଗର୍ଭକ ଆଲୋଚନା ରଖିଥିଲେ। ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ, ଜାମଶୁଳୀର ଅଧ୍ୟକ୍ଷ ପ୍ରଫେସର ଦିବ୍ୟନ୍ଦୁ କୁମାର ଗିରି ବିଜ୍ଞାନ ସହିତ ବେଦର ସମନ୍ୱୟ ହିଁ ଆଜିର ଆବଶ୍ୟକତା ବୋଲି ମତ ରଖିଥିଲେ। ଦର୍ଶନ ବିଭାଗ ଅଧ୍ୟାପକ ଅଭିଳାଷ ବେହେରା ଅତିଥିଙ୍କୁ ମଞ୍ଚକୁ ଆହ୍ୱାନ କରିଥିବା ବେଳେ ବିଭାଗ ମୁଖ୍ୟ ଡ. ବାମଦେବ ଆଚାର୍ଯ୍ୟ ପାଠଚକ୍ର ବିଷୟକ ଭିତ୍ତି ପ୍ରବନ୍ଧ ପାଠ କରିଥିଲେ। ପାଠଚକ୍ର ପରିଚାଳନା ସମିତିର ସଦସ୍ୟ ଇତିହାସ ବିଭାଗ ମୁଖ୍ୟ ଅଧ୍ୟାପକ ପ୍ରଭାଂଶୁ କୁମାର ସି, ଅଧ୍ୟାପକ ଆଶିଷ ଓଝା, ରାଜନୀତି ବିଜ୍ଞାନର ଅଧ୍ୟାପକ ପ୍ରଭାତ କୁମାର ଜେନା ଓ ଜାମସୁଳି କଲେଜର ଅଧ୍ୟାପିକା ତନୁଶ୍ରୀ ନାୟକ,ପଦାର୍ଥ ବିଜ୍ଞାନ ଅଧ୍ୟାପକ ପ୍ରଭାତ କୁମାର ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।





## ଆଜିର ରାଶିଫଳ

**ମେଷ:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ଭାଇ ଭଉଣୀଙ୍କ ସହଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ନୂଆ ବ୍ୟବସାୟ ଆରମ୍ଭ କରିବେ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ନିବେଶରୁ ଲାଭ ପାଇବେ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**କର୍କଟ:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଛତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**କନ୍ୟା:** ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିବେ ଏବଂ ପେଟଜନିତ ସମସ୍ୟା ଦେଖା ଦେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ।

**ତୁଳା:** ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ବିଛା:** ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନରେ ତିକ୍ତତା ଆସିବ।

**ଧନୁ:** ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ନୂଆ ଗାଡ଼ି କିଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ ସହକର୍ମୀଙ୍କ ସାହାଯ୍ୟ ମିଳିବ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ। ଛାତ୍ରଛାତ୍ରୀ ମନୋରଞ୍ଜନରେ ସମୟ ଅତିବାହିତ କରିବେ।

**ମୀନ:** ବ୍ୟବସାୟରେ ବାଧା ଆସିବ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଅସହାୟଙ୍କୁ ସାହାଯ୍ୟ କରିବେ।

## ଆଜିର ଇତିହାସ

- ୧୮୬୭- ପ୍ରସିଦ୍ଧ ଭୌତିକ ବିଜ୍ଞାନୀ ମାଇକେଲ୍ ଫାରାଡେଙ୍କ ଦେହାନ୍ତ।
- ୧୯୫୭- ଭାରତୀୟ ପୋଲୋ ଟିମ୍ ବିଶ୍ୱକପ୍ ଜିତିଲା।
- ୧୯୮୦- ଜିମ୍ବାୱେ ଜାତିସଂଘରେ ସାମିଲ ହେଲା।
- ୨୦୦୩- ମୁମ୍ବାଇରେ ହୋଇଥିବା ଏକ କାର୍ ବିସ୍ଫୋରଣରେ ୫୨ ଜଣ ମୃତ ଓ ୩୦୦ ଆହତ।


## ଆଜି ଆସିଥିଲେ

# ଛନ୍ଦକବି ରାଧାମୋହନ ଗଡ଼ନାୟକ



ରାଧାମୋହନ ଗଡ଼ନାୟକ ଜଣେ ସଫଳ ଓ ପ୍ରତିଭାଶାଳୀ ଓଡ଼ିଆ କବି ଥିଲେ। ସବୁଜ ଗୋଷ୍ଠୀର ସାହିତ୍ୟ ସାଧନା କାଳରେ ଏକକ କବି ଭାବରେ ସେ ପରିଚିତ ଥିଲେ। କେନ୍ଦ୍ର ସାହିତ୍ୟ ଏକାଡେମୀ ସମ୍ମାନପ୍ରାପ୍ତ ଏହି କବିଙ୍କ କବିତାରେ ଥିଲା ସ୍ୱଦେଶ ପ୍ରୀତି ଓ ସୌନ୍ଦର୍ଯ୍ୟର ଅନୁଭୂତି। ଛନ୍ଦର ଲାଳିତ୍ୟ, କବିତାର ଗାମ୍ଭୀର୍ଯ୍ୟ, ଭାଷା ଚାତୁରୀ, ବିଷୟ ଚୟନରେ ସେ ଥିଲେ ଅନନ୍ୟ। ରାଧାମୋହନ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ସମ୍ପୂର୍ଣ୍ଣ ଭାବେ ନୂତନତା ଆଣିଥିଲେ। ପୁରାଣ ପୃଷ୍ଠାରୁ, ଇତିହାସ ପୃଷ୍ଠାରୁ, କାହାଣୀରୁ, କିମ୍ବଦନ୍ତୀରୁ ବିଭିନ୍ନ ଚରିତ୍ରଙ୍କୁ ନେଇ ସେ କବିତା ରଚନା କରିଥିଲେ। ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ପରେ ଓଡ଼ିଆ ସାହିତ୍ୟରେ ସେ ହେଉଛନ୍ତି ଅନ୍ୟତମ ସଫଳ ଗାଥା କବି। ୧୯୧୧ ମସିହା ଆଜିର ଦିନରେ ଅବିଭକ୍ତ ଢେଙ୍କାନାଳ ଜିଲ୍ଲାର କଲଣ୍ଡାପାଳ ଗାଁରେ ରାଧାମୋହନ ଜନ୍ମ ହୋଇଥିଲେ। ଗଡ଼ସନ୍ତରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଠ ପଢ଼ିବା ସମୟରେ ମାତ୍ର ଆଠବର୍ଷ ବୟସରେ ସେ ପ୍ରଥମ କବିତା 'ତାରା' ରଚନା କରିଥିଲେ। ଏହାପରେ ସେ କଟକସ୍ଥିତ ଖ୍ରୀଷ୍ଟ କଲେଜରେ ପାଠ ପଢ଼ିଲେ। ସେଠାରେ ସେ 'କାବ୍ୟନାୟିକା' ରଚନା କରି ଖୁବ୍ ପ୍ରଶଂସିତ ହୋଇଥିଲେ। ୧୯୨୭-୧୯୨୮ ମସିହାରେ ଦେଶସେବକ ତଥା ସ୍ୱାଧୀନତା ସଂଗ୍ରାମୀ ଚନ୍ଦ୍ରଶେଖର ମିଶ୍ରଙ୍କ ଦ୍ୱାରା ପ୍ରଭାବିତ ହୋଇ ଜାତି ଓ ଦେଶପ୍ରେମମୂଳକ କବିତାବଳୀ ରଚନା କରିଥିଲେ। ଉତ୍କଳ ସାହିତ୍ୟ ସମ୍ମିଳନୀ ଓ ଓଡ଼ିଶା ସାହିତ୍ୟ ଏକାଡେମୀ ଆଦି ଅନେକ ଅନୁଷ୍ଠାନର ସେ ସଭାପତି ଓ ଉପସଭାପତି ଭାବରେ ଦାୟିତ୍ୱ ତୁଲାଇଲେ। । 'କାବ୍ୟ ନାୟିକା', 'ଉତ୍କଳିକା', 'କୈଶୋରିକା', 'ଶାମୁକାର ସ୍ୱପ୍ନ', 'ପଶୁପକ୍ଷୀର କାବ୍ୟ', 'ସୂର୍ଯ୍ୟ ଓ ଅନ୍ଧକାର' ଓ 'ଦୀପଶିଖା' ଆଦି ତାଙ୍କର ଅନବଦ୍ୟ କୃତି। 'ସୂର୍ଯ୍ୟ ଓ ଅନ୍ଧକାର' ପୁସ୍ତକ ପାଇଁ ୧୯୭୫ରେ ତାଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମି ପୁରସ୍କାର ମିଳିଥିଲା। ୧୯୯୦ ମସିହାରେ କେନ୍ଦ୍ର ସରକାରଙ୍କ ଦ୍ୱାରା ତାଙ୍କୁ 'ପଦ୍ମଶ୍ରୀ' ପ୍ରଦାନ କରାଯାଇଥିଲା। ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର ପାଇବାରେ ସେ ପ୍ରଥମ ସାହିତ୍ୟିକ। ୨୦୦୦ ମସିହା ଫେବ୍ରୁଆରୀ ୨୧ ତାରିଖରେ ତାଙ୍କର ପରଲୋକ ଘଟିଥିଲା।

# ସାରସ୍ୱତ ସାଧକ ରତ୍ନାକର ଚଇନି



ଓଡ଼ିଆ ସାହିତ୍ୟ ଜଗତରେ ଏକ ପରିଚିତ ନାଁ ଡ.ରତ୍ନାକର ଚଇନି। ଜଣେ ନାଟ୍ୟକାର, ଗାଳ୍ପିକ, ଔପନ୍ୟାସିକ ଓ ସମାଲୋଚକ ଭାବେ ସେ ବେଶ୍ ସୁଖ୍ୟାତି ଅର୍ଜନ କରିଥିଲେ। ତାଙ୍କ ଜୀବନକାଳରେ ସେ ଶତାଧିକ ପୁସ୍ତକ ଲେଖିଥିଲେ। ୧୯୪୫ ମସିହା ଆଜିର ଦିନରେ କଟକ ଜିଲ୍ଲା ସାଲେପୁର ନିକଟ ଅରେଇ ଗ୍ରାମରେ ରତ୍ନାକର ଜନ୍ମଗ୍ରହଣ କରିଥିଲେ। ନେମାଳ ହାଇସ୍କୁଲରୁ ଦଶମ ଶ୍ରେଣୀ ପାସ୍ କରିବା ପରେ ସେ ଖ୍ରୀଷ୍ଟ କଲେଜରୁ ସ୍ନାତକ କରିଥିଲେ। ପରେ ରେଭେନ୍ସା କଲେଜରୁ ଓଡ଼ିଆରେ ଏମ୍‌ଏ ପାସ୍ କରି ଉତ୍କଳ ବିଶ୍ୱବିଦ୍ୟାଳୟରୁ ପିଏଚ୍‌ଡି ଲାଭ କରିଥିଲେ। ୧୯୭୯ ମସିହାରେ ଅଧ୍ୟାପନା ଜୀବନ ଆରମ୍ଭ କରି ସେ ରାଜେନ୍ଦ୍ର କଲେଜ, ଢେଙ୍କାନାଳ କଲେଜ, ଖଲ୍ଲିକୋଟ କଲେଜ, ରେଭେନ୍ସା କଲେଜ, ବିଜେବି କଲେଜରେ କାର୍ଯ୍ୟ କରିବା ପରେ ଶୈଳବାଳା ମହାବିଦ୍ୟାଳୟରୁ ଓଡ଼ିଆ ବିଭାଗର ମୁଖ୍ୟ ଭାବେ ଅବସର ଗ୍ରହଣ କରିଥିଲେ। ଉତ୍କଳ ସାହିତ୍ୟ ସମାଜର ସେ ସମ୍ପାଦକ ଓ ସଭାପତି ଥିଲେ। ଜାତୀୟସ୍ତରରେ ପ୍ରତିଷ୍ଠିତ 'ସଂସ୍କାର ଭାରତୀ' ସଂଗଠନର ସେ ରାଜ୍ୟ ସଭାପତି ରହି ଓଡ଼ିଶାର କଳା ସଂସ୍କୃତି ବିକାଶ ଦିଗରେ ଅନେକ କାର୍ଯ୍ୟ କରିଥିଲେ। ଜଣେ ସଫଳ ନାଟ୍ୟକାର ଭାବେ ସେ ଓଡ଼ିଶାର ନାଟ୍ୟପ୍ରେମୀଙ୍କ ନିକଟରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ତାଙ୍କ ରଚିତ ନାଟକ ଓ ଉପନ୍ୟାସ ମଧ୍ୟରେ 'ଅଥଚ ଚାଣକ୍ୟ', 'ଅସ୍ତରାଗର ଚନ୍ଦ୍ର', 'ରାଜହଂସ', 'ମଞ୍ଚ ନାୟିକା', 'ଅପେଦବତା', 'ପୁନଶ୍ଚ ପୃଥିବୀ', 'କଳଙ୍କିତ ସୂର୍ଯ୍ୟ', 'ମୁଖା', 'ସୁନା କଳସ', 'ଶେଷ ଅଶ୍ରୁ', ' 'ଅବ୍ୟକ୍ତ ଗୋଧୁଳି', 'ଲୁହ ଲହରୀ, ଏବଂ 'ଫୁଲ ଫଗୁଣ' ଇତ୍ୟାଦି ପାଠକ ମହଲରେ ଆଦୃତି ପାଇଥିଲା। 'ଅଥଚ ଚାଣକ୍ୟ' ନାଟକରେ ସେ ଓଡ଼ିଆ ଆଧୁନିକ ନାଟ୍ୟ ଜଗତରେ ଏକ ନୂତନ ଧାରା ପ୍ରଚଳନ କରିଥିଲେ ବୋଲି କୁହାଯାଏ। ଏହି ନାଟକ ବହୁଜାଗାରେ ମଞ୍ଚସ୍ଥ ହୋଇଛି। ୧୯୭୭ ମସିହାରେ 'କଳଙ୍କିତ ସୂର୍ଯ୍ୟ' ନାଟକ ପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ। ତାଙ୍କ ରଚିତ କ୍ଷୁଦ୍ରଗଳ୍ପ ସଂକଳନ 'ମୁଠାଏ ଶୂନ୍ୟତା', 'କହ ଲଳିତା', 'ନିଷିଦ୍ଧ ଶୃଙ୍ଗାର' ଆଦି ବେଶ୍ ଜନାଦୃତ ହୋଇଥିଲା। ତାଙ୍କ ଦ୍ୱାରା ରଚିତ କାହାଣୀ 'ଶୂନ୍ୟସ୍ୱରୂପ' ଚଳଚ୍ଚିତ୍ର ଭାବେ ହିମାଂଶୁ ଖଟୁଆଙ୍କ ନିର୍ଦ୍ଦେଶନାରେ ୧୯୯୭ରେ ମୁକ୍ତିଲାଭ କରିଥିଲା। ଏହା ଶ୍ରେଷ୍ଠ ଆଞ୍ଚଳିକ ଚଳଚ୍ଚିତ୍ର ରୂପେ ଜାତୀୟସ୍ତରରେ ପୁରସ୍କୃତ ହେବା ସହ ରତ୍ନାକର ଶ୍ରେଷ୍ଠ ସଂଳାପ ଲେଖକ ରୂପେ ପୁରସ୍କୃତ ହୋଇଥିଲେ। ସାହିତ୍ୟ ସର୍ଜନା ପାଇଁ ରାଜ୍ୟ ତଥା ଜାତୀୟ ସ୍ତରରେ ରତ୍ନାକର ବହୁ ପୁରସ୍କାରରେ ସମ୍ମାନିତ ହୋଇଥିଲେ । ଏହି ମହାନ୍ ସାରସ୍ୱତ ସାଧକଙ୍କର ୨୦୨୦ ମସିହା ଅପ୍ରେଲ ୧୮ ତାରିଖରେ ପରଲୋକ ଘଟିଥିଲା ।

# ନଭେମ୍ବରରୁ ସୁଟିଂ ଆରମ୍ଭ କରିବେ ଦୀପିକା



ବଲିଉଡ୍‌ର ଜଣେ ଆଗଧାଡ଼ିର ଅଭିନେତ୍ରୀ ଭାବେ ଦୀପିକା ପାଦୁ୍ୟକୋନ୍ ଜଣାଯାନ୍ତି। ଦୀପିକା ତାଙ୍କର ଷ୍ଟାଇଲିସ୍ ଲୁକ୍ ଓ ଦମ୍‌ଦାର ଅଭିନୟ ପାଇଁ ବେଶ୍ ପରିଚିତ। ଇତିମଧ୍ୟରେ ଦୀପିକା ତାଙ୍କର ଆଗାମୀ ଫିଲ୍ମକୁ ନେଇ ବେଶ୍ ଚର୍ଚ୍ଚାରେ ରହିଛନ୍ତି। ଫିଲ୍ମର ଟାଇଟଲ୍ ରହିଛି ' AA22xA6 '। ଏଥିରେ ସେ ସାଉଥ୍ ସୁପରଷ୍ଟାର୍ ଅଲ୍ଲୁ ଅର୍ଜୁନ୍‌ଙ୍କ ବିପକ୍ଷରେ ନଜର ଆସିବେ। ଏହାକୁ ଭାରତୀୟ ଫିଲ୍ମ ଇତିହାସର ସବୁଠୁ ବଡ଼ ବଜେଟ୍‌ର ଫିଲ୍ମ ବୋଲି କୁହାଯାଉଛି। ଫିଲ୍ମର ଆକ୍ସନ୍ ସିନ୍‌ଗୁଡ଼ିକ ଉନ୍ନତମାନରେ ଡିଜାଇନ୍ କରିବା ପାଇଁ ପ୍ରଯୋଜକ ଅନ୍ତରାଷ୍ଟ୍ରୀୟ କ୍ରୁକୁ ସାମିଲ କରିଛନ୍ତି। କେବଳ ଆକ୍ସନ୍ ସିନ୍ ପାଇଁ ନୁହେଁ ଏଥିରେ ବହୁ ଆଗଧାଡ଼ିର କଳାକାରମାନେ କାମ କରୁଥିବାରୁ ଫିଲ୍ମର ବଜେଟ୍ ବଢ଼ି ଯାଇଥିବା କୁହାଯାଉଛି। ଏଥିରେ ଅଲ୍ଲୁ ଓ ଦୀପିକାଙ୍କ ସହ ମୃଣାଳ ଠାକୁର, ଜାହ୍ନବୀ କପୁର, ରଶ୍ମିକା ମନ୍ଦାନା ପ୍ରମୁଖ ନଜର ଆସିବେ। ଇତିମଧ୍ୟରେ ଅଲ୍ଲୁ ସୁଟିଂ ଆରମ୍ଭ କରି ଦେଇଛନ୍ତି। ନଭେମ୍ବରରୁ ଦୀପିକା ଫିଲ୍ମର ସୁଟିଂ ଆରମ୍ଭ କରିବେ ବୋଲି ଜଣାପଡ଼ିଛି। ସେ ପାଖାପାଖି ୧୦୦ ଦିନ ଧରି ଏହାର ସୁଟିଂ କରିବେ। ଦୀପିକାଙ୍କ ପାଇଁ ଯୋଦ୍ଧାର ଏକ ଖାସ୍ ଲୁକ୍ ଓ ହତିଆର ପ୍ରସ୍ତୁତ କରାଯାଇଛି। ଅଲ୍ଲୁ ଏଥିରେ ଏକାଧିକ ଭୂମିକାରେ ନଜର ଆସିବେ। ' AA22xA6 'ର ସୁଟିଂ ୨୦୨୬ ସେପ୍ଟେମ୍ବର ଯାଏଁ ଚାଲିବ। ୨୦୨୭ ଆରମ୍ଭରେ ଏହା ରିଲିଜ୍ ହୋଇପାରେ।

# ଅଗ୍ରପୂଜ୍ୟ ଶ୍ରୀଗଣେଶ



**ଗୋଟିଏ ଦିନ ଛାଡ଼ି ମହା ଆଡମ୍ବରରେ ଚାରିଆଡ଼େ ପାଳନ ହେବ ଗଣେଶ ଚତୁର୍ଥୀ। ପ୍ରତ୍ୟେକ ଶୁଭକାର୍ଯ୍ୟରେ ଗଣେଶଙ୍କ ପୂଜା ପ୍ରଥମେ କରାଯାଏ। ତେଣୁ ତାଙ୍କୁ ଅଗ୍ରପୂଜ୍ୟ ବୋଲି କୁହାଯାଏ। ତେବେ ତାଙ୍କର ଏହି ପ୍ରଥମ ପୂଜା ପାଇବାକୁ ନେଇ ଏକ ସୁନ୍ଦର କାହାଣୀ ଅଛି।**

ବାଲ୍ୟକାଳରେ ଥରେ ଶ୍ରୀଗଣେଶ ଓ ଶ୍ରୀକାର୍ତ୍ତିକଙ୍କ ମଧ୍ୟରେ ବୁଦ୍ଧିମାନ କିଏ, ତାହାକୁ ନେଇ ଝଗଡ଼ା ଲାଗିଲା। ସେଇଠୁ ଏହି ପ୍ରଶ୍ନକୁ ନେଇ ଦୁହେଁ ମହାଦେବଙ୍କ ପାଖରେ ପହଞ୍ଚିଲେ। ଶିବ ଦୁହିଁଙ୍କୁ କହିଲେ, 'ଯିଏ ସର୍ବପ୍ରଥମେ ବ୍ରହ୍ମାଣ୍ଡକୁ ପରିକ୍ରମା କରି ତାଙ୍କ ପାଖରେ ଆସି ପହଞ୍ଚିବ, ସିଏ ଜିତିବ।' ଏହାପରେ କାର୍ତ୍ତିକ ନିଜ ବାହନ ମୟୂର ଉପରେ ବିରାଜମାନ କରି ବିଶ୍ୱ ଭ୍ରମଣ କରିବାକୁ ବାହାରିଲେ। ମାତ୍ର ଗଣେଶ ନିଜ ପିତା ଓ ମାତାଙ୍କ ଚାରିପାର୍ଶ୍ୱକୁ ପରିକ୍ରମା କରି ତାଙ୍କ ସାମ୍ନାରେ ଛିଡ଼ା ହେଲେ। ଏହାସହ ସେ କହିଲେ, ତାଙ୍କ ପାଇଁ ତାଙ୍କ ପିତା ଓ ମାତା ହେଉଛନ୍ତି ସର୍ବସ୍ୱ। ଦୁହିଁଙ୍କ ପରିକ୍ରମା କରି ସେ ବ୍ରହ୍ମାଣ୍ଡ ପରିକ୍ରମା ପୂର୍ଣ୍ଣ କରିଛନ୍ତି ବୋଲି କହିଲେ।

ଏକଥା ଶୁଣି ଶିବ ତାଙ୍କୁ କହିଲେ, 'ତୁମେ ବହୁତ ବୁଦ୍ଧିମାନ।' ଏହାସହ ତାଙ୍କୁ ଆର୍ଶିବାଦ ଦେଲେ, 'ପ୍ରତ୍ୟେକ ଶୁଭକାର୍ଯ୍ୟରେ ସର୍ବପ୍ରଥମେ ଗଣେଶଙ୍କର ପୂଜା ହେବ।' ସେଥିପାଇଁ ଶ୍ରୀଗଣେଶଙ୍କୁ ପ୍ରଥମ ପୂଜନୀୟ ବା ଅଗ୍ରପୂଜ୍ୟ ବୋଲି କୁହାଯାଏ।

## ସ୍ୱସ୍ତି

# ପବିତ୍ର ରାଧାଷ୍ଟମୀ



ଶ୍ରୀକୃଷ୍ଣ ବିନା ରାଧା ଅଧା। ରାଧା ବିନା ଶ୍ରୀକୃଷ୍ଣ ଅଧା। ଯେତେବେଳେ ବି ଶ୍ରୀକୃଷ୍ଣଙ୍କ ନାମ ଆସେ ଶ୍ରୀରାଧାରାଣୀଙ୍କ ନାଁ ଆପେ ଆସିଥାଏ। ତେଣୁ ହିନ୍ଦୁଧର୍ମରେ 'ଜନ୍ମାଷ୍ଟମୀ' ଭଳି 'ରାଧାଷ୍ଟମୀ'ର ଖୁବ୍ ମହତ୍ତ୍ୱ ଅଛି। ଜନ୍ମାଷ୍ଟମୀର ୧୫ ଦିନ ପରେ ରାଧାଷ୍ଟମୀ ଉତ୍ସବ ପାଳନ କରାଯାଏ। ଭାଦ୍ରବ ଶୁକ୍ଳ ଅଷ୍ଟମୀରେ ଏହି ବ୍ରତ ପାଳନ କରାଯାଏ। ଚଳିତ ବର୍ଷ ଅଗଷ୍ଟ ୩୧ ତାରିଖରେ ପାଳନ ହେବ ପବିତ୍ର ରାଧାଷ୍ଟମୀ।

ଏହିଦିନ ଶ୍ରୀରାଧାଙ୍କ ଜନ୍ମ। ଶ୍ରୀକୃଷ୍ଣ ମଧ୍ୟରାତ୍ରିରେ ଜନ୍ମ ଗ୍ରହଣ କରିଥିବା ବେଳେ ଶ୍ରୀରାଧା ମଧ୍ୟାହ୍ନରେ ଜନ୍ମଗ୍ରହଣ କରିଥିଲେ। ବୈଷ୍ଣବମାନେ ଶ୍ରୀରାଧାଙ୍କର ଜନ୍ମତିଥିକୁ 'ରାଧାଷ୍ଟମୀ' ଭାବେ ପାଳନ କରନ୍ତି। ବୈଷ୍ଣବମାନଙ୍କ ମତରେ କୃଷ୍ଣଭକ୍ତି ଓ ପ୍ରାପ୍ତିର ମାଧ୍ୟମ। ରାଧାଷ୍ଟମୀ ଦିନ ରାଧାରାଣୀଙ୍କ ପୂଜାର୍ଚ୍ଚନା ନୀତିନିୟମ ସହ କରାଯାଏ। ରାଧାଷ୍ଟମୀ ବ୍ରତ କଲେ ସମସ୍ତ ପାପ କ୍ଷୟ ହୁଏ ବୋଲି ବିଶ୍ୱାସ ଅଛି। ରାଧାଷ୍ଟମୀରେ ରାଧାଙ୍କର ଜନ୍ମ ବୃତ୍ତାନ୍ତ ବ୍ୟତୀତ ଏକ ବ୍ରତ କଥା ପାଠ ହୁଏ। ତେବେ ଶ୍ରୀରାଧାଙ୍କୁ ଦେବୀ ଲକ୍ଷ୍ମୀଙ୍କ ଅବତାର ଭାବେ ଗ୍ରହଣ କରାଯାଏ। ଏହି ଦିନ ଶ୍ରୀରାଧାଙ୍କ ପୂଜା କରିବା ଦ୍ୱାରା ସମସ୍ତ ମନସ୍କାମନା ପୂରଣ ହେଉଥିବା ବିଶ୍ୱାସ ଅଛି। ପୁଣି ଶ୍ରୀକୃଷ୍ଣଙ୍କ କୃପା ପ୍ରାପ୍ତି ପାଇଁ ଦେବୀ ରାଧାଙ୍କ ନାମ ଜପ କରିବା ଉଚିତ।

# ରୁଦ୍ରାକ୍ଷର ମହତ୍ତ୍ୱ



ଭଗବାନ ଶିବଙ୍କ ଅଶ୍ରୁରୁ ରୁଦ୍ରାକ୍ଷ ଉତ୍ପନ୍ନ ହୋଇଥିବା ମାନ୍ୟତା ଅଛି। ଏହାକୁ ଭଗବାନ ଶିବଙ୍କ ଆଶୀର୍ବାଦ ବୋଲି ବିବେଚନା କରାଯାଏ। ରୁଦ୍ରାକ୍ଷ ମଣିଷ ଜୀବନରେ ସକାରାତ୍ମକ ଚିନ୍ତାଧାରାକୁ ବୃଦ୍ଧି କରେ। ଏହା ଅବସାଦ ଓ ଚିନ୍ତାକୁ ଦୂର କରିଥାଏ। ନକାରାତ୍ମକ ଶକ୍ତିକୁ ଦୂର କରୁଥିବା ରୁଦ୍ରାକ୍ଷ ହେଉଛି ଅତ୍ୟନ୍ତ ଶକ୍ତିଶାଳୀ। ଅନେକ ଜଣ ରୁଦ୍ରାକ୍ଷର ଚମତ୍କାରୀ ଔଷଧୀୟ ଗୁଣ ଯୋଗୁଁ ଏହାକୁ ପ୍ରାକୃତିକ ଔଷଧ ମନେ କରନ୍ତି। ଏହା ରକ୍ତଚାପ, ମାନସିକ ଶାନ୍ତି, ଇମ୍ୟୁନ ସିଷ୍ଟମ ପାଇଁ ଲାଭକାରୀ। ମନ୍ତ୍ର ଜପରେ ମଧ୍ୟ ରୁଦ୍ରାକ୍ଷର ପ୍ରୟୋଗ ହୁଏ। ୧୦୮ ମାଳା ରୁଦ୍ରାକ୍ଷକୁ ଜପ କରିବା ଦ୍ୱାରା ମନ ଏବଂ ଆତ୍ମାକୁ ଶାନ୍ତି ମିଳିଥାଏ। ରୁଦ୍ରାକ୍ଷ ମନ୍ତ୍ର ମନ ଓ ଶରୀରରେ ଶକ୍ତି ବୃଦ୍ଧି କରେ। ରୁଦ୍ରାକ୍ଷ ଅନେକ କିସମର ହୋଇଥାଏ। ଗୋଟିଏ ମୁଖୀଠାରୁ ଆରମ୍ଭ କରି ଏଗାରମୁଖୀ ପର୍ଯ୍ୟନ୍ତ ରୁଦ୍ରାକ୍ଷ ରହିଛି। ସାଧାରଣରେ ପଞ୍ଚ ମୁଖୀ ରୁଦ୍ରାକ୍ଷ ସବୁଠୁ ଅଧିକ ପିନ୍ଧାଯାଏ। ସେହିପରି ଜ୍ୟୋତିଷ ଶାସ୍ତ୍ରରେ ରୁଦ୍ରାକ୍ଷର ବିଶେଷ ମହତ୍ତ୍ୱ ରହିଛି। ଏହାର ଉପଯୋଗ ଗ୍ରହ ଦୋଷର ପ୍ରଭାବକୁ କମ୍ କରିବା ପାଇଁ କରାଯାଏ। ରାହୁ, କେତୁ ଏବଂ ଶନି ଦୋଷର ପ୍ରଭାବ ଏହା ମାଧ୍ୟମରେ କମ୍ କରାଯାଇପାରିବ।

# ଘରେ ମହୁମାଛି ବସା ଶୁଭ ନା ଅଶୁଭ



ଶାସ୍ତ୍ରରେ ମହୁମାଛିକୁ ଲକ୍ଷ୍ମୀଙ୍କ ଦୂତ ବୋଲି ବୋଲି କୁହାଯାଇଛି। ଯେଉଁଠି ମହୁମାଛି ବସା କରେ, ସେଠାରେ ମା' ଲକ୍ଷ୍ମୀଙ୍କ କୃପା ପ୍ରାପ୍ତି ହୁଏ। ହେଲେ ଏହି ବସାର ସ୍ଥାନ ଓ ଏହାର ସ୍ଥିତି ଠିକ୍ ନ ଥିଲେ, ଏହାର ବିପରୀତ ପ୍ରଭାବ ପଡ଼ିପାରେ। ଘର ଭିତରେ ମହୁମାଛି ବସା କରିବା ଶୁଭ କି ଅଶୁଭ, ସେ ସମ୍ପର୍କରେ ଜାଣିବା।

- ଘର ଭିତରେ ମହୁମାଛି ବସା କରିବା ନକାରାତ୍ମକ ବୋଲି ବିଚାର କରାଯାଏ। ମହୁମାଛି ବସା ଘରର ରୁମ୍, ବଗିଚା କିମ୍ବା ଛାତରେ ହୋଇଥଲେ ଅଶୁଭ। ଏହା ଘରର ଶାନ୍ତି ଭଙ୍ଗ କରିଥାଏ। ପରିବାରରେ ବିବାଦ ବଢ଼େ। ଧୀରେ ଧୀରେ ଆର୍ଥିକ ସ୍ଥିତି ଦୁର୍ବଳ ହୁଏ। ତେଣୁ ଘର ଭିତରେ ମହୁମାଛି ବସାକୁ ଭାଙ୍ଗିଦେବା ଉଚିତ।
- ମହୁମାଛି ବସା ଘରର ମୁଖ୍ୟଦ୍ୱାରରେ ହେବା ଶୁଭ। ବ୍ୟବସାୟ ଏବଂ ଚାକିରିରେ ଉନ୍ନତି ଆସେ। ହେଲେ କବାଟ ମଝାମଝିରେ ମହୁମାଛି ବସା କରିବା ଭଲ ନୁହେଁ।
- ଘରର ଉତ୍ତର ଦିଗରେ ମହୁମାଛି ବସା ବାନ୍ଧିବା ଶୁଭଫଳ ପ୍ରଦାନ କରେ। ପରିବାରରେ ସୁଖ, ସମୃଦ୍ଧି ବୃଦ୍ଧି ପାଏ।
- ଦକ୍ଷିଣ ଦିଗରେ ମହୁମାଛି ବସା କରିବା ନକାରାତ୍ମକ ଫଳ ପ୍ରଦାନ କରେ। ସ୍ୱାସ୍ଥ୍ୟ ସମ୍ବନ୍ଧିତ ସମସ୍ୟା ଦେଖା ଦିଏ।
- ସେହିପରି ଘରର ପୂର୍ବ ଦିଗରେ ମହୁମାଛି ବସା କରିବା ଶୁଭ।
- ପଶ୍ଚିମ ଦିଗରେ ମହୁମାଛି ବସା କଲେ ମିଶ୍ରିତ ଫଳ ମିଳେ। ବେଳେ ବେଳେ ଏହା ଧନଲାଭର ସଙ୍କେତ ଦିଏ।

# ପୂଜାରା ଯୁଗର ଅବସାନ

ରାଜକୋଟ, ୨୪।୮ (ଏଜେନ୍ସି)

ଭାରତୀୟ ଟେଷ୍ଟ କ୍ରିକେଟ୍‌ର ଅନ୍ୟତମ ଶ୍ରେଷ୍ଠ ବ୍ୟାଟର୍ ଚେତେଶ୍ୱର ପୂଜାରା ସମସ୍ତ ପ୍ରକାର ଫର୍ମାଟ୍‌ରୁ ସନ୍ନ୍ୟାସ ନେଇଛନ୍ତି। ଜାତୀୟ ଚୟନକର୍ତ୍ତାଙ୍କ ଦ୍ୱାରା ଦୀର୍ଘ ୨ ବର୍ଷ ହେବ ବାରମ୍ବାର ଅଣଦେଖାର ଶିକାର ହେବା ପରେ ୩୭ ବର୍ଷୀୟ ଏହି ଷ୍ଟାଇଲିସ ରାଜକୋଟ୍ ବ୍ୟାଟର୍ ଶେଷରେ ଅଲ୍‌ବିଦା କହିଛନ୍ତି। ସାମାଜିକ ଗଣମାଧ୍ୟମରେ ଏକ ଆବେଗପୂର୍ଣ୍ଣ ଅବସର ବାର୍ତ୍ତା ପୋଷ୍ଟ କରି ପୂଜାରା ତାଙ୍କ ଅବସର ସୂଚନା ପ୍ରଶଂସକଙ୍କୁ ଜଣାଇଛନ୍ତି। ଫଳରେ ଭାରତୀୟ କ୍ରିକେଟ୍‌ରେ ଏକ ଯୁଗର ଅବସାନ ଘଟିଛି ବୋଲି କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ। ରାହୁଲ ଦ୍ରାବିଡଙ୍କ ଅବସର ପରେ ଭାରତୀୟ ଟେଷ୍ଟ ଦଳର ଗୁରୁତ୍ୱପୂର୍ଣ୍ଣ ନଂ-୩ ସ୍ଥାନକୁ ନେଇ ଯେଉଁ ଶୂନ୍ୟସ୍ଥାନ ସୃଷ୍ଟି ହୋଇଥିଲା ତାହାକୁ ପୂଜାରା ହିଁ ପୂରଣ କରିଥିଲେ। ଯେଉଁଥି ପାଇଁ ଦ୍ରାବିଡ୍‌ଙ୍କ ପରେ ପୂଜାରାଙ୍କୁ ଭାରତୀୟ ଦଳର 'ଦି ୱାଲ୍-୨' ଆଖ୍ୟା ମିଳିଥିଲା।

ଦୁଇ ବର୍ଷ ତଳେ ଜୁନ ୨୦୨୩ରେ ପୂଜାରା ତାଙ୍କର ଶେଷ ଟେଷ୍ଟ ମ୍ୟାଚ୍ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିଥିଲେ। ଏହା ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍‌ର ଫାଇନାଲ ମ୍ୟାଚ୍ ଥିଲା। ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚର ଉଭୟ ପାଳିରେ ପୂଜାରା ଯଥାକ୍ରମେ ୧୪ ଓ ୨୭ ରନ କରି ନିରାଶ କରିଥିଲେ। ଏହାପରେ ବିସିସିଆଇ ଯୁବ ଖେଳାଳିଙ୍କ ଉପରେ ଅଧିକ ଫୋକସ୍ କରିବାରୁ ପୂଜାରାଙ୍କ ପରି ଟେଷ୍ଟ ସ୍ପେଶାଲିଷ୍ଟ ଜାତୀୟ ଚୟନକର୍ତ୍ତାଙ୍କ ଦ୍ୱାରା ବାରମ୍ବାର ଅଣଦେଖା ହୋଇଥିଲେ। ଏହି ସମୟରେ ମଧ୍ୟରେ ପୂଜାରା ଜାତୀୟ ଦଳକୁ ଫେରିବା ଲାଗି ଘରୋଇ ଓ କାଉଣ୍ଟି କ୍ରିକେଟ୍ ଖେଳି ନିଜକୁ ଫିଟ୍ ରଖୁଥିଲେ। କିନ୍ତୁ ରେଡ୍ ବଲ୍ କ୍ରିକେଟ୍‌ରେ ଜାତୀୟ ଦଳକୁ ଆଉ ଫେରିପାରି ନ ଥିଲେ। ଗତ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜ ସମୟରେ ସେ ଦଳକୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଚର୍ଚ୍ଚା ହୋଇଥିଲା। କିନ୍ତୁ ଏହା ଚର୍ଚ୍ଚାରେ ହିଁ ସୀମିତ ରହିଗଲା। ସେହିଭଳି ତାଙ୍କ ସମସାମୟିକ ରବିଚନ୍ଦ୍ରନ ଅଶ୍ୱିନ, ରୋହିତ୍ ଶର୍ମା ଓ ବିରାଟ କୋହଲି ମଧ୍ୟ ନିକଟ ଅତୀତରେ ଟେଷ୍ଟ କ୍ରିକେଟ୍‌କୁ ଅଲ୍‌ବିଦା କରିସାରିଥିଲେ। ଜାତୀୟ ଦଳକୁ ଫେରିବାର ରାସ୍ତା ବନ୍ଦ ହୋଇଯାଇଥିବା ହୃଦୟଙ୍ଗମ କରି ଶେଷରେ ପୂଜାରା କ୍ରିକେଟ୍‌କୁ ବାଏ ବାଏ କରିବାକୁ ବାଧ୍ୟ ହୋଇଥିଲେ।

> ଭାରତୀୟ ଜର୍ସି ପିନ୍ଧିବା, ଜାତୀୟ ସଙ୍ଗୀତ ଗାଇବା ଏବଂ ପଡ଼ିଆକୁ ପାଦ ଦେବା ପରେ ମୋର ସର୍ବଶ୍ରେଷ୍ଠ ଦେବାକୁ ଚେଷ୍ଟା କରିବା, ଏଗୁଡ଼ିକୁ ଶବ୍ଦରେ ବର୍ଣ୍ଣନା କରିବା ଅସମ୍ଭବ। କିନ୍ତୁ ଯେଉଁଭଳି କୁହାଯାଏ ପ୍ରତ୍ୟେକ ଭଲ ଜିନିଷର ଦିନେ ଅନ୍ତ ଘଟିଥାଏ। ମୁଁ ସମସ୍ତ ପ୍ରକାର କ୍ରିକେଟ୍‌ରୁ ଅବସର ନେବାକୁ ନିଷ୍ପତ୍ତି ନେଇଛି। ରାଜକୋଟର ଏକ ଛୋଟ ସହରରୁ ଜଣେ ଛୋଟ ପିଲା ଭାବେ ପିତାମାତାଙ୍କ ସହ ମୁଁ ଦିନେ ତାରକା ହେବାକୁ ଲକ୍ଷ୍ୟ ରଖିଥିଲି ଏବଂ ଭାରତୀୟ ଦଳର ଅଂଶହେବାକୁ ସ୍ୱପ୍ନ ଦେଖିଥିଲି। ସେତେବେଳେ ମୁଁ କଳ୍ପନା କରି ନ ଥିଲି ଏହି ଖେଳ ମୋତେ ଏତେ କିଛି ଦେବ। ଅମୂଲ୍ୟ ସୁଯୋଗ, ପ୍ରେମ, ସର୍ବୋପରି ମୋ ରାଜ୍ୟ ଓ ଏହି ମହାନ ରାଷ୍ଟ୍ରରୁ ପ୍ରତିନିଧିତ୍ୱ କରିବାର ସୁଯୋଗ।

ସଂଯୋଗବଶତଃ ପୂଜାରା ତାଙ୍କର ପଦାର୍ପଣ ଓ ବିଦାୟୀ ମ୍ୟାଚ୍ ଅଷ୍ଟ୍ରେଲିଆ ବିପକ୍ଷରେ ହିଁ ଖେଳିଥିଲେ। ୨୦୧୦ରେ ବେଙ୍ଗାଲୁରୁରେ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ଖେଳି ପୂଜାରା ଅନ୍ତର୍ଜାତୀୟ କ୍ରିକେଟ୍‌ରେ ପାଦ ଥାପିଥିଲେ। ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟର ଏହି ଯାତ୍ରାରେ ସେ ୧୦୩ ଟେଷ୍ଟ ମ୍ୟାଚ ଖେଳ ୪୩ରୁ ଊର୍ଦ୍ଧ୍ୱ ହାରରେ ୭,୧୯୫ ରନ ସଂଗ୍ରହ କରିଥିଲେ। ତାଙ୍କ ନାମରେ ଟେଷ୍ଟରେ ୧୯ ଶତକ ଓ ୩୫ ଅର୍ଦ୍ଧଶତକ ଲିପିବଦ୍ଧ ରହିଛି। ୨୦୧୨ରେ ଇଂଲଣ୍ଡ ବିପକ୍ଷରେ ସେ ଅପରାଜିତ ୨୦୬ ରନ କରିଥିଲେ। ଯାହା ତାଙ୍କ ଟେଷ୍ଟ କ୍ୟାରିୟରର ଶ୍ରେଷ୍ଠ ପାଳି ଥିଲା। ସେହିଭଳି ୨୦୧୭ରେ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟରେ ୫୨୫ ବଲ୍‌ରୁ ୨୦୨ ରନର ଧୈର୍ଯ୍ୟପୂର୍ଣ୍ଣ ଦ୍ୱିଶତକୀୟ ପାଳି ଖେଳିଥିଲେ। ଏହାର ଦୁଇ ବର୍ଷ ପରେ ସିଡନୀରେ ପୁଣିଥରେ କଙ୍ଗାରୁ ଦଳ ବିପକ୍ଷରେ ୧୯୩ ରନର ମାରାଥନ ବ୍ୟାଟିଂ କରିଥିଲେ। ଏହି ପାଳିରେ ସେ ଦୀର୍ଘ ୯ ଘଣ୍ଟା କ୍ରିଜରେ ରହି ଧୈର୍ଯ୍ୟର ପରିଚୟ ଦେଇଥିଲେ। ଜଣେ ଟେଷ୍ଟ ସ୍ପେଶାଲିଷ୍ଟ ହୋଇଥିବାରୁ ତାଙ୍କୁ ଧଳା ବଲ୍ କ୍ରିକେଟ୍‌ରେ ବେଶି ସୁଯୋଗ ମିଳି ନ ଥିଲା। ସେ ଭାରତ ପାଇଁ ମାତ୍ର ୫ଟି ଦିନିକିଆ ମ୍ୟାଚ୍ ଖେଳିଥିଲେ। ଘରୋଇ କ୍ରିକେଟ୍‌ରେ ସୌରାଷ୍ଟ୍ର ପାଇଁ ପ୍ରତିନିଧିତ୍ୱ କରୁଥିବା ପୂଜାରା ପ୍ରଥମ ଶ୍ରେଣୀରେ ୨୭୮ ଓ ଲିଷ୍ଟ-ଏ'ରେ ୧୩୦ ମ୍ୟାଚ୍ ଖେଳିଛନ୍ତି।



### ସଂକ୍ଷେପରେ କ୍ୟାରିୟର

| ଫର୍ମାଟ୍ | ମ୍ୟାଚ୍ | ରନ | ଆଭରେଜ | ଶ୍ରେଷ୍ଠ | ୫୦/୧୦୦ |
|---|---|---|---|---|---|
| ଟେଷ୍ଟ | ୧୦୩ | ୭୧୯୫ | ୪୩.୬୦ | ୨୦୬ | ୧୯/୩୫ |
| ଦିନିକିଆ | ୫ | ୫୧ | ୧୦.୨୦ | ୨୭ | ୦/୦ |
| ପ୍ରଥମ ଶ୍ରେଣୀ | ୨୭୮ | ୨୧୩୦୧ | ୫୧.୮୨ | ୩୫୨ | ୬୬/୮୧ |
| ଲିଷ୍ଟ-ଏ | ୧୩୦ | ୫୭୫୯ | ୫୭.୦୧ | ୧୭୪ | ୧୬/୩୪ |
| ଟି-୨୦ | ୭୧ | ୧୫୫୬ | ୨୯.୩୫ | ୧୦୦ | ୧/୯ |

## ସୌରଭ ଗାଙ୍ଗୁଲି ହେଲେ କ୍ରିକେଟ୍ ଗୁରୁ



ସେଞ୍ଚୁରିୟନ, ୨୪।୮ (ଏଜେନ୍ସି): ପୂର୍ବତନ ଭାରତୀୟ ଅଧିନାୟକ ସୌରଭ ଗାଙ୍ଗୁଲି କୋଚିଂ କ୍ୟାରିୟରରେ ପାଦ ଥାପିବାକୁ ଯାଉଛନ୍ତି। ଦକ୍ଷିଣ ଆଫ୍ରିକା ଟି-୨୦ ଲିଗ୍‌ର ପ୍ରେଟୋରିଆ କ୍ୟାପିଟାଲ୍ସ ଫ୍ରାଞ୍ଚାଇଜ ଆଗାମୀ ସିଜନ ଲାଗି ଗାଙ୍ଗୁଲିଙ୍କୁ ମୁଖ୍ୟ ପ୍ରଶିକ୍ଷକ ଭାବେ ନିଯୁକ୍ତ କରିଛି। ଇଂଲଣ୍ଡର ଜୋନାଥନ ଟ୍ରଟ୍‌ଙ୍କ ସ୍ଥାନରେ ୫୩ ବର୍ଷୀୟ ଗାଙ୍ଗୁଲି ସେଞ୍ଚୁରିୟନଭିତ୍ତିକ ଏହି ଦଳର ଗୁରୁଦାୟିତ୍ୱ ତୁଲାଇବେ। କ୍ରିକେଟରୁ ଅବସର ଗ୍ରହଣ ପରେ ଗାଙ୍ଗୁଲି କିଛି ବର୍ଷ ଲାଗି ବିସିସିଆଇର ସଭାପତି ଭାବେ କାର୍ଯ୍ୟ କରିଥିଲେ। ଏହାପରେ ୨୦୧୮ରୁ ୨୦୧୯ ପର୍ଯ୍ୟନ୍ତ ଆଇପିଏଲ୍‌ର ଦିଲ୍ଲୀ କ୍ୟାପିଟାଲ୍ସ ଦଳର ଟିମ୍ ନିର୍ଦ୍ଦେଶକ ପଦରେ ରହିଥିଲେ। ତେବେ ଗାଙ୍ଗୁଲି ପ୍ରଥମଥର ଲାଗି କୌଣସି ପ୍ରଫେସନାଲ ଦଳର ମୁଖ୍ୟ ପ୍ରଶିକ୍ଷକ ଭାର ସମ୍ଭାଳିବେ। ଦକ୍ଷିଣ ଆଫ୍ରିକା ଟି-୨୦ ଲିଗ୍ ଡିସେମ୍ବର ୨୬ରୁ ଜାନୁଆରୀ ୨୫ ପର୍ଯ୍ୟନ୍ତ ଖେଳାଯିବ।

## ଏସିଆ କପ୍‌ରେ ଲିଟନଙ୍କୁ ବାଂଲାର ନେତୃତ୍ୱ

ନୂଆଦିଲ୍ଲୀ,୨୪।୮ (ଏଜେନ୍ସି): ଏସିଆ କପ୍ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଲାଗି ୱିକେଟରକ୍ଷକ ଲିଟନ ଦାସଙ୍କୁ ବାଂଲାଦେଶ କ୍ରିକେଟ ଦଳର ଅଧିନାୟକ ମନୋନୀତ କରାଯାଇଛି। ଏହି ଟୁର୍ଣ୍ଣାମେଣ୍ଟ ୟୁଏଇରେ ସେପ୍ଟେମ୍ବର ୯ରୁ ୨୮ ଯାଏ ଖେଳାଯିବ। **ଘୋଷିତ ଦଳ**: ଲିଟନ ଦାସ (ଅଧିନାୟକ). ତାନଜିଦ୍ ହାସନ, ପରଭେଜ ହୋସେନ ଏମନ, ସୈଫ୍ ହାସନ, ତାହିଦ୍ ହୃଦୟ, ଜେକର ଅଲି ଅନିକ୍, ସମିମ ହୋସେନ, କାଜି ନୁରୁଲ ହାସନ ସୋହନ, ଶାକ୍ ମେହେଦି ହାସନ, ରିଶାଦ୍ ହୋସେନ, ନାସୁମ ଅହମ୍ମଦ୍, ମୁସ୍ତାଫିଜୁର ରହମନ, ତାଞ୍ଜିମ ହାସନ ସକିବ୍, ତସ୍କିନ ଅହମ୍ମଦ୍, ଶୋରିଫୁଲ ଇସ୍‌ଲାମ ଓ ସୈଫ ଉଦ୍ଦିନ।

● ଅନ୍‌ଅଫିସିଆଲ ମହିଳା ଟେଷ୍ଟ କ୍ରିକେଟ

## ଅଷ୍ଟ୍ରେଲିଆ-ଏ'ଠୁ ହାରିଲା ଭାରତ-ଏ'

ବ୍ରିସ୍‌ବେନ୍,୨୪।୮ (ଏଜେନ୍ସି): ଏଠାରେ ରବିବାର ଶେଷ ହୋଇଥିବା ଏକମାତ୍ର ଅନ୍‌ଅଫିସିଆଲ ମହିଳା ଟେଷ୍ଟ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ-ଏ' ୬ ୱିକେଟରେ ଭାରତ-ଏ'କୁ ପରାସ୍ତ କରିଛି। ଏହି ପରାଜୟ ସହ ଭାରତ ତାହାର ପୂର୍ଣ୍ଣାଙ୍ଗ ଅଷ୍ଟ୍ରେଲିଆ ଗସ୍ତ ଶେଷ କରିଛି। ଏହା ପୂର୍ବରୁ ଖେଳାଯାଇଥିବା ଦିନିକିଆ ସିରିଜ୍‌କୁ ଭାରତ ୨-୧ରେ ଓ ଟି-୨୦ ସିରିଜ୍‌କୁ ଅଷ୍ଟ୍ରେଲିଆ ୩-୦ରେ ଜିତିନେଇଥିଲା। ଏହି ମ୍ୟାଚ୍‌ରେ ରାଘବୀ ବିସ୍ତଙ୍କ ୯୩ ଓ ଜୋଶିଥା ଭିଜେଙ୍କ ୫୧ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି ଭାରତ-ଏ' ୨୯୯ ରନ୍ କରିଥିଲା। ଜବାବରେ ଅଷ୍ଟ୍ରେଲିଆ ସିଆନା ଜିଞ୍ଜରଙ୍କ ୧୦୩ ଓ ନିକୋଲା ଫାଲଟୁମଙ୍କ ୫୪ ରନ୍ ସହାୟତାରେ ଅଷ୍ଟ୍ରେଲିଆ ୩୦୫ ରନ୍ କରିଥିଲା। ଭାରତ-ଏ'ର ସାଇମା ଠାକୁରଙ୍କୁ ୩ଟି ୱିକେଟ ମିଳିଥିଲା। ରାଘବୀ ବିସ୍ତଙ୍କ ୮୬ ଓ ଶେଫାଳି ବର୍ମାଙ୍କ ୫୨ ରନ୍ ବଳରେ ଭାରତ-ଏ' ଦ୍ୱିତୀୟ ଇନିଂସରେ ୨୮୬ ରନ୍ କରିଥିଲା। ଏହା ଫଳରେ ଅଷ୍ଟ୍ରେଲିଆ ଆଗରେ ୨୮୧ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଏହି ଲକ୍ଷ୍ୟକୁ ପିଛା କରି ଅଷ୍ଟ୍ରେଲିଆ-ଏ' ୮୬ତମ ଓଭରରେ ୪ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଦଳ ପକ୍ଷରୁ ଆନିକା ଲିଆରଏଡ୍ ସର୍ବାଧିକ ୭୨, ମ୍ୟାଡି ଡାର୍କେ ୬୮ ଓ ରାଚେଲ ଟ୍ରେନ୍‌ମ୍ୟାନ୍ ୬୪ ରନ୍ କରିଥିଲେ।

## ୬ଷ୍ଠ ରାଜ୍ୟ ଓପନ୍ ଚେସ୍: ସୌମ୍ୟ ଚାମ୍ପିଅନ





ଭୁବନେଶ୍ୱର, ୨୪।୮ (ସମିସ): ସମର ବିଜୟ ମହାପାତ୍ର ମେମୋରିଆଲ୍ ୬ଷ୍ଠ ରାଜ୍ୟ ଓପନ୍ ଚେସ କେଶୁରାସ୍ଥିତ ରୟାଲ୍ ପବ୍ଲିକ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପାଞ୍ଚ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ଟପ୍ ସିଡ୍ ତଥା ଫିଡେ ମାଷ୍ଟର ସୌମ୍ୟରଞ୍ଜନ ମିଶ୍ର ୫ ପଏଣ୍ଟ ରଖି ଚାମ୍ପିଅନ ହୋଇଛନ୍ତି। ଓମ୍ ଆଦିତ୍ୟ ଖାଡଙ୍ଗା, ସ୍ୱପ୍ନିଲ ପ୍ରିୟଦର୍ଶୀ, ମନୀଷ କୁମାର, ବିଶ୍ୱଜିତ୍ ସାହୁ, ତନ୍ମୟ ତ୍ରିପାଠୀ ଓ ପ୍ରତ୍ୟୁଷ ମହାପାତ୍ର ଯଥାକ୍ରମେ ୨ୟରୁ ୭ମ ସ୍ଥାନ ମଧ୍ୟରେ ରହିଛନ୍ତି। ସେହିଭଳି ୭ ବର୍ଷରୁ କମ୍ ବର୍ଗରେ କୀର୍ତ୍ତିଶ କୁମାର ସାହୁ, ୯ ବର୍ଷରୁ କମ୍ ବର୍ଗରେ କୃଷ୍ଣ ଅନୁରାଗ, ୧୧ ବର୍ଷରୁ କମରେ ସୌମ୍ୟଜିତ୍ ପଟ୍ଟନାୟକ, ୧୩ ବର୍ଷରୁ କମ୍‌ରେ ଓମ୍ ଶତପଥୀ, ୧୫ ବର୍ଷରୁ କମ୍‌ରେ ହୃଷିକେଶ ଦତ୍ତ ଓ ବାଳିକାରେ ଦୀୟା ଦାସ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ପୁରସ୍କାର ବିତରଣୀ ଉତ୍ସବରେ ନୂଆଦିଲ୍ଲୀ ଏମ୍ସର ପ୍ରଫେସର ସୁଜାତା ମହାନ୍ତି, ରାଜ୍ୟ ଚେସ୍ ସଂଘର ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ଏୟାର ଇଣ୍ଡିଆର ଶେଖର ମହାନ୍ତି ଓ ପ୍ରତୀକ ଭଞ୍ଜ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।




**ହେଡ୍, ମାର୍ଶ ଓ ଗ୍ରୀନ୍‌ଙ୍କ ଶତକ**


## ଅଷ୍ଟ୍ରେଲିଆର ସାନ୍ତ୍ୱନାମୂଳକ ବିଜୟ



ମ୍ୟାକୟ,୨୪।୮ (ଏଜେନ୍ସି): ଟ୍ରାଭିସ ହେଡ୍, ମିଚେଲ ମାର୍ଶ, କାମେରନ ଗ୍ରୀନ୍‌ଙ୍କ ଶତକ ସହାୟତାରେ ଏଠାରେ ରବିବାର ଅନୁଷ୍ଠିତ ଦିନିକିଆ ସିରିଜ୍‌ର ଶେଷ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୨୭୬ ରନ୍‌ର ବିରାଟ ବ୍ୟବଧାନରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଫଳରେ ଦିନିକିଆ ଇତିହାସରେ ଦକ୍ଷିଣ ଆଫ୍ରିକା ବୃହତ୍ ପରାଜୟ ବରଣ କରିଛି। ପରାଜୟ ସତ୍ତ୍ୱେ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ଦକ୍ଷିଣ ଆଫ୍ରିକା ୨-୧ରେ ଜିତିନେଇଛି। ଅଷ୍ଟ୍ରେଲିଆ ବିପକ୍ଷରେ ଏହା ଦକ୍ଷିଣ ଆଫ୍ରିକାର ୫ମ ସିରିଜ୍ ବିଜୟ ଥିଲା। ଏହି ମ୍ୟାଚ୍‌ରେ ହେଡ୍ ୧୦୩ ବଲ୍‌ରେ ୧୪୨ରନ୍, ମାର୍ଶ ୧୦୬ ବଲରେ ୧୦୦ ରନ୍, ଗ୍ରୀନ୍ ୫୫ ବଲ୍‌ରେ ଅପରାଜିତ ୧୧୮ରନ୍ ଓ ଆଲେକ୍ସ କ୍ୟାରୀ ୩୭ ବଲ୍‌ରୁ ଅପରାଜିତ ୫୦ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୨ ୱିକେଟ ହରାଇ ୪୩୧ ରନ୍ କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୨୪.୫ ଓଭରରେ ମାତ୍ର ୧୫୫ ରନ୍ କରିଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଡିୱାଲ୍ଡ ବ୍ରେଭିସ୍ ସର୍ବାଧିକ ୪୯ ରନ୍ କରିଥିଲାବେଳେ ବିଜୟୀ ଅଷ୍ଟ୍ରେଲିଆ ଦଳର ବାମହାତୀ ସ୍ପିନର କୁପର କୋନୋଲୀ ୫ଟି, ଜାଭିୟର ବାର୍ଟଲେଟ ଓ ସିନ୍ ଆବଟ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଅଷ୍ଟ୍ରେଲିଆର ହେଡ୍‌ଙ୍କୁ ମ୍ୟାଚ୍‌ର ଓ କେଶବ ମହାରାଜଙ୍କୁ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

## ବିରଳ କ୍ଲବରେ ରୋନାଲ୍ଡୋ

ନୂଆଦିଲ୍ଲୀ, ୨୪।୮ (ଏଜେନ୍ସି): ପର୍ତ୍ତୁଗାଲ୍ ତାରକା କ୍ରିଷ୍ଟିଆନୋ ରୋନାଲ୍ଡୋ ଆଉ ଏକ ବିଶ୍ୱରେକର୍ଡକୁ ନିଜ ନାମରେ ଲିପିବଦ୍ଧ କରିଛନ୍ତି। ବିଶ୍ୱର ପ୍ରଥମ ଫୁଟ୍‌ବଲ ଖେଳାଳି ଭାବେ ରୋନାଲ୍ଡୋ ୪ଟି ଭିନ୍ନ ଭିନ୍ନ ଦଳ ପାଇଁ ଅତିକମ୍‌ରେ ୧୦୦ ଲେଖାଏ ଗୋଲ୍ ଦେବାର ବିରଳ ସଫଳତା ପାଇଛନ୍ତି। ଗତକାଲି ରାତିରେ ସାଉଦୀ ସୁପର୍ କପ୍ ଫାଇନାଲ ମ୍ୟାଚ୍ ଅବସରରେ ସେ ଏହି ରେକର୍ଡ କରିଥିଲେ। ଅଲ୍ ନାସିର୍ ପକ୍ଷରୁ ଖେଳୁଥିବା ରୋନାଲ୍ଡୋ ଅଲ୍ ଆହଲି ବିପକ୍ଷରେ ଗୋଲ୍ ଦେଇ ଏହି କ୍ଲବରେ ସାମିଲ ହୋଇଛନ୍ତି। ସାଉଦୀ ଆରବ କ୍ଲବ ଅଲ୍ ନାସିର ପାଇଁ ଏହା ତାଙ୍କର ୧୦୦ତମ ଗୋଲ୍ ଥିଲା। ଏଥିପୂର୍ବରୁ ରୋନାଲ୍ଡୋ ନିଜ ଦେଶ ପର୍ତ୍ତୁଗାଲ୍ ପାଇଁ ୧୩୮, ରିଅଲ ମାଦ୍ରିଦ ପାଇଁ ୪୫୦, ମାଞ୍ଚେଷ୍ଟର ପାଇଁ ୧୪୫ ଓ ଜୁଭେଣ୍ଟସ୍ ପାଇଁ ୧୦୧ଟି ଗୋଲ୍ ଦେଇଥିଲେ।



**ବୁଚି ବାବୁ ଆମନ୍ତ୍ରଣୀୟ କ୍ରିକେଟ**

## ଓଡ଼ିଶାର କ୍ରମାଗତ ଦ୍ୱିତୀୟ ପରାଜୟ

କଟକ,୨୪।୮ (ସମିସ): ବୁଚି ବାବୁ ଆମନ୍ତ୍ରଣୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ଲଗାତର ଦ୍ୱିତୀୟ ପରାଜୟ ସହ ପ୍ରତିଯୋଗିତାରୁ ବିଦାୟ ନେବା ନିଶ୍ଚିତ ହୋଇଛି। ଚେନ୍ନାଇର ଏସଆରଏମସି ଟର୍ଫ ଗ୍ରାଉଣ୍ଡରେ ଖେଳାଯାଇଥିବା ଦ୍ୱିତୀୟ ଲିଗ୍‌ରେ ଓଡ଼ିଶା ୫ ୱିକେଟରେ ଭାରତୀୟ ରେଳବାଇ ଠାରୁ ପରାସ୍ତ ହୋଇଛି। ଆସନ୍ତା ୨୬ରୁ ଅନ୍ତିମ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ ଖେଳାଯିବ। ଏଥିରେ ଓଡ଼ିଶା ଜମ୍ମୁ ଓ କଶ୍ମୀରକୁ ଭେଟିବ। ଅସମାପ୍ତ ପ୍ରଥମ ପାଳି ୧୩୮/୬ରୁ ଆଜି ମ୍ୟାଚ୍‌ର ଅନ୍ତିମ ଦିବସରେ ରେଳବାଇ ଖେଳ ଆରମ୍ଭ କରିଥିଲା। ଶେଷ ୪ ୱିକେଟରେ ଦଳ ୭୨ରନ ଯୋଡିବା ସହ ୨୧୦ରନରେ ଦଳର ପ୍ରଥମ ଇନିଂସ ସୀମିତ ରହିଥିଲା। ପ୍ରଥମ ପାଳିରେ ୨୨୨ରନ କରିଥିବା ଭ୍ରମଣକାରୀ ଓଡ଼ିଶାକୁ ୧୨ରନର ଅଗ୍ରଣୀ ମିଳିଥିଲା। ଆଜି ୪୫ ଓଭର ବିଶିଷ୍ଟ ଦ୍ୱିତୀୟ ପାଳିରେ ଓଡ଼ିଶା ଦ୍ରୁତ ଗତିରେ ରନ ସଂଗ୍ରହ କରିବାକୁ ଚେଷ୍ଟା କରି ୮ ୱିକେଟ ବିନିମୟରେ ୧୮୪ରନ କରିଥିଲା। ଓମ ଟି ମୁଣ୍ଡେ ସର୍ବାଧିକ ୪୧ରନ କରିଥିଲେ। ରେଳବାଇର ଆକାଶ ପାଣ୍ଡେଙ୍କୁ ୪ଟି ୱିକେଟ ମିଳିଥିଲା। ରେଳବାଇ ସମ୍ମୁଖରେ ୪୫ ଓଭରରେ ୧୯୭ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଦଳ ୫ ୱିକେଟ ହରାଇ ୩୮ ଓଭରରେ ବିଜୟୀ ହୋଇଥିଲା। ୱିକେଟ କିପର ଦିନେଶ ମୋରେ ୬୭ରନର ମ୍ୟାଚ୍ ବିଜୟୀ ପାଳି ଖେଳିଥିଲେ। ଓଡ଼ିଶାର ସୁମିତ ଶର୍ମା ଓ କାର୍ତ୍ତିକ ବିଶ୍ୱାଳ ୨ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ।

■ ଓଡ଼ିଶା ପ୍ରୋ ଟି-୨୦ ଲିଗ୍

## ୬ ପ୍ରମୁଖ ଖେଳାଳିଙ୍କ ନାମ ଘୋଷିତ

କଟକ,୨୪।୮ (ସମିସ): ସେପ୍ଟେମ୍ବର ୧୫ରୁ କଟକରେ ଆରମ୍ଭ ହେବାକୁ ଥିବା ଓଡ଼ିଶା ପ୍ରୋ ଟି-୨୦ ଲିଗ୍ ନିମନ୍ତେ ଆଜି ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ୬ଜଣ ମର୍କ୍ୟୁ ତଥା ପ୍ରମୁଖ ଖେଳାଳିଙ୍କ ନାମ ଘୋଷଣା କରିଛି। ଏମାନେ ହେଲେ ଆଇପିଏଲରେ ସୁଯୋଗ ପାଇଥିବା ତଥା ପୂର୍ବତନ ଅଧିନାୟକ ଶୁଭ୍ରାଂଶୁ ଶେଖର ସେନାପତି, ବୁଚି ବାବୁ ଆମନ୍ତ୍ରଣୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ରାଜ୍ୟ ଦଳର ନେତୃତ୍ୱ ନେଉଥିବା ବ୍ୟାଟର ସ୍ୱସ୍ତିକ ସାମଲ, ରାଜ୍ୟ ଦଳର ଅଭିଜ୍ଞ ସ୍ପିନ ଅଲରାଉଣ୍ଡର ଗୋବିନ୍ଦ ପୋଦ୍ଦାର, ଗତ ସିଜନରେ ରାଜ୍ୟ ଦଳର ଅଧିନାୟକ ବ୍ୟାଟର ସନ୍ଦୀପ ପଟ୍ଟନାୟକ, ୱିକେଟ କିପର ଆଶୀର୍ବାଦ ସ୍ୱାଇଁ ଓ ମିଡିୟମ ପେସ୍ ଅଲରାଉଣ୍ଡର ସୂର୍ଯ୍ୟକାନ୍ତ ପ୍ରଧାନ। ଏମାନେ ଲିଗ୍‌ରେ ବିଭିନ୍ନ ବ୍ରାଣ୍ଡର ପ୍ରମୋସନ କରିବା ସହ ପ୍ରମୁଖ ଖେଳାଳିଭାବେ ପରିଗଣିତ ହେବେ। ତେବେ ଲିଗ୍‌ରେ ମୋଟ ୬ଟି ଦଳ ଭାଗ ନେବେ। ଏହି ୬ ମର୍କ୍ୟୁ ଖେଳାଳିଙ୍କୁ ଅଧିନାୟକ କରାଯିବ କି ନାହିଁ ତାହା ଓସିଏ ସ୍ପଷ୍ଟ କରାଯାଇନାହିଁ।

**ୱାଇଜିଟିଟିଏ ରାଜ୍ୟ ର୍ୟାଙ୍କିଙ୍ଗ୍ ଟେବଲ ଟେନିସ ଉଦ୍‌ଯାପିତ**

## ଶ୍ୱେତା ବର୍ମା, ସାର୍ଥକ ଆର୍ଯ୍ୟଙ୍କ ଦ୍ୱିମୁକୁଟ

କଟକ,୨୪।୮ (ସମିସ)




ଖୋର୍ଦ୍ଧାର ଶ୍ୱେତା ବର୍ମା ଓ କଟକର ସାର୍ଥକ ଆର୍ଯ୍ୟ ୩୦ତମ ୱାଇଜିଟିଟିଏ (ୟଙ୍ଗ ଜେନେରସନ ଟେବଲ ଟେନିସ ଆସୋସିଏସନ) ରାଜ୍ୟ ର୍‌ୟାଙ୍କିଙ୍ଗ ଟେବଲ ଟେନିସ ଟୁର୍ଣ୍ଣାମେଣ୍ଟରେ ଦ୍ୱିମୁକୁଟ ଲାଭ କରିଛନ୍ତି। ସିଡିଏ ସେକ୍ଟର-୭ ପରିସରରେ ଥିବା ବିଜୁ ପଟ୍ଟନାୟକ ମଲ୍ଟିପର୍ପୋଜ୍ ଇଣ୍ଡୋର ହଲରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଖୋର୍ଦ୍ଧାର ଶ୍ୱେତା ବର୍ମା ୧୩ ଓ ୧୫ ବର୍ଷରୁ କମ୍ ବାଳିକା ବିଭାଗରେ କଟକର ଆରାଧ୍ୟା ସାହୁଙ୍କୁ ପରାସ୍ତ କରି ଚାମ୍ପିଅନ ହୋଇଥିଲେ। ସେହିପରି ଉଦୀୟମାନ ତାରକା ସାର୍ଥକ ବର୍ମା ୧୯ ବର୍ଷରୁ କମ୍ ଓ ପୁରୁଷ ଏକକ ବିଭାଗରେ ଚାମ୍ପିଅନ ହୋଇଛନ୍ତି। ୧୯ ବର୍ଷରୁ କମ୍‌ରେ ସେ କଟକର ଜିଜ୍ଞାସୁ ସାହୁଙ୍କୁ ୩-୦ ଓ ପୁରୁଷ ବିଭାଗରେ ଏସ୍‌ଆଇସିର ଶୁଭେନ୍ଦୁ ଶ'ଙ୍କୁ ୪-୧ ସେଟ୍‌ରେ ହରାଇଥିଲେ। ମହିଳା ବିଭାଗରେ ଭୁବନେଶ୍ୱରର ଶ୍ୱେତପଦ୍ମା ଦଳାଇଙ୍କୁ ପରାଜିତ ହେବାକୁ ପଡ଼ିଛି। ଫାଇନାଲରେ ତାଙ୍କୁ ରେଲୱେ ଅଡିଟ୍‌ର ନେହା କୁମାରୀ ହରାଇ ନୂଆ ଚାମ୍ପିଅନ ହୋଇଛନ୍ତି। ଶ୍ୱେତପଦ୍ମା କିନ୍ତୁ କଟକର ସାକ୍ଷୀ ଭଗତଙ୍କୁ ହରାଇ ୧୯ ବର୍ଷରୁ କମ୍ ମହିଳା ଏକକରେ ଚାମ୍ପିଅନ ହୋଇଥିଲେ।

ଅନ୍ୟ ବିଭାଗ ମଧ୍ୟରୁ ୧୭ ବର୍ଷରୁ କମ୍ ବାଳିକାରେ ନିଜ ଭଉଣୀ ଶ୍ୱେତାଙ୍କୁ ହରାଇ ଉର୍ଜା ବର୍ମା, ବାଳକ ବିଭାଗରେ ପୁରୀର ଜିଜ୍ଞାସୁ ସାଇ କିରଣ ପ୍ରଧାନଙ୍କୁ ହରାଇ କଟକର ଜିଜ୍ଞାସୁ ସାହୁ, ୧୫ ବର୍ଷରୁ କମ୍ ବାଳକ ବିଭାଗରେ କଟକର ସୟଦ ଅର୍ଶ ଅଲିଙ୍କୁ ହରାଇ ପୁରୀର ସାଇ କିରଣ ପ୍ରଧାନ ଚାମ୍ପିଅନ ହୋଇଛନ୍ତି।

୧୩ ବର୍ଷରୁ କମ୍ ବାଳକ ବିଭାଗରେ ଭୁବନେଶ୍ୱରର ଅଭିଷେକ ଦାସ ଓ କଟକର କେ. ଶିବଶଙ୍କର, ୧୧ ବର୍ଷରୁ କମ୍ ବାଳିକାରେ ପୁରୀର ଗାୟତ୍ରୀ ପଟ୍ଟନାୟକ ଓ ଭୁବନେଶ୍ୱରର ଅନବୀ ସୁଦୀପ କୁମାର, ବାଳକ ବିଭାଗରେ କଟକର ରୁଦ୍ର ରଣବୀର ଓ ଖୋର୍ଦ୍ଧାର ସ୍ୱସ୍ତିକ ସିଂ ଯଥାକ୍ରମେ ଚାମ୍ପିଅନ ଓ ରନର୍ସ ଅପ୍ ହୋଇଥିଲେ। ଖେଳ ଶେଷରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଓଡ଼ିଶା ଅଲିମ୍ପିକ୍ ସଂଘ ସମ୍ପାଦକ ଅଭିଜିତ୍ ପାଲ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ। ଆୟୋଜକ ଓଡ଼ିଶା ଟିଟି ସଂଘ ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ାଙ୍କ ସହ ଅବ୍‌ଦୁଲ ୱାହିଦ୍, ନିହାରରଞ୍ଜନ ମିଶ୍ର ମଧ୍ୟ ଅତିଥିଭାବେ ଉପସ୍ଥିତ ଥିଲେ। ଅମ୍ପାୟାର ଜୀବନବଲ୍ଲଭ ସାମଲ, ତପନ ଖା, ବିଜନ ଦାସମହାପାତ୍ର, ସୁଜିତ ରାୟ, ସନ୍ଦୀପ ଚକ୍ରବର୍ତ୍ତୀ, କେଏସ୍‌ଏନ୍ ମୂର୍ତ୍ତି, କେଭିପି ରାମାରାଓ ଆଦି ଖେଳ ପରିଚାଳନା କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS